# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୩/୨୦୧୮ (୨୦ ପୃଷ୍ଠା) | Bhubaneswar, Sunday, December 23/ 2018 (ଛୁଟିଦିନ ସହ) | ★★★★★★

୪୫ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ନିର୍ବାଚନ ଲଢ଼ିବେ କମଲ ହାସନ

ଅଭିନେତାରୁ ରାଜନେତା ସାଜିଥିବା ମକ୍କଲ ନିଧି ମୈୟମ୍ (ଏମ୍‌ଏନ୍‌ଏମ୍) ପ୍ରତିଷ୍ଠାତା କମଲ ହାସନ ୨୦୧୯ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି କହିଛନ୍ତି।

୦୪

୦୭

## ରିଲ୍ ଲାଇଫ୍‌ରେ ପରମିତ୍‌ଙ୍କ ସ୍ତ୍ରୀ ହେବେ ଅର୍ଚ୍ଚନା

ବାସ୍ତବ ଜୀବନରେ ସ୍ତ୍ରୀ ସାଜିଥିବା ଅଭିନେତ୍ରୀ ଅର୍ଚ୍ଚନା ପୂରନ୍ ସିଂ 'ମାଇଁ ନେମ୍ ଇଜ୍ ଲଖନ୍' ଫିଲ୍ମରେ ପରମିତ୍ ସେଠୀଙ୍କ ସ୍ତ୍ରୀ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି।



## ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ

ଶ୍ରୀନଗର,୨୨।୧୨(ପି.ଟି.)

ଜମ୍ମୁ-କଶ୍ମୀରରେ ସୁରକ୍ଷା ବଳକୁ ଶନିବାର ସକାଳେ ବଡ଼ ସଫଳତା ମିଳିଛି। ପୁଲଓ୍ୱାମା ଜିଲା ଅଓ୍ୱନ୍ତିପୋରା ଅଞ୍ଚଳର ଆରାମପୋରା ଗ୍ରାମରେ ଯବାନଙ୍କ ଏନ୍‌କାଉଣ୍ଟରରେ ୬ ଆତଙ୍କବାଦୀ ନିହତ ହୋଇଛନ୍ତି। ଏମାନେ ସମସ୍ତେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଅଲ-କାଏଦା ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅନ୍‌ସାର ଗଜ୍‌ଓ୍ୱାତୁଲ ହିନ୍ଦ୍ ମୁଖ୍ୟ ଜାକିର ମୁସାଙ୍କ ସହଯୋଗୀ। ଏହି ଆତଙ୍କବାଦୀମାନେ ସୁରକ୍ଷା ବଳ ଉପରେ ଏକାଧିକ ଥର ଆକ୍ରମଣ କରିଥିବାରୁ ବିଭିନ୍ନ ମାମଲାରେ ଓ୍ୱାଣ୍ଟେଡ୍ ଥିଲେ। ଏନ୍‌କାଉଣ୍ଟର ପରେ ସେମାନଙ୍କ ମୃତଦେହ ନିକଟରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ ହୋଇଥିବା କଶ୍ମୀର ରେଞ୍ଜ ପୋଲିସ ଆଇଜି ସ୍ୱୟଂପ୍ରକାଶ ପାଣି ସୂଚନା ଦେଇଛନ୍ତି।

ସବିଶେଷ ରିପୋର୍ଟ ପୃଷ୍ଠା-୨

## ବିସ୍ଫୋରକ ଭର୍ତ୍ତି ଟ୍ରକ୍ ଜବତ

ପଟ୍ଟାଙ୍ଗି/କୋରାପୁଟ, ୨୨।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ହନୁମାନ ମନ୍ଦିର ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମିନି ଟ୍ରକ୍‌ରୁ ବିପୁଳ ବିସ୍ଫୋରକ ଜବତ ହୋଇଛି। ଯାଞ୍ଚ ସମୟରେ ଏହାର କାଗଜପତ୍ର ନ ଥିବା ଜଣାପଡ଼ିବା ପରେ ଟ୍ରକ୍‌କୁ ଅଟକ ରଖାଯାଇଛି। ଏହି ଘଟଣାରେ ପୋଲିସ ଶନିବାର ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

ସବିଶେଷ ରିପୋର୍ଟ ପୃଷ୍ଠା-୪


CBSE Exam Mate ପୃଷ୍ଠା -୧୫


### ନୂଆବର୍ଷ ପୂର୍ବରୁ ସରକାରଙ୍କ ଘୋଷଣା

# ୨୩ ସାମଗ୍ରୀ ଉପରୁ କମିଲା ଜିଏସ୍‌ଟି

ନୂଆଦିଲ୍ଲୀ,୨୨।୧୨(ପି.ଟି.)



- ସର୍ବୋଚ୍ଚ ସ୍ଲାବ୍‌ରୁ ଖସିଲା ଆଉ ୭ ସାମଗ୍ରୀ
- ୨୮% ସ୍ଲାବ୍‌ରେ ୨୮ ସାମଗ୍ରୀ
- ୫,୫୦୦ କୋଟି ଟଙ୍କା ରାଜସ୍ୱ ହ୍ରାସ ହେବ
- ଜୁଲାଇ ପହିଲାରୁ ନୂଆ ଜିଏସ୍‌ଟି ଫାଇଲିଂ ସିଷ୍ଟମ
- ଗଠନ ହେବ କେନ୍ଦ୍ରୀୟ ରିଲିଂ ଆଡଭାନ୍ସ ଅଥରିଟି
- ଜନଧନର ବେସିକ୍ ସେଭିଂ ଆକାଉଣ୍ଟରୁ ଜିଏସ୍‌ଟି ଛାଡ଼

**ଜିଏସ୍‌ଟି ହ୍ରାସ ହୋଇଥିବା ସାମଗ୍ରୀ**

(ସିନେମା ଟିକେଟ, ତୃତୀୟ ପକ୍ଷ ବୀମା ପ୍ରିମିୟମ, ବିମାନ ଟିକେଟ, ମନିଟର,ଟେଲିଭିଜନ ସ୍କ୍ରିନ, ଟାୟାର, ପାଓ୍ୱାର ବ୍ୟାଙ୍କ, ଲିଥିୟମ ଆୟନ ବ୍ୟାଟେରି, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ କ୍ୟାରେଜ ଆସେସୋରିଜ ସହ ଅନ୍ୟାନ୍ୟ ସାମଗ୍ରୀ ଓ ସେବା)

ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି)ରେ ନୂଆ ଘୋଷଣା ଦ୍ୱାରା ସରକାର ନୂଆ ବର୍ଷ ଆଗରୁ ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଶନିବାର ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୩୧ତମ ବୈଠକରେ ମୋଟ ୨୩ ସାମଗ୍ରୀ ଓ ସେବା ଉପରୁ ଜିଏସ୍‌ଟି ହ୍ରାସ କରିବାକୁ ନିଷ୍ପତ୍ତି ନିଆଯାଇଛି। ସର୍ବୋଚ୍ଚ ବା ୨୮% ସ୍ଲାବରୁ ୭ଟି ସାମଗ୍ରୀ ବାଦ ଦେବାକୁ ସ୍ଥିର ହୋଇଛି। ଫଳରେ ୨୮% ସ୍ଲାବରେ ମାତ୍ର ୨୮ଟି ସାମଗ୍ରୀ ରହିଥିବା ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ସୂଚନା ଦେଇଛନ୍ତି। ଏହି ନିଷ୍ପତ୍ତି ଯୋଗୁ ରାଜକୋଷରୁ ୫,୫୦୦ କୋଟି ଟଙ୍କାର ଟିକସ ହ୍ରାସ ଘଟିବ।

ଜିଏସ୍‌ଟି ବୈଠକ ପରେ ଏକ ଖବରଦାତା ସମ୍ମିଳନୀରେ ଜେଟ୍‌ଲୀ କହିଛନ୍ତି ଯେ, ସର୍ବୋଚ୍ଚ ସ୍ଲାବରେ ଥିବା ସାମଗ୍ରୀ ଓ ସେବାଗୁଡ଼ିକ ଉପରୁ ପରିଷଦ ଟିକସ ହ୍ରାସ ଧାରା ଜାରି ରଖିଛି। ଧୀରେ ଧୀରେ ଏହି ସ୍ଲାବରୁ ବିଭିନ୍ନ ସାମଗ୍ରୀକୁ ବାଦ୍ ଦିଆଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ସିମେଣ୍ଟ ଉପରୁ ଟିକସ ହ୍ରାସ ନେଇ ନିଷ୍ପତ୍ତି ନିଆଯିବ। ଜୁଲାଇ ପହିଲାରୁ ନୂଆ ଜିଏସ୍‌ଟି ଫାଇଲିଂ ସିଷ୍ଟମ କାର୍ଯ୍ୟକାରୀ କରିବାକୁ ଜେଟଲୀ ସ୍ପଷ୍ଟ କରିଛନ୍ତି। ନୂଆ ନିଷ୍ପତ୍ତି ଯୋଗୁ ବିଭିନ୍ନ ସାମଗ୍ରୀ ଦର ଶସ୍ତା ହୋଇଥିବାବେଳେ ସିମେଣ୍ଟ ପୂର୍ବ ଭଳି ସର୍ବୋଚ୍ଚ ସ୍ଲାବରେ ରହିଛି।

୧୦୦ ଟଙ୍କା ପର୍ଯ୍ୟନ୍ତ ସିନେମା ଟିକେଟ ଉପରେ ଜିଏସ୍‌ଟି ୧୮%ରୁ ୧୨%କୁ ଖସିଛି। ୧୦୦ ଟଙ୍କାରୁ ଅଧିକ ଦାମର ଟିକେଟ ପାଇଁ ପୂର୍ବରୁ ୨୮% ଜିଏସ୍‌ଟି ଦେବାକୁ ପଡୁଥିବାବେଳେ ବର୍ତ୍ତମାନ ଏଥିଲାଗି ୧୮% ଜିଏସ୍‌ଟି ଦେବାକୁ ପଡ଼ିବ। ସେହିଭଳି ତୃତୀୟ ପକ୍ଷ ବୀମା ପ୍ରିମିୟମ ଲାଗି ୧୮% ପରିବର୍ତ୍ତେ ୧୨% ଜିଏସ୍‌ଟି ଧାର୍ଯ୍ୟ ହୋଇଛି। ନୂଆ ନିଷ୍ପତ୍ତି ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର ଆଣିଦେଇଛି। ଇକୋନୋମି କ୍ଲାସ ବିମାନ ଟିକେଟ ଉପରେ ଜିଏସ୍‌ଟି ୫%କୁ ଖସିଥିବାବେଳେ ବିଜ୍‌ନେସ କ୍ଲାସ ଲାଗି ୧୨% ରହିଛି।

ଏହାବାଦ ମନିଟର,ଟେଲିଭିଜନ ସ୍କ୍ରିନ, ଟାୟାର, ପାଓ୍ୱାର ବ୍ୟାଙ୍କ ଏବଂ ଲିଥିୟମ ଆୟନ ବ୍ୟାଟେରିକୁ ସର୍ବୋଚ୍ଚ ସ୍ଲାବରୁ ୧୮%କୁ ଖସାଯାଇଛି। ଦିବ୍ୟାଙ୍ଗ ବ୍ୟକ୍ତିଙ୍କ କ୍ୟାରେଜ ଆସେସୋରିଜ ଉପରେ ଜିଏସ୍‌ଟି ହାରକୁ ୫%କୁ ଅଣାଯାଇଛି। ବର୍ତ୍ତମାନ କେବଳ ବିଳାସପୂର୍ଣ୍ଣ ତଥା ଅବଗୁଣକାରୀ ସାମଗ୍ରୀଗୁଡ଼ିକୁ ୨୮% ସ୍ଲାବରେ ରଖାଯାଇଛି ବୋଲି ଜେଟ୍‌ଲୀ କହିଛନ୍ତି। ଏତଦ୍‌ବ୍ୟତୀତ ଏକ କେନ୍ଦ୍ରୀୟ ଆଡଭାନ୍ସ ରୁଲିଂ ଅଥରିଟି ଗଠନ ପାଇଁ ନିଷ୍ପତ୍ତି ହୋଇଛି। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିଓ୍ୱାଇ)ର ବେସିକ ସେଭିଂ ଆକାଉଣ୍ଟ ସେବା ଉପରୁ ଜିଏସ୍‌ଟି ଛାଡ଼ କରାଯାଇଛି। ନୂଆ ଟିକସ ଜାନୁଆରୀ ପହିଲାରୁ କାର୍ଯ୍ୟକାରୀ ହେବ ବୋଲି ଜେଟ୍‌ଲୀ ସୂଚନା ଦେଇଛନ୍ତି।




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ପ୍ରକୃତ ଦେଶପ୍ରେମ

**ଆଜିର ମନ୍ତବ୍ୟ**

"ବିଭାଜନବାଦୀ ତତ୍ତ୍ୱଙ୍କ ପ୍ରତି ପୋଲିସ ବଳ ସତର୍କ ରହିବା ଜରୁରୀ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 22.12.2018 | Venco Chicken

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 87 | 141 | 151 |
| CTC | 87 | 141 | 151 |
| DKL | 88 | 142 | 152 |
| BDK | 89 | 144 | 154 |
| BLS | 89 | 144 | 154 |
| ANG | 89 | 144 | 154 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers


# ବିଜେଡି ଆଭିମୁଖ୍ୟ ଉପରେ ନଜର

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)



- ନବୀନ-କେସିଆର୍ ଭେଟ ଆଜି
- ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ଚର୍ଚ୍ଚା
- କେସିଆର୍‌ଙ୍କୁ ସ୍ୱାଗତ ଜଣାଇଲେ ପ୍ରସନ୍ନ

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ତେଲେଙ୍ଗାନା ରାଷ୍ଟ୍ର ସମିତି(ଟିଆରଏସ୍) ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ(କେସିଆର) ରବିବାର ଓଡ଼ିଶା ଆସୁଛନ୍ତି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାସଭବନ ନବୀନ ନିବାସରେ ଆତିଥ୍ୟ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। କେସିଆର ସେଠାରେ ରାତ୍ରିଯାପନ କରି ବିଜେଡି ସଭାପତି ନବୀନଙ୍କ ସହ ଆଲୋଚନା କରିବେ। ଏହାକୁ ନେଇ ଉଭୟ ରାଜ୍ୟ ଓ ଜାତୀୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଛି। ନିକଟରେ କଂଗ୍ରେସ ନେତୃତ୍ୱାଧୀନ ମହାମେଣ୍ଟ ଏବଂ ଭାଜପାକୁ ବିଧାନସଭା ନିର୍ବାଚନରେ ମାତ୍ ଦେଇ କେସିଆର ଦ୍ୱିତୀୟଥର ପାଇଁ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ନବୀନ ପଟ୍ଟନାୟକ ମଧ୍ୟ ଏକ ପ୍ରଭାବଶାଳୀ ଆଞ୍ଚଳିକ ଦଳର ନେତା ଭାବେ ପ୍ରତିଷ୍ଠିତ। ଉଭୟ ବର୍ତ୍ତମାନ କେନ୍ଦ୍ରରେ କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ଉପାଠାରୁ ସମାନ ରାଜନୈତିକ ଦୂରତ୍ୱ ଅବଲମ୍ବନ କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଲୁକ୍ ଇଷ୍ଟ' ନୀତିରେ ଏହି ଦୁଇ ନେତାଙ୍କ ରାଜ୍ୟ ଆସୁଛି। ତେଣୁ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ପରେ ଏବଂ ୨୦୧୯ ସାଧାରଣ ନିର୍ବାଚନ କିଛି ମାସ ପୂର୍ବରୁ କେସିଆର-ନବୀନଙ୍କ ସାକ୍ଷାତକୁ ରାଜନୈତିକ ☞ପୃଷ୍ଠା-୪

### ଟ୍ରମ୍ପ୍‌ଙ୍କ ୫ ବିଲିୟନ ଡଲାର ଦାବି ପ୍ରତ୍ୟାଖ୍ୟାନ

# ଆମେରିକାରେ ଅଚଳାବସ୍ଥା

ଓ୍ୱାଶିଂଟନ,୨୨।୧୨(ପି.ଟି.)




- ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ପାଇଁ ଅର୍ଥ ଦାବି କରିଥିଲେ ଟ୍ରମ୍ପ୍
- କଂଗ୍ରେସରେ ଗୃହୀତ ହୋଇପାରିଲାନି ବିଲ୍
- ୨୫% ସରକାରୀ ସଂସ୍ଥାକୁ ପାଣ୍ଠି ଯୋଗାଣ ବନ୍ଦ
- ଷ୍ଟକ ମାର୍କେଟ ପାଇଁ ୧୦ ବର୍ଷ ମଧ୍ୟରେ ସବୁଠୁ ଖରାପ ସ୍ଥିତି

ଖ୍ରୀଷ୍ଟମାସ୍ ପୂର୍ବରୁ ଆମେରିକା ସରକାରରେ ଅଚଳାବସ୍ଥା ଦେଖାଦେଇଛି। ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ଲାଗି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୫ ବିଲିୟନ ଡଲାର ଦାବି କରିଥିଲାବେଳେ ସଂଘୀୟ ବଜେଟ ପାସ୍ ହୋଇ ନ ପାରି ଆମେରିକା କଂଗ୍ରେସ ମୁଲତବୀ ହୋଇଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଚଳିତବର୍ଷ ଏହା ତୃତୀୟ ଅଚଳାବସ୍ଥା।

ସଂଘୀୟ ଖର୍ଚ୍ଚଦାବି ଗୃହୀତ ନ ହେବା ଫଳରେ ଶୁକ୍ରବାର ରାତି ୧୨ଟା ପରେ ଅନେକ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ବନ୍ଦ ହୋଇଯାଇଛି। ୮ ଲକ୍ଷରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଖ୍ରୀଷ୍ଟମାସ୍ ଛୁଟି ପୂର୍ବରୁ ବିନା ପାରିଶ୍ରମିକରେ କାର୍ଯ୍ୟକରିବା ଲାଗି ବାଧ୍ୟ ହୋଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଜରୁରିକାଳୀନ ସେବା ଚାଲୁ ରହିଛି। ଅଚଳାବସ୍ଥାର ସମାଧାନ ଲାଗି କ୍ୟାପିଟଲ୍ ହିଲ୍‌ରେ ହ୍ୱାଇଟ ହାଉସ୍ ଅଧିକାରୀ ଏବଂ ଉଭୟ ଦଳର କଂଗ୍ରେସ ସଦସ୍ୟଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି। ଓ୍ୱାଲ ଷ୍ଟ୍ରିଟ୍‌ରେ ଅନିଶ୍ଚିତତା ଯୋଗୁ ଶୁକ୍ରବାର ଶେୟାର ବଜାରରେ ଦ୍ରୁତ ଅବନତି ଦେଖାଦେଇଥିଲା। ୨୦୦୮ ବିଶ୍ୱ ଆର୍ଥିକ ସଙ୍କଟ ପରେ ଷ୍ଟକ୍ ମାର୍କେଟ ଲାଗି ଏହା ସବୁଠୁ ଖରାପ ସପ୍ତାହ ଥିଲା।

ଏହି ଶଟ୍‌ଡାଉନ ପାଇଁ ରାଷ୍ଟ୍ରପତି ଟ୍ରମ୍ପ ଡେମୋକ୍ରାଟ ସଦସ୍ୟମାନଙ୍କୁ ଦାୟୀ କରିଛନ୍ତି। ଅନ୍ୟ ପକ୍ଷରେ ସିନେଟର ବିରୋଧୀ ଡେମୋକ୍ରାଟ ନେତା ଚୁକ୍ ସ୍ୟୁମର ଏବଂ ନାନ୍ସୀ ପେଲୋସି ଏକ ମିଳିତ ବିବୃତିରେ କହିଛନ୍ତି, ରାଷ୍ଟ୍ରପତି ଉତ୍ତେଜନାର ବଶବର୍ତ୍ତୀ ହୋଇ ରିପବ୍ଲିକାନ୍ ସଦସ୍ୟମାନଙ୍କୁ ମତାଇ ରାଷ୍ଟ୍ରକୁ ଧ୍ୱଂସାତ୍ମକ ଅବସ୍ଥା ଆଡ଼କୁ ନେଇଯାଇଛନ୍ତି। ବେଆଇନ ଅନୁପ୍ରବେଶ ରୋକିବା ଲାଗି ଟ୍ରମ୍ପ ମେକ୍ସିକୋ ସୀମାରେ ପ୍ରାଚୀର ନିର୍ମାଣ ନିମନ୍ତେ ୫ ବିଲିୟନ ଡଲାର ଚାହୁଁଥିଲେ। ତେବେ ଡେମୋକ୍ରାଟ ସଦସ୍ୟମାନେ ଏହାର ଦୃଢ଼ବିରୋଧ କରିଥିଲେ। ଏହା ଉପରେ ଡିଲ୍ ହୋଇ ନ ପାରିବାରୁ ଶୁକ୍ରବାର ମଧ୍ୟରାତ୍ରରୁ ଅନେକ ସଂସ୍ଥାକୁ ସଂଘୀୟ ପାଣ୍ଠି ଯୋଗାଣ ବନ୍ଦ ହୋଇଯାଇଛି। ଏଭଳି ଅଚଳାବସ୍ଥା କେତେଦିନ ଲାଗିରହିବ ତାହା ଜଣାପଡ଼ି ନାହିଁ। ଶଟ୍‌ଡାଉନ ପାଇଁ ପ୍ରସ୍ତୁତ ବୋଲି ଟ୍ରମ୍ପ ପୂର୍ବରୁ କହିଥିବାବେଳେ ଖୁବ୍‌ଶୀଘ୍ର ଏହାର ଅବସାନ ହେବ ବୋଲି ଶୁକ୍ରବାର ରାତିରେ ଆଶାବ୍ୟକ୍ତ କରିଛନ୍ତି।

ପାଣ୍ଠି ମଞ୍ଜୁର ହୋଇ ନ ପାରିବା ଯୋଗୁ ସରକାର ଅଚଳ ହେବା ଲଜ୍ଜାଜନକ ଏବଂ ଆଦୌ ଗ୍ରହଣୀୟ ନୁହେଁ। ଟିକସଦାତାଙ୍କ ଅର୍ଥର ଏହା ସମ୍ପୂର୍ଣ୍ଣ ପରିହାରଯୋଗ୍ୟ ଅପଚୟ ବୋଲି ଆମେରିକା ସରକାରୀ କର୍ମଚାରୀ ସଂଘର ଅଧ୍ୟକ୍ଷ ଡେଭିଡ କୋକ୍ସ କହିଛନ୍ତି। ଏହା କଂଗ୍ରେସ ଏବଂ ରାଷ୍ଟ୍ରପତିଙ୍କ କର୍ତ୍ତବ୍ୟରେ ଅବହେଳା। ଅଚଳାବସ୍ଥା ଦୂର ଲାଗି କୌଣସି ନିଷ୍ପତ୍ତି ନ ନେଇ ଶୁକ୍ରବାର ରାତି ୭ଟା ପୂର୍ବରୁ ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍ ମୁଲତବୀ ହୋଇଥିବାବେଳେ ଏହାର ଘଣ୍ଟାଏ ପରେ ସିନେଟ ବନ୍ଦ ହୋଇଥିଲା। ଫଳରେ ୨୫ ପ୍ରତିଶତ ସରକାରୀ ସଂସ୍ଥାକୁ ଶନିବାରଠାରୁ ପାଣ୍ଠି ଯୋଗାଣ ବନ୍ଦ ହୋଇଯାଇଛି। ☞ପୃଷ୍ଠା-୪






"ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକର ନିଜ ଚୌକି ବଞ୍ଚାଇବା ଲାଗି ରାଫାଲ ଡିଲ୍ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ଲାକମେଲ୍ କରିବାକୁ ଉଦ୍ୟମ କରୁଛନ୍ତି।"
-ଜୟପାଲ ରେଡ୍ଡୀ, ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ସୁଦାନରେ ବିକ୍ଷୋଭ ବେଳେ ୨୨ ମୃତ

**ଅମ୍ଦୁରମାନ୍,୨୨।୧୨(ପି.ଟି.):** ସୁଦାନରେ ପାଉଁରୁଟି ଦର ବୃଦ୍ଧିକୁ ନେଇ ବିକ୍ଷୋଭ ବେଳେ ୨୨ ଜଣଙ୍କ ମୃତ୍ୟୁ ହୋଇଥିବା ବିରୋଧୀ ଦଳ ନେତା ସାଦିକ ଅଲ-ମହଦି କହିଛନ୍ତି। ଏଥିସହିତ ଅନେକ ଆହତ ହୋଇଛନ୍ତି। ସରକାର ପାଉଁରୁଟି ଦାମ୍ ୧ ସୁଦାନ ପାଉଣ୍ଡରୁ ୩ ପାଉଣ୍ଡକୁ ବଢ଼ାଇବା ଫଳରେ ବୁଧବାର ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ସରକାର ମୃତ୍ୟୁସଂଖ୍ୟା କମ୍ ଦେଖାଉଛନ୍ତି। ବିକ୍ଷୋଭକାରୀ ସରକାରୀ ବିଲ୍ଡିଂରେ ନିଆଁ ଲଗାଇବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଫଳରେ ଅତବାରାରେ ୨ ବିକ୍ଷୋଭକାରୀଙ୍କ ମୃତ୍ୟୁ ହୋଇଥିବାବେଳେ ଅଲ-କାଦାରିଫରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ ଦର୍ଶାଯାଇଛି। ସରକାର ଦର ନ କମାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବିରୋଧୀ ଦଳ ନେତା କହିଛନ୍ତି। ଏହା ପୂର୍ବରୁ ଜାନୁୟାରୀ ମାସରେ ଖାଦ୍ୟଦର ବୃଦ୍ଧିକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

### କର୍ଣ୍ଣାଟକ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

**ବେଙ୍ଗାଲୁରୁ,୨୨।୧୨(ପି.ଟି.):** ଆଗକୁ ଲୋକ ସଭା ନିର୍ବାଚନ ରହିଥିବାବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି। କଂଗ୍ରେସ-ଜେଡିଏସ୍ ମିଳିତ ସରକାରରେ ଶନିବାର ୮ ଜଣ କଂଗ୍ରେସ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ବାଜୁଭାଇ ଭାଲା ଏହି ମନ୍ତ୍ରୀମାନଙ୍କୁ ଶପଥ ପାଠ କରାଯାଇଥିଲେ। ଦୁଇ ଜଣ ମନ୍ତ୍ରୀ ରମେଶ ଜାର୍କିହୋଲି ଏବଂ ଆର.ଶଙ୍କରଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇଛି। ମନ୍ତ୍ରିମଣ୍ଡଳରେ ସାମିଲ କରାଯାଉ ନ ଥିବାରୁ ଗତ ୫ ତାରିଖରେ ରାମଲିଙ୍ଗା ରେଡ୍ଡୀ ଓ ତାଙ୍କ ସମର୍ଥକମାନେ ପ୍ରତିବାଦ କରିଥିଲେ। ଏହା ସତ୍ତ୍ୱେ ତାଙ୍କୁ କ୍ୟାବିନେଟରେ ନିଆଯାଇ ନ ଥିବାରୁ ଶପଥ ଗ୍ରହଣବେଳେ ରେଡ୍ଡୀଙ୍କ ସମର୍ଥକମାନେ ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଅଲ୍-କାଏଦାକୁ ଝଟକା

**ଶ୍ରୀନଗର,୨୨।୧୨(ପି.ଟି.)**



ଦକ୍ଷିଣ କଶ୍ମୀରର ଅୱନ୍ତିପୋରା ଅଞ୍ଚଳରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୬ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ବିଦେଶୀ ଆତଙ୍କବାଦୀ ରହିଛନ୍ତି। ଏମାନେ ଜାକିର ମୁସାଙ୍କ ଘନିଷ୍ଠ ସହଯୋଗୀ ଏବଂ ବିଭିନ୍ନ ମାମଲାରେ ମୋଷ୍ଟ ୱାଣ୍ଟେଡ ଥିଲେ। ଶନିବାରର ଏହି ଏନ୍‌କାଉଣ୍ଟର ଯୋଗୁ ଅଲ୍-କାଏଦାକୁ ଶକ୍ତ ଝଟକା ଲାଗିଛି। ଆତଙ୍କବାଦୀମାନଙ୍କ ଉପସ୍ଥିତି ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସୁରକ୍ଷା ବଳ ପୁଲୱାମା ଜିଲା ଅୱନ୍ତିପୋରା ଅଞ୍ଚଳର ଆରାମପୋରା ଗ୍ରାମକୁ ଚାରିପଟୁ ଘେରି ସର୍ଚ୍ଚ ଅପରେଶନ ଚଳାଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ଗୁଳି ଚଳାଇବା ଆରମ୍ଭ କରିଦେବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା ବୋଲି ଜଣେ ପୋଲିସ ମୁଖପାତ୍ର କହିଛନ୍ତି। ଫଳରେ ଉଭୟ ପକ୍ଷ ମଧ୍ୟରେ ଦୀର୍ଘସମୟ ଧରି ଗୁଳି ବିନିମୟ ଜାରି ରହିଥିଲା ଏବଂ ୬ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। ତେବେ ଏନ୍‌କାଉଣ୍ଟର ବେଳେ ଅନ୍ୟ କୌଣସି କ୍ଷୟକ୍ଷତି ହୋଇନାହିଁ। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି। ନିହତ ଆତଙ୍କବାଦୀମାନେ ହେଲେ ସୋଲିହା ମହମ୍ମଦ ଅଖୁନ, ଫୈଜଲ ଅହମଦ ଖଣ୍ଡାୟ, ନଦୀମ ଅହମଦ ସୋଫି, ରସିକ ମିର୍, ରୌଫ ମିର୍ ଏବଂ ଉମର ରମଜାନ। ଏମାନେ ଜାକିର ମୁସାଙ୍କ ପରିଚାଳିତ ଅନ୍‌ସାର ଗାଜୱତ-ଉଲ୍-ହିନ୍ଦ୍ (ଏଜିୟୁଏଚ)ର ସଦସ୍ୟ ଏବଂ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ଥାଇ ମୋଷ୍ଟ ୱାଣ୍ଟେଡ ଥିଲେ ବୋଲି କଶ୍ମୀର ରେଞ୍ଜ୍ ପୋଲିସ ଆଇଜି ସ୍ୱୟଂପ୍ରକାଶ ପାଣି କହିଛନ୍ତି। ଜାକିରଙ୍କ ଏହି ସଂଗଠନ ପୁଲୱାମା ଜିଲାରେ ସକ୍ରିୟ ରହିଛି। ପୋଲିସ ରେକର୍ଡ ଅନୁଯାୟୀ ରସିକ୍ ଗତ ୫ ବର୍ଷ ହେଲା ବିଭିନ୍ନ ଆତଙ୍କବାଦୀ ହିଂସାକାଣ୍ଡରେ ସମ୍ପୃକ୍ତ ରହିଛି। ତାଙ୍କ ବିରୋଧରେ ଅନେକ ଆତଙ୍କବାଦୀ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ସେହିପରି ୨୦୧୫ରୁ ଅଖୁନ ଆତଙ୍କବାଦୀ କାର୍ଯ୍ୟରେ ଜଡିତ ରହିଛି। ସୁରକ୍ଷା ବାହିନୀର କ୍ୟାମ୍ପ ଉପରେ ଆକ୍ରମଣ ଏବଂ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାରରେ ସେ ସଂପୃକ୍ତ। ସୋଫି ଓ ରମଜାନ କେତେକ ଆତଙ୍କବାଦୀ କାର୍ଯ୍ୟରେ ସାମିଲ ଥିବାବେଳେ ରୌଫ ଓ ଖଣ୍ଡାୟ ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣର ଯୋଜନା ପ୍ରସ୍ତୁତ କରିଥାନ୍ତି। ଏନ୍‌କାଉଣ୍ଟର ସ୍ଥଳରୁ ଜବତ ରାଇଫଲ ଏବଂ ଗୁଳିଗୋଳାକୁ ରେକର୍ଡ କରି ପୋଲିସ ତଦନ୍ତ ଚଳାଇଛି। ଏନ୍‌କାଉଣ୍ଟର ସ୍ଥଳରେ ବିସ୍ଫୋରକ ସାମଗ୍ରୀ ରହିଥିବା ଆଶଙ୍କାରେ ସେଠାକୁ ନ ଯିବା ଲାଗି ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

**ଜାକିର ମୁସାଙ୍କ ୬ ସହଯୋଗୀ ନିହତ**

■ କ୍ୟାବିନେଟ ଗଠନ ଆଲୋଚନା

# ରାହୁଲଙ୍କୁ ଭେଟିଲେ ୩ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୨୨।୧୨(ପି.ଟି.)**

ମନ୍ତ୍ରିମଣ୍ଡଳ ଗଠନ ଲାଗି ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶନିବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟି ଆଲୋଚନା କରିଛନ୍ତି। ସନ୍ଧ୍ୟାରେ ରାହୁଲ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ସହ କ୍ୟାବିନେଟ ଗଠନ ନେଇ ଆଲୋଚନା କରିଥିଲେ। ଏହା ପରେ ସେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ରାଜସ୍ଥାନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ମଧ୍ୟ ବରିଷ୍ଠ ନେତାମାନଙ୍କ ସହ ଉପସ୍ଥିତ ଥିଲେ। ସୋମବାର ସୁଦ୍ଧା ୩ ରାଜ୍ୟ ମନ୍ତ୍ରିମଣ୍ଡଳ ଗଠନ ହେବ ଏବଂ ରାହୁଲ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

■ ୧୯୮୪ ଶିଖ୍ ଦଙ୍ଗା ମାମଲା

# ସୁପ୍ରିମ୍‌କୋର୍ଟ ଗଲେ ସଜ୍ଜନ କୁମାର

**ନୂଆଦିଲ୍ଲୀ,୨୨।୧୨(ପି.ଟି.)**



୧୯୮୪ ଶିଖ୍ ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାର ଦିଲ୍ଲୀ ହାଇକୋର୍ଟଙ୍କ ଆଜୀବନ କାରାଦଣ୍ଡ ନିର୍ଦ୍ଦେଶକୁ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ୍ କରିଛନ୍ତି। ତାଙ୍କ ଓକିଲ ଏଚ୍.ଏସ୍. ଫୁଲ୍‌କା କହିଛନ୍ତି, ଦିଲ୍ଲୀ ହାଇକୋର୍ଟଙ୍କ ରାୟ ବିରୋଧରେ ଏ ନେଇ ହୋଇଥିବା ଆବେଦନ ସମ୍ପର୍କରେ ସୁପ୍ରିମ୍‌କୋର୍ଟ ରେଜେଷ୍ଟ୍ରି ପକ୍ଷରୁ ତାଙ୍କୁ ସୂଚିତ କରାଯାଇଛି। ୧୯୮୪ ନଭେମ୍ବର ୧ ଓ ୨ ତାରିଖରେ ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ରାଜନଗର ଅଞ୍ଚଳ ପାଲମ କଲୋନୀରେ ୫ ଶିଖ୍‌ଙ୍କୁ ହତ୍ୟା ଓ ଗୁରୁଦ୍ୱାର ପୋଡ଼ି ମାମଲାରେ ଦିଲ୍ଲୀ ହାଇକୋର୍ଟ ଡିସେମ୍ବର ୧୭ରେ ସଜ୍ଜନ କୁମାରଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଏଥିରେ ତାଙ୍କୁ ଆଜୀବନ କରାଦଣ୍ଡ ଆଦେଶ ହୋଇଥିଲା। ଏହି ଦଣ୍ଡାଦେଶ ଭୋଗିବା ପାଇଁ ସଜ୍ଜନ ଜାନୁୟାରୀ ୩୦ ପର୍ଯ୍ୟନ୍ତ ତାଙ୍କୁ ସମୟ ମାଗିଥିଲେ। ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ତାଙ୍କ ଏହି ଗୁହାରିକୁ ପ୍ରତ୍ୟାଖ୍ୟାନ କରିଥିଲେ।

# ମିଶେଲଙ୍କୁ ଗିରଫ କଲା ଇଡି

**ନୂଆଦିଲ୍ଲୀ,୨୨।୧୨(ପି.ଟି.):** ୩୬ହଜାର କୋଟି ଅଗୁଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତିରେ ସିବିଆଇ ଦ୍ୱାରା ଗିରଫ ମଧ୍ୟସ୍ଥ ଖ୍ରୀଷ୍ଟିଆନ୍ ମିଶେଲଙ୍କ ଜାମିନ ଆବେଦନକୁ ଶନିବାର ଦିଲ୍ଲୀ ହାଇକୋର୍ଟ ଖାରଜ କରିଛନ୍ତି। ଏଥିସହ ଅର୍ଥ ଠକେଇ ମାମଲାରେ ତାଙ୍କୁ ୭ ଦିନ ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇଛନ୍ତି। ଡିସେମ୍ବର ୪ରେ ମିଶେଲଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ରୁ ଗିରଫ କରାଯିବା ପରେ ପ୍ରତ୍ୟର୍ପିତ କରାଯାଇ ଭାରତ ଅଣାଯାଇଥିଲା। ତାଙ୍କୁ କୋର୍ଟରେ ହାଜର କରାଯିବା ପରେ ସିବିଆଇ ୫ ଦିନ ରିମାଣ୍ଡରେ ନେଇଥିଲା। ଏହି ରିମାଣ୍ଡ ଅବଧି ପରବର୍ତ୍ତୀ ସମୟରେ ୫ ଓ ୪ ଦିନ ବୃଦ୍ଧି କରାଯାଇଥିଲା। ଶନିବାର ଅର୍ଥ ଠକେଇ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମିଶେଲଙ୍କୁ ଗିରଫ କରିଥିଲା ଏବଂ ତାଙ୍କୁ ୧୫ ଦିନ ରିମାଣ୍ଡରେ ନେବାକୁ କୋର୍ଟଙ୍କ ଅନୁମତି ଲୋଡ଼ିଥିଲା।



# ଖାତରେ ବସ୍ ଖସି ୯ ମୃତ

**ସୁରଟ,୨୨।୧୨**

ଗୁଜରାଟର ଡାଙ୍ଗ ଜିଲାର ମହଲ-ବର୍ଦ୍ଦିପଡା ରାସ୍ତା ପାର୍ଶ୍ୱରେ ଥିବା ୨୦୦ ଫୁଟ ଖାତ ମଧ୍ୟକୁ ବସ୍ ଖସିପଡିବା ଫଳରେ ୯ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ କେତେଜଣ ଆହତ ହୋଇଛନ୍ତି। ଶନିବାର ସନ୍ଧ୍ୟାରେ ବସ୍‌ଟି ପାହାଡିଆ ଗଡାଣି ରାସ୍ତାରେ ଉଠୁଥିବାବେଳେ ଖସିପଡିଥିଲା। ଆମ୍ରୋଲି ଅଞ୍ଚଳର ୭୫ ଜଣ ସ୍କୁଲ ପିଲା, ସେମାନଙ୍କ ଶିକ୍ଷକ ଓ ଅଭିଭାବକ ମିଶି ୮୫ ଜଣ ଉକ୍ତ ବସ୍‌ରେ ଥିଲେ। ୭୯ ଜଣଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଆହତଙ୍କୁ ସହରକୁ ସ୍ଥାନାନ୍ତର କରାଯାଇଛି।






ସିମ୍‌ଲାର ଏକ ବରଫାବୃତ୍ତ ପଡ଼ିଆରେ ପିଲାମାନେ ଆଇସ୍ ହକି ଖେଳୁଥିବାର ଦୃଶ୍ୟ।

# ୩୦ କେଜି ହେରୋଇନ ଜବତ

**ନୂଆଦିଲ୍ଲୀ,୨୨।୧୨(ପି.ଟି.)**

ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚୋରାଚାଲାଣ ଗ୍ୟାଙ୍ଗ୍‌ର ୩ ସନ୍ଦିଗ୍ଧ ସଦସ୍ୟ ଦିଲ୍ଲୀ ପୋଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ରାଜସ୍ଥାନ ଭିଲ୍‌ୱାରା ଜିଲାର ଅବଦୁଲ ରଶିଦ୍(୨୬), ମହମ୍ମଦ(୨୧) ଏବଂ ମହମ୍ମଦ ନଜିମ୍ (୨୨)। ସେମାନଙ୍କ ନିକଟରୁ ୩୦ କେଜି ହେରୋଇନ ଜବତ ହୋଇଛି। ଏହାର ବଜାର ମୂଲ୍ୟ ୧୨୦ କୋଟି ଟଙ୍କା ଆକଳନ କରାଯାଇଛି। ଏହା ଚଳିତବର୍ଷର ସବୁଠାରୁ ବଡ଼ ଧରପଗଡ଼ କୁହାଯାଉଥିବାବେଳେ ମ୍ୟାନ୍‌ମାର୍‌ରୁ ଏହି ହେରୋଇନ ଆସିଥିବା ଜଣାପଡ଼ିଛି। ଇମ୍ଫାଲ୍‌ର ଜଣେ ନିଶାଦ୍ରବ୍ୟ ଚାଲାଣକାରୀଙ୍କଠାରୁ ଅଭିଯୁକ୍ତମାନେ ହିରୋଇନ ସଂଗ୍ରହ କରିଥିଲେ। ନୂଆଦିଲ୍ଲୀର ଆର୍‌କେପୁରମସ୍ଥିତ ଆମ୍ବେଡ୍‌କର ପାର୍କରୁ ପୋଲିସ ସେମାନଙ୍କୁ ଗିରଫ କରିଥିଲା। ତଲାସି ବେଳେ ଏକ କାର୍‌ରୁ ହେରୋଇନ ମିଳିଥିଲା। ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ମଣିପୁରକୁ ସେମାନେ ବିଗତ ୪ ବର୍ଷ ଧରି ହିରୋଇନ ଚାଲାଣ କରିଆସୁଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଥିବା ଡେପୁଟି କମିଶନର ଅଫ୍ ପୋଲିସ (ସ୍ପେଶାଲ୍ ସେଲ୍) ପି. ଏସ୍. କୁଶୱାହା କହିଛନ୍ତି।

# ବିସ୍ଫୋରଣରେ ୭ ମୃତ

**ମୋଗାଡିସୁ,୨୨।୧୨**

ସୋମାଲିଆ ରାଜଧାନୀ ମୋଗାଡିସୁସ୍ଥିତ ରାଷ୍ଟ୍ରପତି ଭବନ ନିକଟରେ ଶନିବାର ଦୁଇଟି କାର୍ ବୋମା ବିସ୍ଫୋରଣ ଘଟି ୭ ଜଣଙ୍କ ମୃତ୍ୟୁ ହୋଇଛି। ଜିହାଦୀ ସବାବ ଗୋଷ୍ଠୀ ପକ୍ଷରୁ ଏହି ବିସ୍ଫୋରଣ କରାଯାଇଥିବା ଦାବି ହୋଇଛି। ବିସ୍ଫୋରଣରେ ଅନ୍ୟ ୧୦ ଜଣ ଆହତ ହୋଇଥିବା ସ୍ଥାନୀୟ ପୋଲିସ୍ କହିଛି। ମୃତକଙ୍କ ମଧ୍ୟରେ ସୁରକ୍ଷା କର୍ମୀ ଏବଂ ୟୁନିଭର୍ସାଲ ଟିଭିର ୩ କର୍ମଚାରୀ ଅଛନ୍ତି।

# ଉପା ସମୟରେ ଫୋନ ଯାଞ୍ଚ ହେଉଥିଲା

**ନୂଆଦିଲ୍ଲୀ,୨୨।୧୨**

ଦେଶର ସୁରକ୍ଷା ଲାଗି କେନ୍ଦ୍ର ସରକାର ସମସ୍ତ କମ୍ପ୍ୟୁଟରକୁ ଯାଞ୍ଚ କରିପାରିବେ ବୋଲି ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ଏହାକୁ ନେଇ ବିବାଦ ଦେଖାଦେଇଛି। ନାଗରିକଙ୍କ ଗୋପନୀୟତା ଉପରେ ଏହା ଆକ୍ରମଣ ବୋଲି ବିରୋଧୀ ଦଳଗୁଡିକ ଅଭିଯୋଗ କରିଛନ୍ତି। ତେବେ କେନ୍ଦ୍ରରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଥିବାବେଳେ ମାସକୁ ପାଖାପାଖି ୯୦୦୦ ଫୋନ ଏବଂ ୫୦୦ ଇ-ମେଲ୍ ଯାଞ୍ଚ ହେଉଥିଲା। ସୂଚନା ଅଧିକାର ଆଇନରେ ଆବେଦନ ବଳରେ ଏହି ତଥ୍ୟ ମିଳିଥିଲା। ପ୍ରତି ମାସରେ ୭୫୦୦ରୁ ୯୦୦୦ ଟେଲିଫୋନ ଟ୍ୟାପିଙ୍ଗ୍ କରାଯାଇ ତଥ୍ୟ ସଂଗ୍ରହ କରାଯାଉଥିଲା ବୋଲି ୨୦୧୩ ନଭେମ୍ବରରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆରଟିଆଇ ଆବେଦନର ଉତ୍ତରରେ କହିଥିଲେ। ସେହିପରି ୨୦୧୩ ଅଗଷ୍ଟରେ ଅନ୍ୟ ଏକ ଉତ୍ତରରେ ମନ୍ତ୍ରଣାଳୟ ଜଣାଇଥିଲା ପ୍ରତିମାସରେ ୩୦୦ରୁ ୫୦୦ ଇ-ମେଲ୍ ଯାଞ୍ଚ କରାଯାଉଛି। ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି), ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି), ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ଜାତୀୟ ତଦନ୍ତ ବ୍ୟୁରୋ (ଏନଆଇଏ), ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର), ଦିଲ୍ଲୀ ପୋଲିସ କମିଶନର ଏବଂ ସିଗ୍‌ନାଲ ଇଣ୍ଟେଲିଜେନ୍ସକୁ ଯାଞ୍ଚ ପାଇଁ ଅନୁମତି ମିଳିଥିଲା। ଟେଲିଗ୍ରାଫ ଅଧିନିୟମ ୧୮୮୫ ଏବଂ ଟେଲିଗ୍ରାଫ (ସଂଶୋଧନ) ନିୟମାବଳୀ ୨୦୦୭ ଅନୁଯାୟୀ ଯୋଗାଯୋଗ ବ୍ୟବସ୍ଥାର ଯାଞ୍ଚ କରାଯାଉଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା।

**ଆରଟିଆଇ ତଥ୍ୟ**



ଭାରତରେ ଅସହିଷ୍ଣୁତା ବୃଦ୍ଧି ପାଇଥିବା ନେଇ ବଲିଉଡ୍ ଅଭିନେତା ନାସିରୁଦ୍ଦିନ ଶାହ ମନ୍ତବ୍ୟ ଦେବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତାଙ୍କ ସମର୍ଥନରେ ବାହାରିଛନ୍ତି। ସଂଖ୍ୟାଲଘୁମାନଙ୍କୁ କିଭଳି ବ୍ୟବହାର କରାଯାଏ ନରେନ୍ଦ୍ର ମୋଦି ସରକାରଙ୍କୁ ସେ ତାହା ବତାଇବେ ବୋଲି ଇମ୍ରାନ କହିଛନ୍ତି।

## ସଂକ୍ଷେପରେ

### ବିମାନବନ୍ଦରରୁ ୮ଲକ୍ଷ ଟଙ୍କାର ସୁନା ଜବତ

ଭୁବନେଶ୍ୱର,୨୨।୧୨ (ବ୍ୟୁରୋ): ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଦେଇ ପୁଣି ସୁନା ଚାଲାଣ ହୋଇଛି। ଜଣେ ଯାତ୍ରୀଙ୍କଠାରୁ ଶୁକ୍ରବାର ରାତିରେ ୨୫୪.୪୭ ଗ୍ରାମ ସୁନା ଜବତ ହୋଇଛି, ଯାହାର ମୂଲ୍ୟ ପ୍ରାୟ ୮ଲକ୍ଷ ଟଙ୍କା ହେବ ବୋଲି କଷ୍ଟମ ବିଭାଗ ପକ୍ଷରୁ କୁହାଯାଇଛି। କଷ୍ଟମ ବିଭାଗ ଅଧିକାରୀମାନେ ଉକ୍ତ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରିଛନ୍ତି। ସେ କେଉଁ ସ୍ଥାନକୁ ସୁନା ନେଉଥିଲେ ତାହାର ଖୋଳତାଡ କରାଯାଉଛି। ସୂଚନା ଅନୁଯାୟୀ, ଯାତ୍ରୀ ଜଣକ ଶୁକ୍ରବାର ରାତିରେ କୁଆଲାଲମ୍ପୁରରୁ



ବିମାନ ନଂ-ଏକେ୦୩୧ରେ ଆସି ବିଜୁ ପଟ୍ଟନାୟକ ବିମାନବନ୍ଦରରେ ଓହ୍ଲାଇଥିଲେ। ସେ ସୁନାକୁ ମଳଦ୍ୱାର ପଟେ ସେଲୋଟେପ୍ ଲଗାଇ ପାଉଡର ଆକାରରେ ଆଣୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କଷ୍ଟମ ବିଭାଗର ଅଧିକାରୀମାନେ ବିମାନବନ୍ଦରରେ ପୂର୍ବରୁ ଜଗି ରହିଥିଲେ। ଯାତ୍ରୀ ଜଣକ ବିମାନ ବନ୍ଦରରୁ ବାହାରିବା ସମୟରେ ତାଙ୍କୁ ଯାଞ୍ଚ କରାଯିବାବେଳେ ତାଙ୍କ ନିକଟରୁ ସୁନା ମିଳିଥିଲା। ବିଗତ ଦିନଗୁଡ଼ିକରେ ବିମାନବନ୍ଦରରୁ ୧୫ କିଗ୍ରାରୁ ଉର୍ଦ୍ଧ୍ୱ ସୁନା ଜବତ କରାଯାଇଛି। ଏହି ଘଟଣାରେ ୨୦ରୁ ଅଧିକ ଯାତ୍ରୀ ଧରାପଡ଼ିଥିବା କଷ୍ଟମ ବିଭାଗ ପକ୍ଷରୁ କୁହାଯାଇଛି।

### ବିମାନରେ ଯାତ୍ରୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ): ଏକ ଇଣ୍ଡିଗୋ ବିମାନରେ କୋଲକତାରୁ ବେଙ୍ଗାଲୁରୁ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତ ଯାତ୍ରୀଙ୍କ ନାମ ରାଜକୁମାର କର୍ମକାର ଏବଂ ତାଙ୍କ ଘର ପଶ୍ଚିମବଙ୍ଗର ମାଲଦା ଅଞ୍ଚଳରେ। ସୂଚନା ମୁତାବକ, ଇଣ୍ଡିଗୋ ୬ଇ ୮୨୨ବିମାନ ଶନିବାର ପୂର୍ବାହ୍ନ ୧୦ଟା ୬ମିନିଟ୍‌ରେ କୋଲକତାରୁ ଉଡ଼ାଣ ଆରମ୍ଭ କରିଥିଲା। ବେଙ୍ଗାଲୁରୁରେ ଅପରାହ୍ନ ୧୨ଟା ୫୫ମିନିଟ୍‌ରେ ପହଞ୍ଚିବାର ଥିଲା। ତେବେ ବିମାନରେ ଯାତ୍ରା କରୁଥିବା ୩୨ ବର୍ଷୀୟ ରାଜକୁମାର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଇଣ୍ଡିଗୋ ବିମାନ କର୍ତ୍ତୃପକ୍ଷ ବିମାନକୁ ଜରୁରୀ ଅବତରଣ କରିବା ପାଇଁ ନିକଟ ବିମାନବନ୍ଦରର ସହାୟତା ଲୋଡ଼ିଥିଲା। ଭୁବନେଶ୍ୱର ବିମାନବନ୍ଦର ନିକଟସ୍ଥ ହୋଇଥିବାରୁ ଏଠାକାର ଏୟାର ଟ୍ରାଫିକ କଣ୍ଟ୍ରୋଲ ସହିତ ଯୋଗାଯୋଗ କରିଥିଲେ। ଏଟିସିଙ୍କ ପାଖରୁ ସିଗ୍ନାଲ ପାଇବା ପରେ ବିମାନି ପୂର୍ବାହ୍ନ ୧୧ଟା ୧୫ ମିନିଟ୍‌ରେ ଜରୁରୀ ଅବତରଣ କରିଥିଲା। ଏହାପରେ ତୁରନ୍ତ ରାଜକୁମାରଙ୍କୁ ବିମାନବନ୍ଦରରେ ହିଁ ଜରୁରୀ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ଏଥିସହିତ ଡାକ୍ତରଙ୍କ ନିରୀକ୍ଷଣରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଥିଲା। ତେବେ ସେଠାରେ ପହଞ୍ଚିଲା ବେଳକୁ ଯାତ୍ରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ପୂର୍ବରୁ ଅସୁସ୍ଥ ଥିଲେ ଏବଂ ଚିକିତ୍ସା ଲାଗି ତାଙ୍କୁ ବେଙ୍ଗାଲୁରୁ ନିଆଯାଉଥିବା ତାଙ୍କ ସମ୍ପର୍କୀୟ କହିଛନ୍ତି।

## ୨୩ ସାମଗ୍ରୀ ଉପରୁ ଜିଏସ୍‌ଟି ହ୍ରାସ




■ ରାଫାଲ ପ୍ରସଙ୍ଗ:କେନ୍ଦ୍ର ଉପରେ ବର୍ଷିଲେ ସିଂଘଭି

# ଜେପିସି କରିବ ପ୍ରକୃତ ତଦନ୍ତ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଯୁଗ୍ମ ସଂସଦୀୟ କମିଟି(ଜେପିସି) ଦ୍ୱାରା ହିଁ ରାଫାଲ ଚୁକ୍ତି ଦୁର୍ନୀତି ପ୍ରଘଟ ହୋଇପାରିବ। ତେଣୁ କେନ୍ଦ୍ର ସରକାର ଜେପିସି ତଦନ୍ତ ଦାବିକୁ ଅଗ୍ରାହ୍ୟ କରିଚାଲିଛି। ସୁପ୍ରିମ୍‌କୋର୍ଟଙ୍କ ରାୟ ପ୍ରତି ସମସ୍ତଙ୍କ ସମ୍ମାନ ରହିଛି। ହେଲେ କ୍ଷମତାସୀନ ଭାଜପା ପକ୍ଷରୁ ମୁଦା ଲଫାପାରେ ସର୍ବୋଚ୍ଚ ନ୍ୟାୟାଳୟରେ ଠିକ୍ ତଥ୍ୟ ଦିଆଯାଇନାହିଁ। ଏଥିଯୋଗୁ ଅଦାଲତଙ୍କ ରାୟ ପ୍ରଭାବିତ ହୋଇଛି। ଏହା ଅଦାଲତ ଅବମାନନା ବୋଲି କଂଗ୍ରେସ ମୁଖପାତ୍ର ଅଭିଷେକ ମନୁ ସିଂଘଭି କହିଛନ୍ତି। ସ୍ଥାନୀୟ କଂଗ୍ରେସ ଭବନରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିଂଘଭି କେନ୍ଦ୍ରର ଏନ୍‌ଡିଏ ସରକାର ବିରୋଧରେ ଏହି ଅଭିଯୋଗ ଆଣିଛନ୍ତି।

ଅଭିଷେକ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବା ସହ ରାଫାଲ ପ୍ରସଙ୍ଗରେ କେନ୍ଦ୍ରର ଟାଳଟୁଳ ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ପ୍ରସ୍ତାବିତ ଯୁଦ୍ଧ ବିମାନକୁ ୧୮,୯୪୦ କୋଟି ପରିବର୍ତ୍ତେ ୬୦,୧୪୫ କୋଟି ଟଙ୍କାରେ କିଣିବା ଦ୍ୱାରା ଭାରତର କି ସ୍ୱାର୍ଥ ସାଧନ ହେଉଛି। ବିମାନ ପିଛା ୫୨୬ କୋଟି ଟଙ୍କା ସ୍ଥିର ହୋଇଥିବାବେଳେ ବର୍ତ୍ତମାନ ୧୬୨୦ କୋଟିକୁ ବୃଦ୍ଧି କରାଯିବା ପଛର ଉଦ୍ଦେଶ୍ୟ କ'ଣ। ଫ୍ରାନ୍ସର ଡାସଲ୍ଟ ଆଭିଏଶନ୍ ୨୦୧୪ ମାର୍ଚ୍ଚ ୧୩ରେ ହିନ୍ଦୁସ୍ଥାନ ଏରୋନାଟିକ୍ସକୁ ନିଜର ଅଂଶୀଦାର ଭାବରେ ବାଛିବା ପାଇଁ ନିଷ୍ପତ୍ତି ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ରିଲାଏନ୍‌ସ କମ୍ପାନୀକୁ ବଦଳ ଅଂଶୀଦାର ଭାବରେ ବାଛିବା ପାଇଁ ହୋଇଥିବା ସରକାରୀସ୍ତରୀୟ ନିଷ୍ପତ୍ତି ଏବଂ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଫ୍ରାସୁଁଆ ଓଲାନ୍ଦେଙ୍କ ମନ୍ତବ୍ୟ ପ୍ରଧାନମନ୍ତ୍ରୀଙ୍କ ମୁଖା ଖୋଲିଥିବା ଅଭିଷେକ କହିଛନ୍ତି। ମାତ୍ର ୩୬ଟି ଯୁଦ୍ଧ ବିମାନ କିଣିବାରେ ସରକାର ୪୧,୨୦୫ କୋଟି ଟଙ୍କା ଅଧିକ ଦେବା ନିଷ୍ପତ୍ତି ଦେଶର ରାଜକୋଷକୁ ହ୍ରାସ କରିବ। କେନ୍ଦ୍ର ସରକାର ସାଇକେଲ୍ ତିଆରି କରିବାର ଅଭିଜ୍ଞତା ନ ଥିବା ରିଲାଏନ୍ସ କମ୍ପାନୀକୁ ରାଫାଲ ଯୁଦ୍ଧ ବିମାନର ୩୦ ହଜାର କୋଟି ଟଙ୍କାର ଅଫସେଟ୍ କଣ୍ଟ୍ରାକ୍ଟ ଏବଂ ୧ ଲକ୍ଷ କୋଟି ଟଙ୍କା ମୂଲ୍ୟର ରକ୍ଷଣାବେକ୍ଷଣର ଭାର କିଭଳି ପ୍ରଦାନ କଲେ, ତାହା ତଦନ୍ତସାପେକ୍ଷ ବୋଲି ଏଆଇସିସି ମୁଖପାତ୍ର ସିଂଘଭି କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ରାଫେଲ ଯୁଦ୍ଧବିମାନ ଚୁକ୍ତିନାମାରେ ଟ୍ରାନ୍ସଫର୍ ଅଫ ଟେକ୍ନୋଲୋଜି ବା ବୈଷୟିକ ଜ୍ଞାନକୌଶଳକୁ ଭାରତ ସହିତ ବିନିମୟ କରିବାକୁ ନେଇ କୌଣସି ସର୍ତ୍ତ ରଖାଯାଇ ନ ଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିରେ ଲେଟର ଅଫ୍ କମ୍ଫର୍ଟକୁ ଅଗ୍ରାଧିକାର ଦିଆଯାଇଥିବାବେଳେ ସାର୍ବଭୌମତ୍ୱକୁ ନେଇ କୌଣସି ସର୍ତ୍ତ ନ ରଖିବା ଦୁର୍ଭାଗ୍ୟଜନକ। ତେଣୁ ଏ ବିଷୟକୁ କେବଳ ଜେପିସି (ଜଲଦି ପକ୍‌ଡୋ ଚୌକିଦାର) ଦ୍ୱାରା ହିଁ ଠିକ୍ ତଦନ୍ତ କରାଯାଇପାରିବ ବୋଲି ଅଭିଷେକ ମନୁ ସିଂଘଭି କହିଛନ୍ତି।

ବିଭିନ୍ନ କେନ୍ଦ୍ରୀୟ ସଂସ୍ଥା ବ୍ୟକ୍ତିବିଶେଷଙ୍କ କମ୍ପ୍ୟୁଟର ଉପରେ ନିୟନ୍ତ୍ରଣ ପ୍ରସଙ୍ଗରେ ମଧ୍ୟ ସିଂଘଭି ମତ ରଖିଛନ୍ତି। ସେ କହିଛନ୍ତି ଯେ,ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନେଇଥିବା ନୂତନ ନିଷ୍ପତ୍ତି ବ୍ୟକ୍ତି ସ୍ୱାଧୀନତାର ପରିପନ୍ଥୀ ତଥା ଗୋପନୀୟତାର ଅଧିକାର ଉପରେ ଶକ୍ତ କୁଠାରାଘାତ। ଆଇ.ଟି. ଆକ୍ଟରେ ପୂର୍ବରୁ ଥିବା ବ୍ୟବସ୍ଥାକୁ ଜାତୀୟ ସୁରକ୍ଷା ନାମରେ ମୋଦି ସରକାର ପରିବର୍ତ୍ତନ କରି ଚୋରା ଖବର ସଂଗ୍ରହ କରିବା, ଚିକିନିଖି ଦେଖିବା ଓ ନିରୀକ୍ଷଣ କରିବାର ଯେଉଁ ଅପଚେଷ୍ଟା କରୁଛି, ଜନସାଧାରଣ ଆଗାମୀ ଦିନରେ ତାହାର ଉଚିତ ଜବାବ ଦେବେ।



ଖବରଦାତା ସମ୍ମିଳନୀରେ ଏଆଇସିସି ମୁଖପାତ୍ର ଅଭିଷେକ ମନୁସିଂଘଭି ଏବଂ ଅନ୍ୟମାନେ।

## ଚାନ୍ଦା ଆଦାୟ କଂଗ୍ରେସ ଡିଏନ୍‌ଏରେ: ଭାଜପା

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

କଂଗ୍ରେସ ଦେଶର ଗଣତନ୍ତ୍ରିକ ବିଧିବ୍ୟବସ୍ଥା ଅବା ସମ୍ବିଧାନକୁ ବିଶ୍ୱାସ କରେନାହିଁ। ରାଫାଲ ଯୁଦ୍ଧବିମାନ ପ୍ରସଙ୍ଗରେ ସୁପ୍ରିମକୋର୍ଟ ରାୟ ପରେ କଂଗ୍ରେସ ଏହାକୁ ପୁଣି ଉଠାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କଂଗ୍ରେସ ସୁପ୍ରିମକୋର୍ଟଙ୍କୁ ବିଶ୍ୱାସ କରେନାହିଁ। ପାର୍ଲାମେଣ୍ଟ ଚାଲିବା ସମୟରେ କଂଗ୍ରେସ ଏହି ପ୍ରସଙ୍ଗ ଉପରେ ଆଲୋଚନା ନ କରି ଦେଶବାସୀଙ୍କ ଆଗରେ ବାରମ୍ବାର ମିଛ କହି ଚାଲିଛି। ମିଛ କଥାକୁ ବଡ଼ ପାଟିରେ ଅବା ବାରମ୍ବାର କହିବା ଦ୍ୱାରା ଘଟଣା ସତ ହୁଏ ନାହିଁ ବୋଲି କହି ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି ନିନ୍ଦା କରିଛନ୍ତି। ସମୀର ଶନିବାର ଏକ ବିବୃତିରେ କହିଛନ୍ତି ଯେ, କଂଗ୍ରେସ ସରକାର ସମୟରେ ପୂର୍ବରୁ ଯେତେ ବିମାନ କିଣାଯାଇଛି ସବୁଥିରେ ଦଲାଲମାନେ ମଧ୍ୟସ୍ଥତା କରି ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟର ବିମାନ କିଣାବିକା ମାଧ୍ୟମରେ ଚାନ୍ଦା ଆଦାୟ କରିବା କଂଗ୍ରେସ ଡିଏନ୍‌ଏରେ ରହିଛି। ପୂର୍ବରୁ ଅଗୁଷ୍ଟା ହେଲିକପ୍ଟର ଓ ବୋଫର୍ସ ଦୁର୍ନୀତିରୁ ଏହା ପ୍ରମାଣିତ ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯାହା କହିବେ ତାହା କ'ଣ ସତ ବୋଲି ସମୀର ପ୍ରଶ୍ନ ଉଠାଇଛନ୍ତି। ଦେଶର ସାମରିକ ସୁରକ୍ଷା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଏଭଳି ମନଗଢ଼ା କାହାଣୀ କହି ସାରା ଦେଶର ଲୋକଙ୍କୁ ଭ୍ରମିତ କରିଥିବାରୁ ରାହୁଲ ଦେଶବାସୀଙ୍କ ଆଗରେ କ୍ଷମା ମାଗନ୍ତୁ ବୋଲି ସମୀର କହିଛନ୍ତି।

## ମିନିଟ୍ରକ୍ ଓଲଟି ୨ ମହିଳା ମୃତ

ସମ୍ବଲପୁର,୨୨।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ୍ ହିରୋ ଗାଁ ନିକଟ ଟରସରା କଟା ନିକଟରେ ଶନିବାର ଅପରାହ୍ନ ୧ଟାରେ ଏକ ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୂଆମୁଣ୍ଡା ଗାଁର ଜୟମତି ମିର୍ଦ୍ଧା ଓ ଶୋଭା ମିର୍ଦ୍ଧା। କୁଶୁଲା ମିର୍ଦ୍ଧା, ପ୍ରେମଶିଳା ମିର୍ଦ୍ଧା ଗୁରୁତର ହୋଇଛନ୍ତି। ଉଭୟଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି । ଟ୍ରକ୍‌ରେ ଥିବା ୩୦ ଜଣରୁ ଅଧିକ ଆହତ ହୋଇଛନ୍ତି।







■ ସୋସିଆଲ ମିଡିଆରେ ଧର୍ମେନ୍ଦ୍ରଙ୍କ ମତ

# କଳାକନା ପରେ କାଳିଆ ଯୋଜନା

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଦୀର୍ଘଦିନର ବିଜେଡି ଶାସନରେ ଚାଷୀମାନଙ୍କୁ କଳାକନା ବୁଲାଇ ଦିଆଯାଇଛି। ରାଜ୍ୟ ସରକାର ଚାଷୀମାନଙ୍କୁ ସହଯୋଗର ହାତ ବଢାଇବାକୁ କାଳିଆ ଯୋଜନା କରିଛନ୍ତି। ଏହା ବୁଢା ବାଘର କଙ୍କଣ ଦାନ ଉପାଖ୍ୟାନ ପରି ଲାଗୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଧର୍ମେନ୍ଦ୍ର ଶନିବାର ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି ଯେ, ଚାଷୀମାନେ ଆଜି ୧୯ ବର୍ଷର ନବୀନ ସରକାରଙ୍କୁ ଜବାବ ମାଗୁଛନ୍ତି। ଏବେ ବି ରାଜ୍ୟରେ ୯୦ରୁ ଅଧିକ ବ୍ଲକରେ ୩୫%ରୁ କମ ଜଳସେଚନ ସୁବିଧା ହୋଇଛି। ବିଧାନସଭାରେ ସରକାର ଏକଥା ସ୍ୱୀକାର କରିଛନ୍ତି। ୨୦୦୦ରେ ୨୫% ଅଧିକ ଜମିକୁ ଜଳସେଚନ ସୁବିଧା ଦେବାକୁ ବିଜେଡି ସରକାର ପ୍ରତିଶ୍ରୁତି ଦେଇଥିବାବେଳେ ୨୦୦୪ରେ ଆଉ ୨୫%, ୨୦୦୯ରେ ୩୫% ଜମିକୁ ଜଳସେଚନ ସୁବିଧା ଏବଂ ୨୦୧୪ରେ ୫ ବର୍ଷ ମଧ୍ୟରେ ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇଦେବାର ପ୍ରତିଶ୍ରୁତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ। ରାଜ୍ୟରେ ମାତ୍ର ୫ଟି ସରକାରୀ ଶୀତଳଭଣ୍ଡାର ଅଛି। ଏହାର କ୍ଷମତା ହେଉଛି ମାତ୍ର ୧୮,୫୦୦ ମେଟ୍ରିକ ଟନ। ୨୦୦୦ରେ ସମବାୟ ବିଭାଗର ୫ଟି ସଚଳ ଓ ୧୨ଟି ଅଚଳ ଶୀତଳ ଭଣ୍ଡାର ଥିଲା। ଏବେ ସେତିକି ସଚଳ ଓ ଅଚଳ ଥିବା ବିଧାନସଭାରେ ଉତ୍ତର ଦେଉଛନ୍ତି। କୃଷି ଉତ୍ପାଦନର ସଂରକ୍ଷଣ ବ୍ୟବସ୍ଥା ହୋଇ ନ ପାରିବା ଅପାରଗତାର ପ୍ରମାଣ। ବିଭିନ୍ନ ଜିଲାରେ କେତେଜଣ ଭୂମିହୀନ ଭାଗ ଚାଷ କରି ଚଳୁଛନ୍ତି ତାହାର ତଥ୍ୟ ସରକାରଙ୍କ ପାଖରେ ନାହିଁ। ଏବେ କେଉଁ ଆଧାରରେ ଭାଗଚାଷୀଙ୍କୁ କାଳିଆ ସହାୟତା ଦେବେ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଜଣେ ଚାଷୀର ଚାଷରୁ ଆୟରେ ଓଡ଼ିଶା ହେଉଛି ତଳଆଡୁ ଦ୍ୱିତୀୟ। ମାସକୁ ମାତ୍ର ୧୪୦୭ ଟଙ୍କା ହେଉଛି ଜଣେ ଓଡ଼ିଶା ଚାଷୀଙ୍କ ରୋଜଗାର। ରାଜ୍ୟର ପାଖାପାଖି ୭୦ ପ୍ରତିଶତ ଲୋକ କୃଷି ଓ କୃଷି ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ଅର୍ଥନୀତିରେ ସେମାନଙ୍କର ଯୋଗଦାନ ମାତ୍ର ୧୫ ପ୍ରତିଶତ। ଆଳୁ ମିଶନରେ ୨୦୧୭-୨୦୧୮ ସୁଦ୍ଧା ୧୧.୨୫ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଗତବର୍ଷ ୨.୬୮ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ହୋଇଥିବାବେଳେ ଶୀତଳଭଣ୍ଡାର ଅଭାବରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥିଲେ। ରାଜ୍ୟରେ ଦୈନିକ ୧୦୩ ଲକ୍ଷ ଅଣ୍ଡା ଆବଶ୍ୟକ ଥିବାବେଳେ ୦.୨୦ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ହେଉଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୧୮୬୧ ହଜାର ମେଟ୍ରିକ ଟନ ଯାହାକି ଜାତୀୟ ଉତ୍ପାଦନର ମାତ୍ର ୨%। ମରୁଭୂମି ରାଜ୍ୟ ରାଜସ୍ଥାନଠାରୁ ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ହାର୍ କମ। ଏତେ ବର୍ଷ ଶାସନ ସତ୍ତ୍ୱେ ଚାଷୀ ଦୁର୍ଦ୍ଦିନରେ ବୋଲି ସେ କହିଛନ୍ତି।





ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୩ ଡିସେମ୍ବର,୨୦୧୮



ଦେଶରେ ୮ବର୍ଷ ମଧ୍ୟରେ ୧ଲକ୍ଷ କିଲୋମିଟର ନୂଆ ରାଜପଥ ନିର୍ମାଣ ସମ୍ପୂର୍ଣ୍ଣ କରାଯିବ ବୋଲି କେନ୍ଦ୍ର ସଡକ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟା ଶନିବାର ପ୍ରକାଶ କରିଛନ୍ତି। ଗୋଆ ରାଜଧାନୀ ପଣଜୀଠାରୁ ୫୦ କି.ମି. ଦୂର ଖାଣ୍ଡେପାର ନଦୀ ଉପରେ ଏକ ସେତୁ ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଦେଇ ସେ ଏହି ସୂଚନା ଦେଇଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଅଭିଷେକ
ପରିବାରବର୍ଗ



ଶୁଶ୍ରୀ
ପରିବାରବର୍ଗ



ଆୟୁଷ୍
ପରିବାରବର୍ଗ



ଆଷିଶ
ପରିବାରବର୍ଗ



ସ୍ୱିଟୀ
ପରିବାରବର୍ଗ



ରିଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## କିଛି ତଥ୍ୟ

ଡିସେମ୍ବର ୧୪ ସୁଦ୍ଧା ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ୬୧୩.୯ ନିୟୁତ ଡଲାର ହ୍ରାସ ଘଟି ୩୯୩.୧୨ ବିଲିୟନ ଡଲାରକୁ ଖସି ଆସିଛି।

– ଆର୍‌ବିଆଇ



# ୨୦୧୯ରେ ଲଢ଼ିବେ ହାସନ

ଚେନ୍ନାଇ, ୨୨।୧୨(ପି.ଟି.)

ଅଭିନେତାରୁ ରାଜନେତା ପାଲଟିଥିବା 'ମକ୍କଲ ନିଧି ମୈୟମ୍' (ଏମ୍‌ଏନ୍‌ଏମ୍)ର ଅଧ୍ୟକ୍ଷ କମଲ ହାସନ ୨୦୧୯ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିକାଶକୁ ମୁଖ୍ୟ ପ୍ରସଙ୍ଗ କରି ଦଳ ନିର୍ବାଚନ ରଣକ୍ଷେତ୍ରକୁ ଓହ୍ଲାଇବ। ଏଥିପାଇଁ ଏମ୍‌ଏନ୍‌ଏମ୍ ତରଫରୁ ପ୍ରସ୍ତୁତି ଜୋର୍‌ଦାର୍ ହୋଇଥିବା କମଲ ହାସନ ସ୍ପଷ୍ଟ କରିଛନ୍ତି। ପଣ୍ଡିଚେରୀ ସମେତ ତାମିଲନାଡୁର ୩୯ ସଂସଦୀୟ କ୍ଷେତ୍ରରେ ପ୍ରାର୍ଥୀ ଚୟନ ପାଇଁ ପ୍ୟାନେଲ୍ ଗଠିତ ହୋଇଥିବା ସେ ସୂଚନା ଦେଇଛନ୍ତି। ଏକୁଟିଆ ନୁହେଁ, ସମଭାବାପର୍ଣ୍ଣ ଦଳ ସହ ମେଣ୍ଟକରି ଏମ୍‌ଏନ୍‌ଏମ୍ ନିର୍ବାଚନ ଲଢ଼ିବ ବୋଲି ସେ କହିଛନ୍ତି। ମେଣ୍ଟ ନେଇ ଚୂଡ଼ାନ୍ତ ନିଷ୍ପତ୍ତି କରିବାକୁ ଦଳ ତାଙ୍କୁ ଦାୟିତ୍ୱ ଦେଇଥିବା ସେ ଜଣାଇଛନ୍ତି। ତେବେ ଭାଜପା ସହ ମେଣ୍ଟ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଚଳିତବର୍ଷ ଫେବୃୟାରୀରେ ଅଭିନୟରୁ ଅବସର ଘୋଷଣା କରିବାକୁ ଯାଇ କମଲ୍ ହାସନ ରାଜନୈତିକ ଦଳ 'ମକ୍କଲ ନିଧି ମୈୟମ୍' ଗଠନ କରିଥିଲେ। ଜନସାଧାରଣଙ୍କୁ ନ୍ୟାୟ ଦେବା ଲକ୍ଷ୍ୟରେ ହାସନ ରାଜନୀତିକୁ ଓହ୍ଲାଇବା ସହ ଏଆଇଏଡିଏମ୍‌କେ ସରକାରଙ୍କ ଦୁର୍ନୀତିକୁ ସମାଲୋଚନା କରିଥିଲେ। ସର୍ବଧର୍ମ ସମନ୍ୱୟର ଏକ ବାତାବରଣ ସୃଷ୍ଟି କରିବା ଓ ଦୁର୍ନୀତି ବିରୋଧରେ ଲଢ଼େଇ ପାଇଁ ସେ ରାଜନୀତିକୁ ଆସିଥିବା କହିଛନ୍ତି। ବର୍ତ୍ତମାନ ରାଜ୍ୟରେ ୨୦ଟି ବିଧାନସଭା ଆସନ ଖାଲି ପଡ଼ିଛି। ଆଗକୁ ହେବାକୁ ଥିବା ଉପନିର୍ବାଚନରେ ଦଳ ପ୍ରାର୍ଥୀ ଛିଡ଼ା କରିବ ବୋଲି ହାସନ କହିଛନ୍ତି। ଏଥିପାଇଁ ଏମ୍‌ଏନ୍‌ଏମ୍ ଏକୁଟିଆ ଲଢ଼ିବ ନା ଅନ୍ୟ ଦଳର ସହାୟତାରେ ଉପନିର୍ବାଚନକୁ ଓହ୍ଲାଇବ ସେ ସମ୍ପର୍କରେ ଦଳର କାର୍ଯ୍ୟକାରିଣୀ ସଦସ୍ୟଙ୍କ ସହ ଆଲୋଚନା ଚାଲିଥିବା ହାସନ କହିଛନ୍ତି।

# ଟ୍ରକ୍‌ରୁ ମିଳିଲା ବିପୁଳ ବିସ୍ଫୋରକ

ପଟ୍ଟାଙ୍ଗି/କୋରାପୁଟ, ୨୨।୧୨(ଡି.ଏନ୍.ଏ.)

- ୧୫,୨୦୦ ଜିଲୋଟିନ ଷ୍ଟିକ, ୩୮ ବଣ୍ଡଲ କୋଟେକ୍ସ ତାର, ୧୦ ହଜାର ଡିଟୋନେଟର ଜବତ
- ୫ ଜଣଙ୍କୁ ଗିରଫ କଲା ପଟ୍ଟାଙ୍ଗି ପୋଲିସ
- ସେମିଳିଗୁଡ଼ାକୁ ନିୟମିତ ଆସୁଥିଲା ଏହି ବିସ୍ଫୋରକ



ଗିରଫ ଅଭିଯୁକ୍ତ।

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ହନୁମାନ ମନ୍ଦିର ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମିନି ଟ୍ରକ୍‌ରୁ ବିପୁଳ ବିସ୍ଫୋରକ ଜବତ ହୋଇଛି। ଯାଞ୍ଚ ସମୟରେ ଏହାର କାଗଜପତ୍ର ନ ଥିବା ଜଣାପଡ଼ିବା ପରେ ଟ୍ରକ୍‌କୁ ଅଟକ ରଖାଯାଇଛି। ଏହି ଘଟଣାରେ ପୋଲିସ ଶନିବାର ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଆନ୍ଧ୍ରର ଚିଲକାପାଲାମ ଅଞ୍ଚଳରୁ ମିନି ଟ୍ରକ୍ ଯୋଗେ ବିପୁଳ ପରିମାଣର ବିସ୍ଫୋରକ କୋରାପୁଟ ଆସୁଥିବା ଖବର ପାଇଥିଲେ ଏସ୍‌ପି କନୱର ବିଶାଲ ସିଂ। ତାଙ୍କ ନିର୍ଦ୍ଦେଶରେ ଏସ୍‌ଆଇ କରୁଣାକର ଗୌଡ଼ ଶୁକ୍ରବାର ବିଳମ୍ବିତ ରାତିରେ ଯାନବାହନ ଯାଞ୍ଚ କରୁଥିଲେ। ହନୁମାନ ମନ୍ଦିର ନିକଟରେ ଏକ ମିନି ଟ୍ରକ୍ (ଏପି୨୯ ଟିଏ ୭୨୩୭)କୁ ଅଟକାଇ ଯାଞ୍ଚ କରିବାବେଳେ ଡ୍ରାଇଭର କେ. ରାମକ୍ରିଷ୍ଣା ଗାଡ଼ିର କାଗଜପତ୍ର ନ ଥିବା କହିଥିଲେ। ପୋଲିସ ସନ୍ଦେହରେ ଟ୍ରକ୍‌କୁ ଥାନାକୁ ନେଇ ତଲାସି ଚଳାଇଥିବା ବେଳେ ବିସ୍ଫୋରକ ଜବତ କରିଥିଲା। ଏଥିରେ ୧୫,୨୦୦ ଜିଲୋଟିନ ଷ୍ଟିକ, ୩୮ଟି ବଣ୍ଡଲ କୋଟେକ୍ସ, ୧୦ ହଜାର ଡିଟୋନେଟର ଥିଲା। ଉପରୋକ୍ତ ଟ୍ରକ୍ ସହ ଯାଉଥିବା ଏକ ମାରୁତି ୮୦୦ (ଏପି ୨୮ ଏଜେ ୧୬୧୧)କୁ ମଧ୍ୟ ଜବତ କରାଯାଇଥିଲା। ଏହି ଘଟଣାରେ ଏସ୍. ଉପେନ୍ଦ୍ର ନାଇଡୁ, ଡ୍ରାଇଭର କେ. ରାମକ୍ରିଷ୍ଣା, ସେମିଳିଗୁଡା ବ୍ଲକର ଜି. ଲକ୍ଷ୍ମୀ ନାରାୟଣ, ଏସ୍. ପିଣ୍ଟୁ ଓ ବି. ନରସିଂହ ରାଓଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ଘଟଣାର ତଦନ୍ତ କରୁଛନ୍ତି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜି. ଲକ୍ଷ୍ମୀ ନାରାୟଣ ସେମିଳିଗୁଡ଼ା ଅଞ୍ଚଳର କ୍ରଶର ଓ କ୍ୱାରିରେ ପଥର ବ୍ଲାଷ୍ଟିଂ ପାଇଁ ଏହି ବିସ୍ଫୋରକ ନିୟମିତ ଯୋଗାଉଥିବା ପୋଲିସକୁ କହିଛନ୍ତି। ଅନ୍ୟପକ୍ଷରେ ଏତେ ପରିମାଣର ବିସ୍ଫୋରକ ବିନା କାଗଜପତ୍ରରେ ଆନ୍ଧ୍ରରୁ ସୁଙ୍କି ଫାଣ୍ଡି ଅତିକ୍ରମ କରି ପଟ୍ଟାଙ୍ଗିରେ ପହଞ୍ଚିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟସୂଚୀ

ଖୋର୍ଦ୍ଧା ଅଫିସ,୨୨।୧୨

ଆସନ୍ତା ୨୪ତାରିଖ ପୂର୍ବାହ୍ନ ୧୧ଟା ୫ ମିନିଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରୁ ବାୟୁସେନାର ଏକ ସ୍ୱତନ୍ତ୍ର ବିମାନରେ ଆସି ଅପରାହ୍ନ ୧ଟା ୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଅପରାହ୍ନ ୧ଟା ୧୦ମିନିଟ୍‌ରେ ଭୁବନେଶ୍ୱରରୁ ଏମ୍‌ଆଇ-୮/୧୭ ହେଲିକପ୍ଟର ଯୋଗେ ଖୋର୍ଦ୍ଧା ଅଭିମୁଖେ ବାହାରିବେ। ସେଠାରେ ୧ଟା ୧୫ ମିନିଟ୍‌ରେ ସାଧାରଣ ସଭାରେ ଯୋଗଦେବେ। ଏଠାରୁ ପୁଣି ହେଲିକପ୍ଟରରେ ବାହାରି ଗୋଟାଏ ୩୦ରେ ଭୁବନେଶ୍ୱରରେ ପହଞ୍ଚିବେ। ଅପରାହ୍ନ ୧ଟା ୩୫ରେ ଭୁବନେଶ୍ୱର ହେଲିପ୍ୟାଡରୁ ବାହାରି ଆଇଆଇଟି ଭୁବନେଶ୍ୱର କ୍ୟାମ୍ପସ ଅରଗୁଳକୁ ସଡ଼କପଥରେ ଯିବେ। ଅପରାହ୍ନ ୧ଟା ୪୦ରୁ ୨ଟା ୨୦ମଧ୍ୟରେ ଓଡ଼ିଶା ପାଇଁ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ସେ ଅପରାହ୍ନ ୨ଟା ୨୫ମିନିଟ୍‌ରେ ସଡ଼କପଥରେ ବାହାରି ସାଢେ ୨ଟାରେ ଖୋର୍ଦ୍ଧାସ୍ଥିତ ନାଇଜର ଷ୍ଟାଡିୟମରେ ପହଞ୍ଚିବେ। ସାଢ଼େ ୨ଟାରୁ ଅପରାହ୍ନ ୩ଟା୧୫ ପର୍ଯ୍ୟନ୍ତ ସାଧାରଣ ସଭାରେ ଯୋଗଦେଇ ଲୋକମାନଙ୍କୁ ସମ୍ବୋଧନ କରିବେ। ଏହି ସଭା ବେସରକାରୀ କାର୍ଯ୍ୟକ୍ରମରେ ରହିଛି। ଅପରାହ୍ନ ୩ଟା ୨୦ ମିନିଟ୍‌ରେ ସଡ଼କପଥରେ ଯାଇ ସାଢେ ୩ ଟାରେ ଭୁବନେଶ୍ୱର ହେଲିପ୍ୟାଡରେ ପହଞ୍ଚିବେ। ଅପରାହ୍ନ ୩ଟା ୩୫ରେ ହେଲିପ୍ୟାଡ ଛାଡି ୩ଟା ୫୫ମିନିଟ୍‌ରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବେ। ଅପରାହ୍ନ ୪ଟାରେ ବିମାନ ବନ୍ଦର ଛାଡି ସନ୍ଧ୍ୟା ୬ଟା ୧୫ମିନିଟ୍‌ରେ ଦିଲ୍ଲୀରେ ପହଞ୍ଚିବେ। ଭାରତ ସରକାରଙ୍କ ଅଣ୍ଡର ପର୍ସନାଲ ସେକ୍ରେଟାରି ପୁଷ୍ପେନ୍ଦ୍ର କୁମାର ଶର୍ମାଙ୍କ ସ୍ୱାକ୍ଷର ଥାଇ ଜିଲା ପ୍ରଶାସନକୁ ଶନିବାର ଚିଠି ମିଳିଛି।

# ରାଜ୍ୟ ସରକାରଙ୍କୁ ଶ୍ରୀକାନ୍ତଙ୍କ ଟାର୍ଗେଟ
## ଚାଷୀ ଅପେକ୍ଷା ଖଣି ଲୁଟେରାଙ୍କ ପ୍ରୀତି ଅଧିକ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)



ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଆୟୋଜିତ ବିକ୍ଷୋଭ ସଭାରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା ଓ ଅନ୍ୟମାନେ।

ଖଣି ଦୁର୍ନୀତି ଯୋଗୁ ରାଜ୍ୟ କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛି। ହାତଗଣତି କେତୋଟି ପରିବାର ଓଡ଼ିଶାର ସମ୍ପଦକୁ ଲୁଟ୍‌କରି ନିଜର ସ୍ୱାର୍ଥ ସାଧନ କରିଛନ୍ତି। ସେଣ୍ଟ୍ରାଲ ଏମ୍‌ପାୱାର୍ଡ କମିଟି(ସିଇସି) ଏବଂ ଶାହ କମିଶନ ଖୋଲାଖୋଲି ଭାବେ ବିଭିନ୍ନ କମ୍ପାନୀ ନାଁ ନେଇଛନ୍ତି। ଏଗୁଡ଼ିକ ମଧ୍ୟରେ ଟାଟା, ବିରଳା ଏବଂ ପଟ୍ଟନାୟକମାନଙ୍କ କମ୍ପାନୀ ରହିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି। ସାମାଜିକ ନ୍ୟାୟ ଅଭିଯାନ ପକ୍ଷରୁ ଶନିବାର ରାଜଭବନ ସମ୍ମୁଖରେ ହୋଇଥିବା ବିକ୍ଷୋଭରେ ଯୋଗଦେଇ ସେ ଏଭଳି ଅଭିଯୋଗ ଆଣିଛନ୍ତି।

ଶ୍ରୀକାନ୍ତ ଖଣି ଦୁର୍ନୀତି ପ୍ରସଙ୍ଗ ଉଠାଇ ସିଧାସଳଖ ଭାବେ ଓଡ଼ିଶା ରାଜନୀତିରେ ଦୀର୍ଘ ୪ ଦଶନ୍ଧିରୁ ଅଧିକ ସମୟ ଧରି ସକ୍ରିୟ ଥିବା ପଟ୍ଟନାୟକ ପରିବାରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ଖଣି ଲୁଟେରାଙ୍କ ସ୍ୱାର୍ଥ ରକ୍ଷା ପାଇଁ ଜରିମାନା ଅର୍ଥକୁ ମାତ୍ର ୧୭ ହଜାର କୋଟିକୁ ହ୍ରାସ କରାଇଦେଲେ। ତନ୍ମଧ୍ୟରୁ ମାତ୍ର ୮ ହଜାର କୋଟି ଆଦାୟ କରାଗଲା। ଓଡ଼ିଶା ଲୁଟ୍ କରିଥିବା ଗୋଟିଏ କମ୍ପାନୀ, ଯିଏ ୬୦୦୦ କୋଟି ଜରିମାନା ଦେବା କଥା, ସେହି କମ୍ପାନୀ ୬୦୦ କୋଟି ଟଙ୍କା ଦେଇ ଖସିଯିବାକୁ ବସିଛି। ସେମାନଙ୍କୁ ଏତେ ଅନୁକମ୍ପା କ'ଣ ପାଇଁ। ଖଣି ଲୁଟେରାଙ୍କୁ ଯଦି ୫୦,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଛାଡ଼ କରି ଦିଆଯାଇପାରୁଛି, ତେବେ ଓଡ଼ିଆ ଚାଷୀଙ୍କୁ ୧୦,୦୦୦ କୋଟି ଟଙ୍କା କ'ଣ ପାଇଁ ଛାଡ଼ କରାଯାଉନାହିଁ। ଚାଷୀ ଅପେକ୍ଷା ରାଜ୍ୟ ସରକାରଙ୍କ ଖଣି ଲୁଟେରା ପ୍ରୀତି ଅଧିକ। ଉକ୍ତ ଲୁଟେରା କମ୍ପାନୀଙ୍କୁ ଅନୁକମ୍ପା ରାଜ୍ୟକୁ ଦେବାଳିଆ କରିବନି କି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ଭାଜପା ଏବଂ ବିଜେଡିର କୃଷକମାନଙ୍କ ପ୍ରତି ଆଭିମୁଖ୍ୟ ସମାନ। ତେଣୁ ଦିଲ୍ଲୀ ଯାଇ ବିଜେଡି ନାଟକବାଜି ନ କରୁ ବୋଲି ଶ୍ରୀକାନ୍ତ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା କାହ୍ନୁ ଚରଣ ଲେଙ୍କା କହିଛନ୍ତି ଯେ, ରାଜ୍ୟ ସରକାର ପ୍ରଥମେ ଚାଷୀ ଚିହ୍ନଟ କରନ୍ତୁ। 'କାଳିଆ' ଯୋଜନାର ସୁବିଧା ଚାଷୀଙ୍କୁ କେବେ ମିଳିବ, ତାହା ନିର୍ଦ୍ଦିଷ୍ଟ ଭାବେ ସ୍ପଷ୍ଟ କରନ୍ତୁ। ପ୍ରକୃତ ଭାଗଚାଷୀ ଏବଂ ନାମମାତ୍ର ଚାଷୀ ଚିହ୍ନଟ ପ୍ରକ୍ରିୟା ହେବା ପରେ ହିଁ ଯୋଜନାର ସୁଫଳ ମିଳିପାରିବ।

# କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ପାଇଁ ଓଡ଼ିଶାର ଦାବି

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

କେନ୍ଦୁପତ୍ର ଉପରେ ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ୧୮ ପ୍ରତିଶତରୁ ୫ ପ୍ରତିଶତ କରିବା ପାଇଁ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଶନିବାର ଅନୁଷ୍ଠିତ ଜିଏସ୍‌ଟି କାଉନସିଲ ବୈଠକରେ ଦାବି କରିଛନ୍ତି । ଶଶିଭୂଷଣ କହିଛନ୍ତିଯେ, କେନ୍ଦୁପତ୍ର ଉପରେ ଜିଏସ୍‌ଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୮ ନଭେମ୍ବର ୨୯ରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଥିଲେ । ଲଘୁ ବନଜାତ ଦ୍ରବ୍ୟ ଭାବରେ ରାଜ୍ୟରେ ଜିଏସ୍‌ଟି ପ୍ରଚଳନ ପୂର୍ବରୁ ମୂଲ୍ୟଯୁକ୍ତ କର(ଭାଟ୍)ରେ ୫ ପ୍ରତିଶତ ଆଦାୟ କରାଯାଉଥିଲା । ଅତ୍ୟଧିକ ଟିକସ ଯୋଗୁ କେନ୍ଦୁପତ୍ର ବିକ୍ରି ପ୍ରଭାବିତ ହେବା ସହିତ ଓଡ଼ିଶା ବନ ଉନ୍ନୟନ ନିଗମ ଦ୍ୱାରା ଇ-ଟେଣ୍ଡରରେ କେନ୍ଦୁପତ୍ର ବିକ୍ରି ହ୍ରାସ ପାଇଛି। ଏହା ଦ୍ୱାରା କେନ୍ଦୁପତ୍ର ତୋଳାଳି ଏବଂ ଏଥି ସହିତ ଜଡ଼ିତ ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଓ କଲ୍ୟାଣମୂଳକ ଯୋଜନା ବାଧାପ୍ରାପ୍ତ ହୋଇଛି ।

## ଆମେରିକାରେ... ପ୍ରଥମ ପୃଷ୍ଠାରୁ...

ନାସା କର୍ମଚାରୀଙ୍କ ସମେତ ବାଣିଜ୍ୟ ବିଭାଗ, କୃଷି, ଆଇନ ବିଭାଗର କର୍ମଚାରୀମାନଙ୍କୁ ଘରକୁ ପଠାଇ ଦିଆଯାଇଛି। ଜାତୀୟ ପାର୍କ ଖୋଲାଥିଲେ ମଧ୍ୟ ଏହାର ଅଧିକାଂଶ କର୍ମଚାରୀଙ୍କ ଛୁଟିରେ ରହିବାକୁ କୁହାଯାଇଛି।

## ବିଜେଡି ଆଭିମୁଖ୍ୟ...

ମହଲରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ କେସିଆର ସୋମବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସାକ୍ଷାତ କରିବେ। ସେହିଦିନ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶା ଗସ୍ତରେ ଆସୁଛନ୍ତି। ତେଣୁ ଜାତୀୟ ଗଣମାଧ୍ୟମର ଫୋକସ୍ ଓଡ଼ିଶା ମୁହାଁ ହୋଇଯାଇଛି। ନବୀନ-କେସିଆର-ମମତାଙ୍କ ରାଜନୈତିକ ଅଙ୍କ ଉଭୟ ବିରୋଧୀ ଉପା ଏବଂ ଶାସକ ଏନ୍‌ଡିଏର ନିର୍ବାଚନୀ ଗଣିତ ଭୁଲ୍ କରିଦେବାର ସାମର୍ଥ୍ୟ ରହିଛି। ସଦ୍ୟ ଘଟଣାକ୍ରମକୁ ନେଇ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ଏଥିସହ କିଛିମାସ ହେବ ଥମି ଯାଇଥିବା ତୃତୀୟ ସାମ୍ମୁଖ୍ୟ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ତେଣୁ ନବୀନ ଏବଂ ବିଜେଡି ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିବ।

ଉଭୟଙ୍କ ସାକ୍ଷାତ ପୂର୍ବରୁ ରାଜନୈତିକ ବୟାନବାଜି ଜମିଛି। ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ କେସିଆରଙ୍କୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଓଡ଼ିଶା ଏକ ଅତିଥିପ୍ରିୟ ରାଜ୍ୟ। କେସିଆର ଆସୁଥିବାରୁ ତାଙ୍କୁ ସ୍ୱାଗତ। ନବୀନ ନିବାସରେ ସେ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଆଙ୍କ ଆତିଥ୍ୟ ଲାଭ କରିବେ। ଅତୀତରେ ବହୁ ସର୍ବଭାରତୀୟ ନେତା ଓ ମୁଖ୍ୟମନ୍ତ୍ରୀ ନବୀନ ନିବାସର ଅତିଥି ହୋଇଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେସିଆର ଗୋଟିଏ ଦିନରେ ଓଡ଼ିଶାରେ ଉପସ୍ଥିତ ହେବା ସଂଯୋଗ ମାତ୍ର। ତେଣୁ ନବୀନ ବାବୁ ଏବଂ କେସିଆରଙ୍କ ମଧ୍ୟରେ କ'ଣ ଆଲୋଚନା ହେବ, ତାହା କହିପାରିବି ନାହିଁ। ହେଲେ ଓଡ଼ିଶାର ସ୍ୱାର୍ଥରକ୍ଷା ମୁଖ୍ୟମନ୍ତ୍ରୀ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା ହେବ। ବିଜେଡି ପୂର୍ବପରି ନିଜ ସମଦୂରତ୍ୱ ନୀତି ବଜାୟ ରଖିଥିବା ପ୍ରସନ୍ନ କହିଛନ୍ତି। ହେଲେ ଦଳର ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, କେସିଆରଙ୍କ ଗସ୍ତ ମୂଳତଃ ସୌଜନ୍ୟମୂଳକ ଜଣାପଡୁଛି। ତେଣୁ ତାହାକୁ ରାଜନୈତିକ ଦୃଷ୍ଟିରେ ଦେଖିବା ଠିକ୍ ହେବନାହିଁ । ଓଡ଼ିଶା ଗସ୍ତରେ ଥିବା ଏଆଇସିସି ମୁଖପାତ୍ର ଅଭିଷେକ ମନୁ ସିଂଘଭି ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏହି ସାକ୍ଷାତକୁ ଗଣତନ୍ତ୍ରର ଅଂଶବିଶେଷ କହି ଏଡାଇ ଯାଇଛନ୍ତି। ହେଲେ ଭାଜପା ଏନେଇ ଭିନ୍ନମତ ରଖିଛି। ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ରାଜନୀତିରେ ଏମିତି ସାକ୍ଷାତ ଏବଂ ମେଣ୍ଟ ସମ୍ଭାବନା ରହିଥାଏ। ହେଲେ ବିଜେଡିର ଯେ ଅନ୍ୟ ଦଳ ସହ ଭିତିରି ବୁଝାମଣା ରହିଛି, ଏ କଥା ବିଜେପୁର ବିଧାନସଭା ଏବଂ ବିଜାତଳା ଜିଲା ପରିଷଦ ଉପନିର୍ବାଚନରେ ପ୍ରମାଣିତ ହୋଇଯାଇଛି।

■ କଳିଙ୍ଗନଗର ମହୋତ୍ସବ ଉଦ୍‌ଘାଟିତ

# '୫ବର୍ଷରେ ୬ ଲକ୍ଷ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ'



କଳିଙ୍ଗନଗର ମହୋତ୍ସବ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।

ଯାଜପୁର ଅଫିସ/କଳିଙ୍ଗନଗର (ଡି.ଏନ୍.ଏ),୨୨।୧୨

ଯାଜପୁର ଏକ ଆଗୁଆ ଜିଲା। ଶିଳ୍ପ, କୃଷି, କଳା, ସାହିତ୍ୟ ଓ ସଂସ୍କୃତି ସବୁ କ୍ଷେତ୍ରରେ ଯାଜପୁରର ସୁନାମ ରହିଛି । ଜନଜାତି, କଳା ଓ ସଂସ୍କୃତି ପାଇଁ କଳିଙ୍ଗନଗର ମହୋତ୍ସବ ବିଶେଷ ସୁଯୋଗ ସୃଷ୍ଟି କରିବ। କଳିଙ୍ଗନଗର ଦେଶର ଏକ ବଡ଼ ଇଣ୍ଡଷ୍ଟ୍ରିଆଲ ହବ୍ ଭାବରେ ସୁନାମ କରିଛି। କଳିଙ୍ଗନଗର ପାଇଁ ବିଜୁ ବାବୁଙ୍କ ସ୍ୱପ୍ନ ସାକାର ହୋଇଛି। ଯୁବତୀଯୁବକଙ୍କ ମଧ୍ୟରେ ରହିଥିବା ପ୍ରତିଭାର ଉନ୍ନତି ଓ ନିଯୁକ୍ତି ଉପରେ ଆମେ ସବୁବେଳେ ଗୁରୁତ୍ୱ ଦେଉଛୁ। ଆଗାମୀ ୫ବର୍ଷରେ ରାଜ୍ୟରେ ୬ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ପାଇଁ ଲକ୍ଷ୍ୟ ରହିଛି ବୋଲି ଶନିବାର ଖରଡିଠାରେ ୨ୟ କଳିଙ୍ଗନଗର ମହୋତ୍ସବର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଚାଷ ଆମର ମୁଖ୍ୟ ଜୀବିକା। ଚାଷୀ ଭାଇଙ୍କ ଉନ୍ନତି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଚାଷୀ ଭାଇମାନଙ୍କ ପାଇଁ ଶୁକ୍ରବାର କାଳିଆ ଯୋଜନା ଘୋଷଣା ହୋଇଛି। ଏହି ଯୋଜନାରେ ଛୋଟ ଚାଷୀ, ଭାଗ ଚାଷୀ, ଭୂମିହୀନ, କୃଷି ଶ୍ରମିକ ସମସ୍ତେ ଲାଭବାନ ହେବେ। ଏଥିରେ ଚାଷୀମାନଙ୍କ ପାଇଁ ଜୀବନବୀମା ସହିତ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ଦିଆଯିବ । ଆଶା ରହିଛି ସବୁ ଚାଷୀ ଭାଇମାନେ ଏହି ଯୋଜନାର ସୁଯୋଗ ନେଇ ନିଜର ଓ କୃଷିର ଉନ୍ନତି କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ କହିଥିଲେ ୧୯୯୨ ମେ ୧୦ତାରିଖରେ ବିଜୁ ବାବୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଶୁଭ ଦେଇଥିଲେ। ଆଜି କଳିଙ୍ଗନଗର ୨୬ବର୍ଷର ଯୁବକ ହୋଇଛି। ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି କଳିଙ୍ଗନଗରରେ ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ଦେଖି ପାରୁଛନ୍ତି ।

# ରଥଯାତ୍ରା ଲାଗି ସୁପ୍ରିମକୋର୍ଟ ଯିବ ଭାଜପା

ନୂଆଦିଲ୍ଲୀ,୨୨।୧୨

ପଶ୍ଚିମବଙ୍ଗରେ ରଥଯାତ୍ରା ଲାଗି ଭାଜପାକୁ କୋଲକାତା ହାଇକୋର୍ଟ ଅନୁମତି ଦେବାକୁ ମନା କରିଦେବା ପରେ ଦଳ ସୁପ୍ରିମକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିବା ପାଇଁ ନିଷ୍ପତ୍ତି ନେଇଛି। ପୂର୍ବରୁ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ରାଲି ପାଇଁ ଅନୁମତି ଦେଇଥିଲା। ରାଜ୍ୟ ସରକାର ଏହାକୁ ଡିଭିଜନ ବେଞ୍ଚରେ ଚ୍ୟାଲେଞ୍ଜ କରିଥିଲେ। ଶୁକ୍ରବାର ଡିଭିଜନ ବେଞ୍ଚ ଜଣିକିଆ ଖଣ୍ଡପୀଠର ରାୟକୁ ଖାରଜ କରିଦେଇଥିଲେ।

# ଶତପ୍ରତିଶତ ଆଧାର ପଞ୍ଜୀକରଣକୁ ଗୁରୁତ୍ୱ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)

ରାଜ୍ୟର ପ୍ରାୟ ୧୪% ଛାତ୍ରୀଛାତ୍ରଙ୍କ ଆଧାର ପଞ୍ଜୀକରଣ ହୋଇ ନ ଥିବାରୁ ସ୍କୁଲ ଡିଷ୍ଟ୍ରିକ୍ ମ୍ୟାନେଜ୍‌ମେଣ୍ଟ ଇନ୍‌ଫରମେଶନ ସିଷ୍ଟମ (ଏସ୍‌ଡିଏମ୍‌ଆଇଏସ୍) ୨୦୧୮-୧୯ ତାଲିକା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଲିଙ୍କ୍ ହୋଇ ନ ଥିବା ଛାତ୍ରୀଛାତ୍ରଙ୍କ ଆଧାର ଲିଙ୍କ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାପଗ୍ରହ ରବି ଓ ଶନିଙ୍କ ଦୃଷ୍ଟିରେ ଆଜିର ଚନ୍ଦ୍ର ଭାଇ, ବନ୍ଧୁ ଓ ସମ୍ପର୍କୀୟଙ୍କ ସହ ମତଭେଦର ପରିସ୍ଥିତି ସୃଷ୍ଟି କରିବ । ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଚନ୍ଦ୍ରଙ୍କ ଶୁଭତ୍ୱରୁ ଭଲ ରହିବ । ସାମ୍ବାଦିକତା, ଗବେଷଣା, ରପ୍ତାନି, ବାଣିଜ୍ୟ, ଜମିଜମା ତଥା ବ୍ୟବସାୟିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ ।

**ବୃଷ**
ଚନ୍ଦ୍ରଙ୍କ ସୁପ୍ରଭାବରୁ ଯେକୌଣସି ପରିସ୍ଥିତିରେ ମଧ୍ୟ ଆପଣ ବୁଦ୍ଧିବଳ ଖଟାଇ କାମ ହାସଲ କରିପାରିବେ। କୌଣସି ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ଲେଖାପଢ଼ା, ସଭାସମିତିରେ ମନ୍ଥର ଗତିରେ କାମ କରିବାକୁ ବାଧ ହେବେ। ଅର୍ଥଲାଭ ଓ ଶୁଭଖବର ପାଇ ମନ ଖୁସି ହୋଇଯିବ।

**ମିଥୁନ**
ବଳବାନ୍ ମଙ୍ଗଳଙ୍କ ପ୍ରଭାବରୁ କୌଣସି କାମରେ ଓହରିଯିବେ ନାହିଁ ବରଂ ସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ । ସମସ୍ୟା ସମ୍ପର୍କରେ ସମାଧାନର ଦାୟିତ୍ୱ ନେବା ପାଇଁ ଭ୍ରାତୃ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ । କ୍ରୀଡ଼ା, ଚଳଚ୍ଚିତ୍ର ଓ କଳା, ସାହିତ୍ୟରେ ଉନ୍ନତି କରିବେ । ମହିଳାମାନଙ୍କ ମନ ପ୍ରଫୁଲ୍ଲ ରହିବ ।

**କର୍କଟ**
ପାରିବାରିକ ଆବଶ୍ୟକତା ଉପଲବ୍ଧି କରି କୌଣସି ମୂଲ୍ୟବାନ ଜିନିଷ କ୍ରୟ କରିପାରନ୍ତି। ଆମଦାନୀ କାରବାର ଓ ପରିବହନରେ ସମସ୍ୟା ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ସମସ୍ୟାର ସମାଧାନ ହେବା ସହ ଅଭିଳାଷ ପୂରଣ କରିପାରିବେ।

**ସିଂହ**
ବାରମ୍ବାର ଚେଷ୍ଟା କରି ମଧ୍ୟ ଅଟକି ରହିଥିବା କୌଣସି କାମ ସକାଶେ ଶୁଭ ଖବର ପାଇ ଖୁସି ହେବେ। ପରିବାର, କର୍ମକ୍ଷେତ୍ର, ମିତ୍ରବନ୍ଧୁଙ୍କ କ୍ଷେତ୍ରରେ ପଛକଥା ନ ଭାବି ବର୍ତ୍ତମାନ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ସନ୍ତାନଙ୍କ ସମସ୍ୟା ଓ ପଡ଼ୋଶୀଙ୍କ ବିବାଦୀୟ ମନ୍ତବ୍ୟ ମାନସିକ ଅଶାନ୍ତିର କାରଣ ହୋଇପାରେ ।

**କନ୍ୟା**
କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢ଼ାଇ ଦେଇପାରେ। ପାରିବାରିକ କ୍ଷେତ୍ରରେ ନିଜର ପ୍ରିୟ ବ୍ୟକ୍ତିଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହେବେ। ସାମାଜିକ ସ୍ତରରେ ସୁଖ୍ୟାତି ଅର୍ଜନର ମାର୍ଗ ଉନ୍ମୁକ୍ତ ହୋଇପାରେ। ଆଇନ ଅଦାଲତ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ଚନ୍ଦ୍ରଙ୍କ ପ୍ରତି ଶନିଙ୍କ ଦୃଷ୍ଟି ଜନିତ ଅଯଥା ଚିନ୍ତାକରି ମନକୁ ବିଭ୍ରାନ୍ତ କରି ମାନସିକ ଅଶାନ୍ତି ଅନୁଭବ କରିପାରନ୍ତି। ବହୁତ ଦିନରୁ ସ୍ଥିରୀକୃତ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଗୃହ ସମସ୍ୟା, ଅନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିବ।

**ବିଛା**
ନୂତନ ପରିବେଶରେ ନୂଆ ବନ୍ଧୁଙ୍କ ସହ ମିଶି ନୂଆ ନୂଆ ଯୋଜନା ପାଇଁ ଆଲୋଚନା କରିପାରନ୍ତି। ରାଶ୍ୟାଧିପତିଙ୍କ ପ୍ରଭାବରୁ ଆପଣ ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ଅବଶ୍ୟମ୍ଭାବୀ । ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ ।

**ଧନୁ**
ପାପଗ୍ରହ ମଧ୍ୟରେ କର୍ମାଧିପ ସ୍ୱକୀୟ ଗୁଣଧର୍ମ ତ୍ୟାଗ କରି ଲକ୍ଷ୍ୟହୀନ କାର୍ଯ୍ୟ, ଭ୍ରମଣଜନିତ ସମୟର ଅପଚୟ କରିପାରନ୍ତି। ଫଳତଃ ସୁବିଧା ଥାଇ ମଧ୍ୟ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରିବାକୁ ପଡ଼ିବ। କାନକୁହା କଥାକୁ ସତ ମନେକରି ପଦାଧିକାରୀ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**
ସାଧାରଣ କଥାରେ ତର୍କବିତର୍କ ଜନିତ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆପଣଙ୍କ କାର୍ଯ୍ୟକଳାପରେ ବନ୍ଧୁ ଅସନ୍ତୁଷ୍ଟ ହୋଇ ଦୂରେଇ ରହିବାର ଅନୁଭବ କରିପାରନ୍ତି। ଅତି ନିକଟତମ ବ୍ୟକ୍ତିଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ନୂତନ କର୍ମାରମ୍ଭ, ବ୍ୟବସାୟ ସକାଶେ ଦିନଟି ଭଲ ରହିବ।

**କୁମ୍ଭ**
ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ଲାଭକରି ଦୀର୍ଘ ଦିନରୁ ଚେଷ୍ଟା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି । ସାମାଜିକ ସ୍ତରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସାମାଜିକ ସ୍ତରରେ ଖଳବୁଦ୍ଧିରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିପାରେ। ବିଶେଷ ଭାବରେ ଆଜିଦିନଟିରେ ଆୟ ତୁଳନାରେ ବ୍ୟୟ ବୃଦ୍ଧି ଘଟିବ।

**ମୀନ**
ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, ଫଳରେ କାମ ପ୍ରତିସ୍ପୃହା ରହିବ ନାହିଁ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କର୍ମକ୍ଷେତ୍ରରେ ଘଡ଼ିକେ ଘୋଡ଼ା ଛୁଟୁଥିବାର ଲକ୍ଷ୍ୟକରି କୌଣସି ନିଷ୍ପତ୍ତି ନେବା ପ୍ରଶାସନିକ ସ୍ତରରେ ଚିନ୍ତାର କାରଣ ହେବ। ପ୍ରତିବନ୍ଧକ କାରଣରୁ ଶେଷ ସମୟରେ ଯାତ୍ରା ସ୍ଥଗିତ ରହିଯିବ।

ଆଜି ପୌଷ କୃଷ୍ଣ ପ୍ରତିପଦା ରବିବାର, ଡିସେମ୍ବର ୨୩ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ମେଷ ରାଶିର ଘାତବାର, କନ୍ୟା ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୪୨ମି. ଗତେ ଘ୯।୦୩ମି. ମଧ୍ୟେ ଅମୃତବେଳା। ଦିବା ଘ୯।୦୩ମି. ଗତେ ଘ୧୦।୨୪ମି. ମଧ୍ୟେ, ଘ୧।୦୬ମି. ଗତେ ଘ୨।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୩।୪୯ମି. ଗତେ ଘ୫।୧୦ମି. ମଧ୍ୟେ ରାହୁକାଳ।



ସମାଜ ସଂସ୍କାରକ ଭାବେ ପରିଚିତ ରାଜା ସଲମନଙ୍କ ସାବତ ଭାଇ ସୌଦି ଯୁବରାଜ ତଲାଲ୍ ବିନ୍ ଅବଦୁଲ ଅଜିଜ୍ (୮୭)ଙ୍କ ଶନିବାର ପରଲୋକ ଘଟିଛି। ୧୯୩୧ରେ ଜନ୍ମଗ୍ରହଣ କରିଥିବା ଯୁବରାଜ ଅଜିଜ୍ ଜଣେ ଉଦାରବାଦୀ ବ୍ୟକ୍ତିତ୍ୱ ଥିଲେ। ଆରବ ଗଲ୍ଫ ଫଣ୍ଡର ସେ ମୁଖ୍ୟ ରହିଥିଲେ। ରୟାଲ ପରିବାରର ବିରୋଧ ସତ୍ତ୍ୱେ ସେ ସୌଦି ମହିଳାଙ୍କୁ ଗାଡ଼ି ଚଳାଇବା ଅଧିକାର ଦେଇଥିଲେ।

■ ଗ୍ରାମସେବକ/ସେବିକା ସଂଘର ବାର୍ଷିକ ଅଧିବେଶନରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ଲୋକଙ୍କ ସ୍ୱାର୍ଥ ପାଇଁ କାମ କର

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟ ଫୋକସ୍ ହେଉଛି ଗାଁ। ଗାଁର ବିକାଶ ସହିତ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଏବଂ ସାମାଜିକ ଉନ୍ନତିମୂଳକ ଯୋଜନାର ସଫଳ ରୂପାୟନରେ ଗ୍ରାମସେବକ ଓ ସେବିକାମାନଙ୍କର ପ୍ରମୁଖ ଭୂମିକା ରହିଛି। ଏଭଳିସ୍ଥଳେ ଲୋକଙ୍କ ସ୍ୱାର୍ଥ ପାଇଁ ସମସ୍ତେ ସ୍ୱଚ୍ଛ ଭାବରେ କାର୍ଯ୍ୟ କରିବା ଉଚିତ। ଲୋକେ ନିଜର ହକ୍ ପାଇବାରେ ଯେଭଳି କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ଧ୍ୟାନଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଖିଳ ଉତ୍କଳ ଗ୍ରାମସେବକ/ସେବିକା ସଂଘର ସଦସ୍ୟମାନଙ୍କୁ କହିଛନ୍ତି।

ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଆୟୋଜିତ ନିଖିଳ ଉତ୍କଳ ଗ୍ରାମସେବକ/ସେବିକା ସଂଘ ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ୨୯ତମ ବାର୍ଷିକ ଅଧିବେଶନରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ ଆହୁରି କହିଥିଲେ ଯେ, ଆମ ଗାଁ ଆମ ବିକାଶ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ। ନିକଟରେ ଆରମ୍ଭ ହୋଇଥିବା ପିଠା କାର୍ଯ୍ୟକ୍ରମକୁ ମଧ୍ୟ ବହୁଳ ଭାବେ ଜନସମର୍ଥନ ମିଳିଛି। ଏଭଳି ଜନହିତକର କାର୍ଯ୍ୟକ୍ରମ ତଥା ବିଭିନ୍ନ ସରକାରୀ ସେବା ଓ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଚାଷୀଙ୍କ ପାଇଁ ବହୁପ୍ରତୀକ୍ଷିତ 'କାଳିଆ' ଯୋଜନା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ପଞ୍ଚାୟତର ପ୍ରମୁଖ ଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିଭଳି ତୃଣମୂଳସ୍ତରରେ ଥ୍ରୀ ଟି ତଥା ଟ୍ରାନ୍ସପରେନ୍ସି, ଟିମ୍‌ୱର୍କ ଓ ଟେକ୍ନୋଲୋଜିର ସଫଳତା ଗ୍ରାମସେବକ ଏବଂ ସେବିକାମାନଙ୍କ ଉପରେ ନିର୍ଭର କରୁଛି। ତେଣୁ ସମସ୍ତେ ଭଲ କାମ କରି ଲୋକଙ୍କ ବିଶ୍ୱାସ ଜିତିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ମହାରଥୀ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଉତ୍କଳ ଗ୍ରାମସେବକ/ସେବିକା ସଂଘ ଅଧ୍ୟକ୍ଷ ସୁବାସ ଚନ୍ଦ୍ର କର, ସଭାପତି ଦେବବ୍ରତ ଦାଶ, ଉପସଭାପତି କେ.ସି. ଦାଶ, ସାଧାରଣ ସମ୍ପାଦକ ସୁବ୍ରତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପଞ୍ଚାୟତ ନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



ଅଧିବେଶନରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ୨ ଛୁଆ ଜନ୍ମ କଲା 'ରେଣୁକା'

ବାରଙ୍ଗ,୨୨।୧୨(ଡି.ଏନ୍.ଏ.)

**ନନ୍ଦନକାନନ**
■ ପର୍ଯ୍ୟଟକଙ୍କ ପାଇଁ ନୂଆବର୍ଷ ଭେଟି
■ ବାଘ ସଂଖ୍ୟା ୨୮କୁ ବୃଦ୍ଧି

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଶନିବାର ବାଘୁଣୀ ରେଣୁକା ଦୁଇଟି ଛୁଆ ଜନ୍ମ କରିଛି। ବର୍ଷ ଶେଷକୁ ରେଣୁକା ମା' ହେବା ନନ୍ଦନକାନନ ପାଇଁ ଖୁସି ଆଣିଦେଇଛି। ନୂଆବର୍ଷ ଆସୁଥିବାରୁ ଏହା ପର୍ଯ୍ୟଟକଙ୍କ ପାଇଁ ନୂଆବର୍ଷର ଭେଟି ହେବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନବଜନ୍ମିତ ବାଘ ଛୁଆ ଦୁଇଟି କଳାଲୋମଯୁକ୍ତ, ଯାହାକି ନନ୍ଦନକାନନକୁ ପୁଣିଥରେ ଚର୍ଚ୍ଚା ପରିସରକୁ ଆଣିଛି।

ଗତ କିଛିଦିନ ଧରି ନନ୍ଦନକାନନ କର୍ତ୍ତୃପକ୍ଷ ଜଙ୍ଗଲୀ ବାଘୁଣୀ 'ସାରା' ଓ ସାଧାରଣ ରଙ୍ଗର ବାଘୁଣୀ 'ରେଣୁକା' ଉପରେ ନଜର ରଖିଥିଲେ। ଦୁହେଁ ଗର୍ଭବତୀ ଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ହେପାଜତରେ ରଖାଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସାରା ଛୁଆ ଜନ୍ମ କରି ନ ଥିବାବେଳେ ରେଣୁକା ଦୁଇଟି କଳାଲୋମଯୁକ୍ତ ଛୁଆ ଜନ୍ମ କରିଛି। ଶନିବାର ଭୋର୍ ୩ଟା ୪୦ରେ ଗୋଟିଏ ଓ ମଧ୍ୟାହ୍ନ ୧୨ଟାରେ ଆଉ ଗୋଟିଏ ଛୁଆ ଜନ୍ମ କରି ରେଣୁକା ଦ୍ୱିତୀୟ ଥର ପାଇଁ ମା' ହୋଇଛି। ୩୩ ନଂ. ଏନ୍‌କ୍ଲୋଜରରେ ରେଣୁକାକୁ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରଖାଯାଇଥିଲା। ଜନ୍ମ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା ପାଇଁ କର୍ତ୍ତୃପକ୍ଷ ଏନ୍‌କ୍ଲୋଜର ଭିତରେ ୬ଟି ସିସିଟିଭି କ୍ୟାମେରା ଲଗାଇଥିଲେ। କମ୍ ସଂଖ୍ୟକ କର୍ମଚାରୀଙ୍କ ଯିବାଆସିବାକୁ ଛାଡ଼ି ଦେଲେ ଏନ୍‌କ୍ଲୋଜର ଭିତରକୁ ଅନ୍ୟମାନଙ୍କ ଯାତାୟାତକୁ ବନ୍ଦ କରାଯାଇଥିଲା। ଏବେ ମା' ଓ ଛୁଆଦ୍ୱୟ ସୁସ୍ଥ ଥିବାବେଳେ ସେମାନେ ମା' କ୍ଷୀର ଗ୍ରହଣ କରୁଛନ୍ତି। ଦୁଇ ବାଘ ଛୁଆ ଜନ୍ମ ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ୨୮କୁ ବୃଦ୍ଧି ପାଇଛି।



# ଜନଧନରେ ରାଜ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ଆକାଉଣ୍ଟ

ନୂଆଦିଲ୍ଲୀ,୨୨।୧୨

ଡିସେମ୍ବର ୧୨ ସୁଦ୍ଧା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ୍‌ଜେଡ଼ିୱାଇ)ରେ ଓଡ଼ିଶାରେ ୧.୩୩ କୋଟି ଲୋକ ଆକାଉଣ୍ଟ ଖୋଲିଛନ୍ତି। ଏହା ମଧ୍ୟରେ ଗ୍ରାମାଞ୍ଚଳରେ ୯୭.୬୨ ଲକ୍ଷ ଆକାଉଣ୍ଟ ରହିଥିବା ଅର୍ଥମନ୍ତ୍ରଣାଳୟ ଶନିବାର ସୂଚନା ଦେଇଛି। ଏହି ଖାତାଗୁଡ଼ିକରେ ହିତାଧିକାରୀମାନେ ୩,୭୫୯ କୋଟି ଟଙ୍କା ଜମା କରିଛନ୍ତି। ଏହି ସମୟରେ ରାଜ୍ୟରେ ୧.୦୫ କୋଟି ଖାତା ସକ୍ରିୟ ରହିଛି। ପିଏମ୍‌ଜେଡ଼ିୱାରେ ସାରା ଦେଶରେ ୩୩.୫୫ କୋଟି ଖାତା ରହିଥିବା ବେଳେ ଗ୍ରାମାଞ୍ଚଳରେ ୧୯.୮୬ କୋଟି ଖାତା ରହିଛି। ଆକାଉଣ୍ଟଗୁଡ଼ିକରେ କ୍ରେଡିଟ ଉନ୍ନତ ରହିଥିଲେ ଏହା ଓଭରଡ୍ରାଫ୍ଟ ସୁବିଧା ଲାଭ କରିପାରିବ ବୋଲି ମନ୍ତ୍ରଣାଳୟ ପ୍ରକାଶ କରିଛି। ବର୍ତ୍ତମାନ ୬୫.୪୭ ଲକ୍ଷ ଆକାଉଣ୍ଟରେ ଓଭରଡ୍ରାଫ୍ଟ ସୁବିଧା ରହିଛି। ଏହି ଯୋଜନାରେ ପ୍ରାଥମିକ ପର୍ଯ୍ୟାୟରେ ଗ୍ରାମାଞ୍ଚଳର ୬ କୋଟି ଏବଂ ସହରାଞ୍ଚଳର ୧.୫ କୋଟି ପରିବାର ନିକଟରେ ବ୍ୟାଙ୍କ ସେବା ଯୋଗାଣ ନେଇ ସରକାର ଲକ୍ଷ୍ୟ ରଖିଛନ୍ତି।

# ୩୦ ଲକ୍ଷର ବ୍ରାଉନସୁଗାର ଜବତ



ପୋଲିସ ହେପାଜତରେ ଦୁଇ ଅଭିଯୁକ୍ତ ।

ଖୋର୍ଦ୍ଧା ଅଫିସ,୨୨।୧୨

ଖୋର୍ଦ୍ଧା ସହରରୁ ଶନିବାର ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନସୁଗାର ଜବତ ହୋଇଛି। ଭାଲିଆବାଡି ଓ ମଠସାହିରେ ଖୋର୍ଦ୍ଧା ଅବକାରୀ ବିଭାଗ, କଟକ ଓ ଖୋର୍ଦ୍ଧା ଫ୍ଲାଇଂ ସ୍କ୍ୱାଡ୍ ଏବଂ ଭୁବନେଶ୍ୱର ମୋବାଇଲ ସ୍କ୍ୱାଡ୍ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ସ୍କ୍ୱାଡ୍ ୨୯୫ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସ୍କ୍ୱାଡ ପକ୍ଷରୁ କୁହାଯାଇଛି। ଭାଲିଆବାଡି ରାଧାଗୋବିନ୍ଦପୁରର କୃଷ୍ଣଚନ୍ଦ୍ର ପଲେଇ (୩୪)ଙ୍କଠାରୁ ୧୫୦ ଗ୍ରାମ ଓ ମଠସାହିର ରବୀନ୍ଦ୍ର ପ୍ରଧାନ(୩୩)ଙ୍କ ପାଖରୁ ୧୪୫ ଗ୍ରାମ ବ୍ରାଉନସୁଗାର ମିଳିଛି। ଏ ନେଇ କୃଷ୍ଣଚନ୍ଦ୍ରଙ୍କ ନାମରେ କଟକ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ନଂ. ୨୩୩/୨୦୧୮-୧୯ରେ, ରବୀନ୍ଦ୍ରଙ୍କ ନାଁରେ ଖୋର୍ଦ୍ଧା ଅବକାରୀ ବିଭାଗ ପକ୍ଷରୁ ନଂ. ୪୪/୨୦୧୮-୧୯ରେ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଶାନ୍ତନୁ ଦାସ, କଟକ ଫ୍ଲାଇଂ ସ୍କ୍ୱାଡ ଇନ୍ସପେକ୍ଟର ଶରତ ଚନ୍ଦ୍ର ଭଞ୍ଜ, ଖୋର୍ଦ୍ଧା ଅବକାରୀ ଇନ୍ସପେକ୍ଟର ରଞ୍ଜନ ନାୟକ ଓ ଜିଲା ମୋବାଇଲ ସ୍କ୍ୱାଡ୍‌ର ସବ୍‌ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ସାମିଲ ହୋଇଥିଲେ। ବାଲେଶ୍ୱରରୁ ଏହି ବ୍ରାଉନସୁଗାର ଆସିଥିବା ତଦନ୍ତରୁ ଜଣାପଡିଛି।

# ଆଉ ୪ ଦିନ ଥରାଇବ ଶୀତ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

**ବାସହୀନଙ୍କ ରାତ୍ରିଯାପନ ବ୍ୟବସ୍ଥା କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ**

ଚାରିଆଡ଼େ ଥଣ୍ଡା। ପୂର୍ବାହ୍ନ ୧୦ଟା ଯାଏ ଦେହ ମୁଣ୍ଡ ଥରାଇ ଦେଉଛି। ସଞ୍ଜ ହେବା ମାତ୍ରେ ମାଡ଼ିଆସୁଛି କାଠୁଆ ଜାଡ଼। ଗତ ଦୁଇଦିନ ହେବ ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ପାରଦ ୭ ଡିଗ୍ରୀ ତଳକୁ ଖସିଯାଇଛି। ଶନିବାର ୭ଟି ସହରର ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସ ତଳକୁ ଚାଲିଯାଇଛି। ଆସନ୍ତା ୩/୪ ଦିନ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବନାହିଁ। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପାରଦ ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ ତଳକୁ ଖସିବା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗବାଡିରେ ୮ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୯.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୯.୫, କେନ୍ଦୁଝର ୮.୮, ସମ୍ବଲପୁର ୯.୭, ସୁନ୍ଦରଗଡ଼ ୯, ହୀରାକୁଦ ୧୦.୬, ତାଳଚେର ୧୧.୩, ଭବାନୀପାଟଣା ୧୦.୫, ବଲାଙ୍ଗୀର ୧୦.୬, ବାଲେଶ୍ୱର ୧୦.୨, ଚାନ୍ଦବାଲି ୧୩.୨, କଟକ ୧୨.୨, ଭୁବନେଶ୍ୱର ୧୩.୯ ଏବଂ କୋରାପୁଟ ୧୩.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ପ୍ରଚଣ୍ଡ ଶୀତକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୩/୪ ଦିନ ଯାଏ ରାଜ୍ୟର ବିଭିନ୍ନ ଭାଗରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇବ। ଥଣ୍ଡା ବଢୁଥିବାରୁ ମନୁଷ୍ୟ ଓ ଗୃହପାଳିତ ପ୍ରାଣୀମାନଙ୍କ ଜୀବନ ରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବା ସକାଶେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କର ଉପଯୁକ୍ତ ବାସଗୃହ ନାହିଁ, ସେମାନଙ୍କୁ ସ୍କୁଲ କିମ୍ବା ସରକାରୀ କୋଠାଗୁଡିକରେ ରାତ୍ରିଯାପନ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ସହରାଞ୍ଚଳରେ ମଧ୍ୟ ବାସହୀନ ଏବଂ ପର୍ଯ୍ୟଟକଙ୍କ ରାତ୍ରିଯାପନ ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

# ଚାଷୀଙ୍କୁ ପ୍ରଲୋଭିତ କରିବା ପାଇଁ ଚେଷ୍ଟା: ଅକ୍ଷୟ

ଭୁବନେଶ୍ୱର,୨୧।୧୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ 'କାଳିଆ' ଯୋଜନାକୁ ନବ ନିର୍ମାଣ କୃଷକ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ସମାଲୋଚନା କରିଛନ୍ତି। ଶନିବାର ଏକ ଖବରାଦାତା ସମ୍ମିଳନୀରେ ଅକ୍ଷୟ କହିଛନ୍ତି ଯେ, କାଳିଆ ଯୋଜନା ଜରିଆରେ ପୁରୁଣା ଡ୍ରେସ୍‌କୁ ନୂଆ ପ୍ୟାକିଂ ଭାବେ ଚାଷୀଙ୍କୁ ପ୍ରଲୋଭିତ କରିବାକୁ ରାଜ୍ୟ ସରକାର ଚେଷ୍ଟା କରିଛନ୍ତି। ଏ ସରକାର ରାଜ୍ୟରେ କୃଷକମାନଙ୍କ ମୁଖ୍ୟ ପ୍ରସଙ୍ଗରୁ ନିଜକୁ ଦୂରେଇ ରଖିଛନ୍ତି। ଚାଷୀଙ୍କ ପ୍ରାଇସ୍ , ପ୍ରେଷ୍ଟିଜ୍ ଓ କୃଷିଋଣ ଛାଡରୁ ଖସିବା ପାଇଁ ଏପରି ଏକ ବାହାନା କରାଯାଇଛି। 'କାଳିଆ' ନାଁକୁ ନେଇ ଶାସକ ଦଳ ରାଜନୀତି କରୁଛି। କେବଳ ବିଜେଡି କର୍ମୀମାନଙ୍କୁ ସୁବିଧା ଦେବାକୁ ଏହି କାଳିଆ ଯୋଜନା କରାଯାଇଥିବା ଅକ୍ଷୟ ଅଭିଯୋଗ କରିଛନ୍ତି।




ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା



# ପ୍ରକୃତ ଦେଶପ୍ରେମ



ଆକାର ପଟେଲ

ଦେଶ ଆମଠାରୁ କ'ଣ ଆଶା କରେ? ୧୯୬୧ ମସିହା ଜାନୁୟାରୀ ମାସରେ ଆମେରିକାର ୩୫ତମ ରାଷ୍ଟ୍ରପତି ଜନ୍ ଏଫ୍. କେନେଡି ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଆମେରିକାବାସୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ- ଦେଶ ଆପଣମାନଙ୍କ ପାଇଁ କ'ଣ କରିପାରିବ, ତାହା ପଚାରନ୍ତୁ ନାହିଁ, ପଚାରନ୍ତୁ ଆପଣମାନେ ନିଜ ଦେଶ ପାଇଁ କ'ଣ କରିପାରିବେ। ତାଙ୍କ ବକ୍ତବ୍ୟର ଅର୍ଥ ହେଲା ଏଇଆ ଯେ, ଦେଶସେବା କରିବାର ପନ୍ଥା ହେଲା, ରାଷ୍ଟ୍ରର ବା ସରକାରଙ୍କର ବିନା ସାହାଯ୍ୟରେ ନିଜ ଜୀବନକୁ ଗଢ଼ିତୋଳିବା। ଏଠାରେ କେନେଡି ଆମେରିକାର ଦୀର୍ଘ ପରମ୍ପରାର ଉଲ୍ଲେଖ କରିଛନ୍ତି, ଯେଉଁଥିରେ ଆମେରିକୀୟ ଗୋଷ୍ଠୀସମୂହ ଓ ବ୍ୟକ୍ତିସମୂହ ନିଜ ନିଜର ଆବଶ୍ୟକତା ନିଜେ ପୂରଣ କରୁଥିଲେ। ଏଠାରେ କେନେଡି ପ୍ରକୃତ ଦେଶପ୍ରେମ କାହାକୁ କହନ୍ତି ତାହା ବୁଝାଇଛନ୍ତି ଏବଂ ପ୍ରକୃତ ଦେଶଭକ୍ତ ଦେଶ ଉପରେ ବୋଝ ହୋଇ ନ ଥାଏ।

ଏହା ସେ ସମୟରେ ପ୍ରଚଳିତ ଆମେରିକାର ପ୍ରତିପକ୍ଷ ସୋଭିଏଟ୍ ୟୁନିୟନର ପରମ୍ପରାଠାରୁ ଭିନ୍ନ। ସେତେବେଳେ ସୋଭିଏଟ୍ ୟୁନିୟନର ବ୍ୟବସ୍ଥାରେ ପ୍ରତି ସ୍ତରରେ ରାଷ୍ଟ୍ରର ହସ୍ତକ୍ଷେପ ରହୁଥିଲା। କେନେଡିଙ୍କ ୨୦ ବର୍ଷ ପରେ ବିପକ୍ଷ ଦଳରୁ ନିର୍ବାଚିତ ଆଉ ଜଣେ ରାଷ୍ଟ୍ରପତି ରୋନାଲ୍ଡ ରିଗାନ ମଧ୍ୟ ଅନୁରୂପ କଥା କହିଥିଲେ। ସେ କହିଥିଲେ- ଇଂଲିଶ ଭାଷାରେ ସବୁଠାରୁ ଭୟଙ୍କର ୯ଟି ଶବ୍ଦ ହେଉଛି: I'm from the government, and I'm here to help. ରିଗାନ ରିପବ୍ଲିକାନ୍ ପାର୍ଟିର ପ୍ରତିନିଧିତ୍ୱ କରୁଥିଲେ, ଯେଉଁ ଦଳ କେନେଡିଙ୍କ ମତକୁ ହିଁ ଅଧିକ ଶାଣିତ ଢଙ୍ଗରେ ପ୍ରକାଶ କରୁଥିଲା। ରିଗାନ କହୁଥିଲେ, ସରକାର ଲୋକଙ୍କ ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ଅନେକ ଦଶନ୍ଧି ଧରି ରିପବ୍ଲିକାନ ପାର୍ଟି କହିଆସୁଥିଲା ଯେ, ସରକାର ଯେତେ ଛୋଟ ହେବ, ତାହା ନାଗରିକଙ୍କ ପାଇଁ ସେତେ ଭଲ ହେବ। ସରକାର ଯେତେ ବଡ଼ ହେବ, ତାହା ନାଗରିକଙ୍କ ଜୀବନ ଭିତରେ ସେତେ ଅଧିକ ପ୍ରବେଶ କରିବ। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉକ୍ତି 'Minimum government, maximum governance' ସେହି ଯୁକ୍ତି ଉପରେ ଆଧାରିତ।

ରାଷ୍ଟ୍ର ଓ ବ୍ୟକ୍ତି ଭିତରେ କିପରି ସମ୍ପର୍କ ରହିବା ଉଚିତ ବୋଲି ଆମ ଭାରତୀୟମାନଙ୍କର ମତ? ତାହା ଜାଣିବା ପାଇଁ ଆମେ ନିକଟରେ ଘଟିଥିବା ଏକ ଘଟଣା ଉପରେ ଦୃଷ୍ଟିପାତ କରିବା ଆବଶ୍ୟକ। ନିକଟରେ ଏକ ମିଡ଼ିଆ ଇଭେଣ୍ଟରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ କହିଲେ: ଅତ୍ୟନ୍ତ କୌତୂହଳର ବିଷୟ ହେଉଛି, ଆମେ ଭାରତ ବିଷୟରେ କହିଲାବେଳେ ଅନେକେ କହୁଛନ୍ତି, ଉତ୍ତେଜନାହୀନ ହେବା ଦେଶପ୍ରେମ ନୁହେଁ। ଏହି ଦେଶବିରୋଧୀ ଲୋକମାନେ ସମ୍ଭବତଃ କହିବେ ଯେ, ଜାତୀୟ ସଂଗୀତ ଗାନ କଲାବେଳେ ଲୁହ ଝରାଇବା କି ଦରକାର, ଠିଆହେବା କି ଦରକାର? ବାସ୍ତବରେ ସେମାନଙ୍କ ମତରେ 'ଭାରତ କେ ଶୌ ଟୁକ୍‌ଡ଼େ ହୋଙ୍ଗେ' କହିବା ଗଣତନ୍ତ୍ର ଉତ୍ସବ ପାଳନ କରିବାର ସର୍ବୋତ୍ତମ ଉପାୟ, ଯାହା ସହ ମୁଁ ଏକମତ ନୁହେଁ।

ସେ ଯେଉଁ ଢଙ୍ଗରେ ଏହା କହିଲେ, ସେଥିରୁ ଜଣାପଡୁଛି- ଦେଶ ସହ ବ୍ୟକ୍ତିର ଦୁଇ ପ୍ରକାର ସମ୍ପର୍କ ରହିପାରେ। ପ୍ରଥମଟି ହେଉଛି ଜାତୀୟ ସଂଗୀତ ଗାନ କରାଗଲାବେଳେ ଭାବପ୍ରବଣ ହୋଇ କାନ୍ଦିବା ଏବଂ ଦ୍ୱିତୀୟଟି ହେଉଛି ଭାରତ ଭାଗ ଭାଗ ହୋଇଯାଉ ବୋଲି ଇଚ୍ଛା କରିବା। ଦେଶ ସହ ଆମେ କିପରି ସମ୍ପର୍କ ରଖିବା ତାହା ଦର୍ଶାଇବା ପାଇଁ ଏହା ପ୍ରକୃତ ଉପାୟ ନୁହେଁ। ଦେଶ ସହ ବ୍ୟକ୍ତିର ନାନା ଭାବରେ ସମ୍ପର୍କ ଘଟିଥାଏ। ଜାତୀୟ ସଂଗୀତ ଗାନ କଲାବେଳେ ଯେଉଁ ସମ୍ପର୍କ ଘଟେ ତାହା ମାତ୍ର ୫୨ ସେକେଣ୍ଡର। ଏପରି କି ଆମେ ଯଦି ପ୍ରତିଦିନ ଜାତୀୟ ସଂଗୀତ ଗାନ କରୁ ଓ କାନ୍ଦୁ, ତେବେ ପ୍ରତିଦିନର ୨୪ ଘଣ୍ଟାରୁ ଆଉ ପ୍ରାୟ ୨୩ ଘଣ୍ଟା ୫୯ ମିନିଟ୍ ବଳକା ରହିଲାଣି। ଏହି ବଳକା ସମୟରେ କ'ଣ ଆମ ଭିତରେ ଦେଶପ୍ରେମ ରହେ ନାହିଁ? ଜାତୀୟ ସଂଗୀତ ଗାନର ପୂର୍ବରୁ ଓ ପରେ ଆମେ କ'ଣ କରୁ? ବାସ୍ତବରେ ଭାରତରେ ଦେଶ ସହ ଆମ ସମ୍ପର୍କର ଅନ୍ୟ ବିନ୍ଦୁଗୁଡ଼ିକ ଦୁର୍ବଳ। ଦେଶ ଚାହେଁ ଆମେ ଆମର ଟିକସଗୁଡ଼ିକ ଠିକ୍‌ଭାବେ ପଇଠ କରୁଁ, ଯାହା ଫଳରେ ଦେଶ ଚାଲିପାରିବ। କିନ୍ତୁ ଅଧିକାଂଶ ଭାରତୀୟ ସବୁବେଳେ ଟିକସ ଫାଙ୍କିବାକୁ ଚେଷ୍ଟା କରିଥାନ୍ତି। ଏହି ଲୋକମାନଙ୍କ ଭିତରେ ସେହି ଦେଶପ୍ରେମୀମାନେ ଅଛନ୍ତି, ଯେଉଁମାନେ ଜାତୀୟ ସଂଗୀତ ଗାନ କରାଗଲାବେଳେ ଠିଆ ହୁଅନ୍ତି ଓ ଲୁହ ଗଡ଼ାନ୍ତି। ଦେଶ ଚାହେଁ ଆମେ ଦେଶର ଆଇନକାନୁନଗୁଡ଼ିକୁ ଠିକ୍‌ଭାବେ ପାଳନ କରୁଁ। କିନ୍ତୁ ସାରା ପୃଥିବୀରେ ଆଇନ ମାନିବାରେ ଭାରତୀୟମାନଙ୍କର ସବୁଠାରୁ ଖରାପ ରେକର୍ଡ ରହିଛି। ଯେଉଁମାନଙ୍କର ବ୍ୟାପକ ଯାତ୍ରା କରିବାର ଅଭିଜ୍ଞତା ଅଛି, ସେମାନେ ଏହା ହୃଦୟଙ୍ଗମ କରିଥିବେ। ସ୍ମୃତି ଇରାନୀ ଦେଶଭକ୍ତିର ଏସବୁ ଦିଗ ଉପରେ ମଧ୍ୟ ଆଲୋକପାତ କରିବାର ଆବଶ୍ୟକତା ଥିଲା।

ଶେଷରେ ଦେଶ ଉପରେ ନିର୍ଭରଶୀଳତା ପ୍ରସଙ୍ଗରେ ଆମର ମନୋଭାବ କେନେଡିଙ୍କଠାରୁ ପୂରା ଓଲଟା। ରଣଛାଡ଼ଠାରୁ ଆରମ୍ଭ କରି ପ୍ରତି ବିଷୟରେ ଦେଶ ଆମକୁ ସାହାଯ୍ୟ କରୁ ବୋଲି ଆମେ ଚାହୁଁ। ଆମର କୌଣସି ସ୍ୱାଧୀନ ମନୋବୃତ୍ତି ନାହିଁ। ଆମେ ସରକାର ଓ ରାଷ୍ଟ୍ର ଉପରେ ସର୍ବାଧିକ ବୋଝ ହେବାକୁ ଚାହୁଁ। ଅଥଚ ଦେଶର ବିକାଶ ଲାଗି ସାମାନ୍ୟତମ ଦାୟିତ୍ୱ ନିଭାଇବାକୁ କୁଣ୍ଠାବୋଧ କରୁ। ସବୁଠାରୁ ଦୁଃଖର ବିଷୟ ହେଉଛି, କେନେଡି ଓ ରିଗାନଙ୍କ ଭାବଧାରାର ଠିକ୍ ଓଲଟା ରାସ୍ତାରେ ଯାଇ ଆମ ରାଜନେତାମାନେ ଏଥିଲାଗି ଆମକୁ ଉତ୍ସାହିତ କରନ୍ତି। ସ୍ମୃତି ଇରାନୀ ଓ ତାଙ୍କ ଭଳି ଅନ୍ୟମାନେ ଯାହା ଚାହାନ୍ତି, ତାହାର ଆରମ୍ଭ ଓ ଶେଷ ହେଉଛି, ଆମେ ଦେଶ ପାଇଁ କେବଳ ଏତିକି କରୁଁ: ଜାତୀୟ ସଂଗୀତ ଗାନ କରାଗଲାବେଳେ ଠିଆହୋଇ ଆଖିରୁ ଲୁହ ଗଡ଼ାଉଁ। ଏଥିରେ ଦେଶର ଉନ୍ନତି ସମ୍ଭବ କି?

Email: aakar.patel@gmail.com

# ମୋଦିଙ୍କ ଓଡ଼ିଶା



ଧର୍ମେନ୍ଦ୍ର ପ୍ରଧାନ

ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିକାଶ କାର୍ଯ୍ୟକ୍ରମ ସବୁବେଳେ ଦରିଦ୍ର ନାରାୟଣ ଓ ଅଭାବୀ ଲୋକଙ୍କ ସେବା ଉପରେ ଗୁରୁତ୍ୱ ଦେଇଆସୁଛି। ସମାଜର ଅନଗ୍ରସର ଶ୍ରେଣୀରେ ରହୁଥିବା ଲୋକଙ୍କ ନିକଟରେ ଜନକଲ୍ୟାଣ ଯୋଜନା ଯଥାଶୀଘ୍ର କିପରି ପହଞ୍ଚିପାରିବ ସେ ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଉତ୍ତମ ଓଡ଼ିଶା' ଗଠନ ଲକ୍ଷ୍ୟ ରହିଛି। କେନ୍ଦ୍ର ସରକାରଙ୍କ ମଟୋ (ନୀତିବାକ୍ୟ) ହେଉଛି- ସବ୍‌କା ସାଥ୍, ସବ୍‌କା ବିକାଶ। ତୃଣମୂଳସ୍ତରରେ ଥିବା ହିତାଧିକାରୀମାନେ ଯେପରି ସରକାରଙ୍କ ସାମାଜିକ ଓ ବିକାଶମୂଳକ ଯୋଜନାର ସୁଫଳ ପାଇପାରିବେ ସେହି ଲକ୍ଷ୍ୟ ନେଇ ମୋଦି ସରକାର ଆଗକୁ ଚାଲିଛନ୍ତି।

ଓଡ଼ିଶା ଚାଉଳ ଉପରେ ବିଶେଷ ନିର୍ଭର କରେ। ସେଥିପାଇଁ ଅଗଣିତ ହିତାଧିକାରୀଙ୍କୁ କିଲୋପ୍ରତି ୧ ଟଙ୍କାରେ ରିହାତି ଦରରେ ଚାଉଳ ପ୍ରଦାନ କରାଯାଉଛି। ଚାଉଳ କିଲୋପ୍ରତି ୩୨ଟଙ୍କାରୁ କେନ୍ଦ୍ର ସରକାର ୨୮ ଟଙ୍କା ରିହାତି ପ୍ରଦାନ କରୁଛନ୍ତି। ରାଜ୍ୟ ସରକାର ୨ ଟଙ୍କା ରିହାତି ଦେଉଥିବାରୁ ଧନ୍ୟବାଦ ଜଣାଉଛି। ରାଜ୍ୟରେ ଧାନଚାଷ ଗୁରୁତ୍ୱ ବହନ କରିଆସିଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରିବାକୁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ କେନ୍ଦ୍ର ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବାରେ ବେଶ୍ ସହାୟକ ହେବ। କୃଷି ହେଉଛି ପୂର୍ବ ଭାରତର ମେରୁଦଣ୍ଡ ସଦୃଶ। ଏହାକୁ ଶକ୍ତିଶାଳୀ କରିବା ପାଇଁ ଦ୍ୱିତୀୟ ସବୁଜ ବିପ୍ଳବର ପରିକଳ୍ପନା କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ହଜାର ହଜାର ଓଡ଼ିଆ ଚାଷୀଙ୍କ ମୁହଁରେ ହସ ଫୁଟାଇବାରେ ସଫଳ ହୋଇଛି।

ଏକ ବିକଶିତ ସମାଜ ପାଇଁ ସାମାଜିକ ନିରାପତ୍ତା ଓ ଅର୍ଥନୈତିକ ଅନ୍ତର୍ଭୁକ୍ତୀକରଣ ହେଉଛି ମୌଳିକ ଆବଶ୍ୟକତା। ୨୦୧୪ ପରଠାରୁ ଓଡ଼ିଶାରେ ୪୬ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ସାମିଲ ହୋଇଛନ୍ତି। ଐତିହାସିକ ଜନଧନ ଯୋଜନାରେ ଓଡ଼ିଶାରେ ୧.୩୩ କୋଟି ଆକାଉଣ୍ଟ ଖୋଲାଯାଇଛି, ଯେଉଁଥିରେ ୩,୬୦୦ କୋଟି ଟଙ୍କା ଜମା ହୋଇଛି। ଓଡ଼ିଶାର ପ୍ରତ୍ୟେକ ପରିବାରକୁ ପକ୍କାଘର ଯୋଗାଇଦେବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ୨୦୦୪ରୁ ୨୦୧୪ ମଧ୍ୟରେ ଉପା ସରକାର ଅମଳରେ ମାତ୍ର ୬.୯ ଲକ୍ଷ ପକ୍କାଘର ନିର୍ମାଣ କରାଯାଇଥିବା ବେଳେ ୨୦୧୪-୧୫ରୁ ଅଦ୍ୟାବଧି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଇନ୍ଦିରା ଆବାସ ଯୋଜନାରେ ୧୭.୬ ଲକ୍ଷ ଘର ନିର୍ମାଣ କରାଯାଇଛି। ସ୍ୱଚ୍ଛ ଓଡ଼ିଶା ବିନା ସ୍ୱଚ୍ଛ ଭାରତ ପରିକଳ୍ପନା ଅସମ୍ଭବ। ରାଜ୍ୟର ପ୍ରତ୍ୟେକ ପରିବାରକୁ ପରିମଳ ବ୍ୟବସ୍ଥା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏହାକୁ ଏକ ଆନ୍ଦୋଳନରେ ପରିଣତ କରିଛନ୍ତି।

ଭାରତବର୍ଷର ପ୍ରତି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଯୋଜନା ଆରମ୍ଭ କରିଛନ୍ତି। ସୌଭାଗ୍ୟ ଏବଂ ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନାରେ ଓଡ଼ିଶାର ୪୦ଲକ୍ଷ ପରିବାର ଅନ୍ତର୍ଭୁକ୍ତ ହୋଇଛନ୍ତି। ବ୍ୟକ୍ତିଗତ ଭାବେ ମୋ ନିଜ ଗାଁ ମଧ୍ୟ ଏହି ଯୋଜନାରେ ସାମିଲ ହୋଇଛି। ଗ୍ରାମାଞ୍ଚଳରେ ମା' ଓ ଭଉଣୀମାନେ କାଠ ଜାଳି ରୋଷେଇ କରୁଥିବା ମୁଁ ମୋ ନିଜ ଆଖିରେ ଦେଖିଛି। ତାହା ମୋତେ ଅତ୍ୟନ୍ତ ଦୁଃଖ ଦେଇଥିଲା। ମାତ୍ର କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଶୁଭାରମ୍ଭ ଫଳରେ ମା' ଓ ଭଉଣୀଙ୍କ ଦୁଃଖ ଯାଇଛି। ଓଡ଼ିଶାରେ ୩୫ଲକ୍ଷ ହିତାଧିକାରୀ ଗ୍ୟାସ ସଂଯୋଗ ପାଇପାରିଛନ୍ତି। ୨୦୧୪ରେ ଓଡ଼ିଶାରେ ୨୦ ପ୍ରତିଶତ ଲୋକଙ୍କ ନିକଟରେ ଗ୍ୟାସ ସଂଯୋଗ ଥିବାବେଳେ ଏବେ ତାହା ବୃଦ୍ଧି ପାଇ ୬୩ ପ୍ରତିଶତରେ ପହଞ୍ଚିଲାଣି। ଆୟୁଷ୍ମାନ୍ ଯୋଜନା ହେଉଛି ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା। ଏହା ଓଡ଼ିଶାରେ ଲାଗୁହେଲେ ପ୍ରାୟ ୪୮ଲକ୍ଷ ପରିବାର ବର୍ଷକୁ ୫ଲକ୍ଷ ଲେଖାଏ ଟଙ୍କାର ସ୍ୱାସ୍ଥ୍ୟବୀମା ସୁବିଧା ପାଇପାରନ୍ତେ। ମୁଁ ଆଶାବାଦୀ ଯେ, ଓଡ଼ିଶା ସରକାର ଏହି ଯୋଜନାକୁ ଖୁବ୍‌ଶୀଘ୍ର ଲାଗୁ କରିବା ବିଷୟରେ ଚିନ୍ତା କରିବେ।

ରାଜ୍ୟରେ ମାନବ ସମ୍ବଳ ବିକାଶ ଏବଂ କୌଶଳ ବୃଦ୍ଧି ନିମନ୍ତେ ପ୍ରଧାନମନ୍ତ୍ରୀ ଡିସେମ୍ବର ୨୪ରେ ଆଇଆଇଟି ଭୁବନେଶ୍ୱରକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପିତ କରିବେ ଏବଂ ବ୍ରହ୍ମପୁରଠାରେ ଆଇଆଇଏସ୍‌ଇଆର୍ (ଆଇଜର)ର ସ୍ଥାୟୀ କ୍ୟାମ୍ପସ ନିମନ୍ତେ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ଜାତୀୟ ସ୍ତରରେ ଶିକ୍ଷାକୁ ଗୁରୁତ୍ୱ ଦେଇ ଓଡ଼ିଶାରେ ଆଇଆଇଏମ୍, ନାଇଜର ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍କିଲ୍‌ସ ଖୋଲିବାକୁ ଯାଉଛି। ଫଳରେ ଏହା ଦେଶର ମେଧାବୀମାନଙ୍କୁ ଆକର୍ଷିତ କରିବ।

ସାମାଜିକ ଓ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ସହିତ ଓଡ଼ିଶାର ସାଂସ୍କୃତିକ ପରିଚୟ ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଦେଶରେ ଭାଷାଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ହେଉଛି ଓଡ଼ିଶା, ଯାହାକି ସାଂସ୍କୃତିକ ଐତିହ୍ୟରେ ବାନ୍ଧି ହୋଇରହିଛି। କେନ୍ଦ୍ର ସରକାର ପାଇକ ବିଦ୍ରୋହକୁ ଉପଯୁକ୍ତ ମାନ୍ୟତା ପ୍ରଦାନ କରିବା ଏବଂ ମୋଦିଙ୍କ ଆଗାମୀ ଓଡ଼ିଶା ଗସ୍ତ ସମୟରେ ଏହାର ୨ଶହ ବର୍ଷ ପୂର୍ତ୍ତି ପାଳନ କରିବା ନିଷ୍ପତ୍ତି ଓଡ଼ିଶା ଲାଗି ଏକ ଗୌରବର ମୁହୂର୍ତ୍ତ।

ଏହା ଭୁଲିଯିବା ଉଚିତ ନୁହେଁ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ଜାତୀୟସ୍ତରରେ ମାନ୍ୟତା ଦିଆଯିବା ସହିତ ଏଥିପାଇଁ ୫୦ କୋଟି ଟଙ୍କା ସ୍ୱତନ୍ତ୍ର ଅନୁଦାନ ସହ ନବକଳେବର ସ୍ମାରକୀ ମୁଦ୍ରା ଓ ଷ୍ଟାମ୍ପ ଉନ୍ମୋଚନ କରାଯାଇଥିଲା। ଓଡ଼ିଶା କଳାକୃତିର ଅଳଙ୍କାର କୁହାଯାଉଥିବା କୋଣାର୍କର ସୂର୍ଯ୍ୟମନ୍ଦିରରେ ଷ୍ଟେଟ୍ ଅଫ୍ ଆର୍ଟ ଇଣ୍ଟରପ୍ରିଟେଶନ୍ ସେଣ୍ଟର ସ୍ଥାପନ ପାଇଁ ଭାରତୀୟ ତୈଳ ଫାଉଣ୍ଡେଶନ (ଆଇଓଏଫ୍) ୫୦ କୋଟି ଟଙ୍କା ଅନୁଦାନ ଦେଇଛି। ଓଡ଼ିଆମାନଙ୍କ ଅବଦାନ ଆଜି ଆଉ ଅଣଦେଖା ହୋଇ ରହିନାହିଁ। ଗତ ୪ବର୍ଷ ମଧ୍ୟରେ ୧୨ଜଣ ଓଡ଼ିଆଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରାଯାଇଛି। ଶ୍ରୀରଘୁନାଥ ମହାପାତ୍ର ଓ ସୋନାଲି ମାନସିଂହଙ୍କୁ ରାଜ୍ୟ ସଭା ସଦସ୍ୟଭାବେ ମନୋନୀତ କରାଯାଇଥିବା ବେଳେ ପ୍ରଥମ ଓଡ଼ିଆଭାବେ ଶକ୍ତିକାନ୍ତ ଦାସଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଗଭର୍ନର ଭାବେ ନିଯୁକ୍ତି ଦିଆଯାଇଛି।

ଦୀର୍ଘ ସମୟ ଧରି ନିଜର ପ୍ରକୃତ ପରିଚୟ ପାଇଁ ଓଡ଼ିଶା ଅପେକ୍ଷା କରିଛି। ଅନ୍ତ୍ୟୋଦୟ ମାଧ୍ୟମରେ ଜଣେ ନେତା ଯୁଦ୍ଧକାଳୀନ ଭିତ୍ତିରେ ବିକାଶ କରିପାରିବେ। କେନ୍ଦ୍ରରେ ଭାଜପା କ୍ଷମତାକୁ ଆସିବା ପରେ ଓଡ଼ିଶା ବାରମ୍ବାର ଫାଇଦା ପାଇଥିବା କଥା ରାଜ୍ୟବାସୀ ଜାଣିଛନ୍ତି। ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମହାବାତ୍ୟା ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିବା ବେଳେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ) ଏବଂ ପାରାଦୀପ ତୈଳ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବାଜପେୟୀଙ୍କ ସେହି କାର୍ଯ୍ୟଧାରାକୁ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂତନ ଶିଖରରେ ପହଞ୍ଚାଇବାକୁ ଉଦ୍ୟମ ଜାରି ରଖିଛନ୍ତି, ଯେଉଁଥିପାଇଁ ଓଡ଼ିଶାର ସବୁଆଡ଼େ ମୋଦିଙ୍କ କାର୍ଯ୍ୟ ପ୍ରତିଫଳିତ ହେଉଛି। ବର୍ତ୍ତମାନ ସେହି ବିକାଶ ପୁରୁଷଙ୍କୁ ଓଡ଼ିଶା ସ୍ୱାଗତ କରିବା ସହ ନୂଆ ଓଡ଼ିଶାରେ ପଦ୍ମ ଫୁଟାଇବା ପାଇଁ ପ୍ରସ୍ତୁତ ହେଉଛି।

(ଲେଖକ କେନ୍ଦ୍ର ସରକାରଙ୍କ ଜଣେ କ୍ୟାବିନେଟ ମନ୍ତ୍ରୀ)

# ମଧ୍ୟପ୍ରଦେଶର ମୁରବି

## ବ୍ୟକ୍ତିତ୍ୱ



କମଳନାଥ

ନିକଟରେ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲେଙ୍ଗାନା ଏବଂ ମିଜୋରାମ ବିଧାନସଭା ନିର୍ବାଚନ ଶେଷ ହେବା ପରେ ମୁଖ୍ୟମନ୍ତ୍ରୀମାନେ ଶପଥ ନେଇସାରିଛନ୍ତି। ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ଭାଜପାକୁ ହରାଇ କଂଗ୍ରେସ ଶାସନଗାଦି ଅକ୍ତିଆର କରିଛି। ତେବେ ଜଣେ ପୁରୁଖା ଓ ଅଭିଜ୍ଞ ରାଜନେତା ଭାବେ କମଳନାଥ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ନିକଟରେ ଦାୟିତ୍ୱ ଗ୍ରହଣ କରିବା ପରେ ଚାଷୀଙ୍କ ପାଇଁ ଭଣ୍ଡାର ଖୋଲିଦେବା ତାଙ୍କୁ ଚର୍ଚ୍ଚିତ କରିଦେଇଛି। ଶପଥ ନେବା ପରେ ସେ ରାଜ୍ୟର ଚାଷୀମାନଙ୍କ ପାଇଁ ଋଣଛାଡ଼ ଘୋଷଣା କରିଦେବାରୁ ଏବେ ଦେଶବ୍ୟାପୀ କୃଷକଙ୍କୁ କିଭଳି ଆକୃଷ୍ଟ କରିହେବ ସେଥିନେଇ ରାଜନୈତିକ ଦଳଗୁଡ଼ିକ ବିଚାରବିମର୍ଶ ଚଳାଇଲେଣି। ଅତଏବ ସାଧାରଣ ନିର୍ବାଚନ ପୂର୍ବରୁ କମଳନାଥଙ୍କ ଋଣଛାଡ଼ ମାଷ୍ଟରଷ୍ଟ୍ରୋକ୍ ପ୍ରତିଦ୍ୱନ୍ଦ୍ୱୀଙ୍କ ପାଇଁ ଆହ୍ୱାନ ଭାବେ ଉଭା ହୋଇଛି। କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଆସିଥିବା କମଳନାଥ ଲୋକ ସଭା ଏମ୍‌ପି ଭାବେ ଦୀର୍ଘବର୍ଷ ଅଭିଜ୍ଞତା ଅର୍ଜନ କରି କେନ୍ଦ୍ରମନ୍ତ୍ରୀ ହୋଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଭାବେ ପଦାର୍ପଣ ରାଜ୍ୟବାସୀଙ୍କ ପାଇଁ କିଭଳି ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବ ତାହାକୁ ନେଇ ଆଲୋଚନା ଆରମ୍ଭ ହେଲାଣି। ଏଭଳି ଜଣେ ଅଭିଜ୍ଞ ବ୍ୟକ୍ତିଙ୍କ ଜୀବନ ଓ ରାଜନୈତିକ ଯାତ୍ରା ବିଷୟରେ ଅଧିକ ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

କମଳନାଥ ଉତ୍ତରପ୍ରଦେଶର କାନପୁରର ଏକ କାୟସ୍ଥ ପରିବାରରେ ମହେନ୍ଦ୍ର ନାଥ ଓ ଲୀଳା ନାଥଙ୍କଠାରୁ ୧୯୪୬ ନଭେମ୍ବର ୧୮ରେ ଜନ୍ମଗ୍ରହଣ କରିଥିଲେ। ଡୁନ୍ ସ୍କୁଲରୁ ଶିକ୍ଷା ଗ୍ରହଣ କରିବା ପରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନ ସେଣ୍ଟ ଜାଭିୟର୍ସ କଲେଜରୁ ବାଣିଜ୍ୟରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। କାନପୁର ବିଶ୍ୱବିଦ୍ୟାଳୟ ଅଧୀନ କାନପୁରର ଡିଏଭି କଲେଜରୁ ଆଇନରେ ସେ ସ୍ନାତକ ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ଛାତ୍ରାବସ୍ଥାରୁ ତାଙ୍କର ରାଜନୀତି ପ୍ରତି ଦୁର୍ବଳତା ଆଜି ତାଙ୍କୁ ପୋଖତ କରିଦେଇଛି। କ୍ୟାରିୟର ଦେଖିଲେ ସେ ୧୯୮୦ରେ ପ୍ରଥମେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ମଧ୍ୟପ୍ରଦେଶର ଛିନ୍ଦୱାରା ଲୋକ ସଭା ଆସନରୁ ୯ ଥର ଜିତି ପାର୍ଲାମେଣ୍ଟର ନିମ୍ନ ସଦନରେ ଅନ୍ୟତମ ଦୀର୍ଘକାଳ ସଦସ୍ୟ ରହିବାର ଗୌରବ ଅର୍ଜନ କରିପାରିଛନ୍ତି। ଏହି ସମୟ ମଧ୍ୟରେ ସେ ବୟନ, ବାଣିଜ୍ୟ ଓ ଶିଳ୍ପ, ସଡ଼କ ପରିବହନ ଓ ରାଜପଥ, ସହରାଞ୍ଚଳ ବିକାଶ ଏବଂ ସଂସଦୀୟ ବ୍ୟାପାର ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟର ଦାୟିତ୍ୱ ନେଇ ନିଜ ଦକ୍ଷତାର ପ୍ରତିପାଦନ କରିଛନ୍ତି। ୨୦୧୪ ଜୁନ୍‌ରେ ସେ ଅସ୍ଥାୟୀ ବାଚସ୍ପତି ମଧ୍ୟ ହୋଇଥିଲେ। ଗାନ୍ଧୀ-ନେହେରୁ ପରିବାର ସହ ଉତ୍ତମ ସମ୍ପର୍କ ରହି ଆସିଥିବାରୁ ସେ ୨୦୦୧ରୁ ୨୦୦୪ ଯାଏ ଭାରତୀୟ ଜାତୀୟ କଂଗ୍ରେସ (ଆଇଏନ୍‌ସି)ର ସାଧାରଣ ସମ୍ପାଦକ ହୋଇପାରିଥିଲେ। ଜାତୀୟ ରାଜନୀତିରେ ପ୍ରଭାବ ବିସ୍ତାର କରିଥିବା କମଳନାଥ ବିଭିନ୍ନ ସମୟରେ ଅନ୍ତର୍ଜାତୀୟ ସ୍ତରୀୟ ମଞ୍ଚରେ ନିଜ ମତ ରଖି ବ୍ୟକ୍ତିତ୍ୱ ବିକାଶ କରିପାରିଛନ୍ତି। ବିଶେଷକରି ୨୦୧୧ରେ ସୁଇଜରଲାଣ୍ଡର ଡାଭୋସଠାରେ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ରେ କୃଷି ସମ୍ବନ୍ଧୀୟ ବିଷୟବସ୍ତୁକୁ କେନ୍ଦ୍ରସ୍ଥ କରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକ କିଭଳି ବଜାର ସୁବିଧାକୁ ଉନ୍ନତ କରିପାରିବେ ତାହା ଉପରେ ଯୁକ୍ତିଯୁକ୍ତ ମତ ଉପସ୍ଥାପନ କରିଥିଲେ। ଭାରତୀୟ ଭିତ୍ତିଭୂମି ବିକାଶ ବିଷୟରେ ଆଲୋଚନା କରାଗଲା ବେଳେ କମଳନାଥଙ୍କ ନାମ ଆସିଥାଏ। ସରକାରୀ ଘରୋଇ ଭାଗିଦାରୀ (ପିପିପି) ମାଧ୍ୟମରେ ଭିତ୍ତିଭୂମି ବିକାଶ ସହଜ ଓ ଶୀଘ୍ର ହୋଇପାରିବ ବୋଲି ଧାରଣା ଦେଇ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରିତା କରିବାରେ ନୂଆ ଦିଗନ୍ତ ଦେଖାଇଥିଲେ। ଦିଲ୍ଲୀ-ମୁମ୍ବାଇ ଇଣ୍ଡଷ୍ଟ୍ରିଆଲ୍ କରିଡର (ଡିଏମ୍‌ଆଇସି) ସହ ଦେଶର ମେଟ୍ରୋ ସହରଗୁଡ଼ିକରେ ଅନେକ ପ୍ରକଳ୍ପ ପିପିପି ଯୋଗୁ ସଫଳତା ଅର୍ଜନ କରିପାରିବା ଏହାର ଦୃଷ୍ଟାନ୍ତ ଭାବେ ଦଣ୍ଡାୟମାନ ହୋଇଛି। ଔଦ୍ୟୋଗିକ ବିକାଶ ଦିଗରେ ଭାରତୀୟଙ୍କଠାରେ ବିଶ୍ୱ ସ୍ତରର ବାଣିଜ୍ୟିକ ଅଭିବୃଦ୍ଧି କରିବାର ସମ୍ଭାବନା ରହିଥିବା କମଳନାଥ ତାଙ୍କ ପୁସ୍ତକ 'ଇଣ୍ଡିଆଜ୍ ସେଞ୍ଚୁରୀ'ରେ ବର୍ଣ୍ଣନା କରିଛନ୍ତି। ନିଜସ୍ୱ ଚିନ୍ତାଧାରାକୁ ରୂପାୟନ କରିବା ଲାଗି ସେ ସର୍ବଦା ଲାଗି ପଡ଼ିଥାଆନ୍ତି। ପ୍ରତ୍ୟେକ କ୍ଷେତ୍ରରେ ପ୍ରୟୋଗାତ୍ମକ ଦିଗକୁ ଗୁରୁତ୍ୱ ଦେଇଆସିଥିବାରୁ ତାଙ୍କୁ ସଫଳତା ଛୁଇଁଛି ବୋଲି ବିଶ୍ଳେଷକମାନେ ମତ ଦେଇଥାଆନ୍ତି। ତଥାପି ବିବାଦରୁ ସେ ମୁକ୍ତ ହୋଇପାରିନାହାନ୍ତି। ୨୦୦୭ରେ ବାଣିଜ୍ୟ ମନ୍ତ୍ରୀ ଥିବା ବେଳେ ଘରୋଇ ସଂସ୍ଥା ପ୍ରୀତି ଦେଖାଇବାରୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଲାଭ କମିଯିବା ଭଳି ଅଭିଯୋଗ ତାଙ୍କ ନାମରେ ଆସିଥିଲା। ସେହିଭଳି ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ତାଙ୍କୁ ବିବାଦ ଭିତରକୁ ଟଣାଯାଇଥିଲା। ଅବଶ୍ୟ ପରେ ସେ ଦୋଷମୁକ୍ତ ହୋଇଥିଲେ।

୨୦୧୮ କମଳନାଥଙ୍କ ପାଇଁ ଭାଗ୍ୟଉଦୟର ଅନ୍ୟତମ ବର୍ଷ ହୋଇପାରିଛି। ଚଳିତବର୍ଷ ମେ'ରେ ସେ ମଧ୍ୟପ୍ରଦେଶର ପ୍ରଦେଶ କଂଗ୍ରେସ କମିଟି (ପିସିସି) ମୁଖ୍ୟ ହୋଇଥିଲେ। ତାଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଭାଜପା ଗାଦିଚ୍ୟୁତ ହେବା ପରେ ସେ ଗାଦିନସୀନ ହୋଇପାରିଛନ୍ତି। ତେବେ ଯେଉଁ ପ୍ରତିଶ୍ରୁତି ଦେଇ ସେ ମୁଖ୍ୟମନ୍ତ୍ରୀ ଆସନରେ ଆସୀନ ହୋଇଛନ୍ତି, ତାହାକୁ କେତେଦୂର ପାଳନ କରୁଛନ୍ତି ତାହା ଭବିଷ୍ୟତରେ ଜଣାପଡ଼ିବ। ବୌଦ୍ଧିକ ବିକାଶ ଓ ବାଣିଜ୍ୟିକ ଚିନ୍ତାଧାରା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ବିଭିନ୍ନ ସମୟରେ ବିଭିନ୍ନ ପୁରସ୍କାର ଓ ସମ୍ମାନ ମିଳିଛି। କମଳନାଥଙ୍କ ପାରିବାରିକ ଜୀବନ କହିଲେ ସ୍ତ୍ରୀ ଅଳକା ନାଥ ଓ ଦୁଇ ପୁଅଙ୍କୁ ନେଇ ତାଙ୍କ ସଂସାର।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

କଷ୍ଟର ଅନୁଭୂତି ସମବେଦନା ଓ ଦୟାଭାବ ଜାଗ୍ରତ କରିଥାଏ। ଗୋଟିଏ କୁକୁର ଦୁଇ କାନ୍ଥ ସନ୍ଧିରେ ପଶି ବଞ୍ଚିବା ପାଇଁ ଚିତ୍କାର କରୁଥିବାବେଳେ କେତେକ ସ୍ୱେଚ୍ଛାସେବୀ କଷ୍ଟେମଷ୍ଟେ ତା'ର ଜୀବନ ବଞ୍ଚାଇଛନ୍ତି। ଏପରି ଏକ ଘଟଣା ଘଟିଛି ହାଇଦ୍ରାବାଦରେ। ଚମ୍ପାପେଟ୍ ଅଞ୍ଚଳରେ କୁକୁରଟିଏ ଦୁଇ କାନ୍ଥ ସନ୍ଧିକୁ କୌଣସି ପ୍ରକାରେ ପଶିଯାଇ ଆଉ ବାହାରିପାରି ନ ଥିଲା। ଖବର ପାଇ ପଶୁ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ସେମାନେ ବହୁ ପରିଶ୍ରମ କରି ମଧ୍ୟ କିଛି ଫଳ ହେଲାନାହିଁ। ୟା ଭିତରେ ଦୁଇ ଦିନ ବିତିଗଲା। ଆହୁରି ବିଳମ୍ବ ହେଲେ କୁକୁରଟି ବଞ୍ଚିପାରିବ ନାହିଁ ଭାବି ହ୍ୟୁମ୍ୟାନ୍ ସୋସାଇଟି ଇଣ୍ଟରନ୍ୟାଶନାଲ୍/ଇଣ୍ଡିଆ ଟିମ୍‌ର ସଦସ୍ୟ ପାନ୍ନେରୁ ତେଜା ଏବଂ ୟିରା ପ୍ରଦୀପ ଗୋଟିଏ ଘରର କାନ୍ଥତଳୁ ଗର୍ତ୍ତ କରିବା ପାଇଁ ଘର ମାଲିକଙ୍କୁ ଅନୁମତି ମାଗିଲେ। ଅନୁମତି ମିଳିବା ପରେ ଜଣେ ସ୍ଥାନୀୟ ଲୋକ ସହାୟତାରେ କାନ୍ଥ ଖୋଲାଯାଇଥିଲା। ଜଣେ ଉଦ୍ଧାରକାରୀ ସାବଧାନତାର ସହିତ କୁକୁରର ପଛଗୋଡ ଦୁଇଟି ଧରି ଧୀରେ ଧୀରେ ଟାଣିଆଣିଲେ। କୁକୁରଟି ଉଦ୍ଧାର ପାଇବା ପରେ ଖୁବ୍ ଭୟଭୀତ ହୋଇପଡ଼ିଥିଲା। କିଛି ସମୟର ନୀରବତା ପରେ କୁକୁରଟି ଦୌଡିବାକୁ ଲାଗିଲା। ତେବେ ବିନା କ୍ଷୟକ୍ଷତିରେ ଏକ ଜୀବକୁ ଉଦ୍ଧାର କରାଯାଇଥିବାରୁ ସ୍ଥାନୀୟ ଲୋକେ ଉଦ୍ଧାରକାରୀ ଟିମ୍‌କୁ ପ୍ରଶଂସା କରିଥିଲେ।

## ଚିରନ୍ତନୀ

ସେ ପଥ ଯେ ପ୍ରିୟ ତବ ପାରେ କିଏ କରି ଅସ୍ୱୀକାର,<br>
କ୍ଳାନ୍ତ ଅଙ୍ଗୁ ଝରି କେତେ ଘର୍ମ ବିନ୍ଦୁ ସିକ୍ତ ଧୂଳି ତାର।

(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଡିସେମ୍ବର ୧୯୯୩**

- ରୁଷିଆ ରାଷ୍ଟ୍ରପତି ବୋରିସ ୟେଲଟସିନ ଦେଶର ନିରାପତ୍ତା ମନ୍ତ୍ରଣାଳୟକୁ ଉଚ୍ଛେଦ କରି ତା' ସ୍ଥାନରେ ଏକ ସଂଘୀୟ ଗୋଇନ୍ଦା ସଂସ୍ଥା ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି।
- ଦେଶରେ ମାନବିକ ଅଧିକାର କମିଶନ ଗଠନକୁ ପାର୍ଲାମେଣ୍ଟର ଅନୁମୋଦନ।
- ସରକାରୀ ଦୁଗ୍ଧ ଯୋଜନାରେ ଦିଆଯାଉଥିବା ଦୁଗ୍ଧ ପିଇ ମହାରାଷ୍ଟ୍ରର ପୁଣେସ୍ଥିତ ପ୍ରାଥମିକ ମ୍ୟୁନିସିପାଲ ସ୍କୁଲର ୫୦୦ ଛାତ୍ରୀଛାତ୍ର ଅସୁସ୍ଥ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | B | 8 | 7 | | | 5 | | | C | | 4 | | |
| 8 | C | | | | | | | 2 | | | | | | B |
| | | 2 | | | B | | 1 | 3 | 5 | | | | 7 | |
| | E | | 0 | 1 | | | | | | | | | 3 | |
| 6 | | A | | 3 | 2 | | | | | | E | 9 | 1 | |
| 9 | 6 | | A | | E | C | | | B | | | | | 5 |
| | | | 2 | | | 7 | 8 | | | 4 | | | | 6 |
| | | | | B | C | | D | | E | | | | | |
| | | 8 | 6 | | | | 2 | 0 | | | | D | | 7 |
| 1 | | | | | | 6 | | | | 0 | | | 8 | |
| B | | 9 | | E | | | | 1 | | | | | | |
| | 8 | 7 | | | | | | D | | E | | | | |
| | | 1 | 3 | 2 | 6 | | | B | | 8 | | | 4 | |
| | | D | 5 | | 9 | A | 7 | | | | | | | |
| | | | | | 1 | | 4 | | | | 3 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 0 | 9 | C | B | 2 | 8 | D | A | E | 3 | 4 | 7 | 6 |
| 8 | 4 | 2 | 7 | 1 | 3 | 0 | 5 | 9 | D | B | 6 | A | C | E |
| 3 | B | 9 | 5 | 6 | E | C | A | 1 | 7 | 2 | 4 | 0 | D | 8 |
| 7 | 6 | D | A | 0 | 8 | 4 | E | B | 5 | 1 | C | 2 | 9 | 3 |
| A | E | C | D | 2 | 4 | 7 | 6 | 3 | 9 | 0 | 8 | 5 | 1 | B |
| 2 | 8 | 3 | C | B | 9 | 5 | 0 | 6 | E | 4 | 1 | 7 | A | D |
| 9 | A | 4 | 8 | D | 7 | 3 | B | 2 | 0 | C | 5 | E | 6 | 1 |
| C | D | E | 3 | 5 | 6 | 1 | 7 | A | B | 9 | 2 | 8 | 0 | 4 |
| 0 | 5 | B | 1 | 4 | A | E | 9 | 8 | 6 | D | 7 | C | 3 | 2 |
| 1 | 7 | 6 | 0 | E | 2 | D | C | 4 | 3 | 8 | A | B | 5 | 9 |
| 6 | C | 8 | 4 | 7 | 0 | B | 2 | 5 | 1 | 3 | D | 9 | E | A |
| E | 9 | A | B | 3 | C | 8 | D | 7 | 4 | 6 | 0 | 1 | 2 | 5 |
| B | 0 | 1 | E | 8 | 5 | 6 | 3 | C | 2 | A | 9 | D | 4 | 7 |
| D | 2 | 7 | 6 | 9 | 1 | A | 4 | E | C | 5 | B | 3 | 8 | 0 |
| 4 | 3 | 5 | 2 | A | D | 9 | 1 | 0 | 8 | 7 | E | 6 | B | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କନିଷ୍ଠ ଶିକ୍ଷକଙ୍କୁ ବର୍ଦ୍ଧିତ ବେତନ ଦିଆଯାଉ

ମହାଶୟ,

ରାଜ୍ୟ ସରକାର ସମସ୍ତ ବିଭାଗର କର୍ମଚାରୀଙ୍କୁ ସପ୍ତମ ବେତନ ପ୍ରଦାନ ନିମନ୍ତେ ଏକ ଫିଟମେଣ୍ଟ କମିଟି ଗଠନ କରିଥିଲେ। ପୂର୍ବ ନିର୍ଦ୍ଧାରିତ ତାଲିକା ଓ ତାରିଖ ଅନୁଯାୟୀ ପ୍ରତ୍ୟେକ ବିଭାଗର କର୍ମଚାରୀଙ୍କ ମୁଖ୍ୟମାନେ ଫିଟ୍‌ମେଣ୍ଟ କମିଟି ସମ୍ମୁଖରେ ନିଜ ନିଜର ଦାବି ଉପସ୍ଥାପନ କରିଥିଲେ। ସେହି ଅନୁଯାୟୀ ଶିକ୍ଷା ସହାୟକ ସଂଘ ମଧ୍ୟ ଫିଟ୍‌ମେଣ୍ଟ ମତାମତ ଅନୁସାରେ ଶିକ୍ଷା ସହାୟକମାନଙ୍କୁ ମୂଳ ବେତନର ୨୫ ପ୍ରତିଶତ ବର୍ଦ୍ଧିତ ବେତନ ଓ ବାର୍ଷିକ ୧୦ ପ୍ରତିଶତ ଇନ୍‌କ୍ରିମେଣ୍ଟ ପ୍ରଦାନ ପାଇଁ ସୁପାରିସ କରିଥିଲା। ମାତ୍ର ସରକାର ସମସ୍ତ ବିଭାଗକୁ ସପ୍ତମ ବେତନ ପ୍ରଦାନ କରିଥିବା ବେଳେ ରାଜ୍ୟର ୭୦ ହଜାର ଶିକ୍ଷା ସହାୟକଙ୍କୁ ଏପର୍ଯ୍ୟନ୍ତ ବର୍ଦ୍ଧିତ ବେତନ ଓ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ ନ କରିବା ଅତ୍ୟନ୍ତ ପରିତାପର ବିଷୟ।

ପ୍ରଶାନ୍ତ କୁମାର ସାମଲ, ଦଶରଥପୁର, ଯାଜପୁର

### ପଥହୁଡ଼ାଙ୍କ ମା'ବାପା

ପ୍ରତ୍ୟେକ ସନ୍ତାନ ହେଉଛନ୍ତି ମା'ବାପାଙ୍କର ଦର୍ପଣ ସଦୃଶ। ଏମିତି ଏକ ଦର୍ପଣରେ ନିଜର ସ୍ୱଚ୍ଛ ଓ ସ୍ୱଷ୍ଟ ପ୍ରତିବିମ୍ବ ଦେଖିଲେ ମା'ବାପାମାନେ ଯେମିତି ଖୁସି ହୁଅନ୍ତି ସେମିତି ଦର୍ପଣରେ ସମ୍ପୂର୍ଣ୍ଣ ଭିନ୍ନ ଏକ ଚେହେରା ଦେଖିଲେ ମନରେ ଅବଶୋଷ ଓ ଅସନ୍ତୋଷ ଭରିଯାଏ। ଜଣେ ସାଧୁର ସନ୍ତାନ ସାଧୁଟିଏ ନ ହୋଇ ଡାକୁଟିଏ ହେଲେ କିମ୍ବା ଡାକୁର ସନ୍ତାନ ଡକାୟତି ନ କରି ସାଧୁ ହୋଇଗଲେ ସମଗ୍ର ଦୁନିଆ ଆଶ୍ଚର୍ଯ୍ୟ ହୁଅନ୍ତି। କିନ୍ତୁ ମା'ବାପାମାନେ ଅସହ୍ୟ ଯନ୍ତ୍ରଣା ଭୋଗକରନ୍ତି। ଆଜିକାଲି ପ୍ରାୟ ଅଧିକାଂଶ ମା'ବାପା ନିଜ ସନ୍ତାନର ଦୋଷ ନ ଦେଖି ତାଙ୍କ ଦୋଷକୁ ଦେଖାଇ ଦେଉଥିବା ବ୍ୟକ୍ତିମାନଙ୍କ ପ୍ରତି ଅଶାଳୀନ ବ୍ୟବହାର ଦେଖାଉଛନ୍ତି ଓ ନିଜ ସନ୍ତାନମାନଙ୍କୁ ଅନ୍ଧ ଭାବରେ ସମର୍ଥନ କରୁଛନ୍ତି। ଏହା ନିଜ ପାଇଁ ଓ ସମାଜ ପାଇଁ କ୍ଷତିକାରକ। ଏହି ପରିପ୍ରେକ୍ଷୀରେ ଧରିତ୍ରୀରେ ପ୍ରକାଶିତ ନିରଞ୍ଜନ ପାଢ଼ୀଙ୍କ ଆଲେଖ୍ୟ ''ପଥହୁଡ଼ାଙ୍କ ମା'ବାପା'' ଖୁବ୍ ଶିକ୍ଷଣୀୟ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, 'ହରି ନିବାସ, ନରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



❝ ଦେଶରେ ଅନ୍ୟ କ୍ଷେତ୍ର ଭଳି ଫିଲ୍ମ ଇଣ୍ଡଷ୍ଟ୍ରିରେ ମହିଳାଙ୍କୁ ସମାନ ଗୁରୁତ୍ୱ ଦିଆଯିବା ଉଚିତ।
-ସୁନୀଲ ସେଟ୍ଟୀ,
ବଲିଉଡ୍ ଅଭିନେତା

# ଦିଲୀପ କୁମାରଙ୍କ ପୈତୃକ ସମ୍ପତ୍ତି ବିକ୍ରି ହେବ

**ପେଶାୱର:** ପାକିସ୍ତାନର ଖାଇବର–ପାଖତୁନ୍‌ଖ୍ୱା ପ୍ରାଦେଶିକ ସରକାର ବଲିଉଡ୍‌ର କିମ୍ବଦନ୍ତୀ ଅଭିନେତା ରାଜ କପୁର ଏବଂ ଦିଲୀପ କୁମାରଙ୍କ ପୈତୃକ ବାସଭବନ କିଣିବା ପାଇଁ ଯୋଜନା କରିଛନ୍ତି। ଭାରତ ବିଭାଜନ ପୂର୍ବରୁ ନିର୍ମିତ ଏହି ଗୃହଗୁଡ଼ିକୁ ଜାତୀୟ ସମ୍ପତ୍ତି ଭାବେ ଘୋଷଣା କରାଯାଇଛି। କିସା ଖ୍ୱାନି ବଜାରରେ ଅବସ୍ଥିତ ରାଜ କପୁରଙ୍କ ପୈତୃକ ଗୃହ କପୁର ହବେଲି ଭାବେ ପରିଚିତ। ବ୍ରିଟିଶ ଶାସନାଧୀନ ଭାରତ ବିଭାଜନ ପୂର୍ବରୁ ୧୯୧୮ରୁ ୧୯୨୨ ମଧ୍ୟରେ ରାଜ କପୁରଙ୍କ ଜେଜେବାପା ଦେୱାନ୍ ବିଶେଶ୍ୱରନାଥ କପୁରଙ୍କ ଦ୍ୱାରା ଏହା ନିର୍ମାଣ କରାଯାଇଥିଲା। ରାଜ କପୁର ଏବଂ ତାଙ୍କ ଦାଦା ତ୍ରିଲୋକ



କପୁର ସେହି ବାସଭବନରେ ଜନ୍ମ ହୋଇଥିଲେ। ପ୍ରାଦେଶିକ ସରକାର ଏହାକୁ ଜାତୀୟ ଐତିହ୍ୟ ଘୋଷଣା କରିଛନ୍ତି। ବିଶିଷ୍ଟ ଅଭିନେତା ଦିଲୀପ କୁମାରଙ୍କ ୧୦୦ବର୍ଷର ପୈତୃକ ଗୃହ ମଧ୍ୟ ଏଠାରେ ଅବସ୍ଥିତ। ୨୦୧୪ରେ ନୱାଜ ଶରିଫ୍ ସରକାରଙ୍କ ଦ୍ୱାରା ଏହାକୁ ଜାତୀୟ ଐତିହ୍ୟ ଘୋଷଣା କରାଯାଇଥିଲା। ତେବେ ଏହି ଦୁଇଟି ବାସଭବନର ପ୍ରତ୍ନତାତ୍ତ୍ୱିକ ଗୁରୁତ୍ୱ ଥିବା ଦୃଷ୍ଟିରୁ ଏହି ଦୁଇଟି ସମେତ ୨୫ଟି ଅଟ୍ଟାଳିକାକୁ ପ୍ରାଦେଶିକ ସରକାର ୬୧କୋଟି ଟଙ୍କାରେ କିଣିବାକୁ ଯାଉଛନ୍ତି। ଚଳିତ ଆର୍ଥିକ ବର୍ଷରେ ଅଟ୍ଟାଳିକାଗୁଡିକର ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ପ୍ରତ୍ନତତ୍ତ୍ୱ ବିଭାଗ ୭୦ଲକ୍ଷ ଟଙ୍କା ଯୋଗାଇଦେବ। ଉକ୍ତ ରିପୋର୍ଟ ଅନୁମୋଦିତ ହେବା ପରେ ଏହି ଅଟ୍ଟାଳିକାଗୁଡ଼ିକୁ କିଣିବା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

# ରିଲ୍ ଲାଇଫ୍‌ରେ ରିୟଲ ଦମ୍ପତି

**ମୁମ୍ବାଇ:** ବାସ୍ତବ ଜୀବନରେ ଦମ୍ପତି ସାଜିଥିବା ଅଭିନେତ୍ରୀ ଅର୍ଚ୍ଚନା ପୂରନ୍ ସିଂ ଏବଂ ପରମିତ୍ ସେଠୀ 'ମାଇ ନେମ୍ ଇଜ୍ ଲଖନ୍' ଫିଲ୍ମରେ ସ୍ତ୍ରୀ–ସ୍ୱାମୀ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ଶ୍ରେୟାସ ତଲ୍‌ପାଡେ ଲଖନ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ତାଙ୍କର ମାତାପିତା ଭୂମିକାରେ ଅଭିନୟ କରିବେ ଅର୍ଚ୍ଚନା ଏବଂ ପରମିତ। ଏ ସମ୍ପର୍କରେ ଅର୍ଚ୍ଚନା କହନ୍ତି, ପରମିତଙ୍କ ସହ ସ୍କ୍ରିନ୍ ଶେୟାର କରିବାକୁ ଯାଉଥିବା ନିଶ୍ଚିତ ଭାବରେ ଖୁସିର ବିଷୟ। ତାହା ପୁଣି 'ମାଇଁ ନେମ୍ ଇଜ୍ ଲଖନ୍' ଫିଲ୍ମରେ, ଯାହା ପାପ ଉପରେ ପୁଣ୍ୟର ବିଜୟ। ଟ୍ରାଜେଡି ଓ କମେଡିକୁ ନେଇ କାହାଣୀ ଗଢ଼ିଉଠିଥିବାବେଳେ ଉକ୍ତ ଫିଲ୍ମରେ ଟ୍ରାଜେଡି ନୁହେଁ ବରଂ ଜଣେ କମେଡିଆନ୍‌ର ଭୂମିକା ନେଇଛି। ଜଣେ ଯୁବକଙ୍କ ଜୀବନରେ କିପରି ସଂସ୍କାର ଆସିଛି ତାହା ବର୍ଣ୍ଣନା କରାଯାଇଛି। ଏ ସମ୍ପର୍କରେ ପରମିତ୍ କହନ୍ତି, ଏଥିରେ ସମ୍ପୂର୍ଣ୍ଣ ପଜିଟିଭ୍ ରୋଲ୍ ନେଇଛି। ଯେଉଁ ଚରିତ୍ରରେ ଅଭିନୟ କରୁଛି ତାହା ଖୁବ୍ ସାଧାସିଧା। ଦର୍ଶକମାନେ ଏହି ନୂଆ ଅବତାରରେ ପ୍ରଶଂସା କରିବେ ଏବଂ ଅର୍ଚ୍ଚନା ସହିତ ମୋର ଯୋଡିକୁ ପସନ୍ଦ କରିବେ ବୋଲି ଆଶାବାଦୀ। ଶାହରୁଖ୍ ଖାନ୍ ଏବଂ କାଜଲ୍ ଅଭିନୀତ ପ୍ରେମ କାହାଣୀ 'ଭିଲେନ୍' ଏବଂ ୧୯୯୫ ବ୍ଲକ୍‌ବଷ୍ଟର ଫିଲ୍ମ 'ଦିଲୱାଲେ ଦୁଲ୍‌ହାନିଆ ଲେ ଜାଏଙ୍ଗେ'ରେ ପରମିତ୍ ନିଜ ଅଭିନୟର ସ୍ୱାକ୍ଷର ଛାଡିଛନ୍ତି।



ପରମିତ୍ ସେଠୀ–ଅର୍ଚ୍ଚନା ପୂରନ୍ ସିଂ

## ଇତିହାସର ଆଇନାରେ | ଡିସେମ୍ବର ୨୩ର ପ୍ରମୁଖ ଘଟଣା

**୨**୦୧୫ ଡିସେମ୍ବର ୨୩ରେ ଇସ୍ତାନବୁଲ୍‌ର ସାଭିଆ ଗୋକେନ୍ ଏୟାରପୋର୍ଟରେ ବୋମା ବିସ୍ଫୋରଣ ଯୋଗୁ ଜଣେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ୪ଦିନ ପରେ କୁର୍ଦ୍ଦିସ୍ତାନ ଫ୍ରିଡମ୍ ହକ୍‌ସ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଏହି ସଂଗଠନ ହେଉଛି ତୁର୍କିର କୁର୍ଦ୍ଦିଶ୍ ଜାତୀୟତାବାଦୀ ଉଗ୍ରପନ୍ଥୀ ଗୋଷ୍ଠୀ। ଏହା ପୂର୍ବ ଓ ଦକ୍ଷିଣ ତୁର୍କିରେ ଏକ ସ୍ୱାଧୀନ କୁର୍ଦ୍ଦିଶ ରାଜ୍ୟ ଦାବି କରୁଛି। କୁର୍ଦ୍ଦିଶ ନାଗରିକଙ୍କ ନିମନ୍ତେ ତୁର୍କି ସରକାରଙ୍କ ନୀତିକୁ ଉକ୍ତ ଗୋଷ୍ଠୀ ବିରୋଧ କରିଆସୁଛି।

**୧**୯୭୦ ଡିସେମ୍ବର ୨୩ରେ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ ସରକାରୀ ଭାବରେ ଏକଦଳୀୟ ରାଷ୍ଟ୍ରର ମାନ୍ୟତା ପାଇଲା। ଏହା ଡିଆରସି ନାମରେ ମଧ ନାମିତ। କେନ୍ଦ୍ରୀୟ ଆଫ୍ରିକାର ଦକ୍ଷିଣ ଭାଗରେ ଏହି ରାଷ୍ଟ୍ର ଅବସ୍ଥିତ। ପୂର୍ବତନ ନାମ ଜାଇରେ ଦ୍ୱାରା ଏହା ପରିଚିତ ହୁଏ। ଡିଆରସି ସୀମାକୁ ଲାଗି ଉତ୍ତରରେ ରହିଛି କେନ୍ଦ୍ରୀୟ ଆଫ୍ରିକା, ଉତ୍ତରପୂର୍ବରେ ସାଉଥ୍ ସୁଦାନ, ପୂର୍ବରେ ଉଗାଣ୍ଡା, ରୁଆଣ୍ଡା, ବୁରୁଣ୍ଡି ଏବଂ ତାଞ୍ଜାନିଆ, ଦକ୍ଷିଣରେ ଜାମ୍ବିଆ ଏବଂ ଦକ୍ଷିଣପଶ୍ଚିମରେ ଆଙ୍ଗୋଲା ରହିଛି।



ଶନିବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୧ | ୧୦.୨ |
| ଚାନ୍ଦବାଲି | ୨୪.୪ | ୧୩.୨ |
| କଟକ | ୨୫.୦ | ୧୨.୨ |
| ପାରାଦ୍ୱୀପ | ୨୫.୦ | ୧୪.୮ |
| ଭୁବନେଶ୍ୱର | ୨୭.୧ | ୧୩.୯ |
| ଗୋପାଳପୁର | ୨୬.୦ | ୧୬.୩ |
| ପୁରୀ | ୨୬.୬ | ୧୫.୪ |
| ଅନୁଗୋଳ | ୨୫.୧ | ୯.୬ |
| ବାରିପଦା | ୨୨.୫ | ୧୦.୬ |
| ଝାରସୁଗୁଡ଼ା | ୨୫.୯ | ୯.୫ |
| କେନ୍ଦୁଝର | ୨୨.୦ | ୮.୮ |
| ସମ୍ବଲପୁର | ୨୬.୬ | ୯.୭ |
| ସୁନ୍ଦରଗଡ଼ | ୨୩.୦ | ୯.୦ |
| ହୀରାକୁଦ | ୨୫.୫ | ୧୦.୬ |
| ତାଳଚେର | ୩୦.୧ | ୧୧.୩ |
| ଭବାନୀପାଟଣା | ୨୫.୨ | ୧୦.୫ |
| ବଲାଙ୍ଗୀର | ୨୫.୬ | ୧୦.୬ |
| କୋରାପୁଟ | ୨୪.୬ | ୧୩.୨ |
| ଫୁଲବାଣୀ | ୨୪.୦ | ୭.୦ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୦.୪ | ୧୬.୮ |
| ସୋନପୁର | ୨୬.୨ | ୧୦.୦ |
| ଦାରିଙ୍ଗିବାଡ଼ି | ୨୩.୫ | ୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



# ସେଲ୍ଫି କର୍ଣ୍ଣର ପୁରସ୍କାର ପ୍ରଦାନ ଉତ୍ସବ



ଜଣେ ସେଲ୍ଫି କର୍ଣ୍ଣର ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି ଧରିତ୍ରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ। ନିକଟରେ ଅଛନ୍ତି ଏୟାରଟେଲ ଓଡ଼ିଶାର ଟେରିଟୋରି ସେଲ୍ସ ମ୍ୟାନେଜର ରିଷିକାନ୍ତ ବିଶ୍ୱାଳ (ବାମ) ଓ ମଞ୍ଚ ପରିଚାଳିକା ଶୋଭନା ମିଶ୍ର।



ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଜଣେ ବିଜେତାଙ୍କୁ ପୁରସ୍କାର ଭାବେ ସ୍ମାର୍ଟଫୋନ୍ ପ୍ରଦାନ କରୁଛନ୍ତି। ନିକଟରେ ଅଛନ୍ତି ରିଲାଏନ୍ସ ଜିଓ ଫାଇବର ବିଜ୍‌ନେସ ମ୍ୟାନେଜର (ଓଡ଼ିଶା) ସୌମେଶ ପତି ଓ ଧରିତ୍ରୀର ଡାଇରେକ୍ଟର (ମାର୍କେଟିଂ) ହିମାଂଶୁ ହୋତା।



ସେଲ୍ଫି କର୍ଣ୍ଣର ବିଜେତାମାନଙ୍କ ସହ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଓ ଅନ୍ୟମାନେ।



ଜଣେ ସେଲ୍ଫି କର୍ଣ୍ଣର ବିଜେତାଙ୍କୁ ପୁରସ୍କୃତ କରୁଛନ୍ତି 'ଟେକ୍ ଆଙ୍ଗା'ର ଜୋନାଲ ମ୍ୟାନେଜର ସୁମିତ ପଟ୍ଟନାୟକ।

## 'ଯୁବପିଢ଼ିଙ୍କ ପାଇଁ ଏ ପୃଥିବୀ ଚାଲିଛି'

### ବିଜେତା ପାଇଲେ ସ୍ମାର୍ଟଫୋନ

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)**

ଧରିତ୍ରୀ ପକ୍ଷରୁ ଏହାର 'ସେଲ୍ଫି କର୍ଣ୍ଣର' ବିଜେତାଙ୍କ ପାଇଁ ଶନିବାର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦ ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ନଭେମ୍ବର ମାସର ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ପୁରସ୍କାର ବାବଦରେ ପ୍ରତି ବିଜେତାଙ୍କୁ 'ଟେକ୍ ଆଙ୍ଗା' ପକ୍ଷରୁ ଏକ ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଥିଲା। ଏହା ସହ ଏୟାରଟେଲ ପକ୍ଷରୁ ଏକ ମାସର ଅନ୍‌ଲିମିଟେଡ୍ ଡାଟା ଓ ଅନ୍‌ଲିମିଟେଡ୍ କଲ୍ ଥିବା ଗୋଟିଏ ସିମ୍‌କାର୍ଡ ଦିଆଯାଇଥିଲା। ମଞ୍ଚରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ଡାଇରେକ୍ଟର(ମାର୍କେଟିଂ) ହିମାଂଶୁ ହୋତା, 'ଟେକ୍ ଆଙ୍ଗା'ର ଜୋନାଲ ମ୍ୟାନେଜର ସୁମିତ ପଟ୍ଟନାୟକ, ଏୟାରଟେଲ୍ ଓଡ଼ିଶାର ଟେରିଟୋରି ସେଲ୍ସ ମ୍ୟାନେଜର ରିଷିକାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ବିଜେତାଙ୍କୁ ପୁରସ୍କୃତ କରିଥିଲେ।

ଧରିତ୍ରୀ ସମ୍ପାଦକ ସତପଥୀ କହିଥିଲେ ଯେ, ଯୁବପିଢ଼ିଙ୍କ ପାଇଁ ଏ ପୃଥିବୀ ଚାଲିଛି। ତେଣୁ ଧରିତ୍ରୀ ସବୁବେଳେ ଯୁବପିଢ଼ିଙ୍କ ପସନ୍ଦ ନାପସନ୍ଦକୁ ପ୍ରାଥମିକତା ଦେଇଆସିଛି। ବର୍ତ୍ତମାନର ପିଢ଼ିଙ୍କ ପାଇଁ ନିୟୋଜିତ ରହିବାକୁ ଧରିତ୍ରୀର ଚେଷ୍ଟା ଓ ପ୍ରୟାସ ରହିଛି। ଆଜିକାର ପାଠକମାନେ କେବଳ ରାଜନୀତି, ବାଣିଜ୍ୟ କିମ୍ବା ଅପରାଧ ଖବରରେ ଆଗ୍ରହୀ ନୁହନ୍ତି। ଏହାସହ ଜୀବନର ସୌନ୍ଦର୍ଯ୍ୟ ରହିବା ନିହାତି ଆବଶ୍ୟକ। ହେଲେ ଓଡ଼ିଶାରେ ଆମେ ଯାହା ଦେଖୁଛୁ ଗଣମାଧ୍ୟମଗୁଡ଼ିକ କେବଳ ଗୋଟିଏ ଦିଗରେ ଯାଉଛନ୍ତି। ଏକ୍ଷେତ୍ରରେ ଆମେ କିଛି ନୂଆ କରିବାକୁ ଚାହୁଁଛୁ। ପିଲାଙ୍କ ଧରିତ୍ରୀଠାରୁ ଆରମ୍ଭକରି ଯୁବତୀଯୁବକଙ୍କ ପାଇଁ ନୂଆ ଚିନ୍ତାଧାରା, ନୂଆ ପଦ୍ଧତି ଓ ଜୀବନରେ କିଛି ନୂଆ ଆଣିବାକୁ ଚେଷ୍ଟା କରୁଛୁ। ଆମେ କହୁନୁ ଯେ, ଆମେ ଶତ ପ୍ରତିଶତ ସଫଳ ହୋଇଛୁ। ଏହା ଏକ ନିରନ୍ତର ପ୍ରକ୍ରିୟା। ସବୁଦିନ ଯେପରି କିଛି କିଛି ବଦଳିବ ଆମେ ସେହି ଚେଷ୍ଟାରେ ଅଛୁ। ପାଠକଙ୍କ ନିକଟରେ ଆମେ କୃତଜ୍ଞ। ଧରିତ୍ରୀ ଏହାର ପାଠିକାପାଠକଙ୍କ ଯୋଗୁ ବଞ୍ଚିରହିଛି।

ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଥିଲେ ଯେ, ଯେଉଁମାନେ ବି ସେଲ୍ଫି କର୍ଣ୍ଣର ପୁରସ୍କାର ଜିତିଛନ୍ତି ସେମାନେ ବହୁତ ଭାଗ୍ୟଶାଳୀ। ପ୍ରତିଦିନ ଆମପାଖକୁ ବହୁତଗୁଡିଏ ସେଲ୍ଫି ଆସୁଛି। ସେଥିରୁ ଅଳ୍ପକିଛି ଚୟନ କରି ଖବରକାଗଜରେ ଛାପିବା ଓ ପୁଣି ସେଥିରୁ ପ୍ରତିଦିନ ଗୋଟିଏ ଗୋଟିଏ ବିଜେତା ବାଛିବା ଆମ ପାଇଁ କଷ୍ଟକର ହୋଇପଡୁଛି।

ଉତ୍ସବକୁ ମନୋରଞ୍ଜନଧର୍ମୀ କରିବା ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ ସ୍ମୃତିମୟୀ ମହାପାତ୍ର ଓ ବିଭୁ ପ୍ରସାଦ ମହାରଣା ଏହି ଅବସରରେ ମନଛୁଆଁ ଓଡ଼ିଆ ଓ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ, ଯାହାର ତାଳେ ତାଳେ ଉପସ୍ଥିତ ବିଜେତା ଓ ସେମାନଙ୍କ ସାଙ୍ଗସାଥୀ, ସମ୍ପର୍କୀୟମାନେ ନାଚିବା ସହ ଭରପୂର ଉପଭୋଗ କରିଥିଲେ। ଶୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରୁଛନ୍ତି ସ୍ମୃତିମୟୀ ମହାପାତ୍ର ଓ ବିଭୁ ପ୍ରସାଦ ମହାରଣା।



ସଙ୍ଗୀତ ସହ ତାଳ ଦେଇ ନୃତ୍ୟରତ ସେଲ୍ଫି କର୍ଣ୍ଣର ବିଜେତା ଓ ଅନ୍ୟମାନେ।

# ୧୫୦ ବର୍ଷ ପୂର୍ତ୍ତି ପାଳିଲା ଯାଜପୁର ପୌର ପରିଷଦ

ଯାଜପୁର ପୌରପରିଷଦର ୧୫୦ବର୍ଷ ପୂର୍ତ୍ତି ଏବଂ ଜିଲା ପ୍ରତିଷ୍ଠାର ୨୫ବର୍ଷ ପୂରଣ ଉତ୍ସବ ଧୁମଧାମରେ ପାଳିତ ହୋଇଥିଲା। ପୌର ପରିଷଦ ଓ ଜିଲା ପ୍ରଶାସନ ମିଳିତ ଭାବେ ୯ ଦିନ ବ୍ୟାପୀ ସହରରେ ଉତ୍ସବ ପାଳନ କରିଥିଲେ। ଐତିହାସିକ କୁସୁମା ପୋଖରୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ଯାଜପୁର ଜିଲା ତଥା ସହରର ଐତିହ୍ୟ, ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଆର୍ଥିକ ସମୃଦ୍ଧି, ଜୀବିକା ଅଭିଯାନ, ନଗର ସଭ୍ୟତା, ଗମନାଗମନର ସୁଦୃଢ଼, ଯୁବକଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବାର ଯୋଜନା ଓ ଆତିଥ୍ୟ ପ୍ରସଙ୍ଗକୁ ନେଇ ବୌଦ୍ଧିକ ଆଲୋଚନା ହୋଇଥିଲା। ଏହାସହ ନୂତନ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ, ଜିଲା ସଦର ମହକୁମାରେ ଅତ୍ୟାଧୁନିକ ଡାକ୍ତରଖାନାର ଶିଳାନ୍ୟାସ, ଯାଜପୁର ପୌରପରିଷଦର ୧୫୦ତମ ଶାନ୍ତିର ସ୍ମାରକୀ, ବୈତରଣୀ ନଦୀକୂଳେ ବୁଦ୍ଧଙ୍କ ମୂର୍ତ୍ତି, ଗାନ୍ଧୀଛକଠାରେ ନୂତନ ଗାନ୍ଧୀମୂର୍ତ୍ତି, କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଗୃହ, ଷଠିପୁରଠାରେ ପଥପ୍ରାନ୍ତ ସେବାକେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା।



୨୦୧୮ରେ ଉପକୂଳ ଓଡ଼ିଶାରେ ଘଟିଛି ଅନେକ ପରିବର୍ତ୍ତନ। ରାଜନୈତିକ ଦୃଶ୍ୟପଟ୍ଟ ବଦଳିବା ସାଙ୍ଗକୁ ଆପରାଧିକ ସାମ୍ରାଜ୍ୟରେ ଲାଗିଛି ରୋକ୍। ବରିଷ୍ଠ ନେତା ଦାମୋଦର ରାଉତ, ବୈଜୟନ୍ତ ପଣ୍ଡା ବିଜେଡିରୁ ବିଦା ହୋଇଥିବାବେଳେ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଦଳ ଛାଡ଼ିଛନ୍ତି। ଅପରାଧ ଦୁନିଆରେ ସାମ୍ରାଜ୍ୟ ବିସ୍ତାର କରିଆସିଥିବା ସୟଦ୍ ଉସ୍‌ମାନ ଅଲ୍ଲୀ ଓରଫ ଟିଟୋଙ୍କୁ ଲାଗିଛି ଝଟକା। ଏନ୍‌କାଉଣ୍ଟରରେ ଆହତ ହୋଇଛନ୍ତି ଅନେକ କୁଖ୍ୟାତ ଅପରାଧୀ। ସେପଟେ ଯାଜପୁର ଡଙ୍କାରୀରେ ଦୀର୍ଘ ବର୍ଷ ଧରି ଚାଲିଆସିଥିବା ବେଆଇନ ପଥର ଖାଦାନ ଓ କ୍ରଶର ଉପରେ ଲାଗିଛି ରୋକ୍। ଯାଜପୁର ସହରର ସୌନ୍ଦର୍ଯ୍ୟକୁ ଅଧିକ ଆକର୍ଷିତ କରିବା ପାଇଁ ଲୋକାର୍ପିତ ହୋଇଛି କୁସୁମା ପୋଖରୀ। ବିଦାୟୀ ବର୍ଷର କିଛି ସ୍ମୃତିକୁ ନେଇ ଆମର ଏହି ସ୍ୱତନ୍ତ୍ର ପୃଷ୍ଠା '୧୮ ଝଲକ'...

# ଦଳରୁ ବିଦା

## ଦାମ



ବର୍ଷ ୨୦୧୮ ପାରାଦୀପ ନିର୍ବାଚନମଣ୍ଡଳି ତଥା ଜଗତ୍‌ସିଂହପୁର ଜିଲା ରାଜନୀତି ପାଇଁ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପାରାଦୀପ ବିଧାୟକ ତଥା ବରିଷ୍ଠ ନେତା ଦାମୋଦର ରାଉତଙ୍କୁ ସେପ୍ଟେମ୍ବର ୧୨ରେ ବିଜେଡିରୁ ବହିଷ୍କାର କରାଗଲା। ଦୀର୍ଘ ୪୪ ବର୍ଷର ରାଜନୈତିକ ଜୀବନରେ ଏହା ଦାମଙ୍କ ପାଇଁ ସବୁଠାରୁ ଶକ୍ତ ଧକ୍କା ଥିଲା। ଇତିମଧ୍ୟରେ ଦାମ ନିଜର ନୂତନ ଦଳ 'ବିଜୁ ସମତା କ୍ରାନ୍ତି' ଘୋଷଣା କରିଥିଲେ ମଧ୍ୟ ଏନେଇ ଆବଶ୍ୟକ ଭିତ୍ତିଭୂମି ଗଠନ କରିପାରିନାହାନ୍ତି।

## ବୈଜୟନ୍ତ



ଗତ ୪ବର୍ଷ ଧରି ବିଜେଡିରେ ଏକଘରିକିଆ ହୋଇ ରହିଥିବା ବୈଜୟନ୍ତ ପଣ୍ଡାଙ୍କୁ ଦଳ ବିରୋଧୀ ଆଚରଣ ପାଇଁ ଦଳର ପ୍ରାଥମିକ ସଦସ୍ୟ ପଦରୁ ଗତ ଜାନୁୟାରୀ ୨୪ରେ ନିଲମ୍ବିତ କରାଯାଇଥିଲା। ମେ ୨୮ତାରିଖରେ ସେ ଦଳ ଛାଡ଼ିଥିଲେ। ଏପରି କି ଏମ୍‌ପି ପଦରୁ ବୈଜୟନ୍ତ ଇସ୍ତଫା ଦେଇଥିଲେ। ରାଜନୈତିକ ଭବିଷ୍ୟତ ନେଇ ବୈଜୟନ୍ତ ଅଦ୍ୟାବଧି ମୁହଁ ଖୋଲି ନ ଥିଲେ ସୁଦ୍ଧା ଠିକ୍ ସମୟରେ ଉଚିତ୍ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି।

# ଦଳ ଛାଡ଼ିଲେ ବିଜୟ

ବରିଷ୍ଠ ରାଜନେତା ବିଜୟ ମହାପାତ୍ରଙ୍କ ଭାଜପାରୁ ଇସ୍ତଫା ଦେବା ଘଟଣା ଚଳିତବର୍ଷ ପାଇଁ କେନ୍ଦ୍ରାପଡା ଜିଲା ଓ ରାଜ୍ୟ ରାଜନୀତିକୁ ବେଶ୍ ଚଳଚଞ୍ଚଳ କରିଛି। ଗତ ଦୁଇ ବର୍ଷ ଧରି ଭାଜପା ନେତାଙ୍କ ପାଇଁ ଗୁରୁତ୍ୱ ବହନ କରୁ ନ ଥିବା ବିଜୟ ଗତ ନଭେମ୍ବର ୩୦ତାରିଖରେ ଦଳରୁ ଇସ୍ତଫା ଦେଇଥିଲେ। ସେ ନିଜର ପରବର୍ତ୍ତୀ ରାଜନୈତିକ ପଦକ୍ଷେପ ନେଇ ସ୍ପଷ୍ଟ କରି ନ ଥିଲେ ମଧ୍ୟ ଇତିମଧ୍ୟରେ ତାଙ୍କର ବହୁ ଅନୁଗତ ଭାଜପାରୁ ଇସ୍ତଫା ଦେଇଛନ୍ତି।



# ବଢ଼ିଛି ପ୍ରଶାନ୍ତଙ୍କ ପତିଆରା

ବରିଷ୍ଠ ନେତା ଦାମ ରାଉତ ବିଜେଡିରୁ ବହିଷ୍କାର ହେବା ପରେ ଜଗତସିଂହପୁର ଜିଲାରେ ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ମୁଦୁଲିଙ୍କ କ୍ଷମତା ବୃଦ୍ଧି ପାଇଛି। ଏକଦା ବାଲିକୁଦା ଏରସମା ନିର୍ବାଚନମଣ୍ଡଳିରେ ଦାମଙ୍କ ସହଯୋଗରେ ରାଜନୀତିରେ ପାଦଦେଇ ବିଧାୟକ ହୋଇଥିବା ପ୍ରଶାନ୍ତ ଶେଷରେ ତାଙ୍କୁ ବହିଷ୍କାର କରିବାରେ ପ୍ରମୁଖ ଭୂମିକା ନେଇଥିଲେ। ଦାମ ଦଳ ବିରୋଧୀ କାର୍ଯ୍ୟ କରୁଥିବା ସେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆଗରେ ଅଭିଯୋଗ କରିଥିଲେ। ଏପରି କି ଏରସମାରେ ଦୀର୍ଘବର୍ଷ ଧରି ଦାମଙ୍କ ଦ୍ୱାରା ଅନୁଷ୍ଠିତ ହୋଇଆସୁଥିବା ରାବଣ ପୋଡ଼ି ଉତ୍ସବକୁ ଭଣ୍ଡୁର କରାଇବାକୁ ମଧ୍ୟ ପ୍ରଶାନ୍ତ ପଛାଇ ନାହାନ୍ତି। ଦାମ ବିଦା ହେବା ପରେ ପ୍ରଶାନ୍ତଙ୍କୁ ଜିଲା ବିଜେଡି ଉପସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି।



# ଡଙ୍କାରୀରେ ୧୪୪ ଧାରା

ଯାଜପୁର ଜିଲା ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପାଇଁ ପ୍ରତିବନ୍ଧକ ସାଜିଥିବା ଡଙ୍କାରୀ ପାହାଡ଼ର ୬ଟି କଳାପଥର ଖାଦାନକୁ ଅକ୍ଟୋବର ୧୫ତାରିଖରେ ସିଲ୍ କରାଯାଇଥିଲା। ଏହାସହ ଓଜନ କଣ୍ଟାଗୁଡିକୁ ଭାଙ୍ଗି ଦିଆଯାଇଥିବାବେଳେ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଥିଲା। ପଥର ଖାଦାନ ରାସ୍ତାରେ ପ୍ରାୟ ୬ଫୁଟ ଗଭୀର ଗାତ ଖୋଳାଯାଇଥିଲା। ଏଥିସହ ଡଙ୍କାରୀ ପାହାଡ଼ରେ ୧୪୪ଧାରା ଜାରି ହୋଇଥିଲା। ଡଙ୍କାରୀ ପାହାଡ଼ରେ ୧୬ଟି ଖାଦାନ ମଧ୍ୟରୁ ୨, ୩, ୪, ୫, ୬ ଓ ୧୧ନମ୍ବର ଖାଦାନର ପ୍ରଭାବଶାଳୀ ମାଲିକମାନେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ପ୍ରତିଷ୍ଠା ଅନୁମତି ଏବଂ ପରିଚାଳନା ଅନୁମତି ନେଇ ନ ଥିଲେ। ଏନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ ମାମଲା ରୁଜୁ ହୋଇଥିଲା। ଏଥିରେ ଭାରତ ସରକାରଙ୍କ ୟୁନିୟନ ମନ୍ତ୍ରଣାଳୟ ସମେତ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ସାବାସ୍ ସିତୁ



କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ବାଙ୍କୁଆଳ ଗ୍ରାମର ମମତା ଦଳେଇ ନିଜ ଭଉଣୀ ଅଶାନ୍ତିଙ୍କୁ କୁମ୍ଭୀର ମୁହଁରୁ ଉଦ୍ଧାର କରି ଚଳିତବର୍ଷ ଜାନୁୟାରୀ ୨୬ରେ ଜାତୀୟ ସାହସିକତା ପୁରସ୍କାର ପାଇଛନ୍ତି। ଏହି ଘଟଣା ମନରୁ ନ ଲିଭୁଣୁ ଉକ୍ତ ବ୍ଲକ ଅନ୍ତର୍ଗତ କଣ୍ଡିରା ଗ୍ରାମର ସିତୁ ମଲ୍ଲିକ ଜାତୀୟ ସାହସିକତା ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ସିତୁ କଣ୍ଡିରାସ୍ଥିତ ବାସୁଦେବ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର। ଦାଦା ପ୍ରମୋଦ ମଲ୍ଲିକଙ୍କୁ କୁମ୍ଭୀର କବଳରୁ ଉଦ୍ଧାର କରି ସେ ନିଜ ସାହସିକତାର ପରିଚୟ ଦେଇଥିଲେ। ଜାତୀୟ ଶିଶୁ ସାହସିକତା ପୁରସ୍କାର ପାଇଁ ମନୋନୀତ ହେବା ପରେ ସିତୁ ଚର୍ଚ୍ଚାର ପରିଧିକୁ ଆସିଛନ୍ତି। ଆସନ୍ତା ଜାନୁୟାରୀ ୨୬ ତାରିଖରେ ଦିଲ୍ଲୀରେ ତାଙ୍କୁ ସମ୍ମାନିତ କରାଯିବ।

# ବଦଳିଲା ମା' ପଞ୍ଚୁବରାହୀଙ୍କ ଠିକଣା



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ବଙ୍ଗୋପସାଗର କୂଳରେ ଅଷ୍ଟାଦଶ ଶତାବ୍ଦୀରୁ ପୂଜା ପାଇ ଆସୁଥିବା ସାତଭାୟାର ମା' ପଞ୍ଚୁବରାହୀ ଠାକୁରାଣୀଙ୍କୁ ଏପ୍ରିଲ ୨୦ରେ ବଗପାଟିଆକୁ ସ୍ଥାନାନ୍ତର କରାଯାଇଥିଲା। ଏଥିପାଇଁ ଏପ୍ରିଲ ୧୯ରେ ସାତଭାୟା ମନ୍ଦିର ପରିସରରେ କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜଦେଓ କର୍ତ୍ତା ସାଜି ଆଜ୍ଞା ଯଜ୍ଞ କରିଥିଲେ। ପରଦିନ ସକାଳେ ମା'ଙ୍କ ନିତ୍ୟପୂଜା ପରେ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶିଳ୍ପୀ ପ୍ରଭାକର ମହାରଣାଙ୍କ ନେତୃତ୍ୱରେ ୭ ଜଣ ସେବକ ୫ଟି ଆସ୍ଥାନ ପିଣ୍ଡିରୁ ମା'ଙ୍କୁ ଅବତରଣ କରାଇଥିଲେ। ବିଶାଳକାୟ ମୁଗୁନି ପଥରରେ ନିର୍ମିତ ମା' ପଞ୍ଚୁବରାହୀଙ୍କ ୫ ମୂର୍ତ୍ତିକୁ ସୁସଜ୍ଜିତ ରଥରେ ସ୍ଥାପନ କରି ବାଉଁଶଗଡ଼ି ନଦୀଘାଟକୁ ନିଆଯାଇଥିଲା। ସେଠାରୁ ୨ ଚାପ ଡଙ୍ଗାରେ ରଥଗୁଡିକ ନଦୀପାର କରାଯାଇ ବଗପାଟିଆରେ ନିର୍ମାଣ ହୋଇଥିବା ନୂତନ ମନ୍ଦିରରେ ସ୍ଥାପନ କରାଯାଇଥିଲା। ବଙ୍ଗୋପସାଗର କୂଳଲଘୁ ଥିବାରୁ ସାତଭାୟାର ୫୭୧ପରିବାରକୁ ସମୁଦ୍ର ଦାଉରୁ ରକ୍ଷାକରିବା ପାଇଁ ରାଜ୍ୟ ସରକାର ସେମାନଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ମାତ୍ର ମା'ପଞ୍ଚୁବରାହୀଙ୍କ ବିନା ଗ୍ରାମବାସୀ ସାତାଭାୟା ଛାଡିବେ ନାହିଁ ବୋଲି କହିଥିଲେ। ଏହା ପରେ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ସହାୟତାରେ ମା'ଙ୍କ ଠିକଣା ବଦଳିଥିଲା।

# ତଟରକ୍ଷୀ ବାହିନୀରେ ୨ ନୂଆ ଜାହାଜ



୨୦୧୮ରେ ଭାରତୀୟ ତଟରକ୍ଷୀ ବାହିନୀ ପାଇଁ କେତେକ ନୂତନ ଘଟଣା ଘଟିଛି। ୨ଟି ପୁରୁଣା ପାଟ୍ରୋଲିଂ ଜାହାଜ ସେବାରୁ ବିରତି ନେଇଥିବାବେଳେ ଆଉ ୨ଟି ନୂତନ ଜାହାଜକୁ ସମୁଦ୍ର ପଥ ସୁରକ୍ଷା କ୍ଷେତ୍ରରେ ବିନିଯୋଗ କରାଯାଇଛି। ଫେବୃୟାରୀ ୨୦ରେ ପାଟ୍ରୋଲିଂ ଜାହାଜ ବଜ୍ରା ଓ ମାର୍ଚ୍ଚ ୨୩ରେ ସୁଚେତା କ୍ରିପାଳିନୀ ସେବାରୁ ନିବୃତ୍ତ ହୋଇଥିବା ବେଳେ ଜାନୁୟାରୀ ୧୫ରେ ସୁଜୟ ଓ ସେପ୍ଟେମ୍ବର ୪ରେ ବିଜୟ ତଟରକ୍ଷୀ ବାହିନୀରେ ସାମିଲ ହୋଇଛନ୍ତି। ଏହି ଦୁଇ ଅତ୍ୟାଧୁନିକ ପାଟ୍ରୋଲିଂ ଜାହାଜ ସାମିଲ ହେବା ପରେ ପୂର୍ବ ଉପକୂଳ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡି ହୋଇପାରିଛି।

# କ୍ରାଇମବ୍ରାଞ୍ଚ ଜାଲରେ ଟିଟୋ ସାମ୍ରାଜ୍ୟ

ଗୁଳିକାଣ୍ଡ, ହତ୍ୟା ଓ ଟେଣ୍ଡର ଫିକ୍ସିଂ ଆଦି ଆପରାଧିକ କାର୍ଯ୍ୟ କଳାପରେ ସମ୍ପୃକ୍ତ ଗ୍ୟାଙ୍ଗଷ୍ଟର ଟିଟୋ ଓରଫ୍ ସୟଦ୍ ଉସ୍‌ମାନ ଅଲ୍ଲୀଙ୍କୁ ଜୁନ୍ ୩୦ରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟ୍ୟାକ୍ସ ଫୋର୍ସ ଉଠାଇ ନେଇଥିଲା। ଦିଲାରପୁରସ୍ଥିତ ଟିଟୋଙ୍କ ବାସଭବନ ନିକଟସ୍ଥ ମଠ (କାର୍ଯ୍ୟାଳୟ)ରୁ ଏସ୍‌ଟିଏଫ୍ ଟିଟୋଙ୍କୁ ଗିରଫ କରିବା ସହ ଯାଜପୁର ଜିଲା ଚଣ୍ଡିଖୋଲ ନିକଟରେ ତାଙ୍କୁ ଏନ୍‌କାଉଣ୍ଟର କରିଥିଲା। ପରେ ଟିଟୋଙ୍କ ୫୬ଟି ଗାଡ଼ି, ବଡହାଟସ୍ଥିତ ମୋବାଇଲ ଦୋକାନ, ପଟ୍ଟାମୁଣ୍ଡାଇସ୍ଥିତ ୟାମାହା ଶୋ'ରୁମ, ସହରର କୋର୍ଟ ଛକ ନିକଟରେ ଥିବା ପେଟ୍ରୋଲ ପମ୍ପ ଆଦିକୁ ସିଲ୍ କରିଥିଲା କ୍ରାଇମବ୍ରାଞ୍ଚ। ସେହିପରି ଟିଟୋଙ୍କ ସମ୍ପର୍କୀୟଙ୍କ ନାମରେ ଥିବା ୨୨ ବାଲି ସଇରାତକୁ ମଧ୍ୟ ବନ୍ଦ କରି ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲାର ପାଟକୁରା, ସଦର ଓ ଟାଉନ ଥାନା ଅଧୀନରେ ଥିବା ୫ଟି ପୁରୁଣା ମାମଲାକୁ ଜିଲା ପୋଲିସ ପୁଣି ଥରେ ଖୋଲି ସେଥିରେ ଟିଟୋଙ୍କ ସମ୍ପୃକ୍ତି ଥିବା ଦର୍ଶାଇଛି। ଟିଟୋଙ୍କ ଗିରଫ ପରେ ତାଙ୍କର ୧୭ ସହଯୋଗୀଙ୍କୁ ଗିରଫ କରାଯାଇଛି।



# ଏନ୍‌କାଉଣ୍ଟରରେ ଦମନ



**ନୟାଗଡ଼ରେ ୫ :** ଚଳିତବର୍ଷ ନୟାଗଡ଼ ଜିଲାରେ ୫ଟି ଏନ୍‌କାଉଣ୍ଟର ହୋଇଥିଲା। ଏଥିରୁ ଗୋଟିଏରେ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରଥମ ଏନ୍‌କାଉଣ୍ଟର ଜାନୁୟାରୀ ୨୨ତାରିଖରେ ନୟାଗଡ଼ ସହରର ବାରମାସୀ ଦଣ୍ଡାଠାରେ ହୋଇଥିଲା। ଏଥିରେ କୁଖ୍ୟାତ ଅପରାଧୀ ସୁରେଶ ରାଉତ ଗୁରୁତର ହୋଇଥିଲେ। ଜିଲା ପୋଲିସ ପକ୍ଷରୁ ଏପ୍ରିଲ୍ ୧୩ ତାରିଖରେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଛଣଗିରିଠାରେ ହୋଇଥିବା ଏନ୍‌କାଉଣ୍ଟରରେ ବାଙ୍କୋଇ ଗ୍ରାମର ଅପରାଧୀ ସିଲୁ ଆହତ ହୋଇଥିଲେ। ମେ ୪ ତାରିଖରେ ରଣପୁର ଥାନା ରାଜସୁନାଖଳା-ଦର୍ପନାରାୟଣପୁର ରାସ୍ତାର ବାପୁଜିପଲ୍ଲୀ ପାହାଡଠାରେ ହୋଇଥିବା ଏନ୍‌କାଉଣ୍ଟରରେ କୁଖ୍ୟାତ ଅପରାଧୀ ରବି ଦୋରା ଗୁରୁତର ହୋଇଥିଲେ। ଜୁନ୍ ୪ ତାରିଖରେ ନୟାଗଡ଼ ଟାଉନ ଥାନା ଓ ଗଣିଆ ପୋଲିସ ତରଫରୁ ସୋଲପଟା ଦରପଦା ରାସ୍ତାର ଭୂଇଁଆଣୀ ପାହାଡଠାରେ ଏନ୍‌କାଉଣ୍ଟର ହୋଇଥିଲା। ଏଥିରେ କୁଖ୍ୟାତ ଅପରାଧୀ କାବୁଲି ଖାଁ (୪୦) ଆହତ ହୋଇଥିଲେ। ଜୁଲାଇ ୫ତାରିଖ ବିଳମ୍ବିତ ରାତିରେ ୫ମ ଏନ୍‌କାଉଣ୍ଟରରେ ଟଳି ପଡ଼ିଥିଲେ ଦୁର୍ଦ୍ଦାନ୍ତ ଅପରାଧୀ ବଳରାମ ମଲ୍ଲିକ(୩୫) ଓରଫ ଚଗଲା। ଚଗଲାଙ୍କ ଘର କଟକ ଜିଲା ନିଆଳି ଥାନା ରାଣୀଓଳା ଗ୍ରାମରେ।

**କେନ୍ଦ୍ରାପଡ଼ାରେ ୪ :** ୨୦୧୮ରେ କେନ୍ଦ୍ରାପଡ଼ା ଜିଲା ପୋଲିସ ୪ଟି ଏନ୍‌କାଉଣ୍ଟର କରିଛି। ମେ ୯ରେ ସଦର ଥାନା ଅଧୀନ ହଳଦିଆ ଗ୍ରାମର ସେକ୍ ଲାଲା ଏନ୍‌କାଉଣ୍ଟର ହୋଇଥିବା ବେଳେ ମେ ୩୧ରେ ମାର୍ଶାଘାଇ ଥାନା ଭଗବାନପୁର ଗ୍ରାମର ବହୁଚର୍ଚ୍ଚିତ ଗ୍ୟାଙ୍ଗଷ୍ଟର ବିଭୁ ସାହୁ ଓରଫ ପ୍ରତାପ ଜିଲା ପୋଲିସ ଏନ୍‌କାଉଣ୍ଟରର ଶିକାର ହୋଇଥିଲେ। ସେହିପରି ଟାଉନ ଥାନା ଅଧୀନ ସହରର ବାସୁଲେଇ ଗଳିର ଭବାନୀଶଙ୍କର ସାହୁ ଓରଫ ବାବୁଙ୍କୁ ଜୁଲାଇ ୨୩ରେ ପୋଲିସ ଏନକାଉଣ୍ଟର କରିଥିଲା। ପରେ ଅକ୍ଟୋବର ୭ରେ ପଟ୍ଟାମୁଣ୍ଡାଇ ଥାନା ଅଧୀନ ଦୋବନ୍ଧା ଗ୍ରାମର ଦୁର୍ଦ୍ଦାନ୍ତ ଡକାୟତ ସନ୍ତୋଷ ମଲ୍ଲିକ ଜିଲା ପୋଲିସ ଏନକାଉଣ୍ଟରର ଶିକାର ହୋଇଥିଲେ।

# ଫାଣ୍ଡି ଭିତରେ ଆତ୍ମହତ୍ୟା

ଏପ୍ରିଲ ୧୫ତାରିଖରେ ନୟାଗଡ଼ ଜିଲା ଦଶପଲ୍ଲା ଥାନା ମଧ୍ୟଖଣ୍ଡ ଫାଣ୍ଡି ଭିତରେ ଜଣେ ଅପରାଧୀ ନିଜ ଦେହରେ କିରୋସିନ ଢ଼ାଳି ଆତ୍ମହତ୍ୟା କରିଥିଲେ। ଦଶପଲ୍ଲା ଥାନା ଶିମିଳିସାହି ଗ୍ରାମର କାଳିଆ କାଠୁଆଙ୍କୁ ପୋଲିସ ଫାଣ୍ଡିରେ ରଖିଥିବାବେଳେ ସେ ନିଜ ଦେହରେ କିରୋସିନ ଢ଼ାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ସେହିମାସ ୨୧ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ କାଳିଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜିଲା ପୋଲିସ ୨ଜଣ କନଷ୍ଟେବଲଙ୍କୁ ନିଲମ୍ବିତ କରିଥିଲା।

# ଜହ୍ଲାଦ ବାପା

ମେ ୯ ତାରିଖରେ ଜଗତସିଂହପୁର ଜିଲା କୁଜଙ୍ଗ ଥାନା ଜଗନ୍ନାଥପୁର ଗ୍ରାମରେ ଘଟିଗଲା ଏକ ହୃଦୟ ବିଦାରକ ହତ୍ୟାକାଣ୍ଡ। ସାମାନ୍ୟ କେତେ ଟଙ୍କା ପାଇଁ ନିଜ ଝିଅର ପରିବାରକୁ ନିଶ୍ଚିହ୍ନ କରିଦେଲା ଜହ୍ଲାଦ ବାପା। କୋଠିଆ ସାହିର ଅକ୍ଷୟ ସେଠୀ ନିଜ ଝିଅ ଜଗନ୍ନାଥପୁରର ମାନିନୀ ସେଠୀ, ତାଙ୍କ ୩ ବର୍ଷର ପୁଅ ଗୁନା, ଝିଅ ବର୍ଷା ଓ ଦିଶାକୁ ତଣ୍ଟି ଚିପି ହତ୍ୟା କରିବା ପରେ ମହାନଦୀକୁ ଫିଙ୍ଗି ଦେଇଥିଲେ। ୧୦ ତାରିଖ ସକାଳେ ମୃତଦେହ ନଦୀରୁ ଉଦ୍ଧାର ହୋଇଥିଲା। ହତ୍ୟାକାଣ୍ଡର ମାସେ ପୂର୍ବରୁ ମାନିନୀଙ୍କ ସ୍ୱାମୀଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ସ୍ୱାମୀ ଇଫ୍‌କୋ କମ୍ପାନୀରେ ଚାକିରି କରିଥିବାରୁ ମାନିନୀଙ୍କୁ ପ୍ରାୟ ୨ ଲକ୍ଷ ଟଙ୍କାର ସହାୟତା ମିଳିଥିଲା। ଏହି ଟଙ୍କା ପାଇଁ ଅକ୍ଷୟ ଏଭଳି ହତ୍ୟାକାଣ୍ଡ ଘଟାଇଥିଲେ, ଯାହାକି ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା।

# ସ୍ତ୍ରୀ, ଶାଶୁ ଓ ଶ୍ୱଶୁରଙ୍କୁ ମାରି ଜଳିଗଲେ ଜ୍ୱାଇଁ

ପାରିବାରିକ କଳହକୁ କେନ୍ଦ୍ର କରି ଅକ୍ଟୋବର ୨୨ରେ କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠର ପନାଡିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଗ୍ରାମର ନବଘନ ସାହୁ, ସ୍ତ୍ରୀ କମଳା ଓ ଝିଅ ରୁବିନାଙ୍କୁ ପେଟ୍ରୋଲ ଢ଼ାଳି ଜାଳିବାବେଳେ ସେମାନଙ୍କ ସହ ଅଭିଯୁକ୍ତ ଜ୍ୱାଇଁ ହରେକୃଷ୍ଣ ମଲ୍ଲିକ ମଧ୍ୟ ଜଳିଯାଇଥିଲେ। ପରଦିନ ଭୋରୁ ଘର ମଧ୍ୟରୁ ଅର୍ଦ୍ଧଦଗ୍ଧ ୩ ମୃତଦେହ ସହ ରୁବିନାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାରେ ରୁବିନାଙ୍କ ମୃତ୍ୟୁ ଘଟିଥିଲା।

# ଗୁଳିକାଣ୍ଡରେ ୨ ମୃତ

ଜଳ ନିଷ୍କାସନକୁ କେନ୍ଦ୍ର କରି ନୟାଗଡ଼ ଜିଲା ଶରଣକୁଳ ଥାନା ଶିଖରପୁର- କଜଳାଇପଲ୍ଲୀ ଆରଡ଼ି ରାସ୍ତାର ଖିଲାରପାଟଣା ମଶାଣିଠାରେ ଜୁଲାଇ୧୪ରେ ଘଟିଥିଲା ଗୁଳିକାଣ୍ଡ। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଥିଲେ।

# ହାଜତରେ ମୃଷାଙ୍କ ମୃତ୍ୟୁ

ଅଗଷ୍ଟ ୨୬ରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ହାଜତରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା। ଏକ ମୋବାଇଲ ଚୋରି ସନ୍ଦେହରେ ମହାକାଳପଡା ପୋଲିସ ଅଗଷ୍ଟ ୨୫ରେ ମାର୍ଶାଘାଇ ଥାନା ବାଲଣା ଗ୍ରାମର ଅବିନାଶ ପାଇଟାଳ ଓରଫ ମୃଷାଙ୍କୁ ସ୍ଥାନୀୟ କେନାଲ ବ୍ରିଜରୁ ଉଠାଇ ନେଇଥିଲା। ପରଦିନ ଥାନା ଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଅଜୟ ମଲ୍ଲିକଙ୍କ ଘରୁ ମୃଷାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ମୃଷାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବାରୁ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଥାନା ହାଜତରେ ତାଙ୍କୁ ବାଡେଇ ବାଡେଇ ମାରିଦେବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା।



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ,
କିନ୍ତୁ ଲେଖନୀର ହିଁ ଜୟ ହୁଏ।
- ନେପୋଲିୟନ୍



# ଏଇ ସପ୍ତାହର କାର୍ଯ୍ୟକ୍ରମ

## ୨୩।୧୨।୨୦୧୮ (ରବିବାର)

### ଭୁବନେଶ୍ୱର
- ନିମାପଡ଼ା ସାହିତ୍ୟ ସଂସଦର ୫ମ ବାର୍ଷିକ ଉତ୍ସବ, ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ, ଆଚାର୍ଯ୍ୟ ବିହାର, ସକାଳ ୯ଟା।
- ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆ, ଟ୍ୟାକ୍ସ ରିସର୍ଚ୍ଚ ଡିପାର୍ଟମେଣ୍ଟ ଏବଂ ଭୁବନେଶ୍ୱର ଚାପ୍ଟର ପକ୍ଷରୁ ତିନିଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପନ, କିଟ୍ ଅଡିଟୋରିୟମ୍, କିଟ୍ ୟୁନିଭର୍ସିଟି କ୍ୟାମ୍ପସ୍, ସକାଳ ୯ଟାରୁ ଅପରାହ୍ନ ୨ଟା।
- ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ 'ଦେଶ ହିତରେ କଲମ' ଶୀର୍ଷକ କର୍ମଶାଳା, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଜନତା ମଇଦାନ ସମ୍ମୁଖ, ସକାଳ ୯ଟା ୩୦।
- ସୋସାଇଟି ଅଫ୍ ଜିଓସାଇଣ୍ଟିଷ୍ଟସ ଆଣ୍ଡ ଆଲାଏଡ୍ ଟେକ୍ନୋଲୋଜିଷ୍ଟସ ପକ୍ଷରୁ କର୍ମଶାଳା, ଏସ୍‌ଜିଏଟି ବିଲ୍ଡି, ଭିଆଇପି ଏରିଆ, ଆଇଆର୍‌ସି ଭିଲେଜ, ସକାଳ ୯ଟା ୩୦।
- ଓଡ଼ିଶା ସଂସ୍କୃତି ପରିଷଦ ପକ୍ଷରୁ ପରିଷଦ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଫେସର କାହ୍ନୁଚରଣ ମିଶ୍ରଙ୍କ ସାମ୍ବତ୍ସରିକ ସ୍ମୃତିଚାରଣ ଉପଲକ୍ଷେ ସମ୍ମାନ, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା।
- ଦ ଆଲୁମ୍‌ନି ଆସୋସିଏଶନ ଅଫ୍ ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଜୁକେଶନର ବାର୍ଷିକ ଉତ୍ସବ, ଇନ୍‌ଷ୍ଟିଚ୍ୟୁଟ ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା।
- ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲ, କେଦାରଗୌରୀ ବିହାରର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ରବି ଟକିଜ୍ ନିକଟ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- କଟକ ଜିଲା ଅଙ୍ଗନୱାଡ଼ି କର୍ମଚାରୀଙ୍କ ଗଣଧାରଣା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ସ୍ନେକ ହେଲ୍‌ପ ଲାଇନ୍ ତରଫରୁ କର୍ମଶାଳା 'ନୋ ଷ୍ଟଣ୍ଟ୍ ୱିଥ୍ ସ୍ନେକ୍', ଏମ୍‌ସିଏଲ୍ ଉଦ୍ୟାନ, କଳିଙ୍ଗ ବିହାର, ପୂର୍ବାହ୍ନ ୧୧ଟା।
- ଭୁବନେଶ୍ୱର ବକ୍ସିଂ ଆସୋସିଏଶନ ପକ୍ଷରୁ ଅଲ୍ ଓଡ଼ିଶା ଓମେନ୍ ବକ୍ସିଂ ଚାମ୍ପିୟନଶିପ୍, ଚିନ୍ତାମଣିଶ୍ୱର ବାଳିକା ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।
- କନ୍ୟା ଅନ୍‌ମୋଲ ହେଁ ପକ୍ଷରୁ ଚରଣ ସ୍ୱର୍ଶ ପୁରସ୍କାର ଉତ୍ସବ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୧ଟା ୩୦।
- ଶିଶୁ ପତ୍ରିକା 'ସୁନାଭଉଣୀ' ପକ୍ଷରୁ କବିତା ପାଠୋତ୍ସବ, ଗୋଦାବରୀଶ ସାହିତ୍ୟ ସଂସଦ, ଅପରାହ୍ନ ୨ଟା।
- ଅଷ୍ଟମ ଏକାମ୍ର ପୁସ୍ତକ ମହୋତ୍ସବରେ ଇଟିକିଲି ମିଟିକିଲି ଶିଶୁ ଉତ୍ସବ, ଦୁର୍ଗାପୂଜା ପଡ଼ିଆ, ଡମଣା ଛକ, ଚନ୍ଦ୍ରଶେଖରପୁର, ଅପରାହ୍ନ ୨ଟା।
- ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୪ଟା।
- ସ୍ନେହୀ ସମାଜ, ଭୁବନେଶ୍ୱରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପନ ଏବଂ ୫୦ତମ ସାଧାରଣ ଅଧିବେଶନ, ଭଞ୍ଜ କଳାମଣ୍ଡପ, ଅପରାହ୍ନ ୫ଟା।
- ଟ୍ୟାଲେଣ୍ଟ୍ ଅଲିମ୍ପିଆଡ୍, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସେସ୍, ସନ୍ଧ୍ୟା ୬ଟା।
- ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଭେଣ୍ଟ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ମୈଁ ଭି ହୁଁ କଳାକାର ସିଜନ୍-୨, ଉତ୍କଳ ମଣ୍ଡପ, ସନ୍ଧ୍ୟା ୬ଟା।
- ସାଇ କିଡ୍‌ସର ବାର୍ଷିକ ଉତ୍ସବ, ଇଉ୍‌କଲ ଅଡିଟୋରିୟମ୍, ସନ୍ଧ୍ୟା ୬ଟା ୧୫।

### କଟକ
- ମମତା ରଥ ମେମୋରିଆଲ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା, ତେନ୍ଦୁଲକର ହଲ୍, ବାରବାଟୀ ଷ୍ଟାଡିୟମ୍, ପୂର୍ବାହ୍ନ ୧୦ଟା।
- ତେଲେଙ୍ଗାବଜାରସ୍ଥିତ ଶିଶୁ ଭାରତୀ ଉଚ୍ଚ ବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ, ଶହୀଦ ଭବନ, ପୂର୍ବାହ୍ନ ୧୦ଟା।
- ପୂର୍ବାଞ୍ଚଳ କଲ୍ୟାଣ ସମିତିର ୧୬ତମ ବାର୍ଷିକ ଉତ୍ସବ, ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷ, ବିଦ୍ୟାଧରପୁର, ପୂର୍ବାହ୍ନ ୧୧ଟା ୧୫।
- ଶିଳ୍ପୀଗୁରୁ ବିମ୍ବାଧର ବର୍ମାଙ୍କ ସ୍ମୃତି ଉତ୍ସବ, ଗାନ୍ଧୀଭବନ, ସନ୍‌ସାଇନ ପଡ଼ିଆ ନିକଟ, ସନ୍ଧ୍ୟା ୬ଟା।
- ଇଷ୍ଟର୍ନ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ନୃସିଂହମାଲ୍ଲା ପ୍ରେକ୍ଷାଳୟ, ଶିଖରପୁର, ରାତି ୮ଟା।

### ପୁରୀ
- ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟର ଆଲୋଚନାଚକ୍ର, ସଂସ୍କୃତି ଭବନ, ପୂର୍ବାହ୍ନ ୧୦ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁବନର ବାର୍ଷିକ ଉତ୍ସବ, ଶରଧାବାଲି, ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା
- ବାର୍ଷିକ ସାଂସ୍କୃତିକ ଉତ୍ସବ 'ଅନ୍ଵଭ-୨୦୧୮' ଉଦ୍‌ଯାପନ, ଡିଏଭି ପବ୍ଲିକ ସ୍କୁଲ, ଅପରାହ୍ନ ୪ଟା ୩୦।
- ରୋଟାରି କ୍ଲବ ସାଧାରଣ ସଭା, ମଙ୍ଗଳାନଗର ରୋଟାରି ଭବନ, ରାତି ୭ଟା।
- ଜିଲା ମହୋତ୍ସବ ଉଦ୍‌ଯାପନ, ଖୋର୍ଦ୍ଧା ଷ୍ଟାଡିୟମ୍, ରାତି ୭ଟା।

### ବାଲକାଟୀ
- ୧୨ତମ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ହୀରାପୁର, ସନ୍ଧ୍ୟା ୬ଟା ୩୦।

### ବାରଙ୍ଗ
- ସେଣ୍ଟ୍ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଓ ଖ୍ରୀଷ୍ଟମାସ୍ ପାଳନ, ସ୍କୁଲ ପରିସର, ରଘୁନାଥପୁର, ନନ୍ଦନକାନନ ନିକଟ, ସକାଳ ୯ଟା।

## ୨୪।୧୨।୨୦୧୮ (ସୋମବାର)

### ଭୁବନେଶ୍ୱର
- ଆଇଆଇଟି, ଭୁବନେଶ୍ୱରର ଉଦ୍‌ଘାଟନୀ ଉତ୍ସବ, ଆଇଆଇଟି କ୍ୟାମ୍ପସ୍, ଅପରାହ୍ନ ୧ଟା ୪୦। ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ, ଲଳିତଗିରିର ଉଦ୍‌ଘାଟନ, ପାଇକ ବିଦ୍ରୋହ ସ୍ମାରକ ଡାକ ଟିକଟ ଓ ମୁଦ୍ରା ପ୍ରଚଳନ ଆରମ୍ଭ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ବକ୍ସି ଜଗବନ୍ଧୁ ଚେୟାର ସ୍ଥାପନ, ଆଇଆଇଟି କ୍ୟାମ୍ପସ୍, ଅପରାହ୍ନ ୧ଟା ୪୦। ପୁନଃ ନିର୍ମିତ ଇଏସ୍‌ଆଇ ଚିକିତ୍ସାଳୟ ଉଦ୍‌ଘାଟନ, ଅପରାହ୍ନ ୨ଟା।
- ଅଷ୍ଟମ ଏକାମ୍ର ପୁସ୍ତକ ମହୋତ୍ସବ, ଦୁର୍ଗାପୂଜା ପଡ଼ିଆ, ଡମଣା ଛକ, ଚନ୍ଦ୍ରଶେଖରପୁର, ଅପରାହ୍ନ ୨ଟାରୁ ରାତି ୯ଟା। ମୁକ୍ତ ଚିନ୍ତନ ସନ୍ଧ୍ୟା, ସନ୍ଧ୍ୟା ୬ଟା।
- ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮ର ବାର୍ଷିକ ଉତ୍ସବ, ସ୍କୁଲ କ୍ୟାମ୍ପସ୍, ଅପରାହ୍ନ ୪ଟା ୩୦।
- ନୂପୁର ଆନୁକୂଲ୍ୟରେ ମାୟାବୃତ ଉତ୍ସବ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପୁସ୍ତକ 'ପ୍ରିୟା ଆଣ୍ଡ ପ୍ରୀତମ୍ ମିଟ୍ ଦେୟାର୍ ଫ୍ରେଣ୍ଡ୍' ଉନ୍ମୋଚନ, ରୁକ୍ମିଣୀ ମଣ୍ଡପ, ବମିଖାଲ, ସନ୍ଧ୍ୟା ୬ଟା ୩୦।
- ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ରୋଡ୍ ନଂ.୮, ୟୁନିଟ୍-୯, ରାତି ୭ଟା।

### ପୁରୀ
- ପୁରୀ କ୍ରୀଡ଼ା ସଂସଦ ପକ୍ଷରୁ ଜିଲା ଦୌଡ଼କୁଦ ଖେଳାଳି ଚୟନ, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ସକାଳ ୯ଟା।
- ଡାଫୋଡିଲ୍ ନର୍ସରୀ ସ୍କୁଲ ବାର୍ଷିକ ଉତ୍ସବ, ହୋଟେଲ କାମଲିଆ, ସ୍ୱର୍ଗଦ୍ୱାର, ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ହରଚଣ୍ଡିସାହିର ବାର୍ଷିକ ଉତ୍ସବ, ସନ୍ଧ୍ୟା ୬ଟା।

### ଖୋର୍ଦ୍ଧା
- ଜିଲାପାଳଙ୍କ ଜନଶୁଣାଣି ଶିବିର, ବେଗୁନିଆ ବ୍ଲକ କାର୍ଯ୍ୟାଳୟ, ପୂର୍ବାହ୍ନ ୧୦ଟା।
- ଭାଜପା ସାଧାରଣ ସଭାରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ, ମୁକୁନ୍ଦପ୍ରସାଦସ୍ଥିତ ଗୋଶାଳା ପଡ଼ିଆ, ଅପରାହ୍ନ ୨ଟାରୁ ୩ଟା ୧୫।

### ବାଲିଅନ୍ତା
- ଧାନମଣ୍ଡିର ଶୁଭାରମ୍ଭ, ଭିଙ୍ଗାରପୁର, ପୂର୍ବାହ୍ନ ୧୦ଟା ୩୦।

### ବାଲକାଟୀ
- ୧୨ତମ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ହୀରାପୁର, ସନ୍ଧ୍ୟା ୬ଟା ୩୦।

### ବାରଙ୍ଗ
- ସେଣ୍ଟ୍ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଓ ଖ୍ରୀଷ୍ଟମାସ୍ ପାଳନ, ସ୍କୁଲ ପରିସର, ରଘୁନାଥପୁର, ନନ୍ଦନକାନନ ନିକଟ, ସକାଳ ୯ଟା।

## ୨୫।୧୨।୨୦୧୮ (ମଙ୍ଗଳବାର)

### ଭୁବନେଶ୍ୱର
- ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବ, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ରୋଡ୍ ନଂ.୮, ୟୁନିଟ୍-୯, ପୂର୍ବାହ୍ନ ୧୦ଟା।
- ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲ, କେଦାରଗୌରୀ ବିହାରର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ରବି ଟକିଜ୍ ନିକଟ, ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ଅଷ୍ଟମ ଏକାମ୍ର ପୁସ୍ତକ ମହୋତ୍ସବ, ଦୁର୍ଗାପୂଜା ପଡ଼ିଆ, ଡମଣା ଛକ, ଚନ୍ଦ୍ରଶେଖରପୁର, ଅପରାହ୍ନ ୨ଟାରୁ ରାତି ୯ଟା। ବ୍ୟଙ୍ଗ ସନ୍ଧ୍ୟା, ସନ୍ଧ୍ୟା ୬ଟା।
- ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮ର ବାର୍ଷିକ ଉତ୍ସବ, ସ୍କୁଲ କ୍ୟାମ୍ପସ୍, ଅପରାହ୍ନ ୪ଟା ୩୦।

### ବାଲକାଟୀ
- ୧୨ତମ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ହୀରାପୁର, ସନ୍ଧ୍ୟା ୬ଟା ୩୦।

କବିତା ଉତ୍ସବ, ପୂର୍ବାହ୍ନ ୧୧ଟା।

## ୨୬।୧୨।୨୦୧୮ (ବୁଧବାର)

### ଭୁବନେଶ୍ୱର
- ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ରୋଡ୍ ନଂ.୮, ୟୁନିଟ୍-୯, ସକାଳ ୯ଟା।
- ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲ, କେଦାରଗୌରୀ ବିହାରର ବାର୍ଷିକ ଉତ୍ସବ, ଏକାମ୍ର ହାଟ, ଅପରାହ୍ନ ୨ଟା।
- ଅଷ୍ଟମ ଏକାମ୍ର ପୁସ୍ତକ ମହୋତ୍ସବ, ଦୁର୍ଗାପୂଜା ପଡ଼ିଆ, ଡମଣା ଛକ, ଚନ୍ଦ୍ରଶେଖରପୁର, ଅପରାହ୍ନ ୨ଟାରୁ ରାତି ୯ଟା। ଉଦ୍‌ଯାପନୀ ସନ୍ଧ୍ୟା, ସନ୍ଧ୍ୟା ୬ଟା।

## ୨୭।୧୨।୨୦୧୮ (ଗୁରୁବାର)

### ଭୁବନେଶ୍ୱର
- ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ରୋଡ୍ ନଂ.୮, ୟୁନିଟ୍-୯, ସକାଳ ୯ଟା।
- ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲ, କେଦାରଗୌରୀ ବିହାରର ବାର୍ଷିକ ଉତ୍ସବ, ଏକାମ୍ର ହାଟ, ଅପରାହ୍ନ ୨ଟା।

## ୨୮।୧୨।୨୦୧୮ (ଶୁକ୍ରବାର)

### ଭୁବନେଶ୍ୱର
- ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ରୋଡ୍ ନଂ.୮, ୟୁନିଟ୍-୯, ସକାଳ ୯ଟା।
- ସେଣ୍ଟ୍ ଜାଭିୟର୍ସ ପବ୍ଲିକ ସ୍କୁଲ, କେଦାରଗୌରୀ ବିହାରର ବାର୍ଷିକ ଉତ୍ସବ, ଏକାମ୍ର ହାଟ, ଅପରାହ୍ନ ୨ଟା।

## ୨୯।୧୨।୨୦୧୮ (ଶନିବାର)

### ଭୁବନେଶ୍ୱର
- ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ରୋଡ୍ ନଂ.୮, ୟୁନିଟ୍-୯, ସକାଳ ୯ଟା।
- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ଓ ଡ. ଦାଶ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ଶ୍ରୀଜଗନ୍ନାଥ ଚେତନା ପ୍ରଚାରକ ସମ୍ମିଳନୀ, ଇଉ୍‌କଲ ଅଡିଟୋରିୟମ୍, ସକାଳ ୯ଟା ୩୦ରୁ ରାତି ୯ଟା।





କମଳକାନ୍ତ


ରାଜେଶ


ସ୍ୱପ୍ନା


କିଷାନ


ସନ୍ତୋଷ


ସଞ୍ଜୟ


ରଶ୍ମିରଞ୍ଜନ


ତପସ୍ୱିନୀ



ଶାନ୍ତିଲତା ବାରିକ ଛୋଟରାୟଙ୍କୁ 'ସୁରତରଙ୍ଗ ରୌପ୍ୟ ଜୟନ୍ତୀ ଶୀର୍ଷ ସମ୍ମାନ' ଦିଆଯାଉଛି।

# ଶାନ୍ତିଲତା ବାରିକଙ୍କୁ ସୁରତରଙ୍ଗ ସମ୍ମାନ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ 'ସୁରତରଙ୍ଗ' ପକ୍ଷରୁ ଏହାର ରୌପ୍ୟ ଜୟନ୍ତୀ ସମାରୋହ ଏବଂ ସମ୍ମାନ ପ୍ରଦାନ ଉତ୍ସବ ଶନିବାର ସ୍ଥାନୀୟ ଆଙ୍ଗନ୍ କନ୍‌ଭେନସନ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଜନ ସାମ୍ରାଜ୍ଞୀ ଶାନ୍ତିଲତା ବାରିକ ଛୋଟରାୟଙ୍କୁ ଚଳିତବର୍ଷ 'ସୁରତରଙ୍ଗ ରୌପ୍ୟ ଜୟନ୍ତୀ ଶୀର୍ଷ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପୁରସ୍କାରସ୍ୱରୂପ ତାଙ୍କୁ ମାନପତ୍ର, ଉପଢୌକନ ସହ ୧୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହାସହ ସଙ୍ଗୀତ ଏବଂ ଯନ୍ତ୍ରସଙ୍ଗୀତରେ କୃତିତ୍ୱ ଅର୍ଜନ କରିଥିବା ମନୋଜ କୁମାର ରାୟ, ଚନ୍ଦ୍ରକାନ୍ତ ତ୍ରିପାଠୀ, ପ୍ରେରଣା ପ୍ରତୀକ୍ଷା, ଶିବାଶିଷ ସାମଲ, ପରମେଶ୍ୱର ଗୁରୁ, କୁନି ଡ୍ରମ୍ ବାଦକ ପ୍ରୟାସ ମହାନ୍ତିଙ୍କ ସହ ପ୍ରଫେସର ନିର୍ମାଲ୍ୟ ବରାଳ, ଡ. ଆଶୁତୋଷ ମହାପାତ୍ର, ଡ. ବବିତା ପଣ୍ଡା, ଡ. ମୁକ୍ତ ପ୍ରସାଦ ଦାଶ, କ୍ରୀଡ଼ାବିତ୍ କାନ୍ଦନ ମୁର୍ମୁ ଓ ଅଭିନେତା ତଥା ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ରଭାବେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଅତିଥିଭାବେ ବିଏମ୍‌ସି ମେୟର ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଡ. ବଦ୍ରିନାଥ ପଟ୍ଟନାୟକ ଏବଂ ନବରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ରୌପ୍ୟ ଜୟନ୍ତୀ ଉପଲକ୍ଷେ ଏଥର 'ଆଙ୍ଗନ ଆଶା ଓ କିଶୋର ଯୁଗଳବନ୍ଦୀ' ନାମକ ସଙ୍ଗୀତ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। ଆଶା ଭୋଁସ୍‌ଲେ ଓ କିଶୋର କୁମାରଙ୍କ ବଛାବଛା ଗୀତଗୁଡିକୁ ଓଡ଼ିଶାର ପରିଚିତ କଣ୍ଠଶିଳ୍ପୀମାନେ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ପୀୟୂଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଉପସଭାପତି କଣ୍ଠଶିଳ୍ପୀ ବିଭୁ କିଶୋର, ଉପଦେଷ୍ଟା ସୁଶାନ୍ତ କୁମାର ମିଶ୍ର, ସଂଯୋଜକ ପ୍ରିୟରଞ୍ଜନ ମହାନ୍ତି, ସହ ସମ୍ପାଦକ ପଦ୍ମିନୀ ମହାନ୍ତି ଓ ଅପରାଜିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଓ ପ୍ରେରଣା ପ୍ରତୀକ୍ଷା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମ

# ହେଲିକପ୍ଟର ଲାଣ୍ଡିଂ ବେଳେ ଦବିଲା ହେଲିପ୍ୟାଡ

**ଖୋର୍ଦ୍ଧା ଅଫିସ,୨୨।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ଖୋର୍ଦ୍ଧା ମୁକୁନ୍ଦପ୍ରସାଦସ୍ଥିତ ଗୋଶାଳା ପଡ଼ିଆରେ ଅପରାହ୍ନ ୨ଟାରୁ ୩ଟା୧୫ ପର୍ଯ୍ୟନ୍ତ ସାଧାରଣ ସଭାରେ ଲୋକଙ୍କୁ ସମ୍ବୋଧନ କରିବେ। ଏହାକୁ ଦୃଷ୍ଟିରେ ରଖି ଗୋଇନ୍ଦା ବିଭାଗ ପକ୍ଷରୁ ଶନିବାର ସଭାସ୍ଥଳ ଯାଞ୍ଚ ହୋଇଥିଲା। ପରୀକ୍ଷାମୂଳକ ଭାବେ ହେଲିକପ୍ଟର ଭୁବନେଶ୍ୱର ଆଇଆଇଟିରୁ ଗୋଶାଳା ପଡିଆକୁ ଓ ପରେ ଆଇଆଇଟିକୁ ଫେରିଥିଲା। ତେବେ ଗୋଶାଳା ପଡିଆରେ ଲ୍ୟାଣ୍ଡିଂ ବେଳେ ହେଲିକପ୍ଟର କିଛି ଅଂଶ ଦବି ଯାଇଥିଲା। ସଙ୍ଗେସଙ୍ଗେ ହେଲିପ୍ୟାଡକୁ ମରାମତି କରାଯାଇଥିଲା। ଅନ୍ୟପକ୍ଷେ ଡିଜି ଦାୟିତ୍ୱରେ ଥିବା ସନ୍ତୋଷ ଉପାଧ୍ୟାୟ, କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଗୋଇନ୍ଦା ବିଭାଗ ଆଇଜି ଅମିତାଭ ଠାକୁର, ସୁନୀଲ ରାୟ, ଖୋର୍ଦ୍ଧା ଏସ୍‌ପି ଦୀପ୍ତି ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା ସହ ଅନୁଧ୍ୟାନ କରିଥିଲେ।

# ବିଜ୍ଞାନ-ଆଧ୍ୟାତ୍ମିକତା ମଧ୍ୟରେ ସମନ୍ୱୟ ଆବଶ୍ୟକ: ରାଜ୍ୟପାଳ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ୟୁନିଟ୍-୯ ବାଳକ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଶିକ୍ଷାର ଲକ୍ଷ୍ୟ ହେଉଛି ଆନନ୍ଦ ପ୍ରାପ୍ତି। ଆନନ୍ଦର ଆଧାର ହେଉଛି ସତ୍ୟ, ପ୍ରେମ ଓ କରୁଣା। ଅସତ୍ୟ ଓ ବିଭ୍ରାନ୍ତିରୁ ମୁକ୍ତକରି ଶିକ୍ଷା ମଣିଷକୁ ସତ୍ୟର ପଥରେ ନିଏ, ଯାହାକି ଏକ ଓ ଅଭିନ୍ନ। ସମ୍ପ୍ରତି ମାନବ ସମାଜର ମୁଖ୍ୟ ସମସ୍ୟା ହେଉଛି ଅହଂଭାବ। ତେଣୁ ଅହଂଭାବ ଛାଡି ଶାଶ୍ୱତ ଜୀବନଧାରାକୁ ଆପଣାଇବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ୟୁନିଟ୍-୯ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଲେ, ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ସମନ୍ୱୟ ସ୍ଥାପିତ ହେବା ଦରକାର ବୋଲି ରାଜ୍ୟପାଳ କହିଥିଲେ। ପୁରାତନ ଛାତ୍ରସଂଘର ସଭାପତି ଅଶୋକ ବଳବନ୍ତରାୟ, ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ସାହୁ, ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବୃନ୍ଦାବନ ଶତପଥୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ର ବିଭୁପ୍ରସାଦ ଆଚାର୍ଯ୍ୟ ନିଜ ଛାତ୍ର ଜୀବନର ସ୍ମୃତିଚାରଣ କରିବା ସହ ବିଦ୍ୟାଳୟ ତାଙ୍କ ପାଇଁ ଚିର ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ। ରାଜ୍ୟପାଳ ସୁବର୍ଣ୍ଣ ଜୟନ୍ତୀ ସ୍ମୃତିସ୍ତମ୍ଭକୁ ଉନ୍ମୋଚନ କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ପ୍ରଜ୍ଞା ଏକାଡେମିକ୍ ଆଣ୍ଡ କଲ୍‌ଚରାଲ ଟ୍ରଷ୍ଟ ଏବଂ ପୁଣ୍ୟ ଉତ୍କଳ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଆୟୋଜିତ 'ଗୀତି ଦରବାର' କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ସମ୍ମାନିତ ବ୍ୟକ୍ତିମାନେ।

# ଆଇନ୍‌ଜୀବୀଙ୍କୁ ମରଣାନ୍ତକ ଆକ୍ରମଣ

**ଭୁବନେଶ୍ୱର,୨୨।୧୨ (ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍‌ସ୍ଥିତ ଆର.କେ ମୋଟର୍ସ ଗ୍ୟାରେଜ ନିକଟରେ ଆଇନଜୀବୀ ସଞ୍ଜୟ ନାରାୟଣ ସାହୁଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଚିକିତ୍ସା ନିମନ୍ତେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏନେଇ ସଞ୍ଜୟଙ୍କ ସ୍ତ୍ରୀ ମିନତୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସଞ୍ଜୟ ଓ ତାଙ୍କ ସ୍ତ୍ରୀ ଅପରାହ୍ନ ୫ଟାରେ ନିଜ କାର୍ ସଜାଡିବା ପାଇଁ ଆର୍.କେ. ମୋଟର୍ସ ଗ୍ୟାରେଜରେ ଦେଇଥିଲେ। କିଛି ସମୟ ପରେ ଏକ ନମ୍ବର ବିହୀନ କାରରେ କେତେଜଣ ବ୍ୟକ୍ତି ପହଞ୍ଚି ଗ୍ୟାରେଜ କର୍ମଚାରୀଙ୍କ ସହ ଝଗଡା କରିଥିଲେ। ସେଠାରେ ଉପସ୍ଥିତ ଥିବା ଆଇନଜୀବୀ ସଞ୍ଜୟ ଏହାକୁ ବିରୋଧ କରିବାରୁ ସେମାନେ ତାଙ୍କୁ ମାଡ଼ମାରିଥିଲେ। ସଞ୍ଜୟ ତଳେ ପଡିଯିବାରୁ ସେମାନେ ଏକ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ସ୍ୱାମୀଙ୍କୁ ରକ୍ଷା କରିବାକୁ ଯାଇ ସ୍ତ୍ରୀ ମିନତୀ ଆକ୍ରମଣର ଶିକାର ହୋଇଥିଲେ।

# 'ବାଚସ୍ପତି ନିରପେକ୍ଷ ହେବା ଆବଶ୍ୟକ'

**କଟକ ଅଫିସ, ୨୨।୧୨**



କାର୍ଯ୍ୟକ୍ରମରେ ଡ. ଅଭିଷେକ ମନୁ ସିଂଘଭି ଉଦ୍‌ବୋଧନ ଦେଉଛନ୍ତି।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ବାଚସ୍ପତି ହେଉଛନ୍ତି ନ୍ୟାୟାଧୀଶ ଭଳି। ତେଣୁ ବାଚସ୍ପତି ନିରପେକ୍ଷ ରହିଲେ ଏହି ପଦବୀର ଗରିମା ବୃଦ୍ଧି ହେବ। ଇଂଲଣ୍ଡରେ ନିର୍ବାଚନ ପୂର୍ବରୁ ବାଚସ୍ପତି ଚୟନ କରାଯାଇଥାଏ। କିନ୍ତୁ ଭାରତରେ ବାଚସ୍ପତି ଏକ ଦଳରୁ ନିର୍ବାଚିତ ହୋଇ ଆସୁଥିବାରୁ ସେ ନିରପେକ୍ଷତା ଅବଲମ୍ବନ କରିପାରୁନାହାନ୍ତି। ତେଣୁ ଦେଶରେ ଏଥିପାଇଁ ଆଇନ ଆଣିବା ଆବଶ୍ୟକ। ସେହିପରି ସିଏଜି, ନିର୍ବାଚନ କମିଶନର, ସେନାଧ୍ୟକ୍ଷ ଭଳି ପଦପଦବୀରେ ଥିବା ବ୍ୟକ୍ତିବିଶେଷ ସେବା ନିବୃତ୍ତ ହେବା ପରେ ସେମାନଙ୍କୁ ନୂଆ ନିଯୁକ୍ତି ଦେବା ଅନୁଚିତ ବୋଲି କହିଛନ୍ତି ରାଜ୍ୟ ସଭା ସଦସ୍ୟ ତଥା ଏଆଇସିସି ମୁଖପାତ୍ର ଡ. ଅଭିଷେକ ମନୁ ସିଂଘଭି। ଶନିବାର ସନ୍ଧ୍ୟାରେ କଟକ ସାରଳାଭବନ ଠାରେ ୩୦ତମ ମହତାବ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଯୋଗଦେଇ ଡ. ସିଂଘଭି ଏହି କଥା କହିବା ସହିତ ଭାରତୀୟ ଗଣତନ୍ତ୍ରରେ ଥିବା ବିଧିବ୍ୟବସ୍ଥା ଉପରେ ମତ ଦେଇଥିଲେ। ଇନଷ୍ଟିଚ୍ୟୁଶନାଲ ପିଲାର୍ସ ଅଫ ଇଣ୍ଡିଆନ ଡେମୋକ୍ରାସି ଶୀର୍ଷକ ଆଲୋଚନାରେ ଭାଗ ନେଇ ସିଂଘଭି ପ୍ରେସ୍ କାଉନ୍‌ସିଲ ଅଫ ଇଣ୍ଡିଆକୁ ଦନ୍ତବିହୀନ ଅନୁଷ୍ଠାନ ଭାବେ ଅଭିହିତ କରିଥିଲେ। ଏପରି କି ଟିଆରପି ଜାଲିଆତି ଭାରତରେ ସବୁଠୁ ବଡ ବୋଲି କହିଥିଲେ। ସେହିପରି ଦେଶର ବିଭିନ୍ନ ନ୍ୟାୟାଳୟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ଉପରେ ସେ ଗୁରୁତ୍ୱ ଦେବା ସହିତ ଜଣେ ବିଚାରପତିଙ୍କ ଅବସର ପୂର୍ବରୁ ତାଙ୍କ ସ୍ଥାନରେ ଆଉ ଜଣେ ବିଚାରପତିଙ୍କ ନାମ ଘୋଷଣା ହେବା ଉଚିତ୍ ବୋଲି ସେ ମତ ଦେଇଥିଲେ। ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଡି.ପି. ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ଓ ଲୋକ ରଞ୍ଜନ ମହତାବ ଧନ୍ୟବାଦ ଦେଇଥିଲେ।



“ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
- ଭଲ୍ଟାୟାର



## ସଂକ୍ଷେପରେ

### ଭୁବନେଶ୍ୱର ନିଅ୍ୟୁରେ ରହିବ ଆଉ ତିନି ଯୋଡ଼ା ଟ୍ରେନ

**ଭୁବନେଶ୍ୱର,୨୨।୧୨:** ଭୁବନେଶ୍ୱର ନିଅ୍ୟୁ ରେଳ ଷ୍ଟେଶନରେ ଆଉ ୩ ଯୋଡ଼ା ଟ୍ରେନ ଅଟକିବ। ଯାତ୍ରୀ ସୁବିଧାକୁ ଧ୍ୟାନରେ ରଖି ରେଲୱେ ପକ୍ଷରୁ ଏଭଳି ନିଷ୍ପତ୍ତି ହୋଇଛି। ଭଦ୍ରକରୁ ଆସୁଥିବା ଭଦ୍ରକ-ଭୁବନେଶ୍ୱର ଏଠାରେ ପୂର୍ବାହ୍ନ ୯ଟା ୨୬ରେ ପହଞ୍ଚି ୯ଟା ୨୭ରେ ଛାଡ଼ିବ। ଫେରିବା ବାଟରେ ଏହା ଭୁବନେଶ୍ୱର-ଭଦ୍ରକ ପାସେଞ୍ଜର ଭାବେ ସଂଧ୍ୟା ୬ଟା୧୪ରେ ପହଞ୍ଚି ୬ଟା ୧୫ରେ ଛାଡ଼ିବ। ସେହିଭଳି ତାଳଚେର-ପୁରୀ ଏହି ଷ୍ଟେଶନରେ ପୂର୍ବାହ୍ନ ୯ଟା ୧୭ରେ ପହଞ୍ଚି ଗୋଟିଏ ମିନିଟ ପରେ ଛାଡ଼ିବ। ପୁରୀ-ତାଳଚେର ମେମୁ ସଂଧ୍ୟା ୬.୫୩ରେ ପହଞ୍ଚି ଗୋଟିଏ ମିନିଟ ରହି ଷ୍ଟେଶନ ଛାଡ଼ିବ। ଏହା ବାଦ୍ ଅନୁଗୋଳ-ପୁରୀ ପୂର୍ବାହ୍ନ ୮.୪୧ ମିନିଟ ଏବଂ ଫେରିବା ବାଟରେ ପୁରୀ-ଅନୁଗୋଳ ଭାବେ ସଂଧ୍ୟା ୬.୨୨ ମିନିଟରେ ଏହି ଷ୍ଟେଶନରେ ଲାଗିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

### ଖ୍ରୀଷ୍ଟ ପର୍ବ ପାଳନ କଲେ ଛାତ୍ରୀଛାତ୍ର

**ପୁରୁଣା ଭୁବନେଶ୍ୱର, ୨୨।୧୨(ଡି.ଏନ.ଏ.):** ଜିଙ୍ଗଲ ବେଲ, ଜିଙ୍ଗଲ ବେଲ ନୃତ୍ୟରେ ମଜିଥିଲେ ଛାତ୍ରୀଛାତ୍ର। ସାଣ୍ଟାକ୍ଲଜ ବେଶଧାରୀ ପିଲାମାନଙ୍କୁ ଚକୋଲେଟ୍ ବାଣ୍ଟୁଥିଲେ। ଆଉ ଅନ୍ୟ ଛାତ୍ରୀଛାତ୍ରମାନେ ମଦର ମେରି ଯୋସେଫ, ମେଷ ପାଳକ, ପରୀ ବେଶରେ ସଙ୍ଗୀତର ତାଳେ ତାଳେ ନୃତ୍ୟ କରୁଥିଲେ। ଏହି ଅବସରରେ ଥିଲା ଖ୍ରୀଷ୍ଟମାସ ତଥା ବଡ ଦିନ ପାଳନ ଅବ୍ୟବହିତ ପୂର୍ବରୁ ଭଗବାନ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଉତ୍ସବ। ସାମନ୍ତରାପୁରସ୍ଥିତ ଜାଭିୟର ହାଇସ୍କୁଲ ପରିସରରେ ଶନିବାର ଖ୍ରୀଷ୍ଟ ପର୍ବକୁ ପିଲାମାନେ ପାଳିଥିଲେ।

■ କାଳ ସାଜିଲା ମୁକୁଳା ଟ୍ରାନ୍ସଫର୍ମର

# ଜନ୍ମଦିନ ପାଳନବେଳେ ପୋଡ଼ିଗଲେ ଯୁବକ

**ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି**

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)**

ଜନ୍ମଦିନ ପାଇଁ ସେଲିବ୍ରେଶନ ଚାଲିଥିଲା। କେକ୍ କାଟି ସାଙ୍ଗସାଥୀଙ୍କ ସହ ନାଚଗୀତରେ ମସଗୁଲ୍ ଥିଲେ। ହେଲେ ଏହି ଖୁସି ବେଶି ସମୟ ରହିଲା ନାହିଁ। ଉତ୍ସବସ୍ଥଳରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମର ଯୋଗୁ ସବୁ ଖୁସି ପାଣି ଫୋଟକା ପରି ମିଳେଇ ଗଲା। ଯେଉଁ ଯୁବକଙ୍କ ଜନ୍ମଦିନ ପାଳନ ହେଉଥିଲା, ସେ ଉକ୍ତ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ପୋଡ଼ିଯିବା ସହ ଗୁରୁତର ଆହତ ହୋଇଥିଲେ। କ୍ଷଣିକ ମଧ୍ୟରେ ଉତ୍ସବସ୍ଥଳରେ ଦୁଃଖର ଛାୟା ଖେଳିଯାଇଥିଲା। ନୟାପଲ୍ଲୀର ଦାଶରଥି ଆପାର୍ଟମେଣ୍ଟ ପରିସରରେ ଶୁକ୍ରବାର ମଧ୍ୟରାତ୍ରରେ ଘଟିଛି ଏଭଳି ଏକ ଦୁଃଖଦ ଘଟଣା। ବିଦ୍ୟୁତ୍ ଆଘାତରେ ଆହତ ହୋଇଛନ୍ତି ଖାରପଡାର ପ୍ରିୟାଂଶୁ ମିଶ୍ର। ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସୂଚନା ମିଳିଛି।

ମିଳିଥିବା ଖବର ଅନୁଯାୟୀ, ପ୍ରିୟାଂଶୁ ପରିବାର ଲୋକଙ୍କ ସହ ଖାରପଡାରେ ରୁହନ୍ତି। ତାଙ୍କ ସାଙ୍ଗମାନେ ନୟାପଲ୍ଲୀର ଦାଶରଥି ଆପାର୍ଟମେଣ୍ଟରେ ରହୁଛନ୍ତି। ଶନିବାର ତାଙ୍କର ଜନ୍ମଦିନ ଥିଲା। ଶୁକ୍ରବାର ମଧ୍ୟରାତ୍ରରେ ତାଙ୍କ ଜନ୍ମଦିନକୁ ଧୁମଧାମରେ ପାଳନ କରିବା ପାଇଁ ସାଙ୍ଗମାନେ ସ୍ଥିର କରିଥିଲେ। ସେମାନେ ପ୍ରିୟାଂଶୁଙ୍କୁ ଉକ୍ତ ଆପାର୍ଟମେଣ୍ଟକୁ ଡାକିଥିଲେ। ପ୍ରିୟାଂଶୁ ସେଠାରେ ପହଞ୍ଚିବା ପରେ ଆପାର୍ଟମେଣ୍ଟ ପରିସରସ୍ଥ ଏକ ଖୋଲା ସ୍ଥାନରେ ଜନ୍ମଦିନ ଉତ୍ସବ ଆୟୋଜନ ହୋଇଥିଲା। ରାତି ୧୨ଟା ବାଜିବା କ୍ଷଣି ପ୍ରିୟାଂଶୁ ସାଙ୍ଗସାଥୀଙ୍କ ଗହଣରେ କେକ୍ କାଟିଥିଲେ। ଏହାପରେ ସେମାନେ ମ୍ୟୁଜିକ୍ ଲଗାଇ ନାଚଗୀତ କରିଥିଲେ। ପ୍ରିୟାଂଶୁ ମଧ୍ୟ ନାଚିଥିଲେ। ତେବେ ନାଚିବା ସମୟରେ ସେ ଅସାବଧାନତା ବଶତଃ ପାଖରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମର ନିକଟକୁ ଚାଲିଯାଇଥିଲେ। ଟ୍ରାନ୍ସଫର୍ମରରେ ତାଙ୍କ ହାତ ଲାଗିଯିବାରୁ ବିଦ୍ୟୁତ୍ ଆଘାତ ଲାଗିଥିଲା। କିଛି ସେକେଣ୍ଡ ମଧ୍ୟରେ ସାଙ୍ଗମାନଙ୍କ ସମ୍ମୁଖରେ ସେ ପୋଡି ହୋଇ ତଳେ ପଡ଼ିଯାଇଥିଲେ। ସାଙ୍ଗମାନେ ତାଙ୍କୁ ଉଦ୍ଧାର କରିବାକୁ ଉପାୟ ପାଇ ନ ଥିଲେ। ତୁରନ୍ତ ସେମାନେ ପୋଲିସକୁ ଫୋନ୍ କରିଥିଲେ। ପୋଲିସ ପହଞ୍ଚି ପ୍ରିୟାଂଶୁଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଅବସ୍ଥା ଗୁରୁତର ଥିବାରୁ ପରିବାର ଲୋକେ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ।

## ନାବାଳିକାଙ୍କୁ ଅନ୍ତଃସତ୍ତ୍ୱା ଘଟଣା, ଯୁବକ ଗିରଫ

**ବାଲକାଟୀ,୨୨।୧୨(ଡି.ଏନ୍.ଏ.)**

ବାଲିଅନ୍ତା ଥାନା ପୋଲିସ ଜଣେ ନାବାଳିକାଙ୍କୁ ଅନ୍ତଃସତ୍ତ୍ୱା କରିବା ଘଟଣାରେ ଫେରାର ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପିପିଲି ଥାନା ଅଞ୍ଚଳର ଯୁକ୍ତ ଦୁଇର ଛାତ୍ର ରାଜା। ସୂଚନା ମୁତାବକ, ଅଭିଯୁକ୍ତ ରାଜା ବାଲକାଟୀ ଫାଣ୍ଡି ଅଞ୍ଚଳରେ ଥିବା ତାଙ୍କ ମାମୁ ଘରେ ରହି କଲେଜରେ ପାଠ ପଢୁଥିଲେ। ନିକଟ ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମରେ ଫସାଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ନାବାଳିକା ଜଣକ ଅନ୍ତଃସତ୍ତ୍ୱା ହେବାରୁ ଘଟଣା ସମ୍ପର୍କରେ ତାଙ୍କ ପରିବାର ଲୋକେ ଜାଣିଥିଲେ। ଏନେଇ ପରିବାରଲୋକେ ଅଭିଯୁକ୍ତ ବିରୋଧରେ ଅଭିଯୋଗ କରିଥିଲେ। ଏପରିକି ନାବାଳିକାଙ୍କ ପରିବାର ପକ୍ଷରୁ ପୁଅ ପରିବାର ସହ ଆପୋସ ସମାଧାନ ପାଇଁ ଚେଷ୍ଟା କରିଥିଲେ। ପୁଅ ପରିବାର ଧରାଛୁଆଁ ନ ଦେଇ ଫେରାର ହୋଇଯାଇଥିଲେ। ପୁଅ ପରିବାର ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଜଣେ ଦଲାଲ ଫାଣ୍ଡିରେ ଚାପ ପକାଇବାରୁ ଅଭିଯୋଗର ଦୁଇଦିନ ପରେ ମଧ୍ୟ ମାମଲା ରୁଜୁ ହୋଇ ନ ଥିଲା। ମାତ୍ର ଘଟଣା ବିଷୟରେ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଚାପରେ ପଡି ପୋଲିସ ୩୨୪/୧୮ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ରାଜା କଲେଜକୁ ପରୀକ୍ଷା ଦେବାକୁ ଆସିଥିବା ବେଳେ ବାଲିଅନ୍ତା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ସମ୍ବର୍ଦ୍ଧିତ ହେଲେ ଏ.ବି.ସିଂ



**ଗୁଡଗାଓଁ,୨୨।୧୨**

ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ସ୍କୁଲର ପ୍ରତିଷ୍ଠାତା ଏବଂ ଆକାଶ ଭୁବନେଶ୍ୱର ସେଣ୍ଟରର ନିର୍ଦ୍ଦେଶକ ଏ.ବି. ସିଂ ମାରୁତି ସୁଜୁକି ଇଣ୍ଡିଆ ପକ୍ଷରୁ ଗୁଡଗାଓଁଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଶିକ୍ଷା କ୍ଷେତ୍ରକୁ ବିଶେଷ ଅବଦାନ ଲାଗି ସିଂଙ୍କୁ କମ୍ପାନୀ ପକ୍ଷରୁ ସମ୍ମାନିତ କରାଯାଇଥିବା ଏହା ପ୍ରକାଶ କରିଛି। ଭୁବନେଶ୍ୱର ଆଦ୍ୟାନ୍ତ ପ୍ରତିଷ୍ଠା ସହ ସୁପର ୩୦ ଏବଂ ଜିନ୍ଦେଗୀ ନାମକ କାର୍ଯ୍ୟକ୍ରମ ଦ୍ୱାରା ସିଂ ଗରିବ ଏବଂ ମେଧାବୀ ଛାତ୍ରୀଛାତ୍ରଙ୍କ ମେଡିକାଲ ପ୍ରସ୍ତୁତି ଲାଗି ସହାୟତା କରୁଛନ୍ତି। ଏହି ପୁରସ୍କାର ଗ୍ରହଣ କରି ଅତ୍ୟନ୍ତ ଖୁସୀ ବୋଲି ସିଂ କହିଛନ୍ତି। ଏଥିପାଇଁ ସେ କମ୍ପାନୀକୁ କୃତଜ୍ଞତା ପ୍ରଦାନ କରିଛନ୍ତି।

## ମନ୍ଦିରଗୁଡ଼ିକୁ ଅନୁଧ୍ୟାନ କଲେ ୪ ଜଣିଆ ଟିମ୍

**୧୬ ମନ୍ଦିରର ଆଲୋକୀକରଣ ବ୍ୟବସ୍ଥା ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ**

**ପୁରୁଣା ଭୁବନେଶ୍ୱର, ୨୨।୧୨(ଡି.ଏନ.ଏ.)**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ ଶେଷ ହୋଇଛି। ରାଜ୍ୟ ସରକାର ଐତିହାସିକ ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ଭୂୟସୀ ପ୍ରଶଂସାର ସୁଅ ଛୁଟିଛି। ବିଦେଶୀ ଖେଳାଳି ଓ ସମର୍ଥକଙ୍କ ଆକର୍ଷଣ ମନ୍ଦିରମାଳିନୀ ସହର ଭୁବନେଶ୍ୱର ପାଲଟିଥିଲା। ବର୍ଷ ବର୍ଷ ଧରି ଅନ୍ଧାରରେ ପଡି ରହିଥିବା ଅନେକ ମନ୍ଦିର ମଧ୍ୟରୁ ସରକାର ପ୍ରାୟ ୧୬ ଟି ମନ୍ଦିରରେ ଆଲୋକୀକରଣ ଏବଂ ପରିମଳ ବ୍ୟବସ୍ଥା କରିଥିଲେ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଡିଏ ଏହି ବ୍ୟବସ୍ଥା କରିଥିଲା। ସେତେବେଳେ ମନ୍ଦିର ପରିଚାଳନାରେ ଥିବା ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ବିଭିନ୍ନ ଆଇନ ଓ ବାରଣ ସତ୍ତ୍ୱେ ଏହା ସମ୍ଭବ ହୋଇଥିଲା। ଶ୍ରୀଲିଙ୍ଗରାଜଙ୍କ ମାମୁଘର ମୈତ୍ରେଶ୍ୱର ମନ୍ଦିର, ଐଶାନେଶ୍ୱର, ବୈତାଳ ମନ୍ଦିର ପ୍ରମୁଖ ଅଟେ। ଶୁକ୍ରବାର ବିଡିଏର ସହକାରୀ ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ ପୁରୁଣା ଭୁବନେଶ୍ୱରର ବିଭିନ୍ନ ମନ୍ଦିର ୪ ଜଣିଆ ଟିମ୍ ସହ ଅନୁଧ୍ୟାନ କରିଥିଲେ। ଏବେ ଏହି ସବୁ ମନ୍ଦିରରେ ପରିମଳ ବ୍ୟବସ୍ଥା ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠୁଛି। ଏଏସ୍ଆଇର ବିଭିନ୍ନ ପ୍ରତିବନ୍ଧକ ସତ୍ତ୍ୱେ ବିଭାଗ କିଭଳି ଏହାକୁ ରକ୍ଷଣାବେକ୍ଷଣ କରିପାରୁଛି ତାହା ଆଲୋଚନାର ବିଷୟ ପାଲଟିଛି।

## ଭେଟେରିନାରି କଲେଜ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ପ୍ରତ୍ୟାହୃତ



ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବା ପାଇଁ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ):** ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଭେଟେରିନାରୀ କଲେଜର ଛାତ୍ରୀଛାତ୍ରମାନେ ନୂତନ ଓ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ଦାବିରେ ଡିସେମ୍ବର ୨୦ ତାରିଖଠାରୁ ଚଳାଇ ଆସିଥିବା ଆନ୍ଦୋଳନ ଶନିବାର ପ୍ରତ୍ୟାହାର କରିଛନ୍ତି। ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ ଦ୍ୱାରା ବର୍ତ୍ତମାନର ଭାରପ୍ରାପ୍ତ ଅଧ୍ୟକ୍ଷ ଗତ ଜୁଲାଇ ମାସଠାରୁ ନିଯୁକ୍ତି ପାଇଛନ୍ତି। ମହାବିଦ୍ୟାଳୟରେ ଶିକ୍ଷା, ଗବେଷଣା ଓ ଚିକିତ୍ସା ପାଇଁ ଅନୁକୂଳ ବାତାବରଣ ଫେରାଇ ଆଣିବା ନିମନ୍ତେ ଛାତ୍ରୀଛାତ୍ରମାନେ ସେମାନଙ୍କ ଆନ୍ଦୋଳନ ପ୍ରତ୍ୟାହାର କରିନେଲେ ବୋଲି କୁଳପତିଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାଦ୍ୱାରା ସୋମବାରଠାରୁ ଉଭୟ ଶିକ୍ଷାଦାନ ଓ ପରୀକ୍ଷା କାର୍ଯ୍ୟକ୍ରମ ସ୍ୱାଭାବିକ ଭାବେ ଚାଲିବ ବୋଲି ଜଣାପଡ଼ିଛି। ଗୁରୁବାର ଛାତ୍ରୀଛାତ୍ରମାନେ କଲେଜ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଶନିବାର ଅପରାହ୍ନରେ ମଧ୍ୟ ଛାତ୍ରୀଛାତ୍ରମାନେ ଗୋପବନ୍ଧୁ ଛକଠାରୁ ରାଜଭବନ ପର୍ଯ୍ୟନ୍ତ ନିଜର ଦାବି ସମ୍ବଳିତ ପ୍ଲାକାର୍ଡ ଧରି ଶୋଭାଯାତ୍ରା କରିଥିଲେ। ସନ୍ଧ୍ୟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି।

## ପୁରସ୍କୃତ ହେଲେ ୩୨୬ ଛାତ୍ରୀଛାତ୍ର

**ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବ**

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ):** ନୈତିକ ଶିକ୍ଷା ପିଲାଙ୍କୁ ଭବିଷ୍ୟତରେ ଦକ୍ଷ ଓ ସମ୍ମାନସ୍ପଦ ମଣିଷଟିଏ କରିପାରିବ। ପାରିପାର୍ଶ୍ୱିକ ସ୍ଥିତି ହିଁ ପିଲାଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ମାତାପିତା ଏ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ବୋଲି ଏଠାରେ ମତପ୍ରକାଶ ପାଇଛି। ଶିଶୁ ବିକାଶ ଓ ସମାଜ ଉନ୍ନୟନ କେନ୍ଦ୍ର(ସିସିଡବ୍ଲୁଏସ୍‌ଡି) ପକ୍ଷରୁ ଶନିବାର ସୂଚନା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। କେନ୍ଦ୍ରର ସଭାପତି ସୁଧାନିଧି ରାଉତଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଉପସଚିବ ଦୀପକ କୁମାର ରାଉତରାୟ, ଅଭିଷେକ କନ୍‌ଷ୍ଟ୍ରକ୍ସନର ପରିଚାଳନା ନିର୍ଦ୍ଦେଶକ ଅରୁଣ ବିଶ୍ୱାଳ, ଇଂ ଜଗବନ୍ଧୁ ଷଡ଼ଙ୍ଗୀ, ଡ.ବିଶ୍ୱନାଥ ଧଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବରୁ ୧୬ହଜାର ପିଲାଙ୍କୁ ନେଇ ୧୫୦ କେନ୍ଦ୍ରରେ ଆୟୋଜିତ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୩୨୬ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ):** ଡୁନ୍ ସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ ଶରତ ଚନ୍ଦ୍ର ରାଉତରାୟ, ଅଧ୍ୟକ୍ଷା ଗୌରୀ ରକ୍ଷିତ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିବିଏସ୍ଇ ବୋର୍ଡର ପୂର୍ବାଞ୍ଚଳ ରିଜିୟନ୍‌ର ଆଞ୍ଚଳିକ ଅଧିକାରୀ ଟି. ମାତେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅଧ୍ୟକ୍ଷା ରକ୍ଷିତ ମାତୃ ଭୂମିକାର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ନାଟକ ‘ରୋମିଓ ଜୁଲିଏଟ୍’ ଓ ଓଡ଼ିଆ ନାଟକ ‘ସର୍ବେ ଭବନ୍ତୁ ସୁଖିନଃ’ ଚିତ୍ତାକର୍ଷକ ଥିଲା।


ଓଡ଼ିଶା ସରକାର

## ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ

**ଘୋଷଣା**

File No.: SPL. L.A.O. 17/18-306 Dated: 20.11.18

No.: I-66: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ତହସିଲ- ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା-କଟକରେ ନିମ୍ନ ସୂଚିତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O.-8/18-139 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ) ୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ଗରୁଡ଼ ଗାଁ, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଥାନା: ଚୌଦ୍ୱାର, ଥାନା ନଂ.- ୭୩, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୧୦୬ | ୪୦୫ | ୦.୩୫୦ | ୦.୧୩୨ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣ ଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨ | ୧୩୧ | ୪୦୬ | ୦.୧୭୦ | ୦.୦୬୦ | ଶାରଦ-୧ | ମଙ୍ଗୁଳି ରାଉତ, ପି.- ବାସୁ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩ | ୫୬ | ୪୦୭ | ୦.୦୩୦ | ୦.୦୧୦ | ଶାରଦ-୧ | କୃଷ୍ଣଚନ୍ଦ୍ର ଜେଠି, ପି.- ଭିକାରୀ ଜେଠି, ଦୁର୍ଯ୍ୟୋଧନ ଜେଠି, ରାଜୁ ଜେଠି, ବାବାଜି ଜେଠି, ପି.- ଦାମ ଜେଠି, ଦତ୍ତ ଜେଠି, ନିରଞ୍ଜନ ଜେଠି, ପି.- ବରଜୁ ଜେଠି, ଉଲ ବେୱା, ସ୍ୱା.- ବରଜୁ ଜେଠି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪ | ୫୬ | ୪୦୮ | ୦.୦୧୦ | ୦.୦୧୦ | ଶାରଦ-୧ | |
| ୫ | ୧୦୬ | ୪୧୪/ ୬୪୬ | ୦.୦୧୦ | ୦.୦୧୦ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ମୋଟ | | | | ୦.୨୨୨ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0050/1819

ଓଡ଼ିଶା ସରକାର

## ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ

**ଘୋଷଣା**

File No.: SPL. L.A.O. 20/18-340 Dated: 20.11.18

No.: I-69: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା-କଟକରେ ନିମ୍ନ ସୂଚିତ ‘କ’ ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O Rly.-11/18-79 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ) ୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ବଳିପୁର, ତହସିଲ: ଆଠଗଡ଼, ଥାନା: ଗୁରୁଡ଼ିଝାଟିଆ, ଥାନା ନଂ.- ୨୫, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୬୧ | ୧୫୫୦ | ୦.୦୫୦ | ୦.୦୧୨ | ଶାରଦ-୩/୨ | କରୁଣାକର ସାମଲ, ପି.- ପାଣୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୨ | ୬୧ | ୧୫୫୧ | – | ୦.୦୪୦ | ଶାରଦ-୩ | କରୁଣାକର ସାମଲ, ପି.- ପାଣୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୩ | ୬୧ | ୧୫୫୨ | ୦.୨୫୫ | ୦.୦୨୫ | ଶାରଦ-୩/୫ | କରୁଣାକର ସାମଲ, ପି.- ପାଣୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୪ | ୨୯୩ | ୧୫୫୭ | ୦.୫୬୦ | ୦.୧୬୫ | ଶାରଦ-୨ | ନିଶାମଣି ପଧାନ, ଦୁଶାସନ ପଧାନ, ପି.- ଅଭିମନ୍ୟୁ ପଧାନ, ଜା: ଓଡ଼ ପଧାନ, ବା: କୁମାରପୁର |
| ୫ | ୫୭୦/ ୮୨୪ | ୧୫୫୮ | ୦.୦୪୦ | ୦.୦୪୦ | ଶାରଦ-୩/୩ | ସଲିଳ କୁମାର ମହାପାତ୍ର, ପି.- କୃପାସିନ୍ଧୁ ମହାପାତ୍ର, ଜା: ବ୍ରାହ୍ମଣ, ବା: କୁମାରପୁର |
| ୬ | ୩୭୫ | ୧୫୫୯ | ୦.୦୯୦ | ୦.୦୪୮ | ଶାରଦ-୩ | ଭଗବାନ ରାଉତ, ପି.- ଗୋପାଳ ରାଉତ, ଜା: ଓଡ଼ ପଧାନ, ବା: ସାସଙ୍ଗ |
| ୭ | ୫୭୦/ ୩୦୮ | ୧୫୬୦ | ୦.୧୪୦ | ୦.୦୪୮ | ଶାରଦ୩/୨ | ଦ୍ୱିଜ ମଲିକ, ପି.- ବାସୁ ମଲିକ, ଜା: ପାଣ, ବା: ନିଜଗାଁ |
| ୮ | ୨୩୫ | ୧୫୬୧ | ୦.୪୬୦ | ୦.୦୮୪ | ଶାରଦ୩/୯ | ନଟବର ମୁଦୁଲି, ପି.- ଲକ୍ଷ୍ମଣ ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୯ | ୧୪୩ | ୧୫୬୨ | ୦.୧୯୦ | ୦.୦୫୦ | ଶାରଦ-୩/୪ | ଚକ୍ରଧର ରାଉତ, ପି.- ପୁରୁଷୋତ୍ତମ ରାଉତ, ଜା: ଚଷା, ବା: ନିଜଗାଁ |
| ୧୦ | ୧୭୪ | ୧୫୬୩ | ୦.୧୬୦ | ୦.୧୦୫ | ଶାରଦ-୩/୨ | ଜଗୁ ସାମଲ, ପି.- ରାମ ବଳବନ୍ତରାୟ, ଜା: ଚଷା, ବା: ନିଜଗାଁ |
| ମୋଟ | | | | ୦.୬୧୭ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0053/1819

# ଏବେ ବ୍ଲୁଟୁଥ୍ ଜମାନା

**ଦିନକୁ ଦିନ ମଡର୍ନ ଟେକ୍ନୋଲୋଜି ମଣିଷର ପ୍ରତ୍ୟେକ କାର୍ଯ୍ୟ ପୂର୍ବାପେକ୍ଷା ଅଧିକ ସହଜ ଏବଂ ସରଳ କରିଦେଉଛି । ଠିକ୍ ସେମିତି ବିଜ୍ଞାନର ଏକ ଅପୂର୍ବ ବରଦାନ ହେଉଛି ବ୍ଲୁଟୁଥ୍ ବା ୱେର୍‌ଲେସ୍ ଇୟରଫୋନ । ଯାହାର ବ୍ୟବହାରକାରୀଙ୍କ ତାଲିକାରେ ସବୁଠୁ ଆଗରେ ଅଛନ୍ତି ଯୁବପିଢି...**



ଦିନକୁ ଦିନ ଜ୍ଞାନକୌଶଳ ସହ ଯୁବପିଢିଙ୍କ ରୁଚିରେ ମଧ୍ୟ ପରିବର୍ତ୍ତନ ହେଉଛି। ଆବଶ୍ୟକତା ସହ କମ୍ଫର୍ଟକୁ ଦୃଷ୍ଟିରେ ରଖି ସେମାନେ ବିଭିନ୍ନ ନୂଆ ଟେକ୍ନୋଲୋଜି ଆପଣେଇବାକୁ ବେଶ୍ ଆଗଭର ହେଉଛନ୍ତି। ଠିକ୍ ଯେମିତି ଫୋନ୍‌ରେ କଥା ହେବାଠୁ ଆରମ୍ଭ କରି ଭିଡିଓ ଦେଖିବା, ମ୍ୟୁଜିକ୍ ଶୁଣିବା ଆଦି କାର୍ଯ୍ୟକୁ ସହଜ କରିବା ଲାଗି ବର୍ତ୍ତମାନ ବ୍ଲୁଟୁଥ୍ ବା ୱେର୍‌ଲେସ୍ ଇୟରଫୋନ୍ ଏବଂ ହେଡ୍‌ସେଟ୍ ପାଲଟିଛି ସେମାନଙ୍କ ପ୍ରଥମ ପସନ୍ଦ। ଆଉ ଅନ୍ୟ ଇୟରଫୋନ୍ ବା ହେଡ୍‌ସେଟ୍ ଭଳି ବର୍ତ୍ତମାନ ଉପଭୋକ୍ତାଙ୍କ ଡିମାଣ୍ଡ ଅନୁଯାୟୀ କମ୍ପାନୀଗୁଡିକ ବିଭିନ୍ନ ଡିଜାଇନ୍‌ର ବ୍ଲୁଟୁଥ୍ ହେଡ୍‌ଫୋନ୍ ପ୍ରସ୍ତୁତ କରୁଛନ୍ତି। ବ୍ଲୁଟୁଥ୍ ଇୟର୍‌ଫୋନ୍‌ଗୁଡିକୁ ଏହାର ଷ୍ଟୋରେଜ୍, ପୋର୍ଟେବିଲିଟି, ବ୍ୟାଟେରି ଏବଂ କମ୍ଫର୍ଟ ଅନୁଯାୟୀ ଚୟନ କରାଯାଇଥାଏ। ଯେଉଁମାନଙ୍କୁ ମ୍ୟୁଜିକ୍ ବା ଡିପ୍ ବାସ୍ ପସନ୍ଦ ସେମାନେ ଅନ୍ ଦି ଇୟର କିମ୍ବା ଆରାଉଣ୍ଡ ଦି ଇୟର ହେଡ୍‌ଫୋନ୍ ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି। ବଡ ହେଡଫୋନ୍ ପସନ୍ଦ କରୁ ନ ଥିବା ଯୁବତୀଯୁବକଙ୍କ ଲାଗି ଛୋଟ ଇୟରବଡ୍ ଡିଜାଇନ୍ ୱେର୍‌ଲେସ୍ ଇୟରଫୋନ୍ ପାଲଟିଛି ବେଷ୍ଟ ଚଏସ୍। ତେବେ ବର୍ତ୍ତମାନ ନେକ୍‌ବ୍ୟାଣ୍ଡ ଷ୍ଟାଇଲ୍ ୱେର୍‌ଲେସ୍ ଇୟରଫୋନର ବ୍ୟବହାରକାରୀଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳୁଛି। କାମ ନ ଥିବା ସମୟରେ ଏହାକୁ ଆରାମରେ ବେକରେ ଝୁଲାଇ ରଖାଯାଇପାରୁଥିବାରୁ ବ୍ୟବହାର କରିବାକୁ ଅଧିକ ସହଜ ହେଉଛି।

**ବ୍ୟାଟେରି ଲାଇଫ୍:** ସାଧାରଣତଃ ପ୍ରାୟ ସବୁ ବ୍ଲୁଟୁଥ୍ ହେଡ୍‌ଫୋନ୍‌ଗୁଡିକ ଥରେ କମ୍ପ୍ଲିଟ୍ ଚାର୍ଜରେ ବ୍ୟାଟେରି ବ୍ୟାକ୍‌ଅପ୍ ୬ ଘଣ୍ଟା ରହୁଛି। ହେଲେ ମାର୍କେଟ୍‌ରେ ୧୨ଘଣ୍ଟା ବ୍ୟାକ୍‌ଅପ୍ ରଖୁଥିବା ଭଳି କିଛି ହେଡ୍‌ଫୋନ୍ ମଧ୍ୟ ଉପଲବ୍ଧ। ଅଧିକାଂଶ ଇୟରଫୋନ୍ ମାଇକ୍ରୋ ୟୁଏସ୍‌ବି ପୋର୍ଟ ଯୁକ୍ତ ଆସୁଛି, ଯାହାକି ଉଭୟ ଚାର୍ଜିଂବୋର୍ଡରେ ହେଉ କିମ୍ବା ପାୱାରବ୍ୟାଙ୍କ ସାହାଯ୍ୟରେ ଚାର୍ଜ ହୋଇପାରେ। ବର୍ତ୍ତମାନ ଫାଷ୍ଟ ଚାର୍ଜ ସପୋର୍ଟ ୱେର୍‌ଲେସ୍ ହେଡ୍‌ଫୋନ୍ ମଧ୍ୟ ମାର୍କେଟ୍‌ରେ ଉପଲବ୍ଧ ହେଲାଣି। ତେବେ ଏହାକୁ କିଣିବା ସମୟରେ ବ୍ୟାଟେରି ବ୍ୟାକ୍‌ଅପ୍ ୮ ଘଣ୍ଟା କିମ୍ବା ତା ଠୁ ଊର୍ଦ୍ଧ୍ୱ ଲେଖାଥିବା ଦେଖନ୍ତୁ।

**ଦାମ୍:** କମ୍ପାନୀରୁ କମ୍ପାନୀ ବା ବ୍ରାଣ୍ଡ ଅନୁଯାୟୀ ଏଭଳି ୱେର୍‌ଲେସ୍ ଡିଭାଇସ୍‌ର ଦାମ୍ ଭିନ୍ନ ଭିନ୍ନ। ତଥାପି ଏହାର ହାରାହାରି ଦାମ୍ ୯୦୦ ଟଙ୍କାରୁ ଆରମ୍ଭ ହୋଇ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ରହୁଛି। ଯାହାକି ଲୋ, ମିଡ୍ ଏବଂ ହାଇ ଭଳି ତିନୋଟି ରେଞ୍ଜରେ ଭାଗ କରାଯାଇଛି। ଗ୍ରାହକ ନିଜ ବଜେଟ୍ ଅନୁଯାୟୀ ଯେକୌଣସି ରେଞ୍ଜ୍‌ରେ ହେଡ୍‌ଫୋନ୍ କିଣିପାରୁଛନ୍ତି। ଏସବୁ ଇଲେକ୍ଟ୍ରୋନିକ୍ସ ଦୋକାନରେ ଏବଂ ଅନ୍‌ଲାଇନ୍‌ରେ ମଧ୍ୟ ସହଜରେ ମିଳିପାରୁଛି। ତେବେ କେବଳ ନାମୀଦାମୀ ଇଲେକ୍ଟ୍ରୋନିକ୍ସ କମ୍ପାନୀଗୁଡିକର ନୁହେଁ ମାର୍କେଟ୍‌ରେ କମ୍ ଦାମରେ ବିଭିନ୍ନ ଲୋକାଲ ଏବଂ ଚାଇନାମେଡ୍ ବ୍ରାଣ୍ଡେଡ୍ ବ୍ଲୁଟୁଥ୍ ହେଡ୍‌ସେଟ୍ ମଧ୍ୟ ମିଳୁଛି, ଯାହାକୁ ମଧ୍ୟ କିଛି ଯୁବପିଢି ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ଅନ୍ୟାନ୍ୟ ଫିଚର୍ସ:** ଏଥିରେ ଭଏସ୍ କଲ୍ ଲାଗି ଭଲ ମାଇକ୍ରୋଫୋନ୍ ରହୁଛି। କେବଳ ଏତିକି ନୁହେଁ ଯେଉଁମାନେ ୱାର୍କଆଉଟ୍ କିମ୍ବା ଏକ୍ସରସାଇଜ୍ କରିବା ସମୟରେ ମ୍ୟୁଜିକ୍ ଶୁଣିବାକୁ ପସନ୍ଦ କରୁଥାନ୍ତି ସେମାନଙ୍କ ଲାଗି ଯେପରି ଝାଳ ଲାଗି ଏହା ଖରାପ ନ ହୋଇଯାଏ ସେଥିପାଇଁ ୱାଟର୍ ରେଜିଷ୍ଟାନ୍ସ ଫିଚରଯୁକ୍ତ ହେଡ୍‌ଫୋନ୍ ମଧ୍ୟ ବର୍ତ୍ତମାନ ମିଳୁଛି।

**ମନେରଖନ୍ତୁ:** ଇୟରଫୋନ୍ ଯେପରି ହେଉ ନା କାହିଁକି ଏହାର ଅଧିକ ବ୍ୟବହାର ଶ୍ରବଣ ସମସ୍ୟାର କାରଣ ସାଜିପାରେ। ଦୈନିକ ଲଗାତାର ଏକଘଣ୍ଟାରୁ ଅଧିକ ଏହାକୁ ଆଦୌ ବ୍ୟବହାର କରନ୍ତୁ ନାହିଁ। ଏଥିରେ ଶବ୍ଦ ଖୁବ୍ ପାଖରୁ ଶୁଭୁଥିବା ବେଳେ ସାଉଣ୍ଡ ଇଫେକ୍ଟଗୁଡିକର ଫ୍ରିକ୍ୱେନ୍ସି ବାରମ୍ବାର ବଦଳିଥାଏ। ତେଣୁ ଏହାକୁ ଲଗାଇ ଅଧିକ ଭଲ୍ୟୁମ୍‌ରେ ମ୍ୟୁଜିକ୍ ଶୁଣିବା, ଭିଡିଓ ଦେଖିବା କିମ୍ବା ଗେମ୍ ଖେଳିବା ଦ୍ୱାରା କାନରେ ଥିବା ସ୍ନାୟୁ ପ୍ରଭାବିତ ହୋଇଥାଏ। ଯାହାକି ଅଡିଓ ସେନ୍ସୋରୀ ନ୍ୟୁରାଲ୍ ନର୍ଭ ଡ୍ୟାମେଜ୍‌ର ଆଶଙ୍କା ବୃଦ୍ଧି କରିଥାଏ। କେବଳ ଏତିକି ନୁହେଁ ୬୦-୭୦ ଡେସିବଲ୍‌ରୁ ଅଧିକ ଭଲ୍ୟୁମ୍‌ରେ ଶୁଣିବା ଦ୍ୱାରା ନଏଜ୍ ଇଣ୍ଡ୍ୟୁସଡ୍ ହିୟରିଂ ଲସ୍ ସମସ୍ୟାକୁ ବି ଡାକିଆଣିଥାଏ। ଫଳରେ ସାରା ଜୀବନ ଶ୍ରବଣ ଶକ୍ତି ହରାଇବାକୁ ପଡିଥାଏ। ତେଣୁ ଏଭଳି ଡିଭାଇସ୍ ବ୍ୟବହାର କରିବା ସମୟରେ ସତର୍କ ରହିବା ଆବଶ୍ୟକ।

### କ'ଣ କୁହନ୍ତି ଏମାନେ...

**ବିଭୁ ପ୍ରସାଦ ଦାସ**(କର୍ମଜୀବୀ, ଫୁଲନଖରା, କଟକ)- ବ୍ଲୁଟୁଥ୍ ଇୟରପିସ୍ କେତେ ସୁବିଧାଜନକ ନିଜେ ବ୍ୟବହାର କରିବା ପରଠୁ ବୁଝିପାରୁଛି। ଆଖପାଖରେ ଥିବା ଅନ୍ୟମାନଙ୍କୁ ଡିଷ୍ଟର୍ବ ନ କରି ଭିଡିଓ ଦେଖିବା ହେଉ କିମ୍ବା ହଠାତ୍ ପକେଟ୍‌ରୁ ଫୋନ୍ କାଢି ନ ହେଉ ଥିବା ଗହଳି ସ୍ଥାନରେ ବା ଗାଡି ଚଲାଇବା ବେଳେ କଲ୍ ଆସିଲେ ଏହା ବେଶ୍ କାମରେ ଆସୁଛି। ବିଶେଷ କରି ଅଧିକ ସମୟ କଥା ହେବାର ଥିଲେ ୧୮୦ରୁ ୨୦୦ ଗ୍ରାମ୍‌ର ସ୍ମାର୍ଟ ଫୋନ୍ ଧରି ରଖିବାର ଟେନ୍‌ଶନ୍ ବି ନାହିଁ। ଏହା ଖୁବ୍ ଲାଇଟ୍ ୱେଟ୍ ହୋଇଥିବାରୁ ବ୍ୟବହାର କରିବାକୁ ସୁବିଧା ହେଉଛି।

**ସୈଦ୍ ଓକ୍ତୁ ଅଲ୍ଲୀ**( ଛାତ୍ର, ଆଇଟିଇଆର୍ ଇଞ୍ଜିନିୟରିଂ କଲେଜ, ଭୁବନେଶ୍ୱର)- ସାଧାରଣ ଇୟରଫୋନ୍ ତୁଳନାରେ ୱେର୍‌ଲେସ୍ ବ୍ଲୁଟୁଥ୍ ଇୟରଫୋନ୍ ବ୍ୟବହାର କରିବାକୁ ବେଶି ସୁବିଧା ହେଉଛି। ଏଥିରେ କଣ୍ଟ୍ରୋଲ୍ ବଟନ୍‌ଗୁଡିକ ରହୁଥିବାରୁ ବାରମ୍ବାର ଫୋନ୍ ଧରିବାକୁ ମଧ୍ୟ ପଡୁନାହିଁ। ତା'ଛଡା ଲମ୍ବା ତା'ର ନ ଥିବାରୁ କ୍ୟାରି କରିବା ଅପେକ୍ଷାକୃତ ସହଜ ହେଉଛି। ତେବେ ଏତେସବୁ ସୁବିଧା ଥିଲେ ସୁଦ୍ଧା ଏହାକୁ ବ୍ୟବହାର କରିବା ସମୟରେ କାନର ସୁରକ୍ଷା ପ୍ରତି କେବେ ଅବହେଳା କରେନି। ଏହାକୁ ଆବଶ୍ୟକରୁ ଅଧିକ ସମୟ କିମ୍ବା ଅଧିକ ଭଲ୍ୟୁମ୍‌ରେ ବ୍ୟବହାର କରେନି।


ବିଭୁ ପ୍ରସାଦ


ସୈଦ୍ ଓକ୍ତୁ

## ଏ ସପ୍ତାହର ପ୍ରଶ୍ନ

୧- କୋନାକ୍ରି....... ଦେଶର ରାଜଧାନୀ ?
୨- ମୁସା ପାରାଡିସିଆକା............ର ବୈଜ୍ଞାନିକ ନାମ ?
୩- ବର୍ତ୍ତମାନ ଆର୍‌ବିଆଇ ଗଭର୍ନର .......... ?
୪- ୨୦୧୯ ସୁଦ୍ଧା ପବ୍ଲିକ୍ ଟ୍ରାନ୍ସପୋର୍ଟକୁ ସମ୍ପୂର୍ଣ୍ଣ ମାଗଣା କରିବାକୁ ଯାଉଥିବା ପ୍ରଥମ ଦେଶ............ ?
୫- ଭାରତର ସ୍ପୋର୍ଟ୍ସ କ୍ୟାପିଟାଲ୍....... ?

## ଗତ ସପ୍ତାହର ଉତ୍ତର

୧ ସାଲୋମ୍ ଜୁରାବିସ୍ୱିଲି
୨ 'ନୋ ୟୋର୍ ଷ୍ଟାଟସ୍'
୩ ରନିନ୍ଦର୍ ସିଂ
୪ ନମିତା ଗୋଖଲେ
୫ ମାଧୁରୀ ଦୀକ୍ଷିତ

## ଉତ୍ତରଦାତା


ସଞ୍ଜୟ ଦଳାଇ, ଭଦ୍ରକ


ଅମରେନ୍ଦ୍ର ପ୍ରଧାନ ଅନୁଗୋଳ


ଶେଖ ୟାକୁବ୍ ଗୋପ, ପୁରୀ


ରୁପାମଣି ମହଲ ଭୁବନେଶ୍ୱର

**ବିଦ୍ର:** ଉତ୍ତର ଲେଖି ଫଟୋ ସହ ନିମ୍ନ ଠିକଣାରେ ପଠାନ୍ତୁ। ଉତ୍ତର ସମ୍ପୂର୍ଣ୍ଣ ଠିକ୍ ହେଲେ ନାମ ସହ ଫଟୋ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com


# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**No. RDM-LAA-BLS-0017-2017/ 29283 R&DM, Dated 08.08.2018**

**No. III-51:-** ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ବଣପାରିଆ, ଥାନା- ଖଇରା ନଂ.୧୩୩, ତହସିଲ- ଖଇରା, ଜିଲ୍ଲା- ବାଲେଶ୍ୱରରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସୁନ୍ଦିରିଆ ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୪୦୫୪୮, ତା୨୭।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ, ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବଣପାରିଆ, ଥାନା- ଖଇରା ନଂ.-୧୩୩, ଜିଲ୍ଲା- ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.balasore.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ଶାଳପଡ଼ା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ବାଲେଶ୍ୱର — ତହସିଲ- ଖଇରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଣପାରିଆ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୧୯.୯୮୫ | ଏକର ୭.୯୬ | ଏଥିସହିତ ସଂଲଗ୍ନ |

### ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ବାଲେଶ୍ୱର — ତହସିଲ- ଖଇରା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ: ୧୭।୦୩।୨୦୧୮**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ) ଯୁଗ୍ମ ଶାସନ ସଚିବ

### LAND SCHEDULE

Land Acquisition for excavation of Sundira Distributary of Anandapur Barrage Project of Vill- Banaparia, Tahasil- Khaira, PS- Khaira No. 133, Dist.- Balasore, L.A. Case No.- 11/17

| କ୍ର. ନଂ. | ଖାତା ନମ୍ବର | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ୍ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ୧. | 2 | ଅମ୍ବା ଦେଇ, ସ୍ୱା- ବୈକୁଣ୍ଠ ରାଉତ, ବୈକୁଣ୍ଠ ରାଉତ, ପି: ଯୋଗେନ୍ଦ୍ର ରାଉତ, ଜା: ଖଣ୍ଡାୟତ, ବା: ତେଲଦିଆ | 587 | ଶାରଦ-୧ | 0.46 | 0.24 |
| ୨. | 6 | ଅଚ୍ୟୁତାନନ୍ଦ ବେହେରା, ପି: କାଙ୍ଗାଳି ବେହେରା, ରଘୁନାଥ ବେହେରା, ପି: ମୂଷା ବେହେରା, ଆତଙ୍ଗ ବେହେରା, ପି: ଶଙ୍କର ବେହେରା, ରତନି ବେୱା, ସ୍ୱା: ଗୋପି ବେହେରା, ଲକ୍ଷ୍ମଣ ବେହେରା, ପି: ଦୁଲେଇ ବେହେରା, ଜା: ରଙ୍ଗିଣିହଂସି, ବା: ନିଜଗାଁ | 301 | ଶାରଦ-୨ | 1.88 | 0.34 |
| ୩. | 9 | ଅଚ୍ୟୁତାନନ୍ଦ ବେହେରା, ପି: କାଙ୍ଗାଳି ବେହେରା, ରଘୁନାଥ ବେହେରା, ପି: ମୂଷା ବେହେରା, ଆତଙ୍କ ବେହେରା, ପି: ଶଙ୍କର ବେହେରା, ରତନି ବେୱା, ସ୍ୱା: ଗୋପି ବେହେରା, ଲକ୍ଷ୍ମଣ ବେହେରା, ପି: ଦୁନେଇ ବେହେରା, ଜା: ରଙ୍ଗିଣିହଂସି, ବା: ନିଜଗାଁ, ଆତଙ୍ଗ ବେହେରାଙ୍କ ଅଂଶ ପକ୍ଷେ ଖରିଦ୍ ସୂତ୍ରେ ଦଖଲ ଦିନବନ୍ଧୁ ବେହେରା, ପି: ବନମାଳି ବେହେରା। | 526 | ଶାରଦ-୨ | 0.19 | 0.04 |
| | | | 257 | ଶାରଦ-୨ | 1.30 | 0.11 |
| | | | 519 | ଶାରଦ-୨ | 0.65 | 0.06 |
| ୪. | 21 | ପରିକ୍ଷିତ ବେହେରା, ଜଗନ୍ନାଥ ବେହେରା, ଭାଗବତ ବେହେରା, ପି: ରଘୁନାଥ ବେହେରା | 264 | ଶାରଦ-୨ | 0.15 | 0.12 |
| ୫. | 22 | କେଶବ ନାଏକ, ପି: କ୍ଷେତ୍ର ନାଏକ, ଜା: ରଙ୍ଗିଣିହଂସି, ବା: ନିଜଗାଁ | 267 | ଶାରଦ-୨ | 0.08 | 0.08 |
| ୬. | 25 | କେଶବ ନାଏକ, ପି: କ୍ଷେତ୍ର ନାଏକ, ଭାଷ୍କର ନାଏକ, ପି: ବୁଧି ନାଏକ, ଦୀନବନ୍ଧୁ ନାଏକ, ଅନନ୍ତ ନାଏକ, ପି: ପାଣ୍ଡୁ ନାଏକ, ଜା: ରଙ୍ଗିଣାହଂସି, ବା: ବା: ନିଜଗାଁ | 265 | ଶାରଦ-୨ | 0.135 | 0.135 |
| ୭ | 27 | ଗଙ୍ଗାଧର ସାହୁ, ପି: ମାଗୁଣି ସାହୁ, ଜା: ଗୁଡ଼ିଆ, ନିଜଗାଁ | 589 | ଶାରଦ-୧ | 0.32 | 0.16 |
| ୮ | 36 | ଚମ୍ପା ବେୱା, ସ୍ୱା: ଦାସ ଗାତା, କୃଷ୍ଣ ଗାତା, ପି: ଦିବା ଗାତା, ବାସୁ ଗାତା, ବିଶ୍ୱା ଗାତା, ଫକୁ ଗାତା, ପି: ଭଗବାନ ଗାତା, ଜା: ତନ୍ତୀ, ବା: ନିଜଗାଁ ନାମକାଳି ମୋକଦ୍ଦମା ନମ୍ବର ୯୮୩/୯୮ ମୁତାବକ ପ୍ଲଟ୍ ନମ୍ବର ୩୭୧ ଏ୦.୧୦ ସ୍ମ ଏ୦.୦୯୩/୫, ପ୍ଲଟ୍ ନମ୍ବର ୩୭୪ ଏ୦.୨୩ ସ୍ମ ଏ୦.୧୧୫/୩ ପ୍ଲଟ୍ ନମ୍ବର ୪୧୨ ଏ ୦.୦୮ ସ୍ମ ଏ୦.୦୩ ୧/୫, ପ୍ଲଟ୍ ନମ୍ବର ୪୫୩ ଏ ୦.୧୭ ସ୍ମ ଏ୦.୦୯୧/୫, ପ୍ଲଟ୍ ନମ୍ବର ୪୫୬ ଏ୦.୧୧ ପ୍ଲଟ୍ ନମ୍ବର ୪୫୯ ଏ୦.୧୬ ସ୍ମ ଏ୦.୦୬୨/୫, ପ୍ଲଟ୍ ନମ୍ବର ୫୩୦ ଏ୦.୨୭ ସ୍ମ ଏ୦.୧୬ ମୋଟ ଏ୦.୬୭୨/୫କୁ କୃଷ୍ଣ ଗାତା, ବାସୁ ଗାତା ଅଂଶ ପକ୍ଷେ ଖରିଦ୍ ଦଖଲ ଭାଷ୍କର ଚନ୍ଦ୍ର, ଗାହାଣ କରୁଣାକର ଗାହାଣ, ନାରାୟଣ ଗାହାଣ, ପି: ପଞ୍ଚାନନ ଗାହାଣ, ଜା: ତନ୍ତୀ, ବା: ନିଜଗାଁ, ରେଜିଷ୍ଟ୍ରି ଦଲିଲ ନମ୍ବର ୭୦୯, ତା୩୦।୦୩।୯୮ରିଖ ଜରସମନ ଟ ୧୦,୦୦୦.୦୦। | 530 | ଶାରଦ-୨ | 0.03 | 0.03 |
| ୯ | 46 | ଯୁଜେଷ୍ଟିର ସାହୁ, ପି: କାଙ୍ଗାଳି ସାହୁ, ଚକ୍ରଧର ସାହୁ, ପି: ଗାଙ୍ଗୁ ସାହୁ, ଅପର୍ତି ସାହୁ, ପି: ଗଦେଇ ସାହୁ, ରାମ ସାହୁ, ଭରତ ସାହୁ, ପି: ଜଗବନ୍ଧୁ ସାହୁ, ପ୍ରଭାକର ସାହୁ, ସୋମନାଥ ସାହୁ, ପି: ଲକ୍ଷ୍ମଣ ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ, ଖସଡ଼ା ନଂ. ୩୨୪ ଏ ୦.୧୬ସ୍ମ ପ୍ଲଟ୍ ନମ୍ବର ୩୨୫ଏ ୦.୧୮ ଅଂଶପକ୍ଷେ ଖରିଦ୍ ସୂତ୍ରେ ଦଖଲ ବାବାଜୀ ଚରଣ ସାହୁ, ପି: ଭରତ ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ, ରେଜେଷ୍ଟ୍ରି ଦଲିଲ ନମ୍ବର ୧୮୪୬ ତା ୦୫।୦୩।୬୫ରିଖ ଜରସମନ ଟ.୨୦୦.୦୦। | 591 | ଶାରଦ-୧ | 0.21 | 0.17 |
| | | | 592 | ଶାରଦ-୧ | 0.18 | 0.12 |
| ୧୦ | 62 | ପ୍ରହଲ୍ଲାଦ ପଲେଇ, ମଦନ ପଲେଇ, ଭଗବାନ ପଲେଇ, ପି: ରଥ ପଲେଇ, ଜା: ଖଣ୍ଡାୟତ, ବା: ନିଜଗାଁ, | 527 | ଶାରଦ-୨ | 0.30 | 0.25 |
| | | ଅଚ୍ୟୁତାନନ୍ଦ ବେହେରା, ପି: କାଙ୍ଗାଳି ବେହେରା, ରଘୁନାଥ ବେହେରା, ପି: ମୁଷା ବେହେରା, ଆତଙ୍ଗ ବେହେରା, ପି: ଶଙ୍କର ବେହେରା, ରତନି ବେୱା, ସ୍ୱା: ଗୋପି ବେହେରା, ପ୍ରହଲାଦ ବେହେରା, ପି: ଭଗବାନ ବେହେରା, ଦୋଳି ବେହେରା, ପି: ଯୋଗି ବେହେରା, ପୁନି ବେହେରା, ପି: ଭାଗବତ ବେହେରା, ଜା: ରଙ୍ଗିଣିହଂସି, ବା: ନିଜଗାଁ, ଚିନ୍ତାମଣି ସାମଲ, ପି- ପବନ ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ, ଖସଡ଼ା: ନମ୍ବର ୧୯୬ ଏ ୦.୦୨୧/୨ ପକ୍ଷେ ଖରିଦ ସୂତ୍ରେ ଦଖଲ ଗୋବିନ୍ଦ ଚନ୍ଦ୍ର ବେହେରା, ହରିହର ବେହେରା, ପି: ପୂର୍ଣ୍ଣଚନ୍ଦ୍ର ବେହେରା, ଦଲିଲ ନମ୍ବର ୧୯୯୮, ତା୦୩।୦୭।୭୯ରିଖ ପ୍ରହଲାଦ ପଲେଇ ଅଂଶ ପକ୍ଷେ ୱାରସ ନାତି ମୁରଲିଧର ପଲେଇ ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ ବାବାଜୀ ପଲେଇ ଗୌରାଙ୍ଗ ପଲେଇ, ପି: ବାଇଧର ପଲେଇ, ଜା: ଖଣ୍ଡାୟତ, ବା: ବଣପାରିଆ, ଥାନା- ଖଇରା, ପ୍ଲଟ୍ ନଂ. ୩୭୩ ଏ.୦.୨୦ ସ୍ମ ଏ ୦.୦୩୧/୨ ଡି. ରୁ ୧୩ ଅଣା ଛ ଗଣ୍ଡା ରେଜେଷ୍ଟ୍ରି ଦଲିଲ ନମ୍ବର ୨୩୩୦, ତା୩୧।୦।୭୮ରିଖ ନୋଟ କର। | 554 | ଶାରଦ-୨ | 0.22 | 0.12 |
| ୧୧ | 64 | ପ୍ରହଲ୍ଲାଦ ବେହେରା, ପି: ଭଗବାନ ବେହେରା, ଜା: ରଙ୍ଗିଣିହଂସି, ବା: ନିଜଗାଁ | 535/613 | ଶାରଦ-୨ | 0.15 | 0.07 |
| ୧୨ | 70 | ଫକିର ସେଠି, ପି: ନିର ସେଠି, ଜା: ରଜକ, ବା: ନିଜଗାଁ | 529 | ଶାରଦ-୨ | 0.17 | 0.14 |
| ୧୩ | 74 | ବନମାଳୀ ସାହୁ, ଦୈତାରୀ ସାହୁ, ପି: ଲୋକନାଥ ସାହୁ, ବାଇଧର ସାହୁ, ପି: ନିଧି ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ, ଫକିର ସେଠି, ପି: ସେଣ୍ଠ ସେଠି, ଜା: ଧୋବା, ବା: ନିଜଗାଁ, ଖସଡ଼ା ନଂ ୨୨୮ ଶାରଦ ଦୁଇ ଏ୦.୯୩ ଡି ସ୍ମ ଏ.୦୧୮ ବନମାଳୀ ସାହୁଙ୍କ ଅଂଶ ପକ୍ଷେ ଖରିଦ୍ ସୂତ୍ରେ ଦଖଲ ସମ୍ଭୁନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ପି: ଦୈତାରୀ ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ ରେଜେଷ୍ଟ୍ରି ଦଲିଲ ନମ୍ବର ୧୧୯୦, ତା: ୦୮।୦୫।୯୬ରିଖ ଜରସମନ ଟ.୩୧୦୦.୦୦ | 590 | ଶାରଦ-୧ | 0.215 | 0.15 |
| ୧୪ | 88 | ନବିନ ନାୟକ, କୃଷ୍ଣ ନାୟକ, ପି: ସମ୍ଭୁ ନାୟକ, ଜା: ରଙ୍ଗିଣିହଂସି, ବା: ବଣପାରିଆ | 525 | ଶାରଦ-୨ | 0.06 | 0.03 |
| ୧୫ | 90 | ଭାସ୍କର ଗାଆଣ, କରୁଣାକର ଗାଆଣ, ନାରାୟଣ ଗାଆଣ, ଭରତ ଗାଆଣ, ପି: ପଞ୍ଚୁ ଗାଆଣ, ଜା: ଖଣ୍ଡାୟତ, ବା: ନିଜଗାଁ | 531 | ଶାରଦ-୨ | 0.31 | 0.01 |
| ୧୬ | 91 | ବୈଦ୍ୟନାଥ ସାହୁ, ପି: ଚନ୍ଦୁ ସାହୁ, ବା: ପୁରସ୍ତମପୁର | 593 | ଶାରଦ-୧ | 0.10 | 0.10 |
| | | | 595 | ଶାରଦ-୧ | 0.05 | 0.02 |
| ୧୭ | 100 | ମଦନ ସେଠି, ପି: ଫକିର ସେଠି, ଜା: ରଜକ, ବା: ନିଜଗାଁ | 551 | ଶାରଦ-୨ | 0.20 | 0.19 |
| ୧୮ | 105 | ମଣି ବେହେରା, ପି: ବନମାଳୀ ବେହେରା, ହାରାମଣି ବେହେରା, ସ୍ୱା: ମଣି ବେହେରା, ଜା: କୁବେର, ବା: ନିଜଗାଁ, ମଣି ବେହେରାଙ୍କ ଅଂଶପକ୍ଷେ ଖରିଦ୍ ସୂତ୍ରେ ଦଖଲ ଲକ୍ଷ୍ମୀ ବେହେରା, ସ୍ୱା: ମହେନ୍ଦ୍ର ବେହେରା, ଜା: କୁବେର, ସା: ବଣପାରିଆ ରେ.ଦ.ନଂ. ୧୮୬୯, ତା ୧୭।୧୨।୦୪ରିଖ ପ୍ଲଟ୍ ନଂ. ୨୩୯ ସ୍ମ ଏ.୦.୦୩ ୮/୯ ଡି ପ୍ଲଟ୍ ନଂ. ୨୫୧ସ୍ମ ଏ.୦.୦୩ ୨/୯ ଡି. ପ୍ଲଟ୍ ନଂ. ୨୬୬ସ୍ମ ଏ୦.୦୩୫/୯ ଡି ପ୍ଲଟ୍ ନଂ. ୩୪୫ ସ୍ମ ଏ.୦.୦୩ ୧/୩ ଡି ପ୍ଲଟ୍ ନଂ. ୩୪୬ସ୍ମ, ଏ୦.୦୩ ୨/୩ ଡି ପ୍ଲଟ୍ ନଂ. ୩୪୭ସ୍ମ, ଏ୦.୦୪୨/୩ଡି ପ୍ଲଟ୍ ନଂ. ୩୪୮ସ୍ମ, ଏ.୦.୦୪୧/୯ ଡି ପ୍ଲଟ୍ ନଂ. ୫୬୩ସ୍ମ, ଏ୦.୧୦୨/୩ଡି ପ୍ଲଟ ନଂ. ୫୬୩ଏ ୦.୦୭୧/୯ଡି ମୋଟ ଏ୦.୪୨୧/୯ଡି। | 266 | ଶାରଦ-୨ | 0.32 | 0.24 |
| ୧୯ | 122 | ସଖୀ ଦେଇ, ସ୍ୱା: ହରେକୃଷ୍ଣ ମହାନ୍ତି, ଅଯୋଧ୍ୟା ବେୱା, ସ୍ୱା: ଅନନ୍ତ ପ୍ରସାଦ ମହାନ୍ତି, ଜା: କରଣ, ବା: ତୋରାଣିପଦ | 269 | ଶାରଦ-୨ | 1.95 | 0.55 |
| ୨୦ | 125 | ସମ୍ଭୁ ନାୟକ, ପି: ନାଲୁ ନାୟକ, ବାଉରି ନାୟକ, ପି: ଶନୁ ନାୟକ, ଜା: ରଙ୍ଗିଣିହଂସି, ବା: ନିଜଗାଁ | 303 | ଶାରଦ-୨ | 0.15 | 0.01 |
| | | | 532 | ଶାରଦ-୨ | 0.095 | 0.08 |
| ୨ | 136 | ଶ୍ରୀଧର ସାହୁ, ପି: ଅଗଣି ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ | 579 | ଶାରଦ-୧ | 0.43 | 0.02 |
| | | | 533 | ଶାରଦ-୨ | 0.23 | 0.04 |
| ୨୨ | 145 | ହାରାମଣି ଦେଇ, ସ୍ୱା: ମଣି ଚରଣ ବେହେରା, ଜା: କୁବେର, ବା: ନିଜଗାଁ | 555 | ଶାରଦ-୨ | 0.56 | 0.14 |
| ୨୩ | 146/7 | ଯୁଧିଷ୍ଠିର ସାହୁ, ପି: କାଙ୍ଗାଳି ସାହୁ, ପି: ବଣପାରିଆ | 552 | ଶାରଦ-୨ | 0.15 | 0.13 |
| ୨୪ | 146/9 | ଶ୍ରୀ ରଘୁନାଥ ଜିଉ ବିଜେ ଗୋଳିଆ, ମାର୍ଫତ୍ ହାରାମଣି ଦିବ୍ୟା, ସ୍ୱା: ରାମପ୍ରସାଦ ତ୍ରିପାଠୀ, ଜୟକୃଷ୍ଣ ତ୍ରିପାଠୀ, ପି: ଶ୍ୟାମସୁନ୍ଦର ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ | 570 | ଶାରଦ-୨ | 0.75 | 0.26 |
| ୨୫ | 146/12 | ଦିନବନ୍ଧୁ ବେହେରା, ପି: ବନମାଳୀ ବେହେରା, ଜା: ହଂସୀ, ବା: ନିଜଗାଁ | 268 | ଶାରଦ-୨ | 0.23 | 0.02 |
| ୨୬ | 146/13 | ବଂଶୀଧର ନାୟକ, ପି: ଗୟାଧର ନାୟକ, ଜା: ରଙ୍ଗିଣିହଂସି, ବା: ନିଜଗାଁ | 531/620 | ଶାରଦ-୨ | 0.30 | 0.01 |
| ୨୭ | 146/23 | ଦିନବନ୍ଧୁ ବେହେରା, ପି: ବନମାଳି ବେହେରା, ବା: ବଣପାରିଆ, ଥାନା: ଖଇରା | 301/735 | ଶାରଦ-୨ | 0.75 | 0.33 |
| | | | 257/742 | ଶାରଦ-୨ | 0.65 | 0.31 |
| ୨୮ | 146/24 | ଭାସ୍କର ଗାହାଣ, କରୁଣାକର ଗାହାଣ, ଭରତ ଗାହାଣ, ନାରାୟଣ ଗାହାଣ, ପି: ପଞ୍ଚାନନ ଗାହାଣ, ସା: ବଣପାରିଆ | 530/669 | ଶାରଦ-୨ | 0.13 | 0.13 |
| ୨୯ | 146/36 | ରାମଚନ୍ଦ୍ର ଜେନା, ପି: ଗୋପୀନାଥ ଜେନା, ବା: ବଣପାରିଆ | 569/656 | ଶାରଦ-୧ | 0.36 | 0.30 |
| ୩୦ | 146/47 | ଶ୍ରୀ ଖଇରାଣୁଣୀ ଠାକୁରାଣୀ ବିଜେ ପୁରସ୍ତମପୁର ଓରଫ ଖଇରା ମାର୍ଫତ ପିତାମ୍ବର ପାଣି, ପି: ଦିନବନ୍ଧୁ ପାଣି | 260 | ଶାରଦ-୨ | 0.55 | 0.11 |
| ୩୧ | 146/62 | ଶୁଶାନ୍ତ କୁମାର ବେହେରା, ପି: ବଟକୃଷ୍ଣ ବେହେରା, ଜା: ରଙ୍ଗିଣିହଂସୀ, ବା: ବଣପାରିଆ | 532/718 | ଶାରଦ-୨ | 0.10 | 0.06 |
| ୩୨ | 146/67 | କମଳାକାନ୍ତ ବେହେରା, ପି: ବଟକୃଷ୍ଣ ବେହେରା, ଜା: ରଙ୍ଗିଣୀହଂସୀ, ବା: ବଣପାରିଆ | 532/725 | ଶାରଦ-୨ | 0.065 | 0.065 |
| | | | 305/724 | ଶାରଦ-୨ | 0.10 | 0.10 |
| ୩୩ | 146/79 | ଭାଷ୍କର ସାହୁ, ଲମ୍ବୋଦର ସାହୁ, ନରେନ୍ଦ୍ର ସାହୁ, ଗଜେନ୍ଦ୍ର ସାହୁ, ପି: ଶ୍ରୀଧର ସାହୁ, ଜା: ଖଣ୍ଡାୟତ, ବା: ବଣପାରିଆ | 579/731 | ଶାରଦ-୧ | 0.60 | 0.02 |
| ୩୪ | 146/91 | ରଘୁନାଥ ସାହୁ, ପି: ବୈକୁଣ୍ଠ ସାହୁ, ଜା: କୁବେର, ବା: ନିଜଗାଁ | 556/777 | ଶାରଦ-୨ | 0.14 | 0.08 |
| ୩୫ | 146/96 | ଭାଷ୍କର ସାହୁ, ପି: ଶ୍ରୀଧର ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ | 305/793 | ଶାରଦ-୨ | 0.12 | 0.10 |
| ୩୬ | 146/94 | ଲମ୍ବୋଦର ସାହୁ, ପି: ଶ୍ରୀଧର ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ | 557/774 | ଶାରଦ-୨ | 0.20 | 0.15 |
| ୩୭ | 146/136 | ଗୌରାଙ୍ଗ ପଲେଇ, ପି: ବାଇଧର ପଲେଇ, ଜା: ଖଣ୍ଡାୟତ, ବା: ନିଜଗାଁ | 590/730 | ଶାରଦ-୧ | 0.215 | 0.17 |
| ୩୮ | 146/142 | ଇନ୍ଦ୍ରମଣୀ ରାଉତ, ପି: ବୈକୁଣ୍ଠ ଚରଣ ରାଉତ, ଜା: ଖଣ୍ଡାୟତ, ବା: ତେଲଦିଆ | 588 | ଶାରଦ-୧ | 0.19 | 0.09 |
| ୩୯ | 146/150 | ଜୟକୃଷ୍ଣ ବେହେରା, ଇନ୍ଦ୍ରମଣୀ ବେହେରା, ପି: ବାଇଧର ବେହେରା, ଜା: ଖଦାଳ, ବା: ନିଜଗାଁ | 304 | ଶାରଦ-୨ | 0.73 | 0.31 |
| ୪୦ | 146/155 | ସଞ୍ଜୟ କୁମାର ରାଉତ, ନିରଞ୍ଜନ ରାଉତ, ପି: ଇନ୍ଦ୍ରମଣୀ ରାଉତ, ଜା: ଖଣ୍ଡାୟତ, ବା: ତେଲଦିଆ | 569/617 | ଶାରଦ-୧ | 0.60 | 0.52 |
| ୪୧ | 146/158 | ଇନ୍ଦ୍ରମଣୀ ସାହୁ, ପି: ବଂଶୀଧର ସାହୁ, ଜା: ଖଣ୍ଡାୟତ, ବା: ନିଜଗାଁ | 594 | ଶାରଦ-୧ | 0.16 | 0.10 |
| ୪୨ | 146/169 | ମୁକୁନ୍ଦ ପ୍ରସାଦ ବେହେରା, ରମାକାନ୍ତ ବେହେରା, ସମ୍ଭୁନାଥ ବେହେରା, ଅଚ୍ୟୁତାନନ୍ଦ ବେହେରା, ଜା: ରଙ୍ଗିଣିହଂସି, ବା: ନିଜଗାଁ | 301/822 | ଶାରଦ-୨ | 0.375 | 0.165 |
| ୪୩ | 146/189 | ଚିନ୍ତାମଣି ସାମଲ, ପଦନ ସାମଲ, ଜା: ଖଣ୍ଡାୟତ, ବା: ନିଜଗାଁ | 530/836 | ଶାରଦ-୨ | 0.24 | 0.18 |
| ୪୪ | 146/198 | ଭାଷ୍କର ନାୟକ, ପି: ବୁଧି ନାୟକ, ଜା: ରଙ୍ଗିଣିହଂସି, ବା: ନିଜଗାଁ | 258 | ଶାରଦ-୨ | 0.15 | 0.11 |
| ୪୫ | 146/204 | ଗୋପାଳ ଚନ୍ଦ୍ର ନାୟକ, ଉଦ୍ଧବ ଚରଣ ନାୟକ, ଡମ୍ବରୁଧର ନାୟକ, ସୁବାସ ଚନ୍ଦ୍ର ନାୟକ, ପି: ଦିନବନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 265/860 | ଶାରଦ-୨ | 0.135 | 0.125 |
| ୪୬ | 146/211 | ମୁରଲୀଧର ପଲେଇ, ପି: ବାଇଧର ପଲେଇ, ଜା: ଖଣ୍ଡାୟତ, ବା: ନିଜଗାଁ | 596 | ଶାରଦ-୧ | 0.22 | 0.01 |
| ୪୭ | 146/214 | ଜୟକୃଷ୍ଣ ବେହେରା, ପି: ବାଇଧର ବେହେରା, ଜା: ଖଦାଳ, ବା: ନିଜଗାଁ | 259 | ଶାରଦ-୨ | 0.45 | 0.20 |
| ୪୮ | 146/241 | ରଞ୍ଜିତା ପଲେଇ, ସ୍ୱା: ସୁଦାମ ଚରଣ ପଲେଇ, ଜା: ଖଣ୍ଡାୟତ, ବା: ନିଜଗାଁ | 580 | ଶାରଦ-୧ | 0.23 | 0.04 |
| | | | | | ମୋଟ ପ୍ରାଇଭେଟ ରକବା ଏ. | 07.96 |

24001/14/0432/1819






# MOCK TEST PAPER # 2

## CLASS-XII (PHYSICS)

**Time Allowed : 3 hours** **Maximum Marks: 70**

### GENERAL INSTRUCTIONS

i. ***All questions are compulsory. There are 27 questions in all.***

ii. ***This question paper has five sections : Section A, Section B, Section C and Section D.***

iii. ***Section A contains five questions of one mark each, Section B contains seven questions of two marks each, Section C contains twelve questions of three marks each, Section D contains three questions of five marks each.***

iv. ***There is no overall choice. However, an internal choice has been provided in one question of two marks, one question of three marks and all the three questions of five marks weightage. You have to attempt only one of the choices in such questions.***

### SECTION-A

1. Why are alloys used for making standard resistance coils ?
2. How does focal length of a lens change when red light is replaced by blue light ?
3. Name the series of hydrogen spectrum lying in the infrared region.
4. Would sky waves be suitable for transmission of TV signals of 60 MHz frequency ?
5. What is the colour code for a resistor of resistance 3.5 kΩ with 5% tolerance ?

### SECTION-B

6. What is meant by the statement that the electric field of a point charge has spherical symmetry whereas that of an electric dipole is cylindrically symmetric?
7. What is an ideal diode ? Draw the output waveform across the load resistor R, if the input waveforms is as shown in the figure.




8. Find the ratio of intensities of two points P and Q on a screen in Young's double slit experiment when waves from sources $S_1$ and $S_2$ have phase difference of (i) $0^0$ and (ii) $\pi/2$ respectively.
9. Two conductors are made of the same material and have the same length. Conductor A is solid wire of diameter 1 mm. Conductor B is a hollow tube of outer diameter 2 mm and inner diameter 1 mm. Find the ratio of resistance $R_A$ and $R_B$.

OR

The current sensitivity of a moving coil galvanometer increases by 20% when its resistance is increased by a factor 2. Calculate by what factor the voltage sensitivity changes.

10. A coil of 0.01 H inductance and 1Ω resistance is connected to 200V, 50 Hz ac supply. Find the impedance of the circuit and time lag between maximum alternating voltage and current.
11. Why photoelectric effect cannot be explained on the basis of wave nature of light.
12. Answer the following points: Why is the binding energy per nucleon found to be constant for nuclei in the range of mass number (A) lying between 30 and 170?

### SECTION-C

13. Obtain equivalent capacitance of the following network. For a 300 V supply, determine the charge and voltage across each capacitor.




14. Which of the following waves can be polarised ? (i) X-rays (ii) Sound waves. Give reasons. Two polaroids are used to study polarisation. One of them (the polariser) is kept fixed and other other (the analyser) is initially kept with its axis parallel to the polariser.The analyser is then rotated through angles of $45^0$, $90^0$ and $180^0$ in turn. How would the intensity of light coming out of analyser be affect for these angles of rotation, as compared to the initial intensity and why ?
15. Illustrate the basic elements required for transmitting and receiving an audio signal with the help of a block diagram.
16. Write the mathematical relation for the resistivity of a material in terms of relaxation time, number density and mass and charge of charge carriers in it. Explain, using this relation, why the resistivity of a metal increases and that of a semiconductor decreases with rise in temperature.
17. A source contains two phosphorus radionuclides $^{32}_{15}P$ ($T_{1/2}$ = 14.3 days) and $^{33}_{15}P$ ($T_{1/2}$ = 25.3 days). Initially 10% of the decays come from $^{33}_{15}P$. How long one must wait until 90% do so ?
18. The two plates of a parallel plate capacitor are 4 mm apart. A slab of dielectric onstant 3 and thickness 3 mm is introduced between the plates with its faces parallel to them. The distance between the plates is so adjusted that teh capacitance of the capacitor becomes $(2/3)^{rd}$ of its original value. What is the new distance between the plates.

OR

Define the term electric potential due to a point charge. Find the electric potential at the centre of a square of side $\sqrt{2}$ m, having charges 100μC, –50μC, 20μC and –60μC at the four corners of the squares.

19. How would you establish an instantaneous displacement current of 2.0 A in the space between the two parallel plates of 1μF capacitor ?
20. The figures shows a rectangular current carrying loop, placed 2 cm away from a long straight, current carrying conductor. What is the direction and magnitude of the net force acting on the loop ?




21. Two lenses of powers +15D and –5D are in contact with each other forming a combination lens.
(a) What is the focal length of this combination ?
(b) An object of size 3 cm is placed at 30 cm from this combination of lenses. Calculate the position and size of the image formed.
22. (a) For what kinetic energy of a neutron will the associated de Brogile wavelength be 1.40 x $10^{-10}$ m ?
(b) Also find the de Broglie wavelength of a neutron, in thermal equilibrium with matter having an average kinetic energy of $\frac{3}{2}kT$ at 300 K.
23. Why are de Broglie waves associated with a moving football not visible ? The wavelength 1, of a photon and the de Broglie wavelength of an electron have the same value. Show that the energy of the photon is $\frac{2\lambda mc}{h}$ times the kinetic energy of the electron, where m, c and h have their usual meanings.
24. Three concentric conducting spherical shells of radii a, b and c (c < b > a) carrying charges $q_1$, $q_2$ and $q_3$ respectively are arranged as shown in the figure. What is the value of electrostatic potential at the surface of three shells ? Which is higher ?




### SECTION D

25. What is induced emf ? Write Faraday's law of electromagnetic induction. Express it mathematically. A conducting rod of length l, with one pivoted, is rotated with a uniform angular speed ω in a vertical plane, normal to a uniform magnetic field B. Deduce an expression for the emf induced in this rod. In India, domestic power supply is at 220 V, 50 Hz, while in USA it is 110 V, 50 Hz. Give one advantage and one disadvantage of 220 V supply over 110 V supply.

OR

Explain the phenomenon of self induction. Define coefficient of self inductance. What are its units? Calculate self inductance of a long solenoid.

26. (a) With the help of a circuit diagram explain the working of transistor as oscillator.
(b) Draw a circuit diagram for a two inputs OR gate and explain its working with the help of input, output waveforms.

OR

Define the terms potential barrier and depletion region for a p-n junction. Explain with the help of a circuit diagram, the use of a p-n diode as a full wave rectifier. Draw the input and output wave forms.

27. Define magnifying power of an optical telescope. Draw a ray diagram for an astronomical refracting telescope in normal adjustment showing the paths through the instrument of three rays from a distant object. Derive an expression for its magnifying power. Write the significance of diameter of the objective lens on the optical performance of a telescope.

OR

State Huygens principle and prove laws of reflection and refraction on the basis of Huygens principle.

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

## ସଂକ୍ଷେପରେ

### ଗ୍ରୀନ୍ସ ଏକାଡେମୀ ବିଜୟୀ

ଭୁବନେଶ୍ୱର, ୨୨।୧୨(ସ୍ପୋର୍ଟ୍ସ ବ୍ୟୁରୋ): ପ୍ରଗତୀ ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ଭୁବନେଶ୍ୱର ଜୁନିୟର କ୍ରିକେଟ ଲିଗ୍‌ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଗ୍ରୀନ୍ସ ଦଳ ୧୩ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ଗ୍ରୀନ୍ସ ନିର୍ଦ୍ଧାରିତ ୪୦ ଓଭରରୁ ୩୭ ଓଭରରେ ୧୨୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ତାରିଣୀ ପ୍ରସାଦ ନାୟକ ୩୮ ଓ ଭବ୍ୟଜ୍ୟୋତି ବିଶୋୟୀ ୨୯ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ସାହିଲ ଜାମଲ, ସାଇ ପ୍ରସାଦ ଓ ତନ୍ମୟ ବିଶ୍ୱାଳ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ଆଶୁତୋଷ ସାହୁଙ୍କ ୪୧ ରନ ସତ୍ତ୍ୱେ ୩୯ ଓଭରରେ ୧୧୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଗ୍ରୀନ୍ସ ଏକାଡେମୀର ସୁମିତ୍ ମିଶ୍ର ୩ଟି ଏବଂ ସୂର୍ଯ୍ୟକାନ୍ତ ଭୁଡିଆ ଓ ତାରିଣୀ ପ୍ରସାଦ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଉନ୍ନତ ପ୍ରଦର୍ଶନ ଲାଗି ସୂର୍ଯ୍ୟକାନ୍ତ ଭୁଡିଆଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।



> ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ବିପୁଳ ଆର୍ଥିକ କ୍ଷତିରେ ପଡ଼ିବା ପଛରେ ତାଙ୍କ ଉତ୍ତରାଧିକାରୀ ନଜାମ ସେଠୀ ହିଁ ଦାୟୀ।
>
> **–ଶାହରିୟର ଖାଁ, ପୂର୍ବତନ ପିସିବି ଅଧ୍ୟକ୍ଷ**

> ଆସନ୍ତା ଏଏଫ୍‌ସି ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟରେ ଭାରତକୁ ଆୟୋଜକ ୟୁଏଇ କଡ଼ା ଚ୍ୟାଲେଞ୍ଜ ଦେବ।
>
> **–ଗୌରମାଙ୍ଗି ସିଂ, ଭାରତର ପୂର୍ବତନ ଡିଫେଣ୍ଡର**




# ବାରବାଟୀ ସୁପରକିଙ୍ଗ୍ସ ବିଜୟୀ

ଭୁବନେଶ୍ୱର, ୨୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ୟୁଥ୍ ଆନୁକୂଲ୍ୟରେ ବାଙ୍ଗାଲୋରରେ ଚାଲିଥିବା ଓଡ଼ିଶା ପ୍ରିମିୟର ଲିଗ୍ (ଓପିଏଲ୍)ରେ ଶନିବାର ୩ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସମ୍ବଲପୁର ପାଇରେଟ୍ସ ୨ଟି ମ୍ୟାଚ୍ ଖେଳି ୨ଟି ଯାକ ବିଜୟ ଲାଭ କରିଥିବାବେଳେ କଟକ ବାରବାଟୀ ସୁପର୍‌କିଙ୍ଗ୍ସ ଅନ୍ୟ ଏକ ମ୍ୟାଚ୍‌ରେ ବାଜିମାତ୍ କରିଛି। ପ୍ରତିଯୋଗିତାର ୫ମ ମ୍ୟାଚ୍‌ରେ ସମ୍ବଲପୁର ପାଇରେଟ୍ସ ୫୩ ରନରେ

## ଓପିଏଲ୍

ଖୋର୍ଦ୍ଧା ୱାରିୟର୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ୧୮ ଓଭରରେ ୩ ଉଇକେଟ୍ ହରାଇ ୧୬୭ ରନ କରିଥିଲା। ଜବାବରେ ଖୋର୍ଦ୍ଧା ୭ ଉଇକେଟ୍ ହରାଇ ୧୧୪ ରନ କରିବାକୁ ସକ୍ଷମ ହୋଇଥିଲା। ୪୧ ବଲରୁ ୫୬ ରନ କରିବା ସହ ୨ଟି ଉଇକେଟ୍ ନେଇଥିବା ବିଜୟୀ ଦଳର ସତ୍ୟଜିତ୍ ସାବତ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ସେହିଭଳି ମ୍ୟାଚ୍ ନଂ–୬ରେ ଭଦ୍ରକ ବ୍ଲାକକ୍ୟାପ୍ସ ୭ ଉଇକେଟ୍‌ରେ ବାରବାଟୀ ସୁପର୍‌କିଙ୍ଗ୍ସ ନିକଟରୁ ହାରିଯାଇଛି। ଏହି ମ୍ୟାଚ୍‌ରେ ଭଦ୍ରକ ପ୍ରଥମେ ବ୍ୟାଟିଂ କରି ୯୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ସୁପର୍‌କିଙ୍ଗ୍ସ ୩ ଉଇକେଟ୍ ହରାଇ ସହଜସାଧ୍ୟ ବିଜୟ ଲାଭ କରିଥିଲା। ବିଜୟୀ ଦଳର ପ୍ରୀତମଜିତ୍ ଦାସ (୩ ଉଇକେଟ୍) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦିବସର ଅନ୍ତିମ ତଥା ସମ୍ବଲପୁର ଏହାର ୨ୟ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ଡ୍ରାଗନ୍ସକୁ ୮୧ ରନରେ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ସମ୍ବଲପୁର ପାଇରେଟ୍ସ ନିର୍ଦ୍ଧାରିତ ୧୬ ଓଭରରେ ୪ ଉଇକେଟ୍ ହରାଇ ୧୯୯ ରନ କରିଥିଲା। ରିଭାଇଜଡ୍ ଟାର୍ଗେଟ୍‌ରେ କେନ୍ଦ୍ରାପଡ଼ା ସମ୍ମୁଖରେ ୨୧୦ ରନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜବାବରେ କେନ୍ଦ୍ରାପଡ଼ା ଦଳ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୧୨୮ ରନ କରିବାକୁ ସକ୍ଷମ ହୋଇଥିଲା। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ପାଇରେଟ୍ସର ଆଶିଷ ମିତ୍ର (୫୨ ରନ ଓ ୨ ଉଇକେଟ୍)ଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ: ଫାଇନାଲରେ କିଟ୍

ଭୁବନେଶ୍ୱର, ୨୨।୧୨
(ସ୍ପୋର୍ଟ୍ସ ବ୍ୟୁରୋ)



ଫାଇନାଲ୍‌ରେ ପ୍ରବେଶ କରିଥିବା କିଟ୍ ମହିଳା ରଗ୍‌ବୀ ଦଳ।

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ (ମହିଳା/ପୁରୁଷ) ଚାମ୍ପିୟନଶିପ୍‌ର ଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। କିଟ୍ ମହିଳା ଦଳ ଉଭୟ ୭–ଏ–ସାଇଡ୍ ଓ ୧୫–ଏ–ସାଇଡ୍ ବର୍ଗର ଫାଇନାଲରେ ପ୍ରବେଶ କରିଛି। ରବିବାର ଖେଳାଯିବାକୁ ଥିବା ୧୫–ଏ–ସାଇଡ୍ ମହିଳା ଫାଇନାଲ କିଟ୍ ଓ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହେବ। ସେହିଭଳି ଏହି ବର୍ଗର ପୁରୁଷ ଫାଇନାଲରେ ଶିବାଜୀ ବିଶ୍ୱବିଦ୍ୟାଳୟ ଓ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ପରସ୍ପରକୁ ଭେଟିବେ। କିଟ୍ ଓ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ୩/୪ର୍ଥ ସ୍ଥାନ ପାଇଁ ମ୍ୟାଚ୍ ଖେଳାଯିବ। ଅପରପକ୍ଷରେ ୭–ଏ–ସାଇଡ୍ ମହିଳା ଫାଇନାଲରେ କିଟ୍‌ର ମୁକାବିଲା ଜିଏନ୍‌ଡିୟୁ (ଅମୃତସର) ସହ ହେବ। ୩/୪ର୍ଥ ସ୍ଥାନ ପାଇଁ ଉତ୍କଳ ଓ ଏମ୍‌ଡିୟୁ ମ୍ୟାଚ୍ ଖେଳିବେ। ଏହିବର୍ଗର ପୁରୁଷ ଫାଇନାଲ ମ୍ୟାଚ୍ ଶିବାଜୀ ବିଶ୍ୱବିଦ୍ୟାଳୟ ଓ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହେବ। ପଞ୍ଜାବୀ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ୩ୟ ଓ ୪ର୍ଥ ସ୍ଥାନ ପାଇଁ ମ୍ୟାଚ ଖେଳାଯିବ।


## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

No.: RDM-LAA-BLS-0012/2017/29277 R&DM — Dated: 8 Aug. 2018

No.: III-53: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା– ନନ୍ଦୁରୁ, ଥାନା– ଖଇରା ନଂ.–୨୪୧, ତହସିଲ– ଖଇରା, ଜିଲ୍ଲା– ବାଲେଶ୍ୱରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ଗନ୍ଧାଳି ଡିଷ୍ଟ୍ରିବ୍ୟୁଟାରୀ କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୦୫୫୫, ତା୨୭।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା– ନନ୍ଦୁରୁ, ଥାନା– ଖଇରା ନଂ.–୨୪୧, ଜିଲ୍ଲା– ବାଲେଶ୍ୱରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.balasore.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **http://revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାରେ ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ଶାଳପଡ଼ା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ – କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
### ଜିଲ୍ଲା– ବାଲେଶ୍ୱର, ତହସିଲ– ଖଇରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନନ୍ଦୁରୁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏକର ୧୩.୮୫ | ଏକର ୫.୪୯ | ଏଥି ସହିତ ସଂଲଗ୍ନ |

### ତଫସିଲ – ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
### ଜିଲ୍ଲା– ବାଲେଶ୍ୱର, ତହସିଲ–ଖଇରା

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ – ୧୭।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

**LAND SCHEDULE**
**Land Acquisition for Excavation of Gandhali Distributary of Anandapur Barrage Project of Vill- Nanduru, Tahasil - Khaira, P.S.- Khaira No. 241, Dist.- Balasore, L.A. Case No. - 07/17**

| କ୍ର.ନଂ. | ଖାତା ନଂ. | ଜମି ମାଲିକଙ୍କ ନାମ, ଜାତି, ବାସସ୍ଥାନ | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ୧ | 6 | ଆଶା ଦେଇ, ସ୍ୱା.– ଘନ ମଲ୍ଲିକ, ଜା: ଖଣ୍ଡାୟତ, ବା: ନିଜଗାଁ | 576 | ଶାରଦ – ୨ | 0.60 | 0.17 |
| ୨ | 8 | ଈଶ୍ୱର ମହାନ୍ତି, ଅଗଣି ମହାନ୍ତି, ପି.– ଶିବ ମହାନ୍ତି, କୃଷ୍ଣ ମହାନ୍ତି, ବାଇଧର ମହାନ୍ତି, ପି.– ବୁଲେଇ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ | 498 | ଶାରଦ – ୨ | 0.11 | 0.04 |
| ୩ | 17 | କାହ୍ନୁ ବେହେରା, ପି.– ଭୀମ ବେହେରା, ଜା: ନିଆରୀ, ବା: ନିଜଗାଁ | 581 | ଶାରଦ – ୨ | 0.08 | 0.08 |
| | | | 630 | | 0.04 | 0.01 |
| ୪ | 29 | କୈଳାସ ଚନ୍ଦ୍ର ନାୟକ, ପି.– ସିନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 502 | ଶାରଦ – ୨ | 0.30 | 0.11 |
| ୫ | 33 | କ୍ଷେତ୍ର ବେହେରା, ପି.– ପୁରସ୍ତମ ବେହେରା, ଗୁର ବେୱା, ସ୍ୱା.– ସନାତନ ବେହେରା, ଜା: ନିଆରୀ, ବା: ନିଜଗାଁ | 586 | ଶାରଦ – ୨ | 0.32 | 0.15 |
| | | | 616 | ଶାରଦ – ୨ | 0.25 | 0.11 |
| ୬ | 47 | ଗୋପ ବେହେରା, ପି.– ବାଉଲି ବେହେରା, ଜା: ନିଆରି, ବା: ନିଜଗାଁ | 541 | ଶାରଦ – ୩ | 0.49 | 0.29 |
| ୭ | 60 | ଚିନ୍ତାମଣି ମଲ୍ଲିକ, ପି.– ଘନଶ୍ୟାମ ମଲ୍ଲିକ, ଜା: ଖଣ୍ଡାୟତ, ବା: ନିଜଗାଁ | 574 | ଶାରଦ – ୨ | 0.15 | 0.15 |
| ୮ | 66 | ଜଗବନ୍ଧୁ ବେହେରା, ପି.– ଉଛବ ବେହେରା, ଗୋପ ବେହେରା, ପି.– ବାଉଲି ବେହେରା, ଜା: ନିଆରି, ବା: ନିଜଗାଁ | 588 | ଶାରଦ – ୨ | 0.25 | 0.22 |
| | | | 629 | ଶାରଦ – ୨ | 0.14 | 0.03 |
| ୯ | 68 | ଜଗବନ୍ଧୁ ବେହେରା, ପି.– ଉଛବ ବେହେରା, ଗୋପ ବେହେରା, ପି.– ବାଉଲି ବେହେରା, ଶିବ ବେହେରା, ପି.– ସାଗର ବେହେରା, ଜା: ନିଆରି, ବା: ନିଜଗାଁ, ଗୋପିନାଥ ବେହେରାଙ୍କ ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ ଜଗବନ୍ଧୁ ବେହେରା, ପି.– ଉଛବ ବେହେରା, ଜା: ନିଆରି, ବା: ନନ୍ଦୁରୁ। ପ୍ଲଟ ନଂ. ୯୬୧ ସ୍ମ ଏ.୦.୦୨, ୯୬୬ସ୍ମ ଏ ୦.୦୩ ୨/୩, ୯୦୫ସ୍ମ ଏ୦.୦୦୩/୪ ପ୍ଲଟ ୯୫୫ସ୍ମ ଏ୦.୦୧ ୧/୨ ପ୍ଲଟ ନଂ. ୯୬୧/୧୯୪୧ସ୍ମ ଏ୦.୦୧ ପ୍ଲଟ ୯୫୫/୧୯୪୭ ଏ୦.୦୦୧/୨ ପ୍ଲଟ ୯୫୫/୧୯୪୮ସ୍ମ ଏ୦.୦୦୩/୪ ପ୍ଲଟ ୧୦୯୮ସ୍ମ ଏ୦.୦୨୧/୪ ପ୍ଲଟ ୧୦୯୮/୧୯୩୬ସ୍ମ ଏ୦.୦୨ ଓ ପ୍ଲଟ ୯୬୬/୧୯୪୦ସ୍ମ ଏ୦.୦୫ ୩/୪ ମୋଟ ୧୯୧୧/୧୨ ରେଜେଷ୍ଟ୍ରି ଦଲିଲ ନମ୍ବର ୧୯୨୨ ତା୧୬।୦୮।୬୯। | 501 | ଶାରଦ – ୨ | 0.14 | 0.12 |
| | | | 585 | ଶାରଦ – ୨ | 0.10 | 0.10 |
| | | | 617 | ଶାରଦ – ୨ | 0.27 | 0.02 |
| | | | 501/1938 | ଶାରଦ – ୨ | 0.12 | 0.01 |
| ୧୦ | 95 | ଦୈତାରୀ ବେହେରା, ଶମ୍ଭୁନାଥ ବେହେରା, ବଂଶୀଧର ବେହେରା, ହରେକୃଷ୍ଣ ବେହେରା, ପି.– ଘନ ବେହେରା, କାହ୍ନୁ ବେହେରା, ପି.– ସପନ ବେହେରା, ଜା: ନିଆରି, ବା: ନିଜଗାଁ | 580 | ଶାରଦ – ୨ | 0.13 | 0.09 |
| | | | 587 | ଶାରଦ – ୨ | 0.08 | 0.02 |
| | | | 627 | ଶାରଦ – ୨ | 0.40 | 0.17 |
| ୧୧ | 103 | ନରେନ୍ଦ୍ର ନାୟକ, ପି.– ସଜନ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 548/2035 | ଶାରଦ – ୨ | 0.34 | 0.03 |
| ୧୨ | 105 | ନରେନ୍ଦ୍ର ନାୟକ, ପି.– ସଜନ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 505/2062 | ଶାରଦ – ୨ | 0.07 | 0.07 |
| ୧୩ | 115 | ନିଧି ନାଏକ, ପି.– ବିର ନାଏକ, ଜା: ଖଣ୍ଡାୟତ, ବା: ନିଜଗାଁ | 547 | ଶାରଦ – ୩ | 0.75 | 0.03 |
| ୧୪ | 136 | ବରଜୁ ନାୟକ, ପି.– କଟି ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 582 | ଶାରଦ – ୨ | 0.03 | 0.01 |
| ୧୫ | 137 | ଶ୍ରୀ ବ୍ୟାସଦେବ ଗାଦି ବିଜେ ନିଜଗାଁ ମାର୍ଫତ– ବରଜୁ ନାୟକ, ପି.– କଟି ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 534 | ଶାରଦ – ୩ | 0.17 | 0.01 |
| | | | 573 | ଶାରଦ – ୨ | 0.02 | 0.02 |
| ୧୬ | 161 | ବାଳକୃଷ୍ଣ ଓଝା, ରଘୁନାଥ ଓଝା, ପାର୍ବତୀ ଓଝା, ପି.– ବଂଶୀଧର ଓଝା, ଜା: କମାର, ବା: ନିଜଗାଁ, ଖସଡ଼ା ନଂ. ୩୪୯ ଏ୦.୦୨ (ପୂର୍ଣ୍ଣ) ନଂ ୬୬୨ ଏ୦.୨୫ ସ୍ମ ଏ୦.୧୬ ନଂ ୬୬୪ ଏ୦.୧୦ସ୍ମ ଏ ୦.୦୩ ନଂ. ୧୧୩୧ ଏ୦.୦୬(ପୂର୍ଣ୍ଣ) ନଂ ୧୨୨୭ ଏ୦.୩୪ସ୍ମ ଏ୦.୧୭ ବାଳକୃଷ୍ଣ ଓଝାଙ୍କ ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ ପ୍ରକାଶ ଓଝା, ପି.– ଗୋପାଳ ପ୍ରସାଦ ଓଝା, ଜା: କମାର, ବା: ନିଜଗାଁ। ରେଜିଷ୍ଟ୍ରି ଦଲିଲ ନଂ. ୫୦୪ ତା୧୩।୦୩।୯୫ ଜରସମନ ଟ.୧୮,୦୦୦.୦୦ ନାମଜାରି ମୋକଦ୍ଦମା ନଂ. ୨୭୮୦/୯୫ ହୁକୁମ ମୁତାବକ ପ୍ଲଟ ନଂ. ୧୨୨୭ ଏ୦.୩୪ ସ୍ମ. ଏ୦.୧୭ଡ଼ି.କୁ ରଘୁନାଥ ଓଝା, ପାର୍ବତୀ ଓଝା, ପି.– ବଂଶୀଧର ଓଝାଙ୍କ ପକ୍ଷେ ଖରିଦ ସୂତ୍ରେଦଖଲ ନରେନ୍ଦ୍ର ପ୍ରସାଦ ଜେନା, ଜା: ପାଣ, ବା: ନିଜଗାଁ ରେ.ଜ. ନଂ. ୪୭୪ ତା୨୩।୦୧।୭୫, ରେ.ଜ.ନଂ. ୪୪୫୦ ତା୪।୦୩।୯୫ରିଖ। | 544 | ଶାରଦ – ୨ | 0.05 | 0.05 |
| | | | 545 | ଶାରଦ – ୩ | 0.09 | 0.09 |
| ୧୭ | 162 | ବାବାଜୀ ନାୟକ, ସୁରେନ୍ଦ୍ର ନାୟକ, ପି.– ସାଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 575 | ଶାରଦ – ୨ | 0.15 | 0.02 |
| | | | 571 | ଶାରଦ – ୨ | 0.02 | 0.01 |
| | | | 583 | ଶାରଦ – ୨ | 0.07 | 0.01 |
| ୧୮ | 165 | ବାବାଜୀ ଦାସ, ପି.– ଭୁଇନ ଦାସ, ମଦନ ଦାସ, ପି.– ସନା ଦାସ, ମଥୁରା ଦାସ, ପି.– କହ୍ନେଇ ଦାସ, ଅଗଣି ଦାସ, ପି.– ଗିରିଧାରୀ ଦାସ, ଜା: ପାଣ, ବା: ନିଜଗାଁ | 579 | ଶାରଦ – ୨ | 0.10 | 0.07 |
| ୧୯ | 184 | ବୈଦି ନାୟକ, ପି..– ହାଡି ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ପାଞ୍ଚ ଅଣା, ରତ୍ନାକର ନାୟକ, ପି.– କାଶି ନାୟକ, କିସ୍ମତ ପାଞ୍ଚ ଅଣା, ପ୍ରଭାକର ନାୟକ, ପି.– ମୁକୁନ୍ଦ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ, କିସ୍ମତ ଛଅ ଅଣା | 533 | ଶାରଦ – ୩ | 0.57 | 0.17 |
| | | | 578 | ଶାରଦ – ୨ | 0.44 | 0.01 |
| | | | 572 | ଶାରଦ – ୨ | 0.02 | 0.01 |
| ୨୦ | 196 | ଭାବ ନାୟକ, ବାଇଧର ନାୟକ, ପି.– ଦୀନବନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 503 | ଶାରଦ – ୨ | 0.15 | 0.01 |
| | | | 505 | ଶାରଦ – ୨ | 0.13 | 0.12 |
| | | | 548/2036 | ଶାରଦ – ୨ | 0.12 | 0.12 |
| | | | 505/2061 | ଶାରଦ – ୨ | 0.09 | 0.02 |
| ୨୧ | 285 | ଲକ୍ଷ୍ମୀଧର ଓଝା, ପି.– ଡୁମେଇ ଓଝା, ଭାଗବତ ଓଝା, ପି.– ଭରତ ଓଝା, ଜା: କମାର, ବା: ନିଜଗାଁ ପ୍ଲଟ ନଂ. ୧୨୨୬ ଏ୦.୨୬ସ୍ମ ଏ୦.୨୦ ଲକ୍ଷ୍ମୀଧର ଓଝାଙ୍କ ଅଂଶ ପକ୍ଷେ ଖରିଦ ସୂତ୍ରେ ଦଖଲ ଅନାଦି ନାୟକ, ସୁନନ୍ଦ ନାୟକ, ଆନନ୍ଦ ନାୟକ, ବିନୋଦ ନାୟକ, ପି.– ଚୈତନ୍ୟ ନାୟକ, ଜା: ଖଣ୍ଡାୟତ, ବା: ନନ୍ଦୁରୁ। ରେଜ. ନଂ. ୭୮୬ ତା୧୯।୦୩।୧୯୯୪ରିଖ ଜରସମନ ଟ.୫୩୦୦.୦୦ | 540 | ଶାରଦ – ୩ | 0.80 | 0.27 |
| | | | 506 | ଶାରଦ – ୩ | 0.28 | 0.01 |
| | | | 542 | ଶାରଦ – ୩ | 0.21 | 0.03 |
| ୨୨ | 294 | ସଦନ ନାୟକ, ଉପେନ୍ଦ୍ର ନାୟକ, ପି.– ଲକ୍ଷ୍ମଣ ନାୟକ, ରାମଚନ୍ଦ୍ର ନାୟକ, ଚୈତନ୍ୟ ନାୟକ, ପି.– ଦାଶରଥି ନାୟକ, କୈଳାସ ନାୟକ, ପି.– ସିନ୍ଧୁ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | 504 | ଶାରଦ – ୨ | 0.14 | 0.03 |
| | | | 549 | ଶାରଦ – ୨ | 0.08 | 0.06 |
| ୨୩ | 310 | ଶିବ ବେହେରା, ପି.– ସାଗର ବେହେରା, ଜା: ନିଆରି, ବା: ନିଜଗାଁ | 499 | ଶାରଦ – ୨ | 0.30 | 0.12 |
| | | | 500 | ଶାରଦ – ୨ | 0.35 | 0.01 |
| ୨୪ | 330 | ହାର ଦେଇ, ସ୍ୱା.– ଲକ୍ଷ୍ମୀଧର ଓଝା, ଜା: କମାର, ବା: ନିଜଗାଁ | 494 | ଶାରଦ – ୨ | 1.00 | 0.37 |
| ୨୫ | 334/70 | ବସନ୍ତ କୁମାର ଦାସ, ପି.– ମଧୁରୀ ଦାସ, ଜା: ପାଣ, ବା ; ନନ୍ଦୁରୁ | 584 | ଶାରଦ – ୨ | 0.10 | 0.08 |
| | | | 582/2424 | ଶାରଦ – ୨ | 0.03 | 0.01 |
| | | | 579/2296 | ଶାରଦ – ୨ | 0.10 | 0.08 |
| ୨୬ | 334/37 | କୃଷ୍ଣ ବେହେରା, ପି.– ଶିବ ବେହେରା, ବା: ନନ୍ଦୁରୁ, ଜା: ନିଆରୀ | 585/2365 | ଶାରଦ – ୨ | 0.01 | 0.04 |
| | | | 617/2366 | ଶାରଦ – ୨ | 0.09 | 0.09 |
| | | | 501/2364 | ଶାରଦ – ୨ | 0.05 | 0.05 |
| | | | 501/1938/2380 | ଶାରଦ – ୨ | 0.04 | 0.03 |
| ୨୭ | 334/83 | ରତ୍ନାକର ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ପି.– ବାଇଧର ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ | 498/2459 | ଶାରଦ – ୨ | 0.18 | 0.16 |
| ୨୮ | 334/199 | ଭୈରବ ବେହେରା, ପି.– ଗୋପୀନାଥ ବେହେରା, ଜା: ନିଆରୀ, ବା: ନିଜଗାଁ | 544/2449 | ଶାରଦ – ୨ | 0.100 | 0.10 |
| ୨୯ | 334/204 | ନକୁଳ ବେହେରା, ପି.– କୃଷ୍ଣ ବେହେରା, ଜା: ନିଆରୀ, ବା: ନିଜଗାଁ | 569 | ଶାରଦ – ୨ | 0.450 | 0.06 |
| ୩୦ | 334/212 | ପ୍ରକାଶ ଓଝା, ପି.– ଗୋପାଳ ପ୍ରସାଦ ଓଝା, ଜା: କମାର, ବା: ନିଜଗାଁ | 545/2034 | ଶାରଦ – ୨ | 0.100 | 0.03 |
| ୩୧ | 334/302 | ପ୍ରଫୁଲ୍ଲ କୁମାର ବେହେରା, ରାଧାକାନ୍ତ ବେହେରା, ଶମ୍ଭୁନାଥ ବେହେରା, ଦାମୋଦର ବେହେରା, ପଦ୍ମଲୋଚନ ବେହେରା, ପି.– ଜଗବନ୍ଧୁ ବେହେରା, ଜା: ନିଆରୀ, ବା: ନିଜଗାଁ | 498/2580 | ଶାରଦ – ୨ | 0.330 | 0.33 |
| ୩୨ | 334/310 | ରାମଚନ୍ଦ୍ର ବେହେରା, ପି.– କୃଷ୍ଣଚନ୍ଦ୍ର ବେହେରା, ଜା: ନିଆରୀ, ବା: ନିଜଗାଁ | 498/2459/2587 | ଶାରଦ – ୨ | 0.150 | 0.12 |
| ୩୩ | 334/399 | ସନାତନ ସୁତାର, ପି.– ନାରାୟଣ ସୁତାର, ଜା: ବଢ଼େଇ, ବା: ନିଜଗାଁ | 543 | ଶାରଦ – ୩ | 0.270 | 0.01 |
| ୩୪ | 334/401 | ମଞ୍ଜୁଲତା ବେହେରା, ସ୍ୱା.– ଲମ୍ବୋଧର ବେହେରା, ଜା: ନିଆରୀ, ବା: ନିଜଗାଁ | 581/2661 | ଶାରଦ – ୨ | 0.240 | 0.12 |
| ୩୫ | 334/469 | ଲକ୍ଷ୍ମୀଧର ହାତୀ, ପି.– ମନ୍ମଥ ହାତୀ, ଜା: ଖଣ୍ଡାୟତ, ବା: ନିଜଗାଁ | 535 | ଶାରଦ – ୨ | 0.190 | 0.17 |
| ୩୬ | 334/489 | ସନାତନ ସୁତାର, ପି.– ନାରାୟଣ ସୁତାର, ଜା: ବଢ଼େଇ, ବା: ନିଜଗାଁ | 544/2485 | ଶାରଦ – ୨ | 0.075 | 0.075 |
| | | | 545/2486 | ଶାରଦ – ୩ | 0.110 | 0.11 |
| | | | 542/2666 | ଶାରଦ – ୩ | 0.380 | 0.05 |
| | | | 546/2667 | ଶାରଦ – ୨ | 0.34 | 0.13 |
| | | | | | ମୋଟ ପ୍ରାଇଭେଟ ରକବା ଏ | **05.49** |

24001/14/0434/1819 — **Sd./- Special Land Acquisition Office, ABP, Salapada, Keonjhar**



# ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର

## ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁରଙ୍କ ଅଧୀନରେ ୦୯(ନଅ) ଗୋଟି ଆଟେଣ୍ଡାଣ୍ଟ (ପରିଚାରକ) ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଦନୁଯାୟୀ, ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା।

| କ୍ର. ସଂ. | ବର୍ଗ | ମୋଟ ପଦବୀ |
|---|---|---|
| ୧ | SC | ୦୨ |
| ୨ | ST | ୦୩ (ମହିଳା–୧) |
| ୩ | Unreserved | ୦୪ (ମହିଳା–୧) |
| | ମୋଟ | ୦୯ (ମହିଳା–୨) |

ବି.ଦ୍ର: ଭିନ୍ନକ୍ଷମ (PWD) ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ପାଇଁ ମୋଟ ମଞ୍ଜୁରୀ ପଦବୀର 4% (ପ୍ରତିଶତ) ସଂରକ୍ଷଣ ବ୍ୟବସ୍ଥା କରାଯାଇଛି।

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ, ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବେ। ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା:-**
୧. ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ମଧ୍ୟଇଂରାଜୀ ପରୀକ୍ଷା କିମ୍ବା ତତ୍ତୁଲ୍ୟ ଶିକ୍ଷାଗତ ଯୋଗ୍ୟତା ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ।
୨. ଏହା ସହିତ (NPCBB) ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ତିନି ବର୍ଷ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ଦ୍ୱାରା ପୂରଣ କରାଯିବ।
୩. ପ୍ରାର୍ଥୀ/ପ୍ରାର୍ଥିନୀ ଓଡ଼ିଆ ଭାଷାରେ ପଢ଼ିବା ଓ ଲେଖିବାରେ ସମର୍ଥ ଥିବେ।
୪. ପ୍ରାର୍ଥୀ/ପ୍ରାର୍ଥିନୀ ଉତ୍ତମ ଚରିତ୍ରର ହୋଇଥିବେ।

**ବୟସ ସୀମା:-** ସାଧାରଣ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୮ ବର୍ଷରୁ ୩୨ ବର୍ଷ (୦୧।୦୧।୨୦୧୮ ସୁଦ୍ଧା) ହୋଇଥିବା ଆବଶ୍ୟକ। ତଫସିଲଭୁକ୍ତ ଜାତି/ତଫସିଲଭୁକ୍ତ ଜନଜାତି ପ୍ରାର୍ଥୀ/ପ୍ରାର୍ଥିନୀଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ଅଧିକ ୫ (ବର୍ଷ) କୋହଳ କରାଯିବ। ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ କ୍ଷେତ୍ରରେ ବୟସ ୦୧।୦୧।୨୦୧୮ ସୁଦ୍ଧା ୪୫ ବର୍ଷରୁ ଅଧିକ ହୋଇନଥିବ।

**ଶାରୀରିକ ଦକ୍ଷତା:-**
୧. ପ୍ରାର୍ଥୀ/ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସେମାନେ ଉତ୍ତମ ସ୍ୱାସ୍ଥ୍ୟ (Sound Health, Good Physics) ଚଳାଚଳ ଅଭ୍ୟାସ (Active Habits), ସର୍ବନିମ୍ନ ଉଚ୍ଚତା ୫ (ପାଞ୍ଚ) ଫୁଟ ସଙ୍ଗେ ସଙ୍ଗେ ସେମାନଙ୍କର କୌଣସି ଶାରୀରିକ ତ୍ରୁଟି (Physical Defect) କିମ୍ବା ମାନସିକ ଅକ୍ଷମତା (Mental Infirmity) ନଥିବା ଆବଶ୍ୟକ ଏବଂ କେବଳ ପୁରୁଷ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ଛାତି ଅଣସଂପ୍ରସାରିତ ୩୦ (ତିରିଶ) ଇଞ୍ଚ ରହିବା ଆବଶ୍ୟକ।
୨. ପ୍ରାର୍ଥୀ/ପ୍ରାର୍ଥିନୀ ମଧ୍ୟ ଭଲ ଭାବରେ ସାଇକେଲ ଚଳାଇବା ଜାଣିଥିବେ।

**ସାଧାରଣ ଯୋଗ୍ୟତା:-**
୧. ପ୍ରାର୍ଥୀ/ପ୍ରାର୍ଥିନୀ ଭାରତର ନାଗରିକ ହୋଇଥିବେ।
୨. ବିବାହିତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଗୋଟିଏ ସ୍ତ୍ରୀ/ସ୍ୱାମୀରୁ ଅଧିକ ନ ଥିବେ।
୩ ଓଡ଼ିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବା ପ୍ରାର୍ଥୀ/ପ୍ରାର୍ଥିନୀ ସେମାନଙ୍କର ନାମ ଆବେଦନ କରୁଥିବା ଜିଲ୍ଲାର କର୍ମନିଯୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବେ ଓ ସେହି ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ।

**ଚୟନ ପ୍ରକ୍ରିୟା:-**
ଜିଲ୍ଲା ଚୟନ କମିଟି ଦ୍ୱାରା ନିମ୍ନଲିଖିତ ଉପାୟରେ ଆଟେଣ୍ଡାଣ୍ଟ ପଦ ପାଇଁ ସିଧାସଳଖ ଚୟନ କରାଯିବ।
୧. (NPCBB) ଯୋଜନା ମାଧ୍ୟମରେ କୃତ୍ରିମ ପ୍ରଚନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ କ୍ରମାଗତ ତିନି ବର୍ଷ ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କୁ ପ୍ରତିବର୍ଷ ୧୦ ମାର୍କ ହିସାବରେ ୩୦ ମାର୍କ ଦିଆଯିବ। ଏହା ବ୍ୟତୀତ ତିନିବର୍ଷରୁ ଉର୍ଦ୍ଧ୍ୱ ପ୍ରତ୍ୟେକ ବର୍ଷ ସନ୍ତୋଷଜନକ କାର୍ଯ୍ୟ ଉପରେ ୫ ମାର୍କ ଲେଖାଏଁ ସର୍ବୋଚ୍ଚ ୫୦ ମାର୍କ ଦିଆଯିବ।
୨. ଅବଶିଷ୍ଟ ୫୦ ମାର୍କର ଲିଖିତ ପରୀକ୍ଷା ଦ୍ୱାରା ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଓଡ଼ିଆ ଭାଷାରେ ପଢ଼ିବା ଓ ଲେଖିବାରେ ସାମର୍ଥ୍ୟ ପରୀକ୍ଷା କରାଯିବ।
୩. ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ନ ମିଳନ୍ତି, ତା'ହେଲେ ସେହି ପଦବୀ ଉକ୍ତ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ଦ୍ୱାରା ପୂରଣ କରାଯିବା ପାଇଁ କମିଟିର ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯିବ।

ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣପତ୍ରର ଅବିକଳ ନକଲ (Copy) ସହ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାର୍ଯ୍ୟାଳୟରେ ଡାକ ଦ୍ୱାରା (Reg. Post/Speed Post) ଦାଖଲ କରିପାରିବେ। ଦରଖାସ୍ତ ପଠାଇବା ଲଫାପା ଉପରେ ଆଟେଣ୍ଡାଣ୍ଟ (ପରିଚାରକ) ପଦ ପାଇଁ ଦରଖାସ୍ତ ଉଲ୍ଲେଖ କରିବା ଆବଶ୍ୟକ।

ପ୍ରକାଶଥାଉକି, ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି।

### ଦରଖାସ୍ତ ଫର୍ମ
(ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

୧. ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନାମ:
୨. ପିତା/ସ୍ୱାମୀଙ୍କ ନାମ:
୩. ସ୍ଥାୟୀ ଠିକଣା:
୪. ଯୋଗାଯୋଗ ଠିକଣା (ମୋବାଇଲ ନମ୍ବର ସହିତ):
୫. ଜାତୀୟତା:
୬. ଜନ୍ମ ତାରିଖ:
୭. ଶିକ୍ଷାଗତ ଯୋଗ୍ୟତା:
୮. ଉଚ୍ଚତା: ଛାତି ଅଣସଂପ୍ରସାରିତ:
୯. ଜାତି: (SC/ST/GEN)
୧୦. ବିବାହିତ/ଅବିବାହିତ:
୧୧. ପୁରୁଷ/ମହିଳା:
୧୨. କର୍ମ ନିଯୋଜନ ସଂସ୍ଥାରେ ପଞ୍ଜୀକୃତ କାର୍ଡର କ୍ରମିକ ନଂ ଓ ତାରଖ:

ଫଟୋ

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପରଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ।

ତାରିଖ: — ଆବେଦନକାରୀଙ୍କ ସ୍ୱାକ୍ଷର
ସ୍ଥାନ:

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣପତ୍ର:**
୧. ନିଜ ସହିମୋହର (Self attested) ହୋଇଥିବା ଦୁଇଗୋଟି ପାସପୋର୍ଟ ସାଇଜ ଫଟୋଗ୍ରାଫ। ତନ୍ମଧ୍ୟରୁ ଗୋଟିଏ ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରାଯିବା ଆବଶ୍ୟକ। ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବା।
୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରର ନିଜ ସହିମୋହର (Self attested) ନକଲ।
୩. ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କ ଠାରୁ ଚରିତ୍ର ପ୍ରମାଣପତ୍ରର ନିଜ ସହିମୋହର (Self attested) ନକଲ।
୪. ସ୍ଥାନୀୟ ତହସିଲଦାରଙ୍କ ଠାରୁ ଉପଯୁକ୍ତ ଜାତି ସ୍ଥାୟୀ ବାସିନ୍ଦାର ପ୍ରମାଣପତ୍ରର ନିଜ ସହିମୋହର (Self attested) ନକଲ।
୫. କର୍ମନିଯୋଜନ ସଂସ୍ଥାରେ ପଞ୍ଜୀକୃତ କାର୍ଡର ନିଜ ସହିମୋହର (Self attested) ନକଲ।
୬. ଜାତିଗତ ପ୍ରମାଣପତ୍ରର (SC/ST) ନିଜ ସହିମୋହର (Self attested) ନକଲ।
୭. ଦୁଇଗୋଟି ଚରିତ୍ର ପ୍ରମାଣପତ୍ରର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେ କି ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସମ୍ପର୍କୀୟ ହୋଇନଥିବେ।
୮. ଯୋଗ୍ୟତା ଥିବା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସ୍ଥଳେ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ଠାରୁ କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷର ସନ୍ତୋଷଜନକ କାର୍ଯ୍ୟ କୁଶଳତାର ଅନୁଭୂତି ପ୍ରମାଣପତ୍ରର କପି।

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ: ୦୭।୦୧।୨୦୧୯**

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ନ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଞ୍ଚିଲେ ତାହା ଗ୍ରହଣ କରାଯିବ ନାହିଁ। ପ୍ରାର୍ଥୀ/ପ୍ରାର୍ଥିନୀ ଡାକ ଦ୍ୱାରା ପଠାଇଥିବା ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଅସମ୍ପୂର୍ଣ୍ଣ ଦରଖସ୍ତ/ ଆବଶ୍ୟକୀୟ ପ୍ରମାଣପତ୍ର ନ ଥାଇ ଦାଖଲ ହୋଇଥିବା ଦରଖାସ୍ତଗୁଡ଼ିକ ନାକଚ ହୋଇଯିବ।

ସ୍ୱାକ୍ଷର/-
**ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର**

❝ ଖେଳପଡ଼ିଆରେ ଆକ୍ରମଣାତ୍ମକ ଭୂମିକାକୁ ନେଇ ବିରାଟ କୋହଲି ହୁଏତ ସମାଲୋଚନାର ଶିକାର ହୋଇ ପାରିଥାନ୍ତି, ହେଲେ ସେ ଭାରତୀୟ ଦଳର ଶକ୍ତି ।

–ବ୍ରାଡ୍ ହଗ୍, ପୂର୍ବତନ ଅଷ୍ଟ୍ରେଲିଆ ସ୍ପିନର



❝ ନ୍ୟୁଜିଲାଣ୍ଡ ଟୁର୍ ଉପନୀତ ହୋଇଥିବାରୁ ସମସ୍ତ ପ୍ରକାର ବାଦାନୁବାଦକୁ ଏଡାଇ ପୁନର୍ବାର କ୍ରିକେଟ ଉପରେ ମନୋନିବେଶ କରିବା ଉଚିତ ।

–ମିଥାଲି ରାଜ, ଭାରତୀୟ ମହିଳା ଦିନିକିଆ ଅଧିନାୟିକା



**ସଂକ୍ଷେପରେ**

## ସଞ୍ଜୁ ସାମସନଙ୍କ ବିବାହ ସମ୍ପନ୍ନ



**ଥିରୁଭାନନ୍ତପୁରମ,୨୨।୧୨:** କେରଳ କ୍ରିକେଟର ସଞ୍ଜୁ ସାମସନ ଦୀର୍ଘଦିନର ବାନ୍ଧବୀ ଚାରୁଲଥାଙ୍କୁ ବିବାହ କରିଛନ୍ତି। ଶନିବାର ସକାଳେ ବିବାହ ସମ୍ପନ୍ନ ହୋଇଥିବା ସାମସନ ଶନିବାର ସୋସିଆଲ ମିଡିଆରେ ଫଟୋ ଶେୟାର କରି ସୂଚନା ଦେଇଛନ୍ତି। ଏହି ବିବାହ ଉତ୍ସବରେ ଉଭୟଙ୍କ ପରିବାରବର୍ଗ ଓ ବନ୍ଧୁଗଣ ଯୋଗ ଦେଇଥିଲେ। ସଞ୍ଜୁ ଓ ଚାରୁଲତା ସ୍ଥାନୀୟ ମାରିଭାନିଅସ କଲେଜରେ ବ୍ୟାଚମେଟ ଥିଲେ। ୨୦୧୩ରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଆରମ୍ଭ ହୋଇଥିଲା। ଗତ କିଛି ମାସ ପୂର୍ବେ ସାମସନ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଉଲ୍ଲେଖଥାଉ କି, ୨୦୧୫ରେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ କରିଥିବା ଉଇକେଟକିପର କିପର ବ୍ୟାଟ୍ସମ୍ୟାନ ଏବେ ଆଇପିଏଲ ଓ ଘରୋଇ କ୍ରିକେଟରେ ସକ୍ରିୟ ରହିଛନ୍ତି।

## ସିଡିଏଏ-ବିବିଏ ଫାଇନାଲ

**କଟକ ଅଫିସ,୨୨।୧୨:** ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୬୦ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍ ନାଲ୍‌କୋ କପ୍‌ର ୪ର୍ଥ ଦିବସରେ ମହିଳା ବର୍ଗର ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଛି। ପ୍ରଥମ ସେମିଫାଇନାଲରେ କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ (ସିଡିଏଏ) ୩୪-୧୮ ପଏଣ୍ଟରେ ଭଦ୍ରକକୁ ଓ ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ(ବିବିଏ) ୪୪-୧୦ ପଏଣ୍ଟରେ ଟର୍ଟର୍ସକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଉଦ୍‌ଯାପନୀ ଦିବସ ତଥା ରବିବାର ସିଡିଏଏ-ବିବିଏ ମଧ୍ୟରେ ଫାଇନାଲ ମୁକାବିଲା ହେବ। ସେହିପରି ପୁରୁଷ ବର୍ଗର ଖେଳାଯାଇଥିବା ଗୋଟିଏ କ୍ୱାର୍ଟରଫାଇନାଲ ମ୍ୟାଚରେ ବିବିଏ ୭୪-୫୪ ପଏଣ୍ଟରେ ସେଲଟିକ୍ସକୁ ହରାଇଦେଇଛି।

## ପିବିଏଲ୍: ହଣ୍ଟର୍ସ ବିଜୟୀ

**ମୁମ୍ବାଇ, ୨୨।୧୨ (ପି.ଟି.):** ପ୍ରିମିୟର ବ୍ୟାଡ୍‌ମିଣ୍ଟନ ଲିଗ୍ (ପିବିଏଲ)ର ଚତୁର୍ଥ ସଂସ୍କରଣ ଶନିବାରଠାରୁ ଆରମ୍ଭ ହୋଇଛି। ଏଥିରେ ଗତଥରର ଚାମ୍ପିୟନ ହାଇଦ୍ରାବାଦ ହଣ୍ଟର୍ସ ବିଜୟ ସହ ତାର ଅଭିଯାନ ଆରମ୍ଭ କରିଛି। ଦଳ ଏହାର ପ୍ରଥମ ମ୍ୟାଚରେ ପୁନେ ୭ ଆସେସ୍‌କୁ ହରାଇ ଦେଇଛି। ଏଥିରେ ଅନୁଷ୍ଠିତ ଏକ ମ୍ୟାଚରେ ପି. ଭି. ସିନ୍ଧୁ ୮-୧୫, ୧୫-୮, ୧୫-୧୩ରେ ତାଙ୍କ ପ୍ରତିଦ୍ୱନ୍ଦୀ କାରୋଲିନା ମାରିନ୍‌ଙ୍କୁ ହରାଇ ଦେଇଛନ୍ତି।

# ପ୍ରଥମ ଦିନରେ ଓଡ଼ିଶାର ଆଧିପତ୍ୟ

**ରଣଜୀ ଟ୍ରଫି**

**କଟକ ଅଫିସ,୨୨।୧୨**

ଜମ୍ମୁସ୍ଥିତ ଗାନ୍ଧୀ ମେମୋରିଆଲ ସାଇନ୍ସ କଲେଜ ଗ୍ରାଉଣ୍ଡରେ ଶନିବାରଠାରୁ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସିରେ ଓଡ଼ିଶା ବନାମ ଜମ୍ମୁ କଶ୍ମୀର ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦିବସର ଖେଳ ଭ୍ରମଣକାରୀ ଓଡ଼ିଶା ସପକ୍ଷରେ ରହିଛି। ଓଡ଼ିଶା ପେସ୍ ଆଟାକ୍‌ର ସମ୍ମୁଖୀନ ହୋଇ ନ ପାରି ଘରୋଇ ଜମ୍ମୁ କଶ୍ମୀର ମାତ୍ର ୧୨୭ରନ୍‌ରେ ଅଲଆଉଟ ହୋଇଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ ୪ଟି ଓ ବସନ୍ତ ମହାନ୍ତି ୩ଟି ଉଇକେଟ ଦଖଲ କରିଥିଲେ। ଜବାବରେ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଗୋଟିଏ ଉଇକେଟ ହରାଇ କରିଛି ୯୧ରନ୍। ପ୍ରଥମ ଇନିଂସରେ ଓଡ଼ିଶା ଅଗ୍ରଣୀ ହାସଲ କରିବା ସହ ଜମ୍ମୁ କଶ୍ମୀର ସମ୍ମୁଖରେ ଏକ ବିଶାଳ ରନ୍ ଧାର୍ଯ୍ୟ କରିବ ବୋଲି ଆଶା କରାଯାଉଛି। ଜମ୍ମୁ କଶ୍ମୀର ଅଧିନାୟକ ପରଭେଜ ରସୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦ୍ୱିତୀୟ ଓଭରରେ ଓପନର କମରାନ ଇକବାଲଙ୍କୁ ଅଭିଷେକ ରାଉତଙ୍କ ହାତରେ କ୍ୟାଚ ଆଉଟ କରି ସୂର୍ଯ୍ୟକାନ୍ତ ଓଡ଼ିଶାକୁ ପ୍ରଥମ ସଫଳତା ଦେଇଥିଲେ। ୩ୟ ଓଭରରେ ଅନ୍ୟତମ ଓପନର ଶୁଭମ ଖଜୁରିଆ ଖାତା ଖୋଲିବା ଆଗରୁ ବସନ୍ତ ମହାନ୍ତିଙ୍କ ବଲରେ ଏଲବିଡବ୍ଲ୍ୟୁ ହୋଇଥିଲେ। ୫ରନ୍‌ରେ ଜମ୍ମୁ କଶ୍ମୀର ଏହାର ଦୁଇ ଓପନରଙ୍କୁ ହରାଇ ସଙ୍କଟରେ ପଡ଼ିଥିଲା। ପରେ ଦଳୀୟ ସ୍କୋର ୭ ହୋଇଥିବା ବେଳେ ଜମ୍ମୁ କଶ୍ମୀର ଆଉ ଦୁଇଟି ଉଇକେଟ ହରାଇଥିଲା। ଇଆନ ଚୌହ୍ୱାନ ୫ରନରେ ଓ ଅଧିନାୟକ ରସୁଲ ଶୂନରେ ସୂର୍ଯ୍ୟକାନ୍ତଙ୍କ ଶିକାର ପାଲଟିଥିଲେ। ୫ମ ଉଇକେଟରେ ଜମ୍ମୁ କଶ୍ମୀର ୫୫ରନ୍ ଯୋଡ଼ିଥିଲା। ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ ଓୱାଇସ ସାହା ଓ ଇର୍ଫାନ ପଠାନ ଦଳୀୟ ସ୍କୋରକୁ ଆଗେଇ ନେଉଥିବା ବେଳେ ସ୍ପିନର ଧୀରାଜ ସିଂ ଏହି ଭାଗୀଦାରିକୁ ରୋକିଥିଲେ। ଇର୍ଫାନ ୧୦ରନ୍‌ରେ ଧୀରଜଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ପରେ ଓୱାଇସ ଶାହା ୪୪ରନ୍ କରିଥିବା ବେଳେ ବସନ୍ତଙ୍କ ବଲରେ ଏଲବିଡବ୍ଲ୍ୟୁ ହେବା ଫଳରେ ଜମ୍ମୁ କଶ୍ମୀର ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ୭୪ରନ୍‌ରେ ୬ଟି ଉଇକେଟ ହରାଇଥିବା ଦଳ ୧୨୭ରନ୍‌ରେ ସୀମିତ ରହିଥିଲା। ଉଇକେଟ କିପର ଓବେଦ ହାରୁନ ୬ରନ୍, ଅମିର ଅଜିଜ ୪ରନ୍, ମହମ୍ମଦ ମୁଦାସିର ୧୨ରନ୍, ଉମର ନାଜିର ୩ ରନ୍ କରିଛନ୍ତି। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଆକାଶ ଚୌଧୁରୀ ୨୭ରନ୍‌ର ଦ୍ରୁତ ଇନିଂସ ଖେଳିବା ଯୋଗୁଁ ଜମ୍ମୁ କଶ୍ମୀର ୧୦୦ରନ୍ ଅତିକ୍ରମ କରିପାରିଥିଲା। ଧୀରଜ ସିଂ ୨ଟି ଉଇକେଟ ପାଇଛନ୍ତି। ଭ୍ରମଣକାରୀ ଓଡ଼ିଶା ଦଳ ରଣଜିତ ସିଂଙ୍କୁ ବିଶ୍ରାମ ଦେଇ ଅନୁରାଗ ଷଡ଼ଙ୍ଗୀ ଓ ଶାନ୍ତନୁ ମିଶ୍ରଙ୍କୁ ଓପନିଂ ଦାୟିତ୍ୱ ଦେଇଥିଲା। ଦଳୀୟ ସ୍କୋର ୧୬ହୋଇଥିବା ବେଳେ ଶାନ୍ତନୁ ୫ରନ୍‌ରେ ଇର୍ଫାନଙ୍କ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ପରେ ଅନୁରାଗ ଓ ବ୍ୟାଟିଂ କ୍ରମ ୩ନମ୍ବରରେ କ୍ରିଜ୍‌କୁ ଆସିଥିବା ନବାଗତ ଦେବାଶିଷ ସାମନ୍ତରାୟ ଓଡ଼ିଶା ସ୍କୋର ବୋର୍ଡକୁ ସହଜରେ ଆଗେଇ ନେଇଥିଲେ। ୯୧ଟି ବଲରୁ ଅର୍ଦ୍ଧଶତକ ପୂରଣ କରିଥିବା ଅନୁରାଗ ୫୬ ରନ୍‌ରେ ଓ ଦେବାଶିଷ ୨୦ ରନ୍‌ରେ ଅପରାଜିତ ଅଛନ୍ତି ।



ସୂର୍ଯ୍ୟକାନ୍ତ ପ୍ରଧାନ

**ସଂକ୍ଷିପ୍ତ ସ୍କୋର**

- ଜମ୍ମୁ କଶ୍ମୀର ପ୍ରଥମ ଇନିଂସ:୧୨୭/ଅଲଆଉଟ (ଓୱାଇସ ସାହା- ୪୪, ଆକାଶ ଚୌଧୁରୀ- ୨୭, ସୂର୍ଯ୍ୟକାନ୍ତ ପ୍ରଧାନ-୪/୨୭, ବସନ୍ତ ମହାନ୍ତି-୩/ ୨୪)।
- ଓଡ଼ିଶା ପ୍ରଥମ ଇନିଂସ:୯୧/୧ (ଅନୁରାଗ ଷଡ଼ଙ୍ଗୀ-୫୬ ରନ୍, ଦେବାଶିଷ ସାମନ୍ତରାୟ-୨୦ରନ୍, ଇର୍ଫାନ ପଠାନ-୧/୧୮)।

# ହାତଛଡ଼ା ହୋଇପାରେ ୨୦୨୩ ବିଶ୍ୱକପ

**ଦୁବାଇ, ୨୨।୧୨:** ଭାରତ ୨୦୨୩ ବିଶ୍ୱକପ୍ ଆୟୋଜନ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଏବେ ଏହା ଉପରେ ଆଇସିସି ରୋକ ଲଗାଇବାକୁ ଧମକ ଦେଇଛି। ବିସିସିଆଇ ଟି୨୦ ବିଶ୍ୱକପ୍ ୨୦୧୬ରେ ଆୟୋଜନ କରିଥିଲା। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାର ମ୍ୟାଚ୍ ଆୟୋଜନ ଓ ପ୍ରସାରଣ ଲାଗି କୌଣସି ଟିକସ ରିହାତି ଦେଇ ନ ଥିଲେ। ଏଣୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ୨୩ ନିୟୁତ ଡଲାର ଦେବାକୁ ପଡ଼ିବ। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୧୬୧ କୋଟି ଟଙ୍କା। ଏହି କ୍ଷତିପୂରଣ ରାଶି ଆସନ୍ତା ୩୧ ତାରିଖ ସୁଦ୍ଧା ଆଇସିସିରେ ପୈଠ କରିବାକୁ କୁହାଯାଇଛି। ନହେଲେ ବିସିସିଆଇକୁ ୨୦୨୩ ବିଶ୍ୱକପ୍ ଆୟୋଜନ କରିବାର ଅଧିକାର ମିଳିବ ନାହିଁ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ବିସିସିଆଇ ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସକ କମିଟି (ସିଓଏ) ନିକଟରେ ୧୦ ଦିନରୁ କମ୍ ସମୟ ରହିଛି। ତେବେ ଏହି ଅର୍ଥ ପୈଠ କରିବାରେ ବିଫଳ ହେଲେ ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ଟୁର୍ନାମେଣ୍ଟରୁ ବିସିସିଆଇ ପାଇବାକୁ ଥିବା ଅର୍ଥରାଶିକୁ ଆଇସିସି କାଟ୍ କରିଦେବ। ଏତଦ୍ ବ୍ୟତୀତ ୨୦୨୧ ଆଇସିସି ଚାମ୍ପିୟନ୍ସ ଟ୍ରଫି ଓ ୨୦୨୩ ଦିନିକିଆ ବିଶ୍ୱକପ୍ ଅନ୍ୟତ୍ର ଆୟୋଜନ କରିବାକୁ ଯୋଜନା କରାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଟି୨୦ ବିଶ୍ୱକପ୍ ଟୁର୍ନାମେଣ୍ଟର ପ୍ରସାରଣ ଅଧିକାର ପାଇଥିବା ଷ୍ଟାର ଟିଭି ଟିକସ ବାବଦକୁ ଅର୍ଥ କାଟ୍ କରି ଆଇସିସି ନିକଟରେ ପୈଠ କରିଥିଲା। ତେଣୁ ଆଇସିସି ଏବେ ବିସିସିଆଇଠାରୁ କ୍ଷତିପୂରଣ ଦାବି କରିଛି। ଅପରପକ୍ଷରେ ଆଇସିସିର ଟିକସ ଛାଡ଼ କରିବା ଦାବିକୁ ବିସିସିଆଇ ପ୍ରତ୍ୟାଖ୍ୟାନ କରିଛି। ଯଦି କେବେ ଟିକସ ଛାଡ଼ କରିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା ତାହାର ପ୍ରମାଣ ମାଗିଛି। ମାତ୍ର ସେଭଳି କୌଣସି ତଥ୍ୟ ଆଇସିସି ପକ୍ଷରୁ ହସ୍ତାନ୍ତର କରାଯାଇ ନାହିଁ। କାରଣ ବିସିସିଆଇ ଏଭଳି ପ୍ରତିଶ୍ରୁତ କଦାପି ଦେଇ ନ ଥିଲା ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ଆଇସିସି କେବଳ ଭାରତ ଠାରୁ କ୍ଷତି ଭରଣ କରିବା ଲାଗି ଏଭଳି ଉଦ୍ୟମ କରୁଛି। ଆଇସିସି ଏଥିଲାଗି ଟଙ୍କା କାଟ୍ କଲେ ଆଇନଗତ ଲଢ଼େଇ ଆରମ୍ଭ ହେବା ନେଇ ବିସିସିଆଇ ପକ୍ଷରୁ ଧମକ ଦିଆଯାଇଛି।



ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଅଂଶୁ କୁମାରଙ୍କୁ ଟାଇଟଲ୍

**ଭୁବନେଶ୍ୱର, ୨୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)**

ପୁରୀରେ ଅନୁଷ୍ଠିତ ଦୁଶାନ ଦେଓ ମେମୋରିଆଲ ସର୍ବଭାରତୀୟ ପୁରୁଷ ର୍ୟାଙ୍କିଂ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଅଂଶୁ କୁମାର ଭୂୟାଁ ଚାମ୍ପିୟନ ହୋଇଛନ୍ତି। ଶନିବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଅଂଶୁ ୬-୨, ୭-୫ ସିଧାସଳଖ ସେଟ୍‌ରେ ହରିୟାଣାର ଓମିନ୍ଦର ବୈସୋୟାଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ପୁରୁଷ ଡବଲ୍ସରେ ଆନ୍ଧ୍ରପ୍ରଦେଶର ବାବଜୀ ଶିବ ଅଙ୍କୁରୁ ଓ ତେଲେଙ୍ଗାନାର ସାଜିଦ୍ ଉର୍ ରହମାନ ଯୋଡ଼ି ଫାଇନାଲରେ ୬-୪, ୬-୨ ସେଟ୍‌ରେ ପଶ୍ଚିମବଙ୍ଗର ବର୍ଦ୍ଧନ ରଏ ଚୌଧୁରୀ ଓ ରୋହିତ୍ ରାମପୁରୀଙ୍କୁ ପରାସ୍ତ କରି ଚାମ୍ପିୟନ୍ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ସିରିଜ ଜିତିଲା ୱେଷ୍ଟଇଣ୍ଡିଜ

**ଢାକା, ୨୨।୧୨ (ଏଏଫ୍‌ପି):** କିମୋ ପଲ (୫/୫୧)ଙ୍କ ଚମତ୍କାର ବୋଲିଂ ଏବଂ ଏଭିନ୍ ଲିୱିସଙ୍କ ବିସ୍ଫୋରକ ୮୯ ରନ (୩୬ ବଲ୍) ସହାୟତାରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ୫୦ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୨-୧ରେ ଜିତିନେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୧୯.୨ ଓଭରରେ ୧୯୦ ରନ କରି ଅଲଆଉଟ ହୋଇଯାଇଥିଲା। ବାଂଲାଦେଶ ତରଫରୁ ମହମୁଦୁଲ୍ଲା ରିୟାଦ, ମୁସ୍ତାଫିଜୁର ରହମାନ ଏବଂ ଶକିବ ଅଲ ହସନ ତିନୋଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ୧୪୦ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଲିଟନ ଦାସ ୪୩ ରନ କରିଥିଲେ।

## ଇଣ୍ଡିଆନ ଓପନ୍ ଗେଟ୍‌ବଲ୍ ଟୁର୍ନାମେଣ୍ଟ ଆରମ୍ଭ

**ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଏକ ଦୁଇ ଦିନିଆ ଇଲେକ୍ଟ୍ରୋ ଷ୍ଟିଲ୍ ଇଣ୍ଡିଆନ ଓପନ ଗେଟ୍ ଟୁର୍ନାମେଣ୍ଟ ଶନିବାର ପୂର୍ବାହ୍ନରେ ମହାସମାରୋହରେ ଉଦ୍‌ଘାଟିତ ହୋଇଛି। ଏଥିରେ ଦେଶ ଓ ବିଦେଶରୁ ଦଳଗୁଡିକ ଅଂଶଗ୍ରହଣ କରିଛନ୍ତି। ବିଦେଶରୁ ଅଂଶଗ୍ରହଣ କରିଥିବା ଦଳଗୁଡିକ ହେଲା ଥାଇଲାଣ୍ଡ, ତାଇୱାନ ଓ ଇଣ୍ଡୋନେସିଆ। ସେହିପରି ହରିୟାଣା, ଦିଲ୍ଲୀ, ଆସାମ, ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ, ଝାଡଖଣ୍ଡ, ମହାରାଷ୍ଟ୍ର ଓ ତ୍ରିପୁରା ମଧ୍ୟ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାର ମଧ୍ୟ ୫ଟି ଦଳ ଏଥିରେ ଭାଗ ନେଇଛନ୍ତି। ସେଗୁଡ଼ିକ ହେଲା ଓଡ଼ିଶା ସିନିୟର, ଓଡ଼ିଶା ଜୁନିୟର, ଓଡ଼ିଶା ବାଳିକା, ଆଇଜିୟୁ ଟିମ ଓ ଓଡ଼ିଶା ସ୍କୁଲ ଟିମ୍। ମୋଟ ଉପରେ ୧୬ଟି ଦଳ ଦୁଇ ବର୍ଗ ଯଥା ଟିମ୍ ଇଭେଣ୍ଟ ଓ ଡବଲ୍ସ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ କ୍ୱାର୍ଟର ଫାଇନାଲକୁ ଉଠିବେ। ସେମିଫାଇନାଲିଷ୍ଟ ଦଳଗୁଡ଼ିକୁ ଟ୍ରଫି ଓ ଖେଳାଳିଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ। ଶନିବାର ଗ୍ରୁପ ପର୍ଯ୍ୟାୟ ମ୍ୟାଚ ଖେଳ ଶେଷ ହୋଇଛି। ଗ୍ରୁପ୍ ଏ'ରେ ଓଡ଼ିଶା ସିନିୟର ଓ ଓଡ଼ିଶା ଜୁନିୟର, ଗ୍ରୁପ୍ ବି'ରେ ଆଇଜିୟୁ ଓ ତାଇୱାନ, ଗ୍ରୁପ୍ ସି'ରେ ହରିୟାଣା ଓ ତ୍ରିପୁରା, ଗ୍ରୁପ୍ ଡି'ରେ ଇଣ୍ଡୋନେସିଆ ଓ ପଶ୍ଚିମବଙ୍ଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



କୋଚ୍ ପି.ଟି. ପାଲୁସଙ୍କ ସହ କୃତୀ ରୋୟରମାନେ।

# ଜାତୀୟ ରୋଇଂରେ ଓଡ଼ିଶାକୁ ୫ ପଦକ

**କଟକ ଅଫିସ,୨୨।୧୨**

ପୁଣେସ୍ଥିତ ଆର୍ମି ରୋଇଂ ନୋଡ୍‌ଠାରେ ଚାଲିଥିବା ୩୭ତମ ସିନିୟର ଜାତୀୟ ରୋଇଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ୫ଟି ପଦକ ଜିତିଛି। ଏହା ମଧ୍ୟରେ ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ରହିଛି। ଏଥିରେ ୨ ହଜାର ଓ ୫୦୦ ମିଟର ବିଭାଗରେ ପ୍ରତିଯୋଗିତା ହେଉଛି। ଏଥିରେ କେବଳ ଓଡ଼ିଶା ମହିଳା ରୋୟରମାନେ ପଦକ ଜିତିଛନ୍ତି। ପୁରୁଷ ବର୍ଗରେ ଜଣେ ଖେଳାଳି ଭାଗନେଇଥିଲେ ମଧ୍ୟ ସେ ପଦକଶୂନ୍ୟ ରହିଛନ୍ତି। ୨ହଜାର ମିଟର ସିଙ୍ଗଲ୍ସ ସ୍କଲରେ ସଂଯୁକ୍ତା ଡୁଙ୍ଗ୍‌ଡୁଙ୍ଗ୍ ରୌପ୍ୟ, ଡବଲ ସ୍କଲରେ ରେଶ୍ମା କୁମାରୀ ମିଞ୍ଜ, ମଞ୍ଜୁଳା ଖେସ୍‌ଙ୍କ ଯୋଡ଼ି ସ୍ୱର୍ଣ୍ଣ, କକ୍ସଲେସ-୪ରେ ରିତୁ କୌଦି, ସୋନାଲୀ ସ୍ୱାଇଁ, ଝରଣା ହସ୍ତି, ଦୀପିକା ଖେସ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ୫୦୦ମିଟର ଡବଲ୍ସ ସ୍କଲରେ ସଂଯୁକ୍ତା ଡୁଙ୍ଗ୍‌ଡୁଙ୍ଗ୍, ମଞ୍ଜୁଳା ଖେସ୍ ବ୍ରୋଞ୍ଜ, କକ୍ସଲେସ-୨ରେ ସୋନାଲୀ ସ୍ୱାଇଁ, ରିତୁ କୌଦି ରୌପ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ ସ୍କଲିଂ ସଭାପତି ବିନୋଦ ଦାସ, ସମ୍ପାଦକ ଅମରଜ୍ୟୋତି ସିଂଦେଓ ପଦକ ବିଜୟୀ ଓଡ଼ିଶା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ରାଜ୍ୟ ସିନିୟର କରାଟେ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସବ୍ୟୁରୋ):** କୋରାପୁଟର ଜୟପୁରସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ୩୦ତମ ରାଜ୍ୟ ସିନିୟର କରାଟେ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ୨୨ଟି ଜିଲାର ୨୫୦ ବାଳିକା ଓ ବାଳକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସିହାନ ଡ. ହରି ପ୍ରସାଦ ପଟ୍ଟନାୟକ, ଓଏସ୍‌କେଏ ସମ୍ପାଦକ ସନତ୍ କୁମାର ନାୟକ, ଉପସଭାପତି ରବି ନାୟକ, ଉପଖଣ୍ଡ କ୍ରୀଡ଼ା ସଂଘ ସମ୍ପାଦକ, ସଭାପତି ଉତ୍କଳ କରାଟେ ସ୍କୁଲ ବୁନୁ ଦାସ, କ୍ରୀଡ଼ା ପରିଚାଳକ ସେନ୍‌ସାଇ ଜୟଦେବ ପଟ୍ଟନାୟକ ଏବଂ ଆୟୋଜକ ତଥା ଉତ୍କଳ କରାଟେ ସ୍କୁଲର ସମ୍ପାଦକ ସେନ୍‌ସାଇ ମୁନା ସିଂଲାଲ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଓସ୍କାର କପ୍ ସେମିରେ ମୁକ୍ତେଶ୍ୱର



ରିତେଶଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର,୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ଓସ୍କାର ଖେଳ ପଡିଆରେ ଚାଲିଥିବା ଦଶମ ନୀରଜ ସ୍ମାରକୀ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟରେ ମୁକ୍ତେଶ୍ୱର କ୍ଲବ ସେମି ଫାଇନାଲରେ ପ୍ରବେଶ କରିଛି। ଶନିବାର ଓସ୍କାର ବି ଟିମ୍‌କୁ ୯ ଉଇକେଟରେ ପରାସ୍ତ କରି ମୁକ୍ତେଶ୍ୱର ସେମିକୁ ଉଠିଛି। ଟସ୍ ହାରି ଓସ୍କାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ସୁଭାଶିଷ ମଲିକ ସର୍ବାଧିକ ୪୦ ଓ ସାମିନ ନୌଶାଦ ୨୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ମୁକ୍ତେଶ୍ୱର ତରଫରୁ ନିମନ ମହେଶ ୨, ଗଣେଶ ସାହୁ ୨ ଓ ସିଦ୍ଧାର୍ଥ ମହାପାତ୍ର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଜବାବରେ ବ୍ୟାଟିଂ ଆରମ୍ଭ କରି ମୁକ୍ତେଶ୍ୱର ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଅଧିନାୟକ ରିତେଶ କୁମାର ସାହୁ ୫୬ ଓ କରନ ମହାପାତ୍ର ୪୩ ରନ ସଂଗ୍ରହ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଓସ୍କାର ତରଫରୁ ଦୀକ୍ଷ୍ୟାନ୍ତ ମଲିକ ଗୋଟିଏ ଉଇକେଟ ହାସଲ କରିଥିଲେ। ଅତିଥି, ଅମ୍ପାୟର ତଥା ପୂର୍ବତନ ଖେଳାଳି ପ୍ରସନ୍ନ ବେହୁରା ମୁକ୍ତେଶ୍ୱରର ରିତେଶ କୁମାର ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଲିଆକତ୍ ଅଲୀ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ।

# ଶ୍ରେଷ୍ଠ ୩ରେ ରହିବା ବଡ଼ ଚ୍ୟାଲେଞ୍ଜ

**ରିକ୍ ଚାର୍ଲ୍ସୱର୍ଥ**

ଚଳିତ ଦଶନ୍ଧିରେ ହକି ବେଶ୍ ମଜାଦାର ହୋଇଥିବା ଲକ୍ଷ୍ୟ କରାଯାଇଛି। ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ଭଳି ଦେଶଗୁଡିକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଗୁଡିକରେ ଅସାଧାରଣ ପ୍ରଦର୍ଶନ କରିଛନ୍ତି। ତେବେ ଲଣ୍ଡନ ଅଲିମ୍ପିକ୍ସ ପରଠାରୁ ଜର୍ମାନୀ ଭଲ ପ୍ରଦର୍ଶନ କରିପାରିନାହିଁ। ଅନ୍ୟପଟେ ଆର୍ଜେଣ୍ଟିନା ଓ ବେଲଜିୟମ ଆଖିଦୃଶିଆ ଉନ୍ନତି କରିଛନ୍ତି। ପୁଣି ଏଥି ସହିତ ଭାରତୀୟ ହକିର ମଧ୍ୟ ପୁନରୁତ୍ଥାନ ହୋଇଛି। ଭାରତ ଏବେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳ ପ୍ରଦର୍ଶନ କରୁଛି ଓ ବିଶ୍ୱର ଶ୍ରେଷ୍ଠ ଦଳଗୁଡିକ ମଧ୍ୟରୁ ଅନ୍ୟତମ ଦଳ ଭାବେ ନିଜକୁ ପ୍ରମାଣିତ କରିଛି।

ସଦ୍ୟ ସମାପ୍ତ ବିଶ୍ୱକପ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତର ପ୍ରଦର୍ଶନ ବେଶ୍ ଉତ୍ସାହଜନକ ରହିଛି ବୋଲି କୁହାଯାଇପାରେ। ପୁଲ ମ୍ୟାଚ୍‌ରେ ଭାରତ ବେଲଜିୟମ ବିପକ୍ଷରେ ମ୍ୟାଚ୍ ଡ୍ର ରଖିଥିଲା। ଏପରିକି ବେଲଜିୟମଠାରୁ ଉନ୍ନତ ପ୍ରଦର୍ଶନ କରିଥିଲା। ସେହିପରି କ୍ୱାର୍ଟର ଫାଇନାଲରେ ନେଦରଲାଣ୍ଡ୍ସ ବିପକ୍ଷରେ ଜବରଦସ୍ତ ପ୍ରଦର୍ଶନ କରିଥିଲା ଓ ଏହି ମୁକାବିଲା ବେଶ୍ ପାଖାପାଖି ଥିଲା। ସେହିପରି ଆୟର୍ଲାଣ୍ଡ ଓ ଫ୍ରାନ୍ସ ଭଳି ଦେଶଗୁଡିକ ମଧ୍ୟ ବେଶ୍ ଉନ୍ନତି କରିଛନ୍ତି। ସ୍ପେନ ମଧ୍ୟ ବିଶ୍ୱହକିରେ ନିଜର ପରାକାଷ୍ଠା ଦେଖାଇବାରେ ସଫଳ ହୋଇଛି।

ବିଶ୍ୱ ହକିରେ ଏବେ ଗଭୀରତା ଦେଖିବାକୁ ମିଳିଛି। ବିଭିନ୍ନ କ୍ରୀଡ଼ା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱୀତାରେ ଅହେତୁକ ବୃଦ୍ଧିଘଟିଛି। ବ୍ୟବସାୟ ଓ ବିସ୍ତାର ବୃଦ୍ଧି ଦୃଷ୍ଟିକୋଣରୁ ଦେଖିବାକୁ ହେଲେ ହକି ଏବେ ଦୋଛକିରେ ଥିବା ଭଳି ମନେହେଉଛି। ବିଶ୍ୱରେ ଅନ୍ୟ କ୍ରୀଡ଼ାଗୁଡିକର ଲୋକପ୍ରିୟତା ମଧ୍ୟ ବଢ଼ିବାରେ ଲାଗିଛି। ଭାରତରେ କ୍ରିକେଟର କ୍ରେଜ୍ ରହିଛି। ବିଶ୍ୱ ବାକି ଅଞ୍ଚଳରେ ଫୁଟବଲ ଓ ରଗବୀର ଲୋକପ୍ରିୟତା ଆକାଶଛୁଆଁ ହୋଇଛି।

ତେଣୁ ହକିର ଉନ୍ନତି ପାଇଁ ଆହୁରି କିଛି ଅଧିକ ହେବା ଆବଶ୍ୟକ। ୫ ଏ ସାଇଡ ହକିର ମୁଁ ପ୍ରଶଂସକ ନୁହଁ। ତେବେ କେତେକ ଛୋଟ ଦେଶରେ ହକିର ଉନ୍ନତି ପାଇଁ ଏହି ଫର୍ମାଟକୁ ଗ୍ରହଣ କରାଯିବାରେ କୌଣସ ଅସୁବିଧା ନାହିଁ। ଏହି ଫର୍ମାଟ ଦ୍ୱାରା ଅଧିକ ସଂଖ୍ୟକ ଖେଳାଳି ଲାଭବାନ ହୋଇପାରିବେ ନାହିଁ। ତବେ ୯ ଏ ସାଇଡ ହକି ଖେଳାଳିଙ୍କ ପ୍ରତିଭା ଉନ୍ନତିରେ ବିଶେଷ ଭାବେ ସହାୟକ ହୋଇପାରିବ।

ଭାରତର ପ୍ରଦର୍ଶନରେ ମୁଁ ପ୍ରଭାବିତ ହୋଇଛି। ୩- ୪ ଦଶନ୍ଧି ପୂର୍ବରୁ ଭାରତ ଯେଉଁ ଭଳି ଖେଳୁଥିଲା ଏବେ ସେହିଭଳି ପ୍ରଦର୍ଶନ କରୁଛି। ଭାରତ ହକିରେ ଯଥେଷ୍ଟ ଉନ୍ନତି କରିଛି। ତେବେ ପରବର୍ତ୍ତୀ ପର୍ଯ୍ୟାୟ ଭାରତ ପାଇଁ ପ୍ରକୃତ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ଆହୁରି ଉନ୍ନତି ପାଇଁ ବିଦେଶୀ କୋଚ୍‌ଙ୍କ ସହାୟତା ନିଆଯାଇ ପାରିବ। ତେବେ କୋଚ୍ ଓ ଖେଳାଳିଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ମୁଖ୍ୟ ସମସ୍ୟାଭାବେ ଉଭା ହେବ। ଏଥିପାଇଁ ଭାରତୀୟ କୋଚଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ୍। ସେଥିପାଇଁ ଭାରତୀୟ କୋଚ୍‌ଙ୍କ ଦକ୍ଷତାରେ ଉନ୍ନତି ଆସିବା ମଧ୍ୟ ଦରକାର। ହକିରେ ଗୋଲ କିପିଙ୍ଗ୍ ହେଉଛି ସବୁଠାରୁ ଗରୁତ୍ୱପୂର୍ଣ୍ଣ ବିଭାଗ। ବିଶ୍ୱକପ୍ ପୂର୍ବରୁ ମୁଁ କହିଛି ଯେ, ଜଣେ ଭଲ ଗୋଲ କିପର ବିନା ବିଶ୍ୱକପ୍ ଜିତିବା ଆଦୌ ସମ୍ଭବ ନୁହଁ। ଭାରତର ମଧ୍ୟ କେତେଜଣ କ୍ୱାଲିଟି ଗୋଲ କିପର ରହିଥିଲେ। କେତେଜଣ କର୍ନର ଟେକର୍ସ ମଧ୍ୟ ରହିଛନ୍ତି। ପୁଣି ମ୍ୟାଚ୍ ବେଳେ ଗତିଶୀଳତାର ପରିବର୍ତ୍ତନ ପାଇଁ କେତୋଟି ବୈଷୟିକ ଦିଗ ଉପରେ କାର୍ଯ୍ୟ କାରିବାର ଆବଶ୍ୟକତା ରହିଛି।

ତେବେ ଏ ସବୁ ସତ୍ତ୍ୱେ ଭାରତ ବିଶ୍ୱର ଶ୍ରେଷ୍ଠ ୫ଟି ଦଳ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିବାର କ୍ଷମତା ରଖୁଛି। ବିଶ୍ୱରେ ଶ୍ରେଷ୍ଠ ୨ କିମ୍ବା ୩ଟି ଦଳରେ ସାମିଲ ହେବା ଭାରତ ପାଇଁ ପ୍ରକୃତ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି।

ଶେଷରେ ପ୍ରାସ୍ତାବିତ ଇଣ୍ଡିଆନ ଓସେନ୍ ଲିଗ୍‌କୁ ମୁଁ ଦୃଢ ସମର୍ଥନ କରୁଛି। ଏ ଲିଗ୍‌ରେ ଭାରତ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଭଳି ଦେଶଗୁଡିକର ଶ୍ରେଷ୍ଠ ଦଳଗୁଡିକ ସାମିଲ ହୋଇ ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ୟୁରୋପରେ ଖେଳାଯାଉଥିବା ଲିଗ୍‌ଗୁଡିକ ଭଳି ଏହି ଲିଗ୍‌ର ମଧ୍ୟ ଉପାଦେୟତା ରହିବ। ଉଦାହରଣ ସ୍ୱରୂପ ଚେନ୍ନାଇର ଏକ ଦଳ ପର୍ଥର ଏକ ଟିମ ସହିତ ଖେଳିବ। ସେହିପରି ନ୍ୟୁଜିଲାଣ୍ଡର ଏକ ଦଳ ମାଲେସିଆର ଏକ ଦଳ ବିପକ୍ଷରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବ। ଏହା ହୋଇପାରିଲେ ହକି ବେଶ୍ ମଜାଦାର ହେବା ସହିତ ଉନ୍ନତି ପଥରେ ଅଗ୍ରସର ହୋଇପାରିବ।

**–ଗେମ୍ ପ୍ଲାନ୍**



### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ଓପିଏଚ୍‌ଡବ୍ଲ୍ୟୁସି ଡେପୁଟି ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ,୨୨।୧୨/ନିଶ୍ଚିନ୍ତକୋଇଲି, (ସ୍ୱ.ପ୍ର.):** ଓଡିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ(ଓପିଏଚ୍‌ଡବ୍ଲ୍ୟୁସି)ର ଡେପୁଟି ମ୍ୟାନେଜର ମଙ୍ଗୁଳି ଚରଣ ବେହେରାଙ୍କ ବିରୋଧରେ ହୋଇଛି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ। ବେହେରା କଳାହାଣ୍ଡି ଜିଲା ଭବାନୀପାଟଣାଠାରେ ଥିବା ନିଗମର ଯୁଗ୍ମ ପରିଚାଳକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଶନିବାର ଭିଜିଲାନ୍ସ ପକ୍ଷରୁ ବେହେରାଙ୍କ ଘର, ଅଫିସ ସମେତ ମୋଟ ୬ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଛି। ଭିଜିଲାନ୍ସ ଯାଞ୍ଚ କରିଥିବା ସ୍ଥାନଗୁଡିକ ହେଉଛି ବେହେରାଙ୍କ ଭୁବନେଶ୍ୱର ଜାଗମରାଠାରେ ଥିବା ଆବାସିକ ଦୁଇମହଲା କୋଠା, ଖୋର୍ଦ୍ଧା ଜିଲା ସୁନ୍ଦରପୁର ମୌଜାରେ ଥିବା କୋଠା, ଭୁବନେଶ୍ୱର ପୋଖରୀପୁଟଠାରେ ଥିବା କୋଠା, କଟକ ଜିଲାର ଓଥକା ଗ୍ରାମରେ ଥିବା ଘର, ଭବାନୀପାଟଣାଠାରେ ଥିବା ଆବାସିକ ଘର ଓ ନିଗମ କାର୍ଯ୍ୟାଳୟ। ଉପରୋକ୍ତ ସ୍ଥାନଗୁଡିକ ଯାଞ୍ଚ କରାଯିବା ପରେ ମୋଟ ୯୭ଲକ୍ଷ ୨୬ହଜାର ୪୭୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଠାବ କରିଛି। ଠାବ ସମସ୍ତ ସମ୍ପତ୍ତି ବେହେରା ଓ ତାଙ୍କ ପରିବାରବର୍ଗଙ୍କ ନାମରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ଯାଞ୍ଚ ସମୟରେ ଘରୁ ନଗଦ ୫ଲକ୍ଷ ୮୧ହଜାର ୪୨୦ଟଙ୍କା ଓ ୬ଲକ୍ଷ ୬୦ହଜାର ୩୬୦ଟଙ୍କା ମୂଲ୍ୟର ସୁନା, ରୁପା ଗହଣା ଭିଜିଲାନ୍ସ ଠାବ କରିଛି।



ଭୁବନେଶ୍ୱରସ୍ଥିତ ଭଞ୍ଜକଳାମଣ୍ଡପଠାରେ ଢେଙ୍କାନାଳ ଉତ୍ସବରେ ଉପସ୍ଥିତ ଅତିରିକ୍ତ ଡିଜିପି ସୁଧାଂଶୁ ଷଡ଼ଙ୍ଗୀ, ଢେଙ୍କାନାଳ ସାଂସ୍କୃତିକ ସଂଘ ଆବାହକ ପ୍ରେମାନନ୍ଦ ବିଶ୍ୱାଳ, ରାଜନାରାୟଣ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଆଇଚ ଏବଂ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ ଭାସ୍କରଚନ୍ଦ୍ର ପାଲ୍ ପ୍ରମୁଖ।



ଉତ୍ସବରେ ଯୋଗଦେଇଥିବା ଅଂଶଗ୍ରହଣକାରୀ ଓ ଅନ୍ୟମାନେ।

# ବୀରଭୂମିର ମାଟି ଢେଙ୍କାନାଳ

**ଢେଙ୍କାନାଳ ଉତ୍ସବ-୨୦୧୮**

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ବିଶ୍ୱରେ ମହିମା ଧର୍ମକୁ ଲୋକଲୋଚନକୁ ଆଣିବାରେ ଢେଙ୍କାନାଳ ଜିଲା ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହି ଧର୍ମ ସମସ୍ତଙ୍କୁ ଏକାଠି କରିବାର ପ୍ରେରଣା ଦେଇଥିବା ବେଳେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା କରିବାରେ ଢେଙ୍କାନାଳବାସୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। କେବଳ ସେତିକି ନୁହେଁ, ଭାରତର ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ଢେଙ୍କାନାଳର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାରଙ୍ଗଧର ଦାସଙ୍କ ନେତୃତ୍ୱରେ ଏଠାରୁ ସୃଷ୍ଟି ହୋଇଥିବା ପ୍ରଜାମଣ୍ଡଳ ଆନ୍ଦୋଳନ ଦେଶବାସୀଙ୍କ ମନରେ ଆଜି ବି ଏକ ସ୍ୱତନ୍ତ୍ର ସ୍ଥାନ ରଖିଛି। ଏହି ମାଟିରୁ ଅନେକ ବୀର ଜନ୍ମ ହୋଇଛନ୍ତି। ୧୨ବର୍ଷର ବାଳକ ଶହୀଦ ବାଜି ରାଉତଙ୍କ ଦେଶପ୍ରୀତି, ଅଦମ୍ୟ ସାହସ ଓ ସଂଗ୍ରାମୀ ମାନସିକତା ଦେଶ ପାଇଁ ବଳିଦାନର ସନ୍ଦେଶ ଦେଇଛି। ଢେଙ୍କାନାଳ ଜିଲା ସାରାଦେଶର ଗଡ଼ଜାତ ଆନ୍ଦୋଳନର ଅନ୍ତୁଡ଼ିଶାଳ ବୋଲି ଏଠାରେ ମତପ୍ରକାଶ ପାଇଛି।

ଢେଙ୍କାନାଳ ସାଂସ୍କୃତିକ ପରିଷଦ ପକ୍ଷରୁ ଶନିବାର ସ୍ଥାନୀୟ ଭଞ୍ଜ କଳାମଣ୍ଡପଠାରେ ଆୟୋଜିତ ଢେଙ୍କାନାଳ ଉତ୍ସବ-୨୦୧୮ରେ ଯୋଗଦେଇଥିବା ବକ୍ତାମାନେ ଏହା କହିଛନ୍ତି। କଟକ-ଭୁବନେଶ୍ୱର ଦ୍ୱୈତନଗରୀରେ ରହୁଥିବା ଅବିଭକ୍ତ ଢେଙ୍କାନାଳ ଜିଲାର ବାସିନ୍ଦାମାନଙ୍କୁ ନେଇ ଗଠିତ ଏହି ପରିଷଦ ପ୍ରଥମ ଥର ପାଇଁ ରାଜଧାନୀରେ ଢେଙ୍କାନାଳ ଉତ୍ସବର ଆୟୋଜନ କରିଥିବା ବେଳେ ଏଥିରେ ଜିଲାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରତିଫଳନ ଦେଖିବାକୁ ମିଳିଥିଲା। ମହିମା ଧର୍ମ ସନ୍ଥମାନଙ୍କ ଦ୍ୱାରା ପରିବେଷିତ ଖଞ୍ଜଣି ଭଜନ ଓ ମନ୍ତ୍ରପାଠରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଫିସର ଭାସ୍କର ଚନ୍ଦ୍ର ପାଲ୍, ଆଇପିଏସ୍ ତଥା ଅତିରିକ୍ତ ପୋଲିସ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ସହ ପରିଷଦ ଆବାହକ ପ୍ରେମାନନ୍ଦ ବିଶ୍ୱାଳ, ରାଜନାରାୟଣ ତ୍ରିପାଠୀ ଓ କୃଷ୍ଣଚନ୍ଦ୍ର ଆଇଚ ଯୋଗଦେଇଥିଲେ। ଏହି ଅବସରରେ ଢେଙ୍କାନାଳ ଜିଲାରେ ଜନ୍ମିତ ପଣ୍ଡିତ ମାତୃପ୍ରସାଦ ମିଶ୍ର ମନ୍ତ୍ରପାଠ କରିଥିବା ବେଳେ ପ୍ରେମାନନ୍ଦ ବିଶ୍ୱାଳ ସ୍ୱାଗତଭାଷଣ ଦେଇଥିଲେ। ଏହାପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଢେଙ୍କାନାଳ କଳାକାରମାନଙ୍କ ଦ୍ୱାରା ଆକର୍ଷଣୀୟ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କଣ୍ଠଶିଳ୍ପୀ ଛନ୍ଦା ମିଶ୍ରଙ୍କ ମନଛୁଆଁ ଗୀତ ଏବଂ ଗୌରୀଶଙ୍କର ଦାସ ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଡଲ୍‌ସ ହାଉସ୍‌ର କୁନି କୁନି ପିଲାଙ୍କ ଦ୍ୱାରା ସମବେତ ନୃତ୍ୟ, ସୌଭାଗ୍ୟ ସାହୁଙ୍କ କମେଡି, ରମାକାନ୍ତ ସାହୁ ଓ ବନ୍ଦନା ଶତପଥୀଙ୍କ ଏକକ ସଙ୍ଗୀତ, ପ୍ରତ୍ୟୁଷା ବିଶ୍ୱାଳଙ୍କ ଦ୍ୱାରା ଏକକ ନୃତ୍ୟ, ସୃଷ୍ଟି କଳା ନିକେତନ ଓ ଆମ ଓଡ଼ିଶାର କଳାକାରମାନଙ୍କ ଦ୍ୱାରା ଗ୍ରୁପ୍ ଡ୍ୟାନ୍ସ ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲା। ଶେଷରେ ଦକ୍ଷିଣକାଳୀ ଗ୍ରୁପ୍ ପକ୍ଷରୁ ପାରମ୍ପରିକ ଶିଂଘବାଦ୍ୟ ପରିବେଷଣ କରାଯାଇଥିଲା।




## ସ୍ଥାପନ ହେଲା କ୍ରାକ୍ ମିଟର, ରିଡିଂ ଆରମ୍ଭ

**ନାଟମଣ୍ଡପ ମରାମତି**

**ପୁରୀ ଅଫିସ,୨୨।୧୨**

ଶ୍ରୀମନ୍ଦିର ନାଟମଣ୍ଡପର ମୁଖ୍ୟ ବିମ୍ (ଗରୁଡ ସ୍ତମ୍ଭ ସମ୍ମୁଖ)ରେ ଫାଟ ସୃଷ୍ଟି ହୋଇଥିଲା। ଏହାସହିତ ଛାତରୁ ମଧ୍ୟ ପାଣି ଗଳୁଥିଲା। ଏହାକୁ ତୁରନ୍ତ ମରାମତି କରିବା ଲାଗି ଶ୍ରୀଜଗନ୍ନାଥ ବୈଷୟିକ ପରାମର୍ଶଦାତା କୋର୍ କମିଟି ନିଷ୍ପତ୍ତି ନେଇଥିଲା। ଏହି ଅନୁଯାୟୀ, ଗତ ୧୪ ତାରିଖରୁ ଆରମ୍ଭ ହୋଇଥିଲା ମରାମତି କାମ। ମାଡ୍ରାସ ଆଇଆଇଟି ତତ୍ତ୍ୱାବଧାନରେ ଲକ୍ଷ୍ନୌର ଏଡ୍ଡୁରାଇଟ୍ କମ୍ପାନୀ ବିମ୍‌ର ମରାମତି ଦାୟିତ୍ୱ ନେଇଥିଲା। ଏହି ବିମ୍‌ରେ କ୍ରାକ୍ (ଫାଟ ମାପକ)ମିଟର, ଟିଲ୍‌ଟି ମିଟର ଲୋଡ୍ ରିଡିଂ ଆଦି ୬ ପ୍ରକାର ଯନ୍ତ୍ରପାତି ଲଗାଯାଉଥିଲା। ଶନିବାର ଏହିସବୁ ଯନ୍ତ୍ର ସ୍ଥାପନ ସରି ରିଡିଂ ଆରମ୍ଭ ହୋଇଛି। ଅନ୍‌ଲାଇନ ଏବଂ ମାନୁଆଲ ଦୁଇପ୍ରକାର ହେଉଥିବା ଏହି ରିଡିଂକୁ ଅନୁଧ୍ୟାନ କରାଯାଉଛି। ରିମୋଟ ସେନ୍ସିଂ ବ୍ୟବସ୍ଥା ଦ୍ୱାରା ଅଫିସରେ ବସି ଏଏସ୍‌ଆଇ କର୍ମଚାରୀ ବିମ୍‌ର ସ୍ଥିତି ଜାଣିପାରିବେ। ଏହି ବିମ୍ ନାଟମଣ୍ଡପ ଛାତର ଓଜନ ବହନ କରିପାରୁଛି କି ନାହିଁ ତାହା ଏହି ରିଡିଂରୁ ଜଣାପଡିବ। ଏହି ଯନ୍ତ୍ର ସ୍ଥାପନ ସମ୍ପର୍କରେ ମାଡ୍ରାସରୁ ଟ୍ରେନିଂ ନେଇ ଫେରିଥିବା ଏଏସ୍‌ଆଇର ୫ କର୍ମଚାରୀ ରିଡିଂ ନୋଟ୍ କରୁଥିବା ଏଏସ୍‌ଆଇର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।




## ୨ ସ୍କୁଲ୍ ଛାତ୍ରୀଙ୍କ ଗୋଡ଼ରେ ଚଢ଼ିଗଲା ହାଇୱା

**ଭୁବନେଶ୍ୱର,୨୨।୧୨ (ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ପଟିଆ ସାଇ ମନ୍ଦିର ନିକଟରେ ଶନିବାର ଏକ ହାଇୱା ଭାରସାମ୍ୟ ହରାଇ ଦୁଇଜଣ ସ୍କୁଲ୍ ଛାତ୍ରୀଙ୍କୁ ଧକ୍କା ଦେବା ସହ ସେମାନଙ୍କ ଗୋଡ଼ ଉପରେ ଚଢ଼ିଯାଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ପଟିଆସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ବାମ ଗୋଡ଼ ଭାଙ୍ଗିଯାଇଛି। ଆହତ ଛାତ୍ରୀଦ୍ୱୟ ହେଲେ ପଟିଆ ଅଞ୍ଚଳର ସନ୍ଧ୍ୟାରାଣୀ ବାରିକ(୮) ଓ ସୁଇଟ୍ ମଲ୍ଲିକ(୮)। ସେମାନେ କାନନବାଳା ବିଦ୍ୟାଳୟରେ ତୃତୀୟ ଶ୍ରେଣୀର ଛାତ୍ରୀ। ସ୍କୁଲ ଯିବା ପାଇଁ ରାସ୍ତା ପାର ହେଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ହାଇୱାଟି ସେମାନଙ୍କୁ ଧକ୍କା ଦେଇ ଫୁଟ୍‌ପାଥ୍ ଉପରକୁ ଚଢ଼ିଯାଇଥିଲା। ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ କାବୁ କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଡ୍ରାଇଭରଙ୍କୁ ଗିରଫ କରିଛି।




### ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ମାମଲା

## ଜାନୁୟାରୀ ଶେଷ ସପ୍ତାହରେ ଶୁଣାଣି

**କଟକ ଅଫିସ, ୨୨।୧୨:** ଆଇନକୁ ବୃତ୍ତି ଭାବେ ଗ୍ରହଣ କରିଥିବା ରାଜ୍ୟର ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ସମ୍ପର୍କରେ ରୁଜୁ କରାଯାଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ଜାନୁୟାରୀ ଶେଷ ସପ୍ତାହରେ ହାଇକୋର୍ଟରେ ହେବ। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯିବ। ସୂଚନାଥାଉ କି, ଆଡଭୋକେଟ ଦିଲୀପ ମହାପାତ୍ରଙ୍କ ପକ୍ଷରୁ ଏନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ଆବେଦନକାରୀ ମହାପାତ୍ର ନିଜ ପିଟିଶନରେ ଉଲ୍ଲେଖ କରିଥିଲେ ଯେ, ରାଜ୍ୟରେ ପ୍ରାୟ ୫୦ ହଜାର ଆଇନଜୀବୀ ରହିଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଯୁବବର୍ଗର। ଖୁବ୍‌କମ୍ ରୋଜଗାରରେ ଏମାନେ ଏହି ବୃତ୍ତିକୁ ଆପଣେଇଛନ୍ତି। ଏଭଳି ସ୍ଥିତିରେ ଦେଶର କର୍ଣ୍ଣାଟକ ଭଳି କେତେକ ରାଜ୍ୟରେ ସେଠାକାର ରାଜ୍ୟ ସରକାର ଯୁବ ଆଇନଜୀବୀମାନଙ୍କ ପାଇଁ ଷ୍ଟାଇପେଣ୍ଡ ବ୍ୟବସ୍ଥା କରିଛନ୍ତି। ହେଲେ ତାହା ଓଡିଶାରେ ସମ୍ଭବ ହୋଇନାହିଁ। ୨୦୧୨ ଅକ୍ଟୋବରରେ ଏହି ମାମଲାର ଶୁଣାଣି କରି ହାଇକୋର୍ଟ ସରକାରଙ୍କଠାରୁ ଜବାବ ମାଗିଥିଲେ। ହେଲେ ଇତିମଧ୍ୟରେ ୬ବର୍ଷ ବିତିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ଜବାବ ଦାଖଲ କରାଯାଇନାହିଁ। ଗତ ଶୁକ୍ରବାର ଏହି ମାମଲାର ଶୁଣାଣି ସମୟରେ ଏହା ଜଣାପଡିଥିଲା। ଫଳରେ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଜାନୁୟାରୀ ଶେଷ ସପ୍ତାହକୁ ଧାର୍ଯ୍ୟ କରିଛନ୍ତି।





1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।
-ଭଲ୍‌ଟାୟାର



## ସଂକ୍ଷେପରେ

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ନରସିଂହପୁର,୨୨।୧୨(ଡି.ଏନ.ଏ.):** ନରସିଂହପୁର ବ୍ଲକ ଅଧୀନ ଚମ୍ପାତୋଠ ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ସୁପରଭାଇଜର ମଞ୍ଜୁଲତା ରଥ, କୃପାସିନ୍ଧୁ ଦାଶ, ସ୍ଥାନୀୟ ସରପଞ୍ଚ ମନମୋହନ ଦାଶ, ସମିତିସଭ୍ୟା ମୀନାରାଣୀ ଦାଶ, ବିଦ୍ୟାଧର ଜେନା, ଗୋଲାପ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାନପୁର ଶିବାଜୀ ପାଠାଗାର ବିଧାୟକ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏହାପରେ ବିଧାୟକ ମିଶ୍ର କାନପୁରସ୍ଥିତ ମା' ମହାକାଳୀଙ୍କ ବାର୍ଷିକ ଉତ୍ସବରେ ଯୋଗଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତି ରହି ସହଯୋଗ କରିଥିଲେ।

### ନୂଆପାଟଣାରେ ଧାନମଣ୍ଡି ଉଦ୍‌ଘାଟିତ

**ଡିଗିରିଆ,୨୨।୧୨(ଡି.ଏନ.ଏ.):** ଡିଗିରିଆ ବ୍ଲକ ନୂଆପାଟଣା କୃଷି ସେବା ସମବାୟ ସମିତି ଲିଃ ପରିସରରେ ଶନିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ସମିତି ସଭାପତି ପ୍ରକାଶ କୁମାର ରାଉତ ଯୋଗଦେଇ ଏହି ମଣ୍ଡିର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟା ବାସନ୍ତୀ କର, ଚାଷୀ ଅନ୍ତର୍ଯ୍ୟାମୀ ଦେବତା, ସାହାଦତ୍ ଖାଁ, ଦିଲବର ଖାଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ୨୬ ଚାଷୀଙ୍କଠାରୁ ୬୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ସମ୍ପାଦକ ଚନ୍ଦନ କୁମାର ଜେନା ସୂଚନା ଦେଇଛନ୍ତି।

## ■ ୟୁଜର୍ସ ଫି ଆତ୍ମସାତ୍

# ସ୍ୱାସ୍ଥ୍ୟ ବିଭାଗ କରିବ ଅଡିଟ୍

■ଏସ୍‌ସିବି ପ୍ରଶାସନର ସୁପାରିସ
■ଘରୋଇ ସଂସ୍ଥା ୟୁଜର୍ସ ଫି ପାଣ୍ଠିକୁ ଆତ୍ମସାତ୍ କରିଛି

**କଟକ ଅଫିସ,୨୨।୧୨**

ଏସ୍‌ସିବି ମେଡିକାଲରେ ନିଯୁକ୍ତ ଏକ ଘରୋଇ ସଂସ୍ଥାର ଜାଲିଆତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଡିଟ କରାଯିବ। ମେଡିକାଲ ପ୍ରଶାସନ ପକ୍ଷରୁ ଏ ନେଇ ସ୍ୱାସ୍ଥ୍ୟ ବିଭାଗକୁ ସୁପାରିସ କରାଯାଇଥିବା ଏସସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ସୂଚନାଥାଉକି, ସମ୍ପୃକ୍ତ ଘରୋଇ ସଂସ୍ଥା ରୋଗୀଙ୍କଠାରୁ ଆଦାୟ କରିଥିବା ୟୁଜର୍ସ ଫିକୁ ଆତ୍ମସାତ୍ କରିଥିବା ନେଇ ପୂର୍ବରୁ ମେଡିକାଲ ପକ୍ଷରୁ କରାଯାଇଥିବା ଲୋକାଲ ଅଡିଟରୁ ପ୍ରମାଣ ମିଳିଥିଲା। ଏହାପରେ ମେଡିକାଲ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଘରୋଇ ସଂସ୍ଥାକୁ ନୋଟିସ ଦିଆଯାଇଥିଲା। ଫଳରେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ମେଡିକାଲ ତହବିଲକୁ ୩ଲକ୍ଷରୁ ଅଧିକ ଟଙ୍କା ଫେରସ୍ତ ଦିଆଯାଇଥିଲା। ମାତ୍ର ଘରୋଇ ସଂସ୍ଥା ଆତ୍ମସାତ୍ କରିଥିବା ଟଙ୍କାର ପରିମାଣ ଅଧିକ ହୋଇଥିବ ବୋଲି ମେଡିକାଲ ପ୍ରଶାସନ ଆଶଙ୍କା କରି ସ୍ୱାସ୍ଥ୍ୟ ବିଭାଗକୁ ସ୍ୱତନ୍ତ୍ର ଅଡିଟ୍ ସୁପାରିସ କରିଛି। ଉକ୍ତ ଅଡିଟ ରିପୋର୍ଟ ମିଳିବା ପରେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ବେହେରା କହିଛନ୍ତି। ସମ୍ପୃକ୍ତ ଘରୋଇ ସଂସ୍ଥା ବଡ଼ ଅଭିନବ ଉପାୟରେ ରୋଗୀଙ୍କଠାରୁ ଆଦାୟ ୟୁଜର୍ସ ପାଣ୍ଠିକୁ ହରିଲୁଟ୍ କରିଛି। ଯଦି ଜଣେ ରୋଗୀ କୌଣସି ପରୀକ୍ଷା ପାଇଁ ୟୁଜର୍ସ ଫି ବାବଦକୁ ୧୫୦୦ ଟଙ୍କା ଡିପୋଜିଟ କରିଛନ୍ତି ତେବେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ୧୫୦୦ ଟଙ୍କାରୁ ଡାହାଣ ପଟୁ ଗୋଟିଏ ଶୂନକୁ କାଟି କେବଳ ୧୫୦ ଟଙ୍କା ମେଡିକାଲ ଆକାଉଣ୍ଟରେ ଡିପୋଜିଟ କରାଯାଇଛି। ଏହି ଜାଲିଆତି ପଛରେ ମେଡିକାଲର ଜଣେ ପୂର୍ବତନ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସାମାଜିକ କର୍ମୀମାନେ ଦାବି କରିବା ସହିତ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ ୬ମାସ ବିତିଥିଲେ ମଧ୍ୟ ସମ୍ପୃକ୍ତ ସଂସ୍ଥା ବିରୋଧରେ କୌଣସି ତଦନ୍ତ କରାଯାଇନାହିଁ। ଏ ସମ୍ପର୍କରେ ଭିଜିଲାନ୍ସର କଟକ ଡିଭିଜନ ଏସପି ଶଶିଭୂଷଣ ମିଶ୍ର କୁହନ୍ତି, ଆମେ ମେଡିକାଲକୁ ରିପୋର୍ଟ ମାଗିଥିଲୁ। ଫାଇଲ ଦେଖିବା ପରେ ଏହା କେତେଦୂର ଆଗେଇଛି କହିବି ବୋଲି ମିଶ୍ର କହିଥିଲେ।



ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ପଲ୍ଲୀକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ମାହାଙ୍ଗା,୨୨।୧୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ କୁସୁପୁର ନନ୍ଦକିଶୋର ବିଦ୍ୟାମନ୍ଦିରରେ ଶନିବାର ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ବ୍ଲକ ଅଧକ୍ଷ ରାଜକିଶୋର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ସାହିତ୍ୟରେ ପଲ୍ଲୀର ନିଛକ ପ୍ରତିଛବି ଭରିରହିଛି। ଏଣୁ ସାମ୍ପ୍ରତିକ ସ୍ଥିତିରେ ପଲ୍ଲୀର କଥାକୁ ହୃଦୟଙ୍ଗମ କରିପାରିଲେ ସମାଜରେ ମୂଲ୍ୟବୋଧ ଭିତ୍ତିକ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ସମାଜିକ କର୍ମୀ ଶ୍ରଦ୍ଧାନନ୍ଦ ଜେନା, ଭିକାରୀ ଚରଣ ସ୍ୱାଇଁ, ସରପଞ୍ଚ ପଙ୍କଜ ସାହୁ, ସମିତିସଭ୍ୟ ପ୍ରଶାନ୍ତ ରାଉତରା, ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ମୁଖ୍ୟ ଡ. ବିଷ୍ଣୁପ୍ରିୟା ଓତା, ସମ୍ମାନିତ ବକ୍ତା ସାହିତ୍ୟିକ ବିଶ୍ୱେଶ୍ୱର ମହାନ୍ତି, ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ପଲ୍ଲୀକବିଙ୍କ ଜୀବନଦର୍ଶନ ଓ ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ। ସାହିତ୍ୟ ଏକାଡେମୀ ସଭ୍ୟ ସଞ୍ଜୟ ଛୁଆଳସିଂହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ନିଶ୍ଚିନ୍ତକୋଇଲି ବିଜେଡି ପକ୍ଷରୁ ୱାର୍ଡ କମିଟି ବୈଠକ

**ନିଶ୍ଚିନ୍ତକୋଇଲି,୨୨।୧୨(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ପକ୍ଷରୁ ଶନିବାର ଜିଗ୍ନିପୁର ପଞ୍ଚାୟତ ୨୪ନଂ ଜୋନର ୧୦ ପଞ୍ଚାୟତକର୍ମୀଙ୍କୁ ନେଇ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପରିଷଦ ସଭ୍ୟା ସବିତା ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ବ୍ଲକ ଅଧକ୍ଷା ସବିତା ଓଝା, ଗିରିଶ ମହାପାତ୍ର, ଜିଲାପରିଷଦ ସଭ୍ୟା ସୁଭଦ୍ରା ଦାସ, ସରପଞ୍ଚ ତିଲୋତମା ରାଉତ, ଅଶୋକ ଓଝା, ବ୍ଲକ ମହିଳା ମୋର୍ଚ୍ଚା ସଭାପତି ସୌଦାମିନୀ ସେନାପତି, ଯୁବ ବାହିନୀ ଉପଦେଷ୍ଟା ପତିତପାବନ ସ୍ୱାଇଁ, ଯୁବନେତା ଜ୍ଞାନରଞ୍ଜନ ରାଉତ ଓ ଜ୍ୟୋତି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜାକିର ଖାଁ ଧନ୍ୟବାଦ ଦେଇଥିଲେ। ବୈଠକରେ ପ୍ରତି ପଞ୍ଚାୟତର ୱାର୍ଡ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଲୋକଙ୍କୁ ଜଣାଅ ସରକାରୀ ଯୋଜନା

**ମାହାଙ୍ଗା,୨୨।୧୨(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ବିଜେଡି ପକ୍ଷରୁ ଶନିବାର ବଣ୍ଠିଆ କଲେଜ ପଡ଼ିଆ ପରିସରରେ ୪୦ନଂ ଜିଲା ପରିଷଦ ଜୋନର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ନବୀନ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ତା' ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷ ଶରତ ନାୟକ, ଭିକାରୀ ଚରଣ ସ୍ୱାଇଁ, ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ଯୁବନେତା ଶରତ ମହାପାତ୍ର, ଗୌତମ ଶରଣ, ସୁବାସ ବେହେରା, ସରପଞ୍ଚ ବିଜୟ ରାଉତ, ସମିତିସଭ୍ୟା ପ୍ରତିମା ସାମଲ, ଚାରୁଲତା ନିହାଣ, ନିରଞ୍ଜନ ବିଶ୍ୱାଳ, ପ୍ରକାଶ ରାଉତ ଓ ଶରତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

**ବାଙ୍କୀ,୨୨।୧୨(ସ୍ୱ.ପ୍ର.)**

ବାଙ୍କୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ନବକିଶୋର ରାଉତ ଏଥିରେ ଅଧକ୍ଷତା କରିଥିଲେ। ଅଧକ୍ଷ ସତ୍ୟନାରାୟଣ ସାହୁ ବିବରଣୀ ପାଠ କରିଥିଲେ। ପ୍ରେସ୍‌କ୍ଲବ ସଭାପତି ବଳଭଦ୍ର ପଣ୍ଡା ମୁଖ୍ୟଅତିଥି, ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର, ଅଖିଳ ବିରବର ହରିଚନ୍ଦନ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷକ ତାପସ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଅଶୋକ ରାଜଙ୍କ ନିର୍ଦ୍ଦେଶରେ କ୍ରୀଡା ପ୍ରଦର୍ଶିତ ହୋଇଥିଲା।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ




ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଡିଗିରିଆ,୨୨।୧୨(ଡି.ଏନ.ଏ.)**

ଡିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଯୁବବାହିନୀ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରୂପା ଦଳେଇ, ସମ୍ମାନିତ ଅତିଥି ରଘୁନାଥ ଦାଶ, ନିଳମଣୀ ମହାପାତ୍ର, ସରୋଜ ଦାଶ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଯୁବ ବାହିନୀ ସଭାପତି ପରେଶ କୁମାର ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସଦସ୍ୟ ମାନସ ରଞ୍ଜନ ସ୍ୱାଇଁ, ଅଭିମନ୍ୟୁ ମହାପାତ୍ର, ସଞ୍ଜୟ ସାହୁ, ସମୀର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ନୃତ୍ୟ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଆନିକଟ ନିର୍ମାଣ ପାଇଁ ସ୍ମାରକପତ୍ର

**ବାଙ୍କୀ,୨୨।୧୨(ସ୍ୱ.ପ୍ର.)**

ବାଙ୍କୀ ଓ ଡମପଡ଼ା ବ୍ଲକର ଶତାଧିକ ଚାଷୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ବାଙ୍କୀ ନିର୍ବାଚନମଣ୍ଡଳୀଲୋକେ ଚାଷ ଉପରେ ନିର୍ଭରଶୀଳ। ତେଣୁ ମହାନଦୀର ଜାତମୁଣ୍ଡିଆ ବ୍ରିଜ୍‌ଠାରେ ଏକ ଆନିକଟ ନିର୍ମାଣ କରାଯାଉ। ଏହାଦ୍ୱାରା ସର୍ଭେ ହୋଇଥିବା ମେଗା ପ୍ରୋଜେକ୍ଟ କାର୍ଯ୍ୟକାରୀ ହେବ। ଏଥିସହିତ ଜାତମୁଣ୍ଡିଆଠାରୁ ବୈଦେଶ୍ୱର ପର୍ଯ୍ୟନ୍ତ ଖରାଦିନେ ଜଳ ରହିବ ଏବଂ ରଣ ନଦୀରେ ସରକାରଙ୍କ ତରଫରୁ ହୋଇଥିବା ଉଠାଜଳସେଚନ ପଏଣ୍ଟ କାର୍ଯ୍ୟକାରୀ ହେବ। ଏହି ଅଞ୍ଚଳ ବର୍ଷାଦିନେ ବନ୍ୟାରେ ବୁଡି ରହିଥାଏ। ପନିପରିବା ଓ ଧାନ ଚାଷ ଅଞ୍ଚଳର ମୁଖ୍ୟ, କିନ୍ତୁ ପାଣି ଅଭାବ ଯୋଗୁ ଯେତିକି ଜମି ଚାଷ ହେବା କଥା ତାହା ହୋଇପାରୁନାହିଁ। ସରକାରଙ୍କ ପକ୍ଷରୁ ଅଞ୍ଚଳରେ ଏକ ମେଗା ପ୍ରୋଜେକ୍ଟ ଜରିଆରେ ପ୍ରତ୍ୟେକ ଚାଷଜମିକୁ ଜଳ ଯୋଗାଇବା ପାଇଁ କିଛିଦିନ ତଳେ ସର୍ଭେ କରାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ପ୍ରୋଜେକ୍ଟ ମଞ୍ଜୁର ହୋଇନାହିଁ। ଅଞ୍ଚଳର ମଧ୍ୟ ଭାଗରେ ମହାନଦୀ ପ୍ରବାହିତ ହୋଇଥିଲେ ମଧ୍ୟ ଖରାଦିନେ ତାହା ସମ୍ପୂର୍ଣ୍ଣ ଶୁଖିଯାଇଥାଏ। ଫଳରେ ମହାନଦୀର ଦୁଇ ପାର୍ଶ୍ୱରେ ଅବସ୍ଥିତ ଶହଶହ ଉଠାଜଳସେଚନ ପଏଣ୍ଟ ଅଚଳ ହୋଇପଡ଼େ। ବିଶିଷ୍ଟ ଚାଷୀ ଶରତ ଚନ୍ଦ୍ର ମନ୍ତ୍ରୀଙ୍କ ନେତୃତ୍ୱରେ ନବକିଶୋର ସ୍ୱାଇଁ, ବାନାମ୍ବର ସାହୁ, ମାନଗୋବିନ୍ଦ ରାଉତ, ବୁଦ୍ଧଦେବ ନାୟକ, କବି ନାୟକ, ଗୋଲାପ ଦେଇ, ବିଦ୍ୟୁ ନାୟକ, ଲିଲି ନାୟକ, ଶେଖ୍ ଆସିନ୍ ହୁସେନ୍ ଓ ରାଜକିଶୋର ସାହୁ ପ୍ରମୁଖଙ୍କ ସମେତ ଶତାଧିକ ମହିଳାଓପୁରୁଷ ଚାଷୀ ମୁଖ୍ୟମନ୍ତ୍ରୀଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ଜାଭିୟର ହାଇସ୍କୁଲର କ୍ରୀଡ଼ା ଉତ୍ସବ

**ନରସିଂହପୁର,୨୨।୧୨(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଧୀନ ସେଣ୍ଟ ଜାଭିୟର ହାଇସ୍କୁଲର ୫ମ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ମାଜିଷ୍ଟ୍ରେଟ୍ ମାନସ ସାମନ୍ତରାୟ, ଅନୁଷ୍ଠାନ ଚେୟାରମ୍ୟାନ ଅନ୍ତର୍ଯ୍ୟାମୀ ଜେନା, ଜୟକୃଷ୍ଣ ରଥ, ଦେବଦତ୍ତ ମଳୟ କୁମାର ବରାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍କୁଲ ଅଧକ୍ଷା ସବିତା ମୁଦୁଲି ଅଧକ୍ଷତା କରିଥିଲେ। ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର କୁମାର ଜେନା, ସ୍କୁଲ ପରିଚାଳକ କିଶୋର କୁମାର ଜେନା, ଶିକ୍ଷକ ଅଭିମନ୍ୟୁ ରଣା, ଅମରେଶ ସାହୁ, ରାଜଲକ୍ଷ୍ମୀ ସାହୁ, ଜ୍ୟୋତିର୍ମୟୀ ସାହୁ, ଶୁଭଶ୍ରୀ ନାୟକ, ସ୍ୱର୍ଣ୍ଣଲତା ସାହୁ, ଅଶାନ୍ତି ବେହେରା, ରୋସ୍ନା ଆରା, ବୀଣାପାଣି ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।


## ଓଡ଼ିଶା ସରକାର
# ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ
### ଘୋଷଣା

File No.: SPL. L.A.O. 17/18-306 Dated: 20.11.18

No.: I-66: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ତହସିଲ- ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O.-8/18-139 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ)**
**୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ଗରୁଡ଼ ଗାଁ, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଥାନା: ଚୌଦ୍ୱାର, ଥାନା ନଂ.- ୭୩, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୧୦୬ | ୪୦୫ | ୦.୩୫୦ | ୦.୧୩୨ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣ ଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨ | ୧୩୧ | ୪୦୬ | ୦.୧୭୦ | ୦.୦୬୦ | ଶାରଦ-୧ | ମଙ୍ଗୁଳି ରାଉତ, ପି.- ବାସୁ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩ | ୫୬ | ୪୦୭ | ୦.୦୩୦ | ୦.୦୧୦ | ଶାରଦ-୧ | କୃଷ୍ଣଚନ୍ଦ୍ର ଜେଠି, ପି.- ଭିକାରୀ ଜେଠି, ଦୁର୍ଯ୍ୟୋଧନ ଜେଠି, ରାଜୁ ଜେଠି, ବାବାଜି ଜେଠି, ପି.- ଦାମ ଜେଠି, ଦତ୍ତ ଜେଠି, ନିରଞ୍ଜନ ଜେଠି, ପି.- ବରଜୁ ଜେଠି, ଉଲ ବେୱା, ସ୍ୱା.- ବରଜୁ ଜେଠି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪ | ୫୬ | ୪୦୮ | ୦.୦୧୦ | ୦.୦୧୦ | ଶାରଦ-୧ | |
| ୫ | ୧୦୬ | ୪୧୪/ ୬୪୬ | ୦.୦୧୦ | ୦.୦୧୦ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ମୋଟ | | | | ୦.୨୨୨ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0050/1819



## ଓଡ଼ିଶା ସରକାର
# ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ
### ଘୋଷଣା

File No.: SPL. L.A.O. 20/18-340 Dated: 20.11.18

No.: I-69: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O Rly.-11/18-79 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ)**
**୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ବଳିପୁର, ତହସିଲ: ଆଠଗଡ଼, ଥାନା: ଗୁରୁଡ଼ିଝାଟିଆ, ଥାନା ନଂ.- ୨୫, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୬୧ | ୧୫୫୦ | ୦.୦୫୦ | ୦.୦୧୨ | ଶାରଦ-୩/୨ | କରୁଣାକର ସାମଲ, ପି.- ପାଣୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୨ | ୬୧ | ୧୫୫୧ | - | ୦.୦୪୦ | ଶାରଦ-୩ | କରୁଣାକର ସାମଲ, ପି.- ପାଣୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୩ | ୬୧ | ୧୫୫୨ | ୦.୨୫୫ | ୦.୦୨୫ | ଶାରଦ-୩/୫ | କରୁଣାକର ସାମଲ, ପି.- ପାଣୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୪ | ୨୯୩ | ୧୫୫୭ | ୦.୫୬୦ | ୦.୧୬୫ | ଶାରଦ-୨ | ନିଶାମଣି ପଧାନ, ଦୁଶାସନ ପଧାନ, ପି.- ଅଭିମନୁ ପଧାନ, ଜା: ଓଡ଼ ପଧାନ, ବା: କୁମାରପୁର |
| ୫ | ୫୭୦/ ୮୨୪ | ୧୫୫୮ | ୦.୦୪୦ | ୦.୦୪୦ | ଶାରଦ-୩/୩ | ସଲିଳ କୁମାର ମହାପାତ୍ର, ପି.- କୃପାସିନ୍ଧୁ ମହାପାତ୍ର, ଜା: ବ୍ରାହ୍ମଣ, ବା: କୁମାରପୁର |
| ୬ | ୩୭୫ | ୧୫୫୯ | ୦.୦୯୦ | ୦.୦୪୮ | ଶାରଦ-୩ | ଭଗବାନ ରାଉତ, ପି.- ଗୋପାଳ ରାଉତ, ଜା: ଓଡ଼ ପଧାନ, ବା: ସାସଙ୍ଗ |
| ୭ | ୫୭୦/ ୩୦୮ | ୧୫୬୦ | ୦.୧୪୦ | ୦.୦୪୮ | ଶାରଦ୩/୨ | ଦ୍ୱିଜ ମଳିକ, ପି.- ବାସୁ ମଳିକ, ଜା: ପାଣ, ବା: ନିଜଗାଁ |
| ୮ | ୨୩୫ | ୧୫୬୧ | ୦.୪୬୦ | ୦.୦୮୪ | ଶାରଦ୩/୯ | ନଟବର ମୁଦୁଲି, ପି.- ଲକ୍ଷ୍ମଣ ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୯ | ୧୪୩ | ୧୫୬୨ | ୦.୧୯୦ | ୦.୦୫୦ | ଶାରଦ-୩/୪ | ଚକ୍ରଧର ରାଉତ, ପି.- ପୁରୁଷୋତ୍ତମ ରାଉତ, ଜା: ଚଷା, ବା: ନିଜଗାଁ |
| ୧୦ | ୧୭୪ | ୧୫୬୩ | ୦.୧୬୦ | ୦.୧୦୫ | ଶାରଦ-୩/୨ | ଜଗୁ ସାମଲ, ପି.- ରାମ ବଳବନ୍ତରାୟ, ଜା: ଚଷା, ବା: ନିଜଗାଁ |
| ମୋଟ | | | | ୦.୬୧୭ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0053/1819



ଜୀବନଟା ଖଣ୍ଡେ ପଥର ଭଳି ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍ଟାୟାର



## ସଂକ୍ଷେପରେ

### ୫ମ ଦିନରେ ଡାକସେବକ କର୍ମଚାରୀଙ୍କ ଧାରଣା

**ଟାଙ୍ଗୀ(କଟକ),୨୨।୧୨(ଡି.ଏନ୍.ଏ.):** ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଂଘ ୧୦ଦଫା ଦାବି ନେଇ ଚଳାଇଥିବା ଧାରଣା ଶନିବାର ପଞ୍ଚମ ଦିନରେ ପହଞ୍ଚିଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ଉପ-ଡାକଘର ସମ୍ମୁଖରେ ଡାକସେବକ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘର ନେତୃବୃନ୍ଦମାନେ କହିଛନ୍ତି।

### ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ

**ଟାଙ୍ଗୀ(କଟକ),୨୨।୧୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଭିନ୍ନ ସ୍ଥାନରେ ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟିତ ହୋଇଯାଇଛି। ବନ୍ଦାଳୋସ୍ଥିତ ଶ୍ରୀଶ୍ରୀ ବଟେଶ୍ୱରଙ୍କ ପୀଠକୁ ଲାଗି ୨ଟି ଓ କନ୍ଦରକଣାସ୍ଥିତ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ହାଇମାଷ୍ଟ ଲାଇଟ୍ ଲଗାଯାଇଛି। ଚତୁର୍ଦ୍ଦଶ ଅର୍ଥ କମିଶନ ଓ ୪ର୍ଥ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ପ୍ରାୟ ୮ଲକ୍ଷ ଟଙ୍କା ବ୍ୟୟରେ ଉକ୍ତ ୩ଟି ହାଇମାଷ୍ଟ ଲାଗିଥିବା ସରପଞ୍ଚ ଅମୂଲ୍ୟ ସାହୁ କହିଛନ୍ତି।

### ଡ୍ରିମ୍ସ ପଲିଟେକ୍‌ନିକ ସମ୍ପ୍ରସାରିତ ଭବନ ଉଦ୍‌ଘାଟିତ

**କଟକ ଅଫିସ୍, ୨୨।୧୨:** ଛାତ୍ରୀଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଡ୍ରିମ୍ସ ଡିପ୍ଲୋମା ଇଞ୍ଜିନିୟରିଂ (ପଲିଟେକ୍‌ନିକ)ର ନବନିର୍ମିତ ସମ୍ପ୍ରସାରିତ ଭବନ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରିଥିଲେ।

# ୟୁଜର୍ସ ଫି ଆତ୍ମସାତ୍: ସ୍ୱାସ୍ଥ୍ୟ ବିଭାଗ କରିବ ଅଡିଟ୍

**କଟକ ଅଫିସ,୨୨।୧୨**

**ଏସ୍‌ସିବି ପ୍ରଶାସନର ସୁପାରିସ**

ଏସ୍‌ସିବି ମେଡିକାଲରେ ନିଯୁକ୍ତ ଏକ ଘରୋଇ ସଂସ୍ଥାର ଜାଲିଆତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଡିଟ କରାଯିବ। ମେଡିକାଲ ପ୍ରଶାସନ ପକ୍ଷରୁ ଏ ନେଇ ସ୍ୱାସ୍ଥ୍ୟ ବିଭାଗକୁ ସୁପାରିସ କରାଯାଇଥିବା ଏସସିବି ପ୍ରଶାସନିକ ଅଧିକାରୀ କଳ୍ପତରୁ ବେହେରା କହିଛନ୍ତି। ସୂଚନାଥାଉକି, ସମ୍ପୃକ୍ତ ଘରୋଇ ସଂସ୍ଥା ରୋଗୀଙ୍କଠାରୁ ଆଦାୟ କରିଥିବା ୟୁଜର୍ସ ଫିକୁ ଆତ୍ମସାତ୍ କରିଥିବା ନେଇ ପୂର୍ବରୁ ମେଡିକାଲ ପକ୍ଷରୁ କରାଯାଇଥିବା ଲୋକାଲ ଅଡିଟରୁ ପ୍ରମାଣ ମିଳିଥିଲା। ଏହାପରେ ମେଡିକାଲ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଘରୋଇ ସଂସ୍ଥାକୁ ନୋଟିସ ଦିଆଯାଇଥିଲା। ଫଳରେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ମେଡିକାଲ ତହବିଲକୁ ୩ଲକ୍ଷରୁ ଅଧିକ ଟଙ୍କା ଫେରସ୍ତ ଦିଆଯାଇଥିଲା। ମାତ୍ର ଘରୋଇ ସଂସ୍ଥା ଆତ୍ମସାତ୍ କରିଥିବା ଟଙ୍କାର ପରିମାଣ ଅଧିକ ହୋଇଥିବ ବୋଲି ମେଡିକାଲ ପ୍ରଶାସନ ଆଶଙ୍କା କରି ସ୍ୱାସ୍ଥ୍ୟ ବିଭାଗକୁ ସ୍ୱତନ୍ତ୍ର ଅଡିଟ୍ ସୁପାରିସ କରିଛି। ଉକ୍ତ ଅଡିଟ ରିପୋର୍ଟ ମିଳିବା ପରେ ସମ୍ପୃକ୍ତ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ବେହେରା କହିଛନ୍ତି। ସମ୍ପୃକ୍ତ ଘରୋଇ ସଂସ୍ଥା ବଡ଼ ଅଭିନବ ଉପାୟରେ ରୋଗୀଙ୍କଠାରୁ ଆଦାୟ ୟୁଜର୍ସ ପାଣ୍ଠିକୁ ହରିଲୁଟ୍ କରିଛି। ଯଦି ଜଣେ ରୋଗୀ କୌଣସି ପରୀକ୍ଷା ପାଇଁ ୟୁଜର୍ସ ଫି ବାବଦକୁ ୧୫୦୦ ଟଙ୍କା ଡିପୋଜିଟ କରିଛନ୍ତି ତେବେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ୧୫୦୦ ଟଙ୍କାରୁ ଡାହାଣ ପଟୁ ଗୋଟିଏ ଶୂନକୁ କାଟି କେବଳ ୧୫୦ ଟଙ୍କା ମେଡିକାଲ ଆକାଉଣ୍ଟରେ ଡିପୋଜିଟ କରାଯାଇଛି। ଏହି ଜାଲିଆତି ପଛରେ ମେଡିକାଲର ଜଣେ ପୂର୍ବତନ ଅଧିକାରୀଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସାମାଜିକ କର୍ମୀମାନେ ଦାବି କରିବା ସହିତ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଇତିମଧ୍ୟରେ ୬ମାସ ବିତିଥିଲେ ମଧ୍ୟ ସମ୍ପୃକ୍ତ ସଂସ୍ଥା ବିରୋଧରେ କୌଣସି ତଦନ୍ତ କରାଯାଇନାହିଁ। ଏ ସମ୍ପର୍କରେ ଭିଜିଲାନ୍ସର କଟକ ଡିଭିଜନ ଏସପି ଶଶିଭୂଷଣ ମିଶ୍ର କୁହନ୍ତି, ଆମେ ମେଡିକାଲକୁ ରିପୋର୍ଟ ମାଗିଥିଲୁ। ଫାଇଲ ଦେଖିବା ପରେ ଏହା କେତେଦୂର ଆଗେଇଛି କହିବି ବୋଲି ମିଶ୍ର କହିଥିଲେ।



ଓଡ଼ିଶା ହାଇକୋର୍ଟ ବାର୍ କନ୍‌ଭେନ୍‌ସନ୍ ହଲ୍‌ରେ ଶନିବାର ଅନୁଷ୍ଠିତ ଆଇନଜ୍ଞ ଭିକାରୀ ଚରଣ ପଣ୍ଡାଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

## ବିଜେଡିର ଜୋନସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

**କଣ୍ଟାପଡା,୨୨।୧୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ୯ନଂ. ଜିଲା ପରିଷଦ ଜୋନ୍‌ର କାର୍ଯ୍ୟକାରିଣୀ ବୈଠକ ଅଡଶପୁରସ୍ଥିତ ଜୟଦେବ ସାଧନା ପୀଠରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟକାରିଣୀ ସଭାପତି ପ୍ରଦୀପ୍ତ କାନୁନ୍‌ଗୋଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ବିଧାୟକ ଡା. ପ୍ରମୋଦ କୁମାର ମଲ୍ଲିକ, କଣ୍ଟାପଡା ପଞ୍ଚାୟତ ସମିତି ଅଧକ୍ଷା ସ୍ନିତାରାଣୀ ସ୍ୱାଇଁ, ଉପାଧକ୍ଷ ସୁଦର୍ଶନ ରାଉତରାୟ, ଜିଲାପରିଷଦ ସଭ୍ୟ କୈଳାସ ମହାରଣା, ବ୍ଲକ ଯୁବ ବିଜେଡି ସଭାପତି ବିମାନ ବିହାରୀ ବେହେରା, ନିଆଳି ନିର୍ବାଚନ ମଣ୍ଡଳୀ ସଭାପତି ବିପିନି ବିହାରୀ ବେହେରା, ଉରାଢ ସରପଞ୍ଚ ବିଭୂତି ସ୍ୱାଇଁ, ସମିତି ସଭ୍ୟ ସଞ୍ଜୀବ ପ୍ରଧାନ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସାଧାରଣ ଲୋକଙ୍କ ନିକଟରେ କିପରି ପହଞ୍ଚିପାରିବ ସେ ସମ୍ପର୍କରେ ବିଭିନ୍ନ ୱାର୍ଡରୁ ଆସିଥିବା ୱାର୍ଡ କମିଟି ସଭ୍ୟଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ଶିକ୍ଷା ବିଭାଗର ଜାତୀୟ କର୍ମଶାଳା ଉଦ୍‌ଘାଟିତ

**କଟକ ଅଫିସ,୨୨।୧୨**




କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ ପିଲର ଅଫ ୱିଜଡମ ଆନେକ୍ସ-୧ ଠାରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜାତୀୟ କର୍ମଶାଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଅତିଥି ଭାବେ ଯୋଗଦେଇ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଅଣାଯିବା ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ପାଠପଢ଼ା ଦିଗରେ ନିଜକୁ ବ୍ରତୀ କରନ୍ତୁ। ସେହିପରି ଶିକ୍ଷାଦାନ କରୁଥିବା ଅଧ୍ୟାପିକା ଓ ଅଧ୍ୟାପକମାନେ ମଧ୍ୟ କେବଳ ପାଠପଢା ଶେଷ କରିବା ବଦଳରେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ କିପରି ଉଜ୍ଜ୍ୱଳ ହେବ ସେ ଦିଗରେ ଚେଷ୍ଟା କରନ୍ତୁ। ଉଭୟ ଅଧ୍ୟାପକ ଓ ଛାତ୍ର ସମାଜ ମଧ୍ୟରେ ସମ୍ପର୍କ ଦୃଢ଼ ହେଲେ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆସିବ ବୋଲି ପ୍ରଫେସର ଷଡ଼ଙ୍ଗୀ କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ମରମର ମୁଖୋପାଧ୍ୟାୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସନ ଇଶାନ କୁମାର ପାତ୍ର ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ଡ. ସୁଦର୍ଶନ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଡ. ନୀନା ଦାସ ଅତିଥି ପରିଚୟ ପ୍ରଦାନ ଓ ଡ. ଶରତ କୁମାର ରାଉତ ସଂଯୋଜନା କରିଥିଲେ।

## ଗୁରୁଡିଝାଟିଆଠାରେ ଧାନମଣ୍ଡି ଉଦ୍‌ଘାଟିତ

**ଖୁଣ୍ଟୁଣୀ, ୨୨।୧୨(ଡି.ଏନ୍.ଏ.)**

ଗୁରୁଡିଝାଟିଆଠାରେ ଶନିବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଗୁରୁଡିଝାଟିଆ ସମବାୟ ସମିତି ସଭାପତି ରତ୍ନାକର ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପଞ୍ଚାୟତ ସଭାପତି ସନାତନ ଦଳେଇ, ସାମାଜିକ କର୍ମୀ ହୃଦାନନ୍ଦ ସାହାଣି, ସୁରେନ୍ଦ୍ର ଜେନା, ଦେବାଶିଷ ବିଶ୍ୱାଳ, ଶିବରାମ୍ ପରିଡା ଓ ଶରତ ଦଳେଇ ଉପସ୍ଥିତ ରହି ଧାନ ବକ୍ରିର ତଦାରଖ କରିଥିଲେ। ପ୍ରଥମ ଦିନରେ ୮୦ ଜଣ ଚାଷୀଙ୍କ ଠାରୁ ୮୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କଟକ ସଦର, ୨୨।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ଫକୀରପଡାସ୍ଥିତ ବରୁଣେଇ ବିଦ୍ୟାପୀଠ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଆନୁକୂଲ୍ୟରେ ହରପ୍ରିୟା ସ୍ମାରକୀ ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ବିଦ୍ୟାଳୟ ଖେଳପଡିଆରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଫକୀରପଡା ସରପଞ୍ଚ ଯତୀନ କୁମାର ରାଉଳ ମୁଖ୍ୟ ଅତିଥି, ସମିତିସଭ୍ୟା ମାନସୀ ସାହୁ, ମିନାକ୍ଷୀ ପତି ଓ ଶଙ୍କର୍ଷଣ କାଣ୍ଡି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାରଣା ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ କ୍ରୀଡା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରଦୀପ୍ତ କୁମାର ପଣ୍ଡା, ଉପେନ୍ଦ୍ର ରାଉତ, ରମେଶ ଚନ୍ଦ୍ର ଦାସ, ମାନସୀ ଦାଶ ଓ ଉଷାରାଣୀ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

## ପରୀକ୍ଷାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ




କାର୍ଯ୍ୟକ୍ରମରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୨୨।୧୨:** ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା(ବୋର୍ଡ)ର ୬୩ତମ ପ୍ରତିଷ୍ଠା ଦିବସ ଶନିବାର ବୋର୍ଡ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ. ଜାହାଁନାରା ବେଗମ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପରୀକ୍ଷାରେ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି କହିଥିଲେ। ପୂର୍ବରୁ ବହୁ ଛାତ୍ରୀଛାତ୍ର ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରିଛନ୍ତି। ତେଣୁ ପରୀକ୍ଷା ପଦ୍ଧତିରେ ସଂସ୍କାର ଅଣାଯିବା ପରେ କପି ସଂଖ୍ୟା ହ୍ରାସ ପାଇବା ସହ ଆଗାମୀ ଦିନରେ ଶିକ୍ଷା ସଂସ୍କାର କ୍ଷେତ୍ରରେ ଅର୍ଥ ପ୍ରତିବନ୍ଧକ ହେବ ନାହିଁ। ଯୁକ୍ତ ୨ ପରୀକ୍ଷାରେ ଯେପରି କମ୍ପ୍ୟୁଟର ମାଧ୍ୟମରେ ମୂଲ୍ୟାୟନ କରାଯାଉଛି ହାଇସ୍କୁଲ ପରୀକ୍ଷାରେ ମଧ୍ୟ ସେପରି କରାଯିବାର ଆବବଶ୍ୟକତା ରହିଥିବା ନେଇ ମନ୍ତ୍ରୀ ପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓପିଏସସି ସଭ୍ୟ ପ୍ରଫେସର ନମିତା ମହାନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର ଉନ୍ମୋଚନ ହେବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## 'ଛାତ୍ରୀଛାତ୍ର ରାଷ୍ଟ୍ରୀୟ ସମ୍ପତ୍ତି'

**କଣ୍ଟାପଡା, ୨୨।୧୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବାଗଲପୁର ପଞ୍ଚାୟତର ସୁନ୍ଦରଗ୍ରାମ ବାଳିକା ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରୀ ସଂସଦ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରୀଙ୍କୁ ନେଇ ଗଠିତ ଆଲୁମ୍‌ନି ଆସୋସିଏଶନର ସଭାପତି ଶୈଳଜା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନେ ରାଷ୍ଟ୍ରୀୟ ସମ୍ପତ୍ତି ହୋଇଥିବାରୁ ସେମାନଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ ସରକାରଙ୍କ ହାତରେ ବୋଲି କହିଥିଲେ। ଅନ୍ୟତମ ଅତିଥି ବିଧାୟକ ଡା. ପ୍ରମୋଦ ମଲ୍ଲିକ କହିଥିଲେ, ଝିଅମାନେ ଶିକ୍ଷିତ ହେଲେ ସମାଜ ଶିକ୍ଷିତ ହେବ। ଏଥିରେ ନିରୁପମା ନନ୍ଦ ବିଶିଷ୍ଟ ଅତିଥି ଓ ବାଗଲପୁର ସରପଞ୍ଚ ଦ୍ୱାରିକା ନାଥ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବାବେଳେ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆସୋସିଏଶନର ସ୍ମରଣିକା 'ସୁବର୍ଣ୍ଣ ସ୍ମୃତି' ଉନ୍ମୋଚିତ ହୋଇଥିବାବେଳେ ବିଦ୍ୟାଳୟର ପୂର୍ବତନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ: ଚାଳକ ଗିରଫ

**ଚୌଦ୍ୱାର, ୨୨।୧୨(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଞ୍ଚଳର ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ପୋଲିସ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅଞ୍ଚଳର ଭରତ ସାମଲ(୩୯)। ଅଭିଯୋଗ ଅନୁଯାୟୀ, ଭରତ ପେସାରେ ଜଣେ ଟ୍ରକ୍ ଡ୍ରାଇଭର। ଦୁଇମାସ ତଳେ ପଡିଶା ଘରର ନାବାଳିକା ଜଣକ ସଉଦା କିଣିବା ପାଇଁ ରାସ୍ତାରେ ଯାଉଥିବାବେଳେ ଭରତ ତାଙ୍କୁ ଡାକି ଟ୍ରକ୍‌ରେ ବସାଇବା ସହିତ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକାଙ୍କ ମା' ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୭୪/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଘଟଣାପରଠାରୁ ଭରତ ଟ୍ରକ୍ ନେଇ ରାଜ୍ୟ ବାହାରକୁ ପଳାଇ ଯାଇଥିଲେ। ଗତ ଶୁକ୍ରବାର ସେ ଶ୍ୱଶୁର ଘରକୁ ଆସିଥିବା ଖବର ପାଇ ଏସ୍‌ଆଇ ଅଶୋକ ହାଁସଦାଙ୍କ ନେତୃତ୍ୱରେ ପୋଲିସ୍‌ର ଏକ ଟିମ୍ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।


## ଓଡ଼ିଶା ସରକାର
# ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ
### ଘୋଷଣା

File No.: SPL. L.A.O. 17/18-306 Dated: 20.11.18

No.: I-66: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ତହସିଲ- ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O.-8/18-139 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ)**
**୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ଗରୁଡ଼ ଗାଁ, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଥାନା: ଚୌଦ୍ୱାର, ଥାନା ନଂ.- ୭୩, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୧୦୬ | ୪୦୫ | ୦.୩୫୦ | ୦.୧୩୨ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣ ଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨ | ୧୩୧ | ୪୦୬ | ୦.୧୭୦ | ୦.୦୬୦ | ଶାରଦ-୧ | ମଙ୍ଗୁଳି ରାଉତ, ପି.- ବାସୁ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩ | ୫୬ | ୪୦୭ | ୦.୦୩୦ | ୦.୦୧୦ | ଶାରଦ-୧ | କୃଷ୍ଣଚନ୍ଦ୍ର ଜେଠି, ପି.- ଭିକାରୀ ଜେଠି, ଦୁର୍ଯ୍ୟୋଧନ ଜେଠି, ରାଜୁ ଜେଠି, ବାବାଜି ଜେଠି, ପି.- ଦାମ ଜେଠି, ଦତ୍ତ ଜେଠି, ନିରଞ୍ଜନ ଜେଠି, ପି.- ବରଜୁ ଜେଠି, ଉଲ ବେୱା, ସ୍ୱା.- ବରଜୁ ଜେଠି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪ | ୫୬ | ୪୦୮ | ୦.୦୧୦ | ୦.୦୧୦ | ଶାରଦ-୧ | |
| ୫ | ୧୦୬ | ୪୧୪/ ୬୪୬ | ୦.୦୧୦ | ୦.୦୧୦ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ମୋଟ | | | | ୦.୨୨୨ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0050/1819



## ଓଡ଼ିଶା ସରକାର
# ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ
### ଘୋଷଣା

File No.: SPL. L.A.O. 20/18-340 Dated: 20.11.18

No.: I-69: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O Rly.-11/18-79 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ)**
**୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ବଳିପୁର, ତହସିଲ: ଆଠଗଡ଼, ଥାନା: ଗୁରୁଡ଼ିଝାଟିଆ, ଥାନା ନଂ.- ୨୫, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୬୧ | ୧୫୫୦ | ୦.୦୫୦ | ୦.୦୧୨ | ଶାରଦ-୩/୨ | କରୁଣାକର ସାମଲ, ପି.- ପାଣ୍ଡୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୨ | ୬୧ | ୧୫୫୧ | - | ୦.୦୪୦ | ଶାରଦ-୩ | କରୁଣାକର ସାମଲ, ପି.- ପାଣ୍ଡୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୩ | ୬୧ | ୧୫୫୨ | ୦.୨୫୫ | ୦.୦୨୫ | ଶାରଦ-୩/୫ | କରୁଣାକର ସାମଲ, ପି.- ପାଣ୍ଡୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୪ | ୨୯୩ | ୧୫୫୭ | ୦.୫୬୦ | ୦.୧୬୫ | ଶାରଦ-୨ | ନିଶାମଣି ପଧାନ, ଦୁଶାସନ ପଧାନ, ପି.- ଅଭିମନ୍ୟୁ ପଧାନ, ଜା: ଓଡ଼ ପଧାନ, ବା: କୁମାରପୁର |
| ୫ | ୫୭୦/ ୮୨୪ | ୧୫୫୮ | ୦.୦୪୦ | ୦.୦୪୦ | ଶାରଦ-୩/୩ | ସଲିଳ କୁମାର ମହାପାତ୍ର, ପି.- କୃପାସିନ୍ଧୁ ମହାପାତ୍ର, ଜା: ବ୍ରାହ୍ମଣ, ବା: କୁମାରପୁର |
| ୬ | ୩୭୫ | ୧୫୫୯ | ୦.୦୯୦ | ୦.୦୪୮ | ଶାରଦ-୩ | ଭଗବାନ ରାଉତ, ପି.- ଗୋପାଳ ରାଉତ, ଜା: ଓଡ଼ ପଧାନ, ବା: ସାସଙ୍ଗ |
| ୭ | ୫୭୦/ ୩୦୮ | ୧୫୬୦ | ୦.୧୪୦ | ୦.୦୪୮ | ଶାରଦ୩/୨ | ଦ୍ୱିଜ ମଳିକ, ପି.- ବାସୁ ମଳିକ, ଜା: ପାଣ, ବା: ନିଜଗାଁ |
| ୮ | ୨୩୫ | ୧୫୬୧ | ୦.୪୬୦ | ୦.୦୮୪ | ଶାରଦ୩/୯ | ନଟବର ମୁଦୁଲି, ପି.- ଲକ୍ଷ୍ମଣ ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୯ | ୧୪୩ | ୧୫୬୨ | ୦.୧୯୦ | ୦.୦୫୦ | ଶାରଦ-୩/୪ | ଚକ୍ରଧର ରାଉତ, ପି.- ପୁରୁଷୋତ୍ତମ ରାଉତ, ଜା: ଚଷା, ବା: ନିଜଗାଁ |
| ୧୦ | ୧୭୪ | ୧୫୬୩ | ୦.୧୬୦ | ୦.୧୦୫ | ଶାରଦ-୩/୨ | ଜଗୁ ସାମଲ, ପି.- ରାମ ବଳବନ୍ତରାୟ, ଜା: ଚଷା, ବା: ନିଜଗାଁ |
| ମୋଟ | | | | ୦.୬୧୭ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0053/1819



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ରାସ୍ତା ଦୁର୍ଘଟଣାରେ ଜଣେ ମୃତ

ଟାଙ୍ଗୀ (ଖୋର୍ଦ୍ଧା), ୨୨।୧୨ (ଡି.ଏନ.ଏ.)- ୧୬ ନଂ ଜାତୀୟ ରାଜପଥର ଟାଙ୍ଗୀ ବାଇପାସ ପଥରବନ୍ଧ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବଡପାରୀ ପଞ୍ଚାୟତ ନୂଆଗାଁର ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ନାମ ଗୋପାଳ ବେହେରା (୬୫) । ସେ ସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କାଦେଇ ପଳାଇଯାଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଗୋପାଳଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ଥାନୀୟ ଲୋକେ ରାଜପଥ ଅବରୋଧ କରିଥିଲେ । ଟାଙ୍ଗୀ ପୋଲିସ, ବିଡିଓ ଭାସ୍କର ରଇତ ପ୍ରମୁଖ ଘଟଣାସ୍ଥଳରେ ପହଁଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା ।

### ଦୁର୍ଘଟଣା ଘଟାଇ କାର ଦୁର୍ଘଟଣାଗ୍ରସ୍ତ

ଖୋର୍ଦ୍ଧା ଅଫିସ,୨୨।୧୨:କଲିକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଟାଙ୍ଗୀଠାରେ ଦୁର୍ଘଟଣା ଘଟାଇ ପଳାଇ ଯାଉଥିବାବେଳେ କାର (ନଂ. ଓଡିଶା୩ଯୁ୬୯୧୫) କନ୍ହେଇପୁର ଗାଁ ମୁଣ୍ଡରେ ଶନିବାର ଓଲଟି ପଡିଛି। ଦୁର୍ଘଟଣା ପରେ ଉତ୍ତେଜନାରୁ ବର୍ତ୍ତିବା ପାଇଁ ବାଣପୁର ତୋରସିଂ ଗାଁର ଜଣେ ଡ୍ରାଇଭର କନ୍ହେଇପୁର ଅଞ୍ଚଳକୁ ଖସି ପଳାଇ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଛି। ଖବରପାଇ ନାଚୁଣୀ ଫାଣ୍ଡି ପୋଲିସ କାର ଜବତ କରି ତଦନ୍ତ ଆରମ୍ଭ କରିଛି। ତେବେ ଦୁର୍ଘଟଣା ପରେ କାର ଚାଳକ ଫେରାର ହୋଇ ଯାଇଛନ୍ତି।

■ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ରାଜନୀତି

# ଅନୁଦାନ ମଞ୍ଜୁର, ଚିହ୍ନଟ ହୋଇନି ଜମି

ଖୋର୍ଦ୍ଧା ଅଫିସ,୨୨।୧୨:

ଖୋର୍ଦ୍ଧା ସହରର ବରୁଣେଇ ପୀଠରେ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ କେନ୍ଦ୍ର ସରକାର ଅନୁଦାନ ମଞ୍ଜୁର କରି ସାରିଛନ୍ତି। ହେଲେ ସ୍ମାରକୀ ନିର୍ମାଣ ପାଇଁ ଜିଲା ପ୍ର ୫୦ ଏକର ଜମି ଚିହ୍ନଟ ହୋଇପାରୁନି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଖୋର୍ଦ୍ଧାରେ ଥିବାରୁ ଭାଜପା ଫାଇଦା ନେବାକୁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ବିଜେଡି ମଧ୍ୟ ଠିକ୍ ଭାବେ ଗୋଟି ଚାଳନା କରୁଥିବା କୁହାଯାଉଛି। ଉଭୟ ଶ୍ରେୟ ନେବାକୁ ଯୋଜନା କରୁଥିବାବେଳେ ରାଜନୀତିଠାରୁ ଦୂରରେ ରହି ପାଇକ ବିଦ୍ରୋହ ସ୍ମୃତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରିବାକୁ ଖୋର୍ଦ୍ଧାର ବୁଦ୍ଧିଜୀବୀମାନେ ମତ ପୋଷଣ କରିଛନ୍ତି। ୧୮୧୭ରେ ପାଇକ ବିଦ୍ରୋହ ହୋଇଥିଲା। ୨୦୧୭ ମାର୍ଚ୍ଚରୁ ୨୦୧୮ ମାର୍ଚ୍ଚ ବର୍ଷେ ବ୍ୟାପୀ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଥିଲା। ରାଜ୍ୟ ସରକାର ଆରମ୍ଭ କରିଥିବା ଏହି ଉତ୍ସବ ଖୋର୍ଦ୍ଧାଗଡରୁ ଆରମ୍ଭ ହୋଇ ରାଷ୍ଟ୍ରପତି ଭବନ ପର୍ଯ୍ୟନ୍ତ



ପାଇକ ବିଦ୍ରୋହ ସ୍ମୃତି ଲାଗି କରାଯାଇଥିବା ଫଳକ ।

ପହଞ୍ଚିଥିଲା। ତେବେ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ଚାଲିଛି ରାଜନୀତି। ରାଜ୍ୟ ସରକାରଙ୍କ ପାଇକ ପୂର୍ତ୍ତି ଉତ୍ସବ ପାଳନ ବେଳେ କେନ୍ଦ୍ର ସରକାର ଆଉ ପାଦେ ଆଗକୁ ଯାଇ ପାଇକ ବିଦ୍ରୋହ ସ୍ମାରକୀ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର କରିଥିବାବେଳେ ଜମି ଚିହ୍ନଟ ହୋଇ ପାରୁ ନ ଥିବାରୁ ରାଜ୍ୟ ସରକାରଙ୍କ ଉପରେ ଦୋଷ ଲଦି ଚାଲିଛନ୍ତି। ୨୦୧୯ରେ ଲୋକ ସଭା ସହ ଓଡ଼ିଶା ବିଧାନସଭା ନିର୍ବାଚନ ହେବାକୁଥିବାବେଳେ ରାଜ୍ୟକୁ ଫୋକସରେ ରଖିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ପରିବର୍ତ୍ତନ ହାୱାରେ ମୋଦି ଓଡ଼ିଶାରେ ଭାଜପା ସରକାର ଗଠନ କରିବାକୁ ପ୍ରୟାସ କରୁଛନ୍ତି ବୋଲି କୁହାଯାଉଛି। ଏଥିପାଇଁ ଶିକ୍ଷା, ପେଟ୍ରୋଲିୟମ, ଶ୍ରମ ଓ ସଂସ୍କୃତି, ରାଜମାର୍ଗ ଆଦି ଏକାଧିକ ପ୍ରକଳ୍ପର ୧୪ ହଜାର ୫୨୩ କୋଟି ଟଙ୍କାର ପ୍ୟାକେଜ ଧରି ଲୋକାର୍ପଣ ଓ କାର୍ଯ୍ୟାରମ୍ଭ କରିବା ନେଇ ଓଡ଼ିଶା ଆସୁଛନ୍ତି। ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଓଡ଼ିଶାରେ ରହିଛି। ମୋଦି ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଅବସରରେ ପାଇକ ବିଦ୍ରୋହ ସ୍ମାରକୀ ମୁଦ୍ରା, ଡାକ ଟିକେଟ, ଉତ୍କଳ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବାକୁ ଯାଉଥିବା ପାଇକ ବିଦ୍ରୋହ ଗବେଷଣା ଚେୟାରର ଶୁଭାରମ୍ଭ କରିବେ। କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏଥିପାଇଁ ୫ କୋଟିର କର୍ପସ ଫଣ୍ଡ ଯୋଗାଇ ଦିଆଯିବା ରହିଛି। ଆଗାମୀ ପିଢ଼ି ପାଇଁ ୨୦୦ ବର୍ଷ ଇତିହାସର ଗବେଷଣା ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଇଛି। ମୋଦି ଆସିବା ପୂର୍ବରୁ ମୋଦିଙ୍କ ପ୍ୟାକେଜ ନେଇ ପ୍ରଚାର ଓ ପ୍ରସାର ଚାଲିଛି। କିଛିଦିନ ତଳେ ଭାଜପାରେ ଯୋଗଦେଇଥିବା ଆଇଏଏସ ଅଫିସର ଅପରାଜିତା ଷଡଙ୍ଗୀ ଖୋର୍ଦ୍ଧା ଜିଲାରେ କ୍ୟାମ୍ପ ପକାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ବାରମ୍ବାର ଗଣମାଧ୍ୟମ ସହ ଲୋକଙ୍କୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟସୂଚୀ ସମ୍ପର୍କରେ କହିବା ସହ ୨୪ ତାରିଖ ଓଡ଼ିଶା ପାଇଁ ଏକ ଐତିହାସିକ ମୁହୂର୍ତ୍ତ ହେବାକୁ ଯାଉଛି ବୋଲି ଦୋହରାଉଛନ୍ତି। ଏହାଦ୍ୱାରା ଦେଶର ଅର୍ଥନୀତି, ସଂସ୍କୃତି, ରୋଜଗାର, ପର୍ଯ୍ୟଟନ, ରାଜସ୍ୱ, ଶିକ୍ଷା ବ୍ୟବସ୍ଥାରେ ଏକ ବିରାଟ ପରିବର୍ତ୍ତନ ହେବାକୁ ଯାଉଛି ବୋଲି ସେ କହିଛନ୍ତି ।

# ପାଚେରି ଭାଙ୍ଗି ଧାନ ଖାଇଲେ ହାତୀ

ନିରାକାରପୁର,୨୨।୧୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନ ବିଭାଗ ଅଧୀନରେ ଥିବା ଡିଆ ପଞ୍ଚାୟତର କାଶିପୁର ଗ୍ରାମରେ ଗତ ଶୁକ୍ରବାର ରାତିରେ ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ପଶିଥିଲେ। ସେମାନେ କାଶିପୁର ଗୌରତ ସାହିର ଦାମୋଦର ମିଶ୍ରଙ୍କର ଗେଟ୍ ଭାଙ୍ଗି ଭିତରେ ପଶି ଧାନ ଖାଇବା ସହିତ ଦଶ ଫୁଟ ଉଚ୍ଚତାର ପାଚେରୀ ଭାଙ୍ଗି ନଷ୍ଟ କରି ଦେଇଛନ୍ତି । ସେହିପରି ଗ୍ରାମର ସୁନୀଲ ସୁବୁଦ୍ଧିଙ୍କର ଧାନ କଳେଇ ଗିଦାକୁ ଖାଇ ନଷ୍ଟ କରି ଦେଇଛନ୍ତି । ଏହା ସମେତ ଉପର ସାହି ଓ ମଝିସାହିରେ ପଶି କ୍ଷୟକ୍ଷତି କରିଛନ୍ତି। କେତେକ ଗ୍ରାମବାସୀ ହାତୀ ପଶିଥିବାର ଦେଖି ପାଟିକରିବାରୁ ଗ୍ରାମବାସୀ ଏକଜୁଟ୍ ହୋଇ ଘଉଡାଇଥିଲେ। ଫଳରେ ହାତୀ ପଲ ରେଳ ଲାଇନ୍ ଡେଇଁ ସ୍ଥାନୀୟ ଚିତ୍ରକୂଟ ପାହାଡକୁ ଚାଲିଯାଇଥିଲେ । ଏହି ହାତୀ ପଲ ଦୀର୍ଘ ଦିନ ହେଲା ଆଖପାଖ ପାହାଡରେ ରହି ସନ୍ଧ୍ୟା ହେଲେ ପାଚିଲା ଧାନ ବିଲ ଓ ଗ୍ରାମରେ ପଶି କ୍ଷୟକ୍ଷତି କରୁଛନ୍ତି । ଏ ନେଇ ବନ ବିଭାଗ ଅଧିକାରୀ ଅଜୟ କୁମାର ଜଗଦେବଙ୍କୁ ପଚାରିବାରେ ସମସ୍ତେ ଆବେଦନ କରିବା ପରେ କ୍ଷତିପୂରଣ ପାଇବେ ବୋଲି ସେ ସୂଚନା ଦେଇଛନ୍ତି ।

■ 'ମିଶନ ଆଶ୍ରା'ରୁ ଉତ୍ତର ପ୍ରଦେଶର ଭୌଂରୀ ଅଞ୍ଚଳ

# ୯ ବର୍ଷ ପରେ ଘରକୁ ଫେରିଲେ ପୁନମ


ପୁନମ୍ ଘରକୁ ଫେରିବା ଅବସରରେ ପରିବାର ସଦସ୍ୟ ଓ ମିଶନ ଆଶ୍ରାର କର୍ମକର୍ତ୍ତାମାନେ ।

ଯାଁଳା ,୨୨।୧୨ (ଡି.ଏନ.ଏ.)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ ଫୋରମ ଦ୍ୱାରା ପରିଚାଳିତ ମିଶନ ଆଶ୍ରା ମାନସିକ ବିକାରଗ୍ରସ୍ତ, ବାସହୀନ ମହିଳାମାନଙ୍କ ପୁନରୁଦ୍ଧାର ଓ ଥଇଥାନ କ୍ଷେତ୍ରରେ କାର୍ଯ୍ୟରତ। ପୁନମ ବର୍ମା ମଧ୍ୟ ମିଶନ ଆଶ୍ରାର ଅନ୍ତେବାସିନୀ ଥିଲେ । ପୁନମ ଦୀର୍ଘ ୯ ବର୍ଷ ଧରି ମିଶନ ଆଶ୍ରାରେ ମାନସିକ ବିକାରଗ୍ରସ୍ତ ହୋଇ ଚିକିତ୍ସିତ ହୋଇ ଆସୁଥିଲେ। ସେ ସୁସ୍ଥ ହେବା ପରେ ପରିବାର ଲୋକେ ଆସି ତାଙ୍କୁ ଶନିବାର ଘରକୁ ଫେରାଇ ନେଇଛନ୍ତି। ସୂଚନାଯୋଗ୍ୟ, ୨୦୦୯ ମସିହାରେ ପିସିଆର ଭ୍ୟାନ ରାସ୍ତାକଡରୁ ଉଦ୍ଧାର କରି ମିଶନ ଆଶ୍ରା ପରିସରରେ ତାଙ୍କୁ ଛାଡିଥିଲେ। ପୁନମଙ୍କର ମାନସିକ ସ୍ଥିତି ସେ ସମୟରେ ସ୍ଥିର ନ ଥିଲା। ମିଶନ ଆଶ୍ରାର କର୍ମକର୍ତ୍ତାମାନେ ପୁନମଙ୍କର ସେବା ଶୁଶ୍ରୂଷା କରିଥିଲେ। ତାଙ୍କୁ ମାନସିକ ଡାକ୍ତରଙ୍କ ପରାମର୍ଶରେ ଔଷଧ ମଧ୍ୟ ଦିଆଯାଉଥିଲା। କିଛିବର୍ଷ ମଧ୍ୟରେ ପୁନମଙ୍କ ମାନସିକ, ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଓ ସୁଧାର ଆସିଥିଲା। ସେ ତାଙ୍କ ପରିବାର ଓ ଘରର ଠିକଣା ମନେପକାଇ ପାରିଥିଲେ। ତାଙ୍କ ଘର ଭୌଂରୀ, ଚିତ୍ରକୂଟ, ଉତ୍ତର ପ୍ରଦେଶରେ ଅବସ୍ଥିତ। ମିଶନ ଆଶ୍ରାର କର୍ମକର୍ତ୍ତାମାନେ ତାଙ୍କ ପରିବାରକୁ ଖୋଜିବାରେ ସମର୍ଥ ହୋଇଥିଲେ। କର୍ମକର୍ତ୍ତାମାନେ ଟେଲିଫୋନ ମାଧ୍ୟମରେ ପୁନମଙ୍କ ସ୍ୱାମୀ ଫୁଲ୍ଲୁ ରେହେଦାସଙ୍କ ସହ ବାରମ୍ବାର ଯୋଗାଯୋଗ କରିଥିଲେ। ପୁନମଙ୍କର ସୁସ୍ଥ ହେବାର ଖବର ସ୍ୱାମୀ ରେହେଦାସଙ୍କୁ ଦେଇଥିଲେ। ତାଙ୍କ ସ୍ୱାମୀ ଦୃଷ୍ଟିହୀନ ହୋଇଥିବାରୁ ସେ ତାଙ୍କର ସମ୍ପର୍କୀୟ ଭାଇଙ୍କ ସହ ଓଡ଼ିଶା ଆସି ପୁନମଙ୍କୁ ମିଶନ ଆଶ୍ରାରୁ ତାଙ୍କ ଘରକୁ ଫେରାଇ ନେଇଥିଲେ। ମିଶନ ଆଶ୍ରାର ସମସ୍ତ କର୍ମକର୍ତ୍ତା ଯଥା ଆଦିତ୍ୟ ବାସୁଦେବ, ତନୟା ମିଶ୍ର, ଝରଣା ଦାସ, ବୈଷ୍ଣବୀ ଦେବୀ, ପ୍ରମିଳା ପାନଗିରି, ସୁଶ୍ରୀସ୍ମିତା ନନ୍ଦ ପ୍ରମୁଖ ପୁନମଙ୍କୁ ଖୁସିର ସହ ବିଦାୟ ଦେଇଥିଲେ। ଦୀର୍ଘ ୯ ବର୍ଷ ପରେ ପୁନମ ନିଜର ପରିବାରକୁ ଫେରି ପାଇଛନ୍ତି। ସେ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ହୋଇଥିବାରୁ ତାଙ୍କ ସ୍ୱାମୀ ମିଶନ ଆଶ୍ରାର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ।

■ ଖୋର୍ଦ୍ଧା ମହୋତ୍ସବର ୮ମ ସନ୍ଧ୍ୟା

# କନ୍ୟାଭ୍ରୂଣ ହତ୍ୟା ରୋକିବାକୁ ସଚେତନତା


ମହୋତ୍ସବ ଅଷ୍ଟମ ସନ୍ଧ୍ୟାରେ ସିଗ୍ମା ପବ୍ଲିକ ସ୍କୁଲର ଛାତ୍ରୀମାନେ।

ଖୋର୍ଦ୍ଧା ଅଫିସ,୨୨।୧୨

ଶନିବାର ଶୀତୁଆ ସନ୍ଧ୍ୟାରେ ମହୋତ୍ସବ ମୁକ୍ତାକାଶ ମଞ୍ଚରେ ଦେଖିବାକୁ ମିଳିଥିଲା କନ୍ୟାଭ୍ରୂଣ ହତ୍ୟା ରୋକିବାର ସଚେତନତା । ଖୋର୍ଦ୍ଧା ସିଗ୍ମା ପବ୍ଲିକ ସ୍କୁଲର ଛାତ୍ରୀମାନେ ଏ ନେଇ ସଚେତନତା ସୃଷ୍ଟି କରିଥିଲେ। ଅଷ୍ଟମ ସନ୍ଧ୍ୟାରେ ପ୍ରଥମେ ମଞ୍ଚରେ ଦେଖିବାକୁ ମିଳିଥିଲା ମହାବୀର ପାଇକଆଖଡା ଦଳକୁ। ଏହାର ଶିଳ୍ପୀମାନେ ପରିବେଷଣ କରିଥିଲେ ସାମରିକ କଳା। ପରେ ଶିଶୁ ବିହାର ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ, ନୀଳ ଶୈଳ ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ଓ ସିଗ୍ମା ପବ୍ଲିକ ସ୍କୁଲର କନ୍ୟାଭ୍ରୂଣ ହତ୍ୟା ରୋକିବାର ସଚେତନତା। ସେହିଭଳି ଇନ୍ଦିରା ପବ୍ଲିକ ସ୍କୁଲ ଖୋର୍ଦ୍ଧା ପକ୍ଷରୁ ପାଇକ ଆଖଡା, ଜାଭିୟର ହାଇସ୍କୁଲ ପକ୍ଷରୁ ଗଣେଶ ବନ୍ଦନା ହୋଇଥିଲା। ତେବେ ଗୋପାଳ ବେହେରା ଓ ସାଥୀଙ୍କ ଘୋଡାନାଚ ଆକର୍ଷଣ ପାଲଟିଥିଲା। ଏହି ଅବସରରେ ଅନୁଷ୍ଠାନର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଯୋଗଗୁରୁ ଦୁଃଶାସନ ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ସାହିତ୍ୟିକ ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ ସାମନ୍ତରାୟ, ଗୌରୀ ଶଙ୍କର ତ୍ରିପାଠୀ ଓ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ସାମାଜିକକର୍ମୀ ପ୍ରଶାନ୍ତ ପଟ୍ଟନାୟକ ସମ୍ବର୍ଦ୍ଧିତ ହୋଇଛନ୍ତି।

# ଗୀତା ମହୋତ୍ସବ

ଖୋର୍ଦ୍ଧା ଅଫିସ,୨୨।୧୨:

ଖୋର୍ଦ୍ଧା ସହରର ଗୀତା ଭବନ ପରିସରରେ ଗୀତାଯଜ୍ଞ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହା ୯ ଦିନ ଧରି ଚାଲୁ ରହିବ। ମଲିପଡା ମଠ ମହନ୍ତ ବିଶ୍ୱମ୍ଭର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ନିର୍ମଳ ଚନ୍ଦ୍ର ଦାଶ ପ୍ରବଚନ ଦେଇଥିବାବେଳେ ସମ୍ପାଦକ ଶକ୍ତି ଶଙ୍କର ମିଶ୍ର ସ୍ୱାଗତ ଭାଷଣ ଦେଇ ଗୀତା ମହୋତ୍ସବ ସମ୍ପର୍କରେ ଟିପ୍ପଣୀ ଦେଇଥିଲେ।

# ସ୍କୁଲରେ ଖ୍ରୀଷ୍ଟମାସ ଉତ୍ସବ

ଖୋର୍ଦ୍ଧା ଅଫିସ,୨୨।୧୨:

ଖ୍ରୀଷ୍ଟମାସର ଅବ୍ୟବହିତ ପୂର୍ବରୁ ଖୋର୍ଦ୍ଧା ସହରର ସିଗ୍ମା ପବ୍ଲିକ ସ୍କୁଲରେ ଶନିବାର ଖ୍ରୀଷ୍ଟମାସ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଦୁଇଜଣ ଛାତ୍ରୀ ସାଣ୍ଟାକ୍ଲଜ ବେଶରେ ଆସି ସାଥୀମାନଙ୍କୁ ଉପହାର ବାଣ୍ଟି ଉପଦେଶ ଦେଇଥିଲେ। ସ୍କୁଲ ପରିବେଶକୁ ରଙ୍ଗିନ ବେଲୁନ୍‌ରେ ସଜ୍ଜିତ କରାଯାଇଥିଲା। ଯୀଶୁଙ୍କ ଧର୍ମବାଣୀ, ଭଲ ପାଇବା, ଉପଦେଶ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ଟିପ୍ପଣୀ ଦେଇଥିଲେ। ଛାତ୍ରୀଛାତ୍ର ନାଚଗୀତରେ ଧୂମ୍ ମଜାଇବା ସହ କେକ୍ ଖୁଆଇ ନବବର୍ଷର ଅଭିନନ୍ଦନ ଜଣାଇଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

କୃଷ୍ଣପ୍ରସାଦ,୨୨।୧୨(ଡି.ଏନ.ଏ.)-

କୃଷ୍ଣପ୍ରସାଦ ବ୍ଲକ ବଡଖାଡ ପଞ୍ଚାୟତ ଅଧୀନ କମଳେଶ୍ୱର ନୋଡାଲ ବିଦ୍ୟାପୀଠ ପରିସରରେ ଶନିବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ କମଳେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପଦ୍ମଚରଣ ତରେଇ ଅଧକ୍ଷତା କରିଥିଲେ। ଗୋପୀନାଥ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେବତା ମୁଖ୍ୟଅତିଥି, ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସନାତନ ତରେଇ, ବ୍ରଜ କିଶୋର ଜେନା, ସିଆରସିସି ଭବାନୀ ଶଙ୍କର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ଜେନା, ଓଷ୍ଟା ରାଜ୍ୟ ସଦସ୍ୟ କାଶୀନାଥ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ସାଧାରଣ ଜ୍ଞାନ, କୁଇଜ୍, ଗଳ୍ପଲିଖନ, କବିତା ଲିଖନ, ଚିତ୍ରାଙ୍କନ, ଏକକ ଅଭିନୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହିତ ସିଲ୍ଡ କପ ପ୍ରଦାନ କରାଯାଇଥିଲା। ପ୍ରଥମ ହୋଇଥିବା ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଥିଲେ।


## ଓଡ଼ିଶା ସରକାର
## ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ
### ଘୋଷଣା

File No.: SPL. L.A.O. 17/18-306 Dated: 20.11.18

No.: I-66: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ତହସିଲ- ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O.-8/18-139 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ....................., ତହସିଲ: .....................

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ....................., ତହସିଲ: .....................

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

### ବେସରକାରୀ ଜମିର ତାଲିକା
ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ)
୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ
ଗ୍ରାମ: ଗରୁଡ଼ ଗାଁ, ତହସିଲ: ଟାଙ୍ଗୀ-ଚୌଦ୍ୱାର, ଥାନା: ଚୌଦ୍ୱାର, ଥାନା ନଂ.- ୭୩, ଜିଲ୍ଲା: କଟକ
ଏ. ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୧୦୬ | ୪୦୫ | ୦.୩୫୦ | ୦.୧୩୨ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣ ଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨ | ୧୩୧ | ୪୦୬ | ୦.୧୭୦ | ୦.୦୬୦ | ଶାରଦ-୧ | ମଙ୍ଗୁଳି ରାଉତ, ପି.- ବାସୁ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩ | ୫୬ | ୪୦୭ | ୦.୦୩୦ | ୦.୦୧୦ | ଶାରଦ-୧ | କୃଷ୍ଣଚନ୍ଦ୍ର ଜେଠି, ପି.- ଭିକାରୀ ଜେଠି, ଦୁର୍ଯ୍ୟୋଧନ ଜେଠି, ରାଜୁ ଜେଠି, ବାବାଜି ଜେଠି, ପି.- ଦାମ ଜେଠି, ଦଉ ଜେଠି, ନିରଞ୍ଜନ ଜେଠି, ପି.- ବରଜୁ ଜେଠି, ଉଲ ବେୱା, ସ୍ୱା.- ବରଜୁ ଜେଠି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪ | ୫୬ | ୪୦୮ | ୦.୦୧୦ | ୦.୦୧୦ | ଶାରଦ-୧ | |
| ୫ | ୧୦୬ | ୪୧୪/୬୪୬ | ୦.୦୧୦ | ୦.୦୧୦ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| | ମୋଟ | | | ୦.୨୨୨ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0050/1819



## ଓଡ଼ିଶା ସରକାର
## ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ
### ଘୋଷଣା

File No.: SPL. L.A.O. 20/18-340 Dated: 20.11.18

No.: I-69: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O Rly.-11/18-79 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ....................., ତହସିଲ: .....................

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ....................., ତହସିଲ: .....................

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

### ବେସରକାରୀ ଜମିର ତାଲିକା
ପୂର୍ବତଟ ରେଳପଥ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା (ଜିଲ୍ଲା-କଟକ)
୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ
ଗ୍ରାମ: ବଳିପୁର, ତହସିଲ: ଆଠଗଡ଼, ଥାନା: ଗୁରୁଡ଼ିଝାଟିଆ, ଥାନା ନଂ.- ୨୫, ଜିଲ୍ଲା: କଟକ
ଏ. ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୬୧ | ୧୫୫୦ | ୦.୦୫୦ | ୦.୦୧୨ | ଶାରଦ-୩/୨ | କରୁଣାକର ସାମଲ, ପି.- ପାଣ୍ଡୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୨ | ୬୧ | ୧୫୫୧ | – | ୦.୦୪୦ | ଶାରଦ-୩ | କରୁଣାକର ସାମଲ, ପି.- ପାଣ୍ଡୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୩ | ୬୧ | ୧୫୫୨ | ୦.୨୫୫ | ୦.୦୨୫ | ଶାରଦ-୩/୫ | କରୁଣାକର ସାମଲ, ପି.- ପାଣ୍ଡୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୪ | ୨୯୩ | ୧୫୫୭ | ୦.୫୬୦ | ୦.୧୬୫ | ଶାରଦ-୨ | ନିଶାମଣି ପଧାନ, ଦୁଃଶାସନ ପଧାନ, ପି.- ଅଭିମନ୍ୟୁ ପଧାନ, ଜା: ଓଡ଼ ପଧାନ, ବା: କୁମାରପୁର |
| ୫ | ୫୭୦/୮୨୪ | ୧୫୫୮ | ୦.୦୪୦ | ୦.୦୪୦ | ଶାରଦ-୩/୩ | ସଲିଳ କୁମାର ମହାପାତ୍ର, ପି.- କୃପାସିନ୍ଧୁ ମହାପାତ୍ର, ଜା: ବ୍ରାହ୍ମଣ, ବା: କୁମାରପୁର |
| ୬ | ୩୭୫ | ୧୫୫୯ | ୦.୦୯୦ | ୦.୦୪୮ | ଶାରଦ-୩ | ଭଗବାନ ରାଉତ, ପି.- ଗୋପାଳ ରାଉତ, ଜା: ଓଡ଼ ପଧାନ, ବା: ସାସଙ୍ଗ |
| ୭ | ୫୭୦/୩୦୮ | ୧୫୬୦ | ୦.୧୪୦ | ୦.୦୪୮ | ଶାରଦ୩/୨ | ଦ୍ୱିଜ ମଲିକ, ପି.- ବାସୁ ମଲିକ, ଜା: ପାଣ, ବା: ନିଜଗାଁ |
| ୮ | ୨୩୫ | ୧୫୬୧ | ୦.୪୬୦ | ୦.୦୮୪ | ଶାରଦ୩/୯ | ନଟବର ମୁଦୁଲି, ପି.- ଲକ୍ଷ୍ମଣ ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୯ | ୧୪୩ | ୧୫୬୨ | ୦.୧୯୦ | ୦.୦୫୦ | ଶାରଦ-୩/୪ | ଚକ୍ରଧର ରାଉତ, ପି.- ପୁରୁଷୋତ୍ତମ ରାଉତ, ଜା: ଚଷା, ବା: ନିଜଗାଁ |
| ୧୦ | ୧୭୪ | ୧୫୬୩ | ୦.୧୬୦ | ୦.୧୦୫ | ଶାରଦ-୩/୨ | ଜଗୁ ସାମଲ, ପି.- ରାମ ବଳବନ୍ତରାୟ, ଜା: ଚଷା, ବା: ନିଜଗାଁ |
| | ମୋଟ | | | ୦.୬୧୭ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ

24178/14/0053/1819



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ ।

- ଭଲ୍‌ଟାୟାର



## ସଂକ୍ଷେପରେ

### ୨୪ରେ ପୁରୀ ଆସିବେ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୨୨।୧୨:** ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆରଏସ୍ ମୁଖ୍ୟ କେ. ଚନ୍ଦ୍ରଶେଖର ରାଓ ଆସନ୍ତା ୨୪ ତାରିଖରେ ପୁରୀ ଗସ୍ତରେ ଆସୁଛନ୍ତି। ପୂର୍ବାହ୍ନ ୧୧ଟାରୁ ୧୨ଟା ମଧ୍ୟରେ ସେ ସପରିବାର ପୁରୀରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହାପରେ କୋଣାର୍କ ଯିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରସ୍ତୁତି ଚାଲିଛି। ସୂଚନାନୁସାରେ, କେ. ଚନ୍ଦ୍ରଶେଖର ରାଓ ସପରିବାର ରବିବାର ଓଡ଼ିଶା ଗସ୍ତରେ ଆସୁଛନ୍ତି।

### ଧାନ ଖେତରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଗୋପ,୨୨।୧୨(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ନାହିଟୀ ଗ୍ରାମର ମେଣ୍ଢାଗାଡ଼ିଆ ଗହୀରରେ ଥିବା ୪ ଜଣ ଚାଷୀଙ୍କ ଖେତରେ ଶନିବାର ଅପରାହ୍ନରେ ନିଆଁ ଲାଗି ୩ଏକର ଧାନ ଜମି ସମ୍ପୂର୍ଣ୍ଣ ଜଳିଯାଇଛି। ଜଳି ଯାଇଥିବା ଧାନର ମୂଲ୍ୟ ଆନୁମାନିକ ଲକ୍ଷାଧିକ ଟଙ୍କା ହେବ ବୋଲି ଅଗ୍ନିଶମ ବିଭାଗ ଆକଳନ କରିଛି। ପ୍ରକାଶ ଯେ, ନାହିଟୀ ଗ୍ରାମର ପବିତ୍ର ପ୍ରଧାନ ୨ ଏକର, ବିଦ୍ଯୁ ଭୂଷଣ ପ୍ରଧାନ, ଧ୍ରୁବ ଚରଣ ପ୍ରଧାନ, ବିଜୟ ପ୍ରଧାନଙ୍କ ଜମିରେ ପାଚିଲା ଧାନ ଫସଲ ଥିବାବେଳେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଫଳରେ ସମସ୍ତ ଫସଲ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଗୋପ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ସମସ୍ତ ଫସଲ ପୋଡ଼ି ପାଉଁଶ ହୋଇଯାଇଥିଲା। ଏ ସମ୍ପର୍କରେ ଗୋପ ଥାନାରେ ଅଗ୍ନିଶମ ବିଭାଗ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି।

# ଆସିଲା ରିପୋର୍ଟ, ଆଉ ୪ ଗାଁରେ ବାର୍ଡ ଫ୍ଲୁ

**ପୁରୀ ଅଫିସ,୨୨।୧୨**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଗୋଟିଏ ପରେ ଗୋଟିଏ ଗାଁକୁ ବ୍ୟାପୁଛି ବାର୍ଡ ଫ୍ଲୁ। ଗତ ୧୩ ତାରିଖରେ ଏହି ବ୍ଲକରେ ପ୍ରଥମେ ବାର୍ଡ ଫ୍ଲୁ ଚିହ୍ନଟ ହେବା ପରେ ୧୪ ତାରିଖରୁ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିଲା କୁକୁଡ଼ା ମରା ଅଭିଯାନ। ୬ଟି ଗାଁରେ ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିଲା। ଇତିମଧ୍ୟରେ ସେସବୁ ଅଞ୍ଚଳରେ କୁକୁଡା ମରା ଅଭିଯାନ ଜାରି ରହିଥିବାବେଳେ ଶୁକ୍ରବାର ଏହି ବ୍ଲକର

### ଆଜି ମରାଯିବ କୁକୁଡ଼ା

ଆଉ ୪ଟି ଗାଁରେ ବାର୍ଡ ଫ୍ଲୁ ହୋଇଥିବା ରିପୋର୍ଟ ପହଞ୍ଚିଛି। ଏହି ଗାଁଗୁଡ଼ିକ ହେଲା ନୂଆଗାଁ, କଣ୍ଟାବଣିଆ, ନବା ଓ ନନ୍ଦଳା। ରବିବାର ଏସବୁ ଗାଁରେ କୁକୁଡା ମରାଯିବ ବୋଲି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ (ସିଡିଭିଓ)ଗିରିଜା ପ୍ରସାଦ ପଟ୍ଟନାୟକ କହିଛନ୍ତି।

ସିଡିଭିଓ ପଟ୍ଟନାୟକଙ୍କ ସୂଚନା ମୁତାବକ, କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମରୁ ପକ୍ଷୀ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୋପାଳ ପଠାଯାଇଥିଲା। ନୂଆଗାଁ, କଣ୍ଟାବଣିଆ, ନବା ଓ ନନ୍ଦଳା ଗ୍ରାମରୁ ପଠାଯାଇଥିବା ୪ଟି ମଲା ପକ୍ଷୀ ନମୁନାରେ ବାର୍ଡ ଫ୍ଲୁ ପ୍ରମାଣ ମିଳିଛି। ଏ ନେଇ ଶନିବାର ଜିଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯାଇଛି। ରବିବାର ଏହି ୪ଟି ଗାଁରେ କୁକୁଡ଼ା ମରାଯିବା ପାଇଁ କଟକ ଓ ଖୋର୍ଦ୍ଧାରୁ ୩ଟି ଲେଖାଏ ରାପିଡ୍ ରେସପନ୍ସ ଟିମ୍ ଆସିବେ। ସମ୍ପୃକ୍ତ ଗାଁଗୁଡ଼ିକରେ ରହିଥିବା କୁକୁଡ଼ାଙ୍କୁ ମରାଯାଇ ପୋତାଯିବ ଓ ଅଣ୍ଡାଗୁଡ଼ିକ ମଧ୍ୟ ନଷ୍ଟ କରାଯିବ। ଏହାଛଡା ଏହିସବୁ ଅଞ୍ଚଳରୁ ବାହାରକୁ କୁକୁଡ଼ା, ଅଣ୍ଡା, କୁକୁଡ଼ା ଖାଦ୍ୟ ଚାଲାଣ ଓ ରପ୍ତାନି ବନ୍ଦ କରାଯିବ।

ସୂଚନାଥାଉ କି, କୃଷ୍ଣପ୍ରସାଦ ବ୍ଲକର ସାନସାହି, ବୁଧିବର, ଅଲଣ୍ଡା, ପଥରଗଞ୍ଜା, ମାଲୁଦ ଅଞ୍ଚଳରେ ଥିବା ଫାର୍ମ ଏବଂ ଘରୋଇ କୁକୁଡାଙ୍କୁ ମାରିବା କାର୍ଯ୍ୟରେ ୧୦ଟି ଟିମ୍ ନିୟୋଜିତ ଅଛନ୍ତି। ବାର୍ଡ ଫ୍ଲୁ ସଂକ୍ରମିତ ଗ୍ରାମର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କୁକୁଡ଼ା ମରାଯାଇ ସାରିଲାଣି। ଏବେ ଆଉ ୪ ଗାଁରେ ବାର୍ଡ ଫ୍ଲୁ ଶୁଣିବା ପରେ ଲୋକେ ଭୟଭୀତ ହୋଇପଡିଛନ୍ତି।

# କଣାସ: ୨୮ ଜଣଙ୍କୁ ବୃତ୍ତି

**କଣାସ, ୨୨।୧୨(ସ୍ୱ.ପ୍ର.)**

କଣାସ ବ୍ଲକସ୍ତରୀୟ ୩ୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାଫଳ ପ୍ରକାଶ ପାଇଛି। ତୃତୀୟ ଓ ପଞ୍ଚମ ଶ୍ରେଣୀରେ ମେଧାରେ ୭ଜଣ ଓ ଦାରିଦ୍ର୍ୟମେଧା ବୃତ୍ତିରେ ୭ ମୋଟ ୧୪ଲେଖାଏ ୨୮ଜଣ ଛାତ୍ରୀଛାତ୍ର ଚଳିତ ବର୍ଷର ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ୩ୟ ଶ୍ରେଣୀ ମେଧା ତାଲିକାରେ ଆକାଂକ୍ଷା ଦାଶ ପ୍ରଥମ ହୋଇଥିବା ବେଳେ ପ୍ରତୀକ୍ଷା ଛୋଟରାୟ ୨ୟ, ପ୍ରିୟାଂଶୁ ପ୍ରଧାନ ୩ୟ, ପ୍ରଜ୍ଞା ପ୍ରିୟଦର୍ଶିନୀ ୪ର୍ଥ, ପୀୟୁଷ ପରିଡା ୫ମ, ପୃଥ୍ୱିରାଜ ଲେଙ୍କା ୬ଷ୍ଠ ଓ ଦୁର୍ଗାପ୍ରସାଦ ଜଗଦେବ ୭ମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦାରିଦ୍ର୍ୟ ମେଧା ବୃତ୍ତି ତାଲିକାରେ ପ୍ରୟାସ ବଳିଆରସିଂହ, ଅଲିଭା ଶ୍ରୀଚନ୍ଦନ, ଅନନ୍ୟା ସାହୁ, ପ୍ରୀତିପ୍ରଜ୍ଞା ସାମନ୍ତରାୟ, ସ୍ୱାଗତିକା ମହାପାତ୍ର, ରାଜଶ୍ରୀ ଶତ୍ରୁଶଲ୍ୟ ଓ ସୌମ୍ୟ ପ୍ରକାଶ ଚମ୍ପତି ଯୋଗ୍ୟବିବେଚିତ ହୋଇଛନ୍ତି। ୫ମ ଶ୍ରେଣୀ ମେଧା ବୃତ୍ତିରେ ଅର୍ପିତା ତ୍ରିପାଠୀ ପ୍ରଥମ ଏବଂ ନିରଞ୍ଜନ ମାର୍ଥା ଦ୍ୱିତୀୟ, ଜ୍ୟୋତି ପ୍ରକାଶ ଜେନା ୩ୟ, ସ୍ୱପ୍ନା ସୁମେଧା ୪ର୍ଥ, ସୁରେଖା ମଙ୍ଗରାଜ ୫ମ, ବିଦ୍ୱାନ ବେହେରା ୬ଷ୍ଠ, ସୌମେନ୍ଦ୍ର ପ୍ରିୟଦର୍ଶୀ ୭ମ ସ୍ଥାନ ଅଧିକାର କରିଛନ୍ତି। ଦାରିଦ୍ର ମେଧାବୃତ୍ତିରେ ରୁଦ୍ରାନାରାୟଣ ଜଗଦ୍ଦେବ, ମଧୁସ୍ମିତା ପାଲଟାସିଂହ ପୋତାଘର ପ୍ରକଳ୍ପ ପ୍ରାଥମିକ, ଜୀବନ ଜ୍ୟୋତି ଗୁମାନସିଂହ, ପ୍ରସାଦ ବେହେରା, ଶୁଭମ୍ ମହାପାତ୍ର, ଅଙ୍କିତ୍ କୁମାର ସ୍ୱାଇଁ ଓ ଆଶୁତୋଷ ପାତ୍ର ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା କଣାସ ବ୍ଲକ ଶିକ୍ଷା ଅଧିକାରୀ ସୂର୍ଯ୍ୟନାରାୟଣ ମହାନ୍ତି କହିଛନ୍ତି।

# କୃଷି ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

**ପୁରୀ ଅଫିସ,୨୨।୧୨**

କୃଷି ଓଡ଼ିଶା ୨୦୧୯ କାର୍ଯ୍ୟକ୍ରମ ଲାଗି ଶନିବାର ଏକ ବୈଠକ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, କୃଷି ଆମର ଜୀବନ ଓ ଜୀବିକା। କୃଷି କ୍ଷେତ୍ରରେ ଓଡ଼ିଶା ଉନ୍ନତି କରିଛି, ଉତ୍ପାଦନ ମଧ୍ୟ ବୃଦ୍ଧିପାଇଛି। ଧାନ ଉତ୍ପାଦନରେ ଆମ ରାଜ୍ୟ ଦେଶରେ ତୃତୀୟ ସ୍ଥାନରେ ରହିଛି। କେବଳ ଧାନ ଉପରେ ନିର୍ଭର ନ କରି ଅନ୍ୟ ଲାଭଜନକ ଚାଷ କରିବା ଏବଂ ଉନ୍ନତ ବୈଷୟିକ କୌଶଳ ପ୍ରୟୋଗ କରିବା ଦରକାର। କୃଷିର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନୂଆ ଯୋଜନା 'କାଳିଆ' ଘୋଷଣା କରିଛନ୍ତି। ତେବେ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଥିଲେ ମଧ୍ୟ ଚାଷୀଙ୍କ ସଂଖ୍ୟା କମୁଛି। ଫଳରେ ଚାଷଜମି ପଡ଼ିଆ ପଡୁଛି ବୋଲି ମନ୍ତ୍ରୀ ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ମନ୍ମଥ ପାଣି, ଜିଲା କୃଷି ଉପନିର୍ଦ୍ଦେଶକ ଏସ୍. ଚନ୍ଦ୍ରଶେଖର ରାଓ ଉପସ୍ଥିତ ଥିଲେ। କନ୍‌ଫେଡେରେଶନ ଅଫ୍ ଇଣ୍ଡଷ୍ଟ୍ରିର ଅଧ୍ୟକ୍ଷା ସୁପର୍ଣ୍ଣା ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ କୃଷି ଓଡ଼ିଶା ଏବଂ ରୋଡ୍ ଶୋ ବିଷୟରେ କହିଥିଲେ। ଇମେଜ୍‌ର ନିର୍ଦ୍ଦେଶକ ଡ.ସତ୍ୟନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୩ ରଙ୍ଗର ବେଲୁନ ଛଡାଯାଇଥିଲା।

■ ପୁରୀରେ ଗଡ଼ିଲା ଫିଶ୍ ଅନ୍ ହ୍ୱିଲ

# ମାଛପ୍ରିୟ ଉପଭୋକ୍ତା ପାଇବେ ତଟକା ଖାଦ୍ୟ

**ପୁରୀ ଅଫିସ,୨୨।୧୨**

ଓଡ଼ିଶାରେ ବର୍ଷକୁ ୬ ଲକ୍ଷ ଟନ୍‌ରୁ ଅଧିକ ମାଛ ଉତ୍ପାଦନ ହେଉଛି। ରାଜ୍ୟରେ ପ୍ରାୟ ୮୦ ଭାଗ ଲୋକ ମାଛପ୍ରିୟ। ତେଣୁ ମାଛରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ କିପରି ଉପଭୋକ୍ତା ପାଇପାରିବେ ସେ ନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ନୂଆ ପଦକ୍ଷେପ ହାତକୁ ନେଇଛି। ମାଛ ଓ ଚିଙ୍ଗୁଡ଼ିରୁ ପ୍ରସ୍ତୁତ ତଟକା ଖାଦ୍ୟ ଯୋଗାଇଦେବା ଲାଗି ଫିସ୍‌ଫେଡ୍ ମାଧ୍ୟମରେ ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ୧୦ଟି ଫିସ୍ ଅନ୍ ହ୍ୱିଲର ଆରମ୍ଭ କରିଥିଲେ। ଏହାର ଚାହିଦାକୁ ଉପଲବ୍ଧି କରି ସରକାର ରାଜ୍ୟର ଅନ୍ୟାନ୍ୟ ସହର ଏବଂ ପର୍ଯ୍ୟଟନସ୍ଥଳୀରେ ଏହି ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଶନିବାର ପୁରୀରେ ୨ଟି ଫିସ୍ ଅନ୍ ହ୍ୱିଲର ଲୋକାର୍ପଣ ହୋଇଛି। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏହାକୁ ଲୋକାର୍ପିତ କରି କହିଛନ୍ତି ଯେ, ପର୍ଯ୍ୟଟନ ସହର ପୁରୀକୁ ଆସୁଥିବା ମାଛପ୍ରିୟ ପର୍ଯ୍ୟଟକ ଓ ସ୍ଥାନୀୟ ବ୍ୟକ୍ତି ଏଣିକି ସୁସ୍ୱାଦୁ ମାଛ, ଚିଙ୍ଗୁଡ଼ିରେ ପ୍ରସ୍ତୁତ ତଟକା ଖାଦ୍ୟ ପାଇପାରିବେ। ଏହି ଗାଡିରେ ହିଁ ସଙ୍ଗେ ସଙ୍ଗେ ଖାଦ୍ୟ ପ୍ରସ୍ତୁତ କରାଯାଇ ସେମାନଙ୍କୁ ଦିଆଯିବ। ଚାହିଦାକୁ ଦେଖି ପରବର୍ତ୍ତୀ ସମୟରେ ଅଧିକ ଗାଡ଼ିର ବ୍ୟବସ୍ଥା ହେବ ବୋଲି ଜିଲାପାଳ କହିଥିଲେ।





କାର୍ଯ୍ୟକ୍ରମ ଉଦ୍‌ଘାଟନ ଅବସରରେ ଜିଲାପାଳ ଓ ଅନ୍ୟମାନେ।

ଏହି ଦୁଇଟି ଗାଡ଼ି ଘରୋଇ ଏବଂ ସରକାରୀ ସହଭାଗିତାରେ ପରିଚାଳିତ ହେବ। ଗୋଟିଏ ସମୁଦ୍ରକୂଳ ଦିଗବାରେଣୀ ଛକ ଓ ଆଉ ଗୋଟିଏ ଗାଡ଼ି ସ୍ୱର୍ଗଦ୍ୱାର ନିକଟରେ ରହିବ। ପୌରସଂସ୍ଥା ଜାଗା ଚିହ୍ନଟ କଲା ପରେ ସେଠାରେ ସ୍ଥାୟୀ ଭାବେ ଏସବୁ ଗାଡି ରହିବ। ଏହି ଲୋକାର୍ପଣ ଉତ୍ସବରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ତରାଇ, ଫିସ୍‌ଫେଡ ସଭାପତି ଟି.ପ୍ରସାଦ ରାଓ ଦୋରା, ଜିଲା ମତ୍ସ୍ୟ ଅଧିକାରୀ ସନ୍ତୋଷ କୁମାର ଦଳେଇ, ଫିସ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ସୁବଳ ଚନ୍ଦ୍ର ମହାନ୍ତି, ଅତିରିକ୍ତ ମତ୍ସ୍ୟ ଅଧିକାରୀ (ସାମୁଦ୍ରିକ) ଦେବେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ୯ବର୍ଷ ଧରି ସରୁନି ତଦନ୍ତ

# ୧୦ ଜଣଙ୍କ ରେକର୍ଡ ଜବତ କଲା ଭୁବନେଶ୍ୱର ଭିଜିଲାନ୍ସ ଟିମ୍

**ଗୋପ, ୨୨।୧୨(ଡି.ଏନ୍.ଏ.)**

୨୦୦୮-୦୯ ଆର୍ଥିକ ବର୍ଷରେ ଗୋପ ବ୍ଲକ ଅଧୀନ ବଉଲାଙ୍ଗ ଗ୍ରାମ ପଞ୍ଚାୟତରେ କେତେକ ରାଜନୈତିକ ବ୍ୟକ୍ତି ପ୍ରଶାସନକୁ ହାତେଇ ଏକାଧିକ ଇନ୍ଦିରା ଆବାସ ଗୃହ ନେଇଥିବା ଅଭିଯୋଗ ଆସିଥିଲା। ଏହି ଅଭିଯୋଗକୁ ନେଇ ଜିଲା ପ୍ରଶାସନ ତଦନ୍ତ କରିବା ପରେ ଭିଜିଲାନ୍ସ ବିଭାଗକୁ ଏହି ଦୁର୍ନୀତି ସମ୍ପର୍କରେ ଜଣାଇବା ପରେ ପୁରୀ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ପୁରୀ ଭିଜିଲାନ୍ସ ବିଭାଗ ୮ବର୍ଷ ଧରି ତଦନ୍ତ କରୁଥିଲେ ମଧ୍ୟ ସେଭଳି କିଛି ଆଖିଦୃଶିଆ ଅଗ୍ରଗତି ନ ହେବାରୁ ୨୦୧୭ ମସିହାରେ ତଦନ୍ତ ଭାର ଭୁବନେଶ୍ୱର ଭିଜିଲାନ୍ସ ବିଭାଗକୁ ଦିଆଯାଇଥିଲା। ଭୁବନେଶ୍ୱର ବିଭାଗ ପକ୍ଷରୁ ମକଦ୍ଦମା ନଂ. ୧୦/୧୮ ରୁଜୁ କରାଯାଇ ଏହି ଦୁର୍ନୀତି ସମ୍ପର୍କରେ ତଦନ୍ତ ଜାରି ରହିଥିବାବେଳେ ଶନିବାର ଇନ୍ସପେକ୍ଟର ମିନତି ପ୍ରଧାନ ଗୋପ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ୧୦ଟି ଫାଇଲ୍ ଜବତ କରିଛନ୍ତି।

ପ୍ରକାଶ ଯେ, ଗୋପ ବ୍ଲକ ବଉଲାଙ୍ଗ ପଞ୍ଚାୟତରେ କେତେକ ଅଯୋଗ୍ୟ ହିତାଧିକାରୀଙ୍କୁ ଇନ୍ଦିରା ଆବାସ ଯୋଜନାରେ ସାମିଲ କରାଯାଇଥିବାବେଳେ କେତେକ ହିତାଧିକାରୀ ୨ରୁ ୩ଟି ଗୃହ ହାତେଇ ଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ତତ୍କାଳୀନ ବିଡିଓ ଓ ପୁରୀ ଜିଲାପାଳ ତଦନ୍ତ ମଧ୍ୟ କରିଥିଲେ। ଅନ୍ୟ ସମସ୍ତ କାଗଜ ପତ୍ର ଓ ଇନ୍ଦିରା ଆବାସ ରେକର୍ଡ଼ ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ବାରମ୍ବାର ଗୋପ ବ୍ଲକ କାର୍ଯ୍ୟାଳୟକୁ ଓ ବିଭିନ୍ନ ବ୍ୟାଙ୍କକୁ ପତ୍ର ଲେଖାଯାଉଥିଲେ ମଧ୍ୟ କର୍ମଚାରୀଙ୍କ ଅସହଯୋଗ ଯୋଗୁ ଭିଜିଲାନ୍ସ ବିଭାଗ ନିକଟରେ ଏହି ତଥ୍ୟ ପହଞ୍ଚି ପାରି ନ ଥିଲା। ଏ ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ଗୋପ ବ୍ଲକକୁ ପତ୍ର ସଂଖ୍ୟା ନଂ ୧୦୫୮୧ ୨୯।୧୦।୨୦୧୮ରେ ସମସ୍ତ ତଥ୍ୟ ୩୦ଦିନ ମଧ୍ୟରେ ଦେବା ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଗୋପ ବ୍ଲକ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶକୁ ବେଖାତିର କରିବା ସହ ଭିଜିଲାନ୍ସ ବିଭାଗକୁ କୌଣସି ତଥ୍ୟ ଦେଇ ନ ଥିଲେ। ଫଳରେ ଭିଜିଲାନ୍ସ ବିଭାଗ ଇନ୍ସପେକ୍ଟର ପ୍ରଧାନ ଶନିବାର ପହଞ୍ଚି ରେକର୍ଡ଼ ଜବତ କରିବା ସହ ଏହି ଦୁର୍ନୀତିରେ ଜଡ଼ିତ ଥିବା ତିନିଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜଣେ ଜିଆର୍‌ଏସ୍‌ଙ୍କ ସମ୍ପର୍କରେ କେତେକ ତଥ୍ୟ ମାଗିଥିବା ଜଣାପଡ଼ିଛି। କିନ୍ତୁ ଭିଜିଲାନ୍ସ ବିଭାଗ ଆସିବା ଖବର ପାଇ ଅଧିକାରୀମାନେ ବ୍ଲକ ଆସି ନ ଥିବା ଜଣାପଡ଼ିଛି। ଇନ୍ସପେକ୍ଟର ପ୍ରଧାନ କେତେକ ବ୍ୟାଙ୍କକୁ ଯାଇ ବ୍ଲକ ପକ୍ଷରୁ ଯାଇଥିବା ଚେକ୍ ସମ୍ପର୍କରେ ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଭିଜିଲାନ୍ସ ଇନସ୍ପେକ୍ଟର ପ୍ରଧାନଙ୍କୁ ପଚାରିବାରେ ତଦନ୍ତ ଚାଲିଛି, ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

■ ପର୍ଯ୍ୟଟକଙ୍କ ନିରାପଦ ସମୁଦ୍ର ସ୍ନାନ ଚିନ୍ତା

# ଅଧିକ ୧୦୦ ଲାଇଫ୍ ଗାର୍ଡ ପାଇଁ ପ୍ରଶାସନର ଚିଠି

**ପୁରୀ ଅଫିସ,୨୨।୧୨**

ଗତ କିଛିବର୍ଷ ହେବ ପୁରୀ ସମୁଦ୍ରରେ ସ୍ନାନ କରିବା ନିରାପଦ ହେଉନାହିଁ। ସ୍ନାନବେଳେ ଅନେକ ସମୟରେ ପର୍ଯ୍ୟଟକ ଭାସି ଯାଉଛନ୍ତି। ଅନେକଙ୍କ ମୃତ୍ୟୁ ଘଟୁଛି। ତେଣୁ ପର୍ଯ୍ୟଟକଙ୍କ ନିରାପଦ ସ୍ନାନ ପାଇଁ ଜିଲା ପ୍ରଶାସନର ଚିନ୍ତା ବଢ଼ିଛି। ଏଥିଲାଗି ଅଧିକ ୧୦୦ ଲାଇଫ୍‌ଗାର୍ଡ ମୁତୟନ ପାଇଁ ଗୃହ ବିଭାଗକୁ ଚିଠି ଲେଖାଯାଇଥିବା ଜଣାପଡିଛି।

ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟଠାରୁ ମଙ୍ଗଳା ମୁହାଣ ୮ କିମି ପର୍ଯ୍ୟନ୍ତ ଲମ୍ବିଛି। କିନ୍ତୁ ଗାନ୍ଧୀଘାଟଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ଗାନ୍ଧୀଘାଟଠାରୁ ଶୁଭମ ପ୍ୟାଲେସ ସମ୍ମୁଖ ପର୍ଯ୍ୟନ୍ତ ବେଳାଭୂମିରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୧୦୦ ଜଣ ଲାଇଫ୍‌ଗାର୍ଡଙ୍କୁ ନିଯୁକ୍ତ କରାଯାଇଛି। ପର୍ଯ୍ୟଟକମାନେ ନିରୋଳା ସ୍ଥାନ ଦେଖି ଗାଧୋଇବାକୁ ଯାଉଥିବାରୁ ଲାଇଫ୍‌ଗାର୍ଡମାନେ କେବଳ ୨ କିମି ଜଗୁଛନ୍ତି। ତେଣୁ ଅଧିକ ଲାଇଫ୍ ଗାର୍ଡ ନିଯୁକ୍ତି କରିବାକୁ ଜିଲା ପ୍ରଶାସନ ସରକାରଙ୍କୁ ଚିଠି ଲେଖିଛନ୍ତି। ଆଗକୁ ପୁରୀ ବେଳାଭୂମି ବ୍ଲୁ ଫ୍ଲାଗ ମାନ୍ୟତା ପାଇବା ସମ୍ଭାବନା ରହିଛି। ତେଣୁ ଜିଲା ପ୍ରଶାସନର ଏହି ଚିଠି ବେଶ୍ ଗୁରୁତ୍ୱ ବହନ କରୁଥିବା କୁହାଯାଉଛି।


ଓଡ଼ିଶା ସରକାର

## ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ

**ଘୋଷଣା**

File No.: SPL. L.A.O. 17/18-306 Dated: 20.11.18

No.: I-66: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ତହସିଲ- ଟାଙ୍ଗୀ-ଚୌଦ୍ୱାର, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O.-8/18-139 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ଗରୁଡ଼ ଗାଁ, ଥାନା- ଚୌଦ୍ୱାର, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ–ବୁଢ଼ାପଙ୍କ–ତାଳଚେର–ଝାରପଡ଼ା (ଜିଲ୍ଲା–କଟକ)**
**୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ଗରୁଡ଼ ଗାଁ, ତହସିଲ: ଟାଙ୍ଗୀ–ଚୌଦ୍ୱାର, ଥାନା: ଚୌଦ୍ୱାର, ଥାନା ନଂ.– ୭୩, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| | ଖତିୟାନ ନଂ. | ପ୍ଲଟ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
| ୧ | ୧୦୬ | ୪୦୫ | ୦.୩୫୦ | ୦.୧୩୨ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣ ଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୨ | ୧୩୧ | ୪୦୬ | ୦.୧୭୦ | ୦.୦୬୦ | ଶାରଦ-୧ | ମଙ୍ଗୁଳି ରାଉତ, ପି.- ବାସୁ ରାଉତ, ଜା: ଖଣ୍ଡାୟତ, ବା: ନିଜଗାଁ |
| ୩ | ୫୬ | ୪୦୭ | ୦.୦୩୦ | ୦.୦୧୦ | ଶାରଦ-୧ | କୃଷ୍ଣଚନ୍ଦ୍ର ଜେଠି, ପି.- ଭିକାରୀ ଜେଠି, ଦୁର୍ଯ୍ୟୋଧନ ଜେଠି, ରାଙ୍କୁ ଜେଠି, ବାବାଜି ଜେଠି, ପି.- ଦାମ ଜେଠି, ଦଉ ଜେଠି, ନିରଞ୍ଜନ ଜେଠି, ପି.- ବରଜୁ ଜେଠି, ଉଲ ବେଓ୍ୱା, ସ୍ୱା.- ବରଜୁ ଜେଠି, ଜା: ଖଣ୍ଡାୟତ, ବା: ନିଜଗାଁ |
| ୪ | ୫୬ | ୪୦୮ | ୦.୦୧୦ | ୦.୦୧୦ | ଶାରଦ-୧ | |
| ୫ | ୧୦୬ | ୪୧୪/ ୬୪୬ | ୦.୦୧୦ | ୦.୦୧୦ | ଶାରଦ-୧ | ପର୍ଶୁରାମ ମହାନ୍ତି, ପି.- ଗଜେନ୍ଦ୍ର ମହାନ୍ତି, କୁଶ ମହାନ୍ତି, ପି.- ନୀଳମଣି ମହାନ୍ତି, ମହେଶ୍ୱର ମହାନ୍ତି, ଭ୍ରମର ମହାନ୍ତି, ପି.- ଧଡ଼ି ମହାନ୍ତି, କୃଷ୍ଣଚନ୍ଦ୍ର ମହାନ୍ତି, ପି.- କସ୍ତୁରୀ ମହାନ୍ତି, ଜା: ଖଣ୍ଡାୟତ, ବା: ନିଜଗାଁ |
| ମୋଟ | | | | ୦.୨୨୨ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ

24178/14/0050/1819



ଓଡ଼ିଶା ସରକାର

## ଜିଲ୍ଲାପାଳ କାର୍ଯ୍ୟାଳୟ, କଟକ

**ଘୋଷଣା**

File No.: SPL. L.A.O. 20/18-340 Dated: 20.11.18

No.: I-69: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୨) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା-କଟକରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା Spl. L.A.O Rly.-11/18-79 ତା୨୭।୦୩।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା:.........., ଥାନା:.............., ଜିଲ୍ଲା:................, ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। (ପ୍ରଯୁଜ୍ୟ ନୁହେଁ)।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା- ବଳିପୁର, ଥାନା- ଗୁରୁଡ଼ିଝାଟିଆ, ତହସିଲ- ଆଠଗଡ଼, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍‌ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଶାଳଗାଁ-ବୁଢ଼ାପଙ୍କ-ତାଳଚେର-ଝାରପଡ଼ା ୩ୟ ଓ ୪ର୍ଥ ରେଳ ପ୍ରକଳ୍ପ, ଚଣ୍ଡିଖୋଲ (ନୂଆ ସୁଙ୍ଗୁଡ଼ା)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥିସହ ଭୂମି ଅନୁସୂଚୀ ସଂଲଗ୍ନ କରାଯାଇଅଛି | | | | | | | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ...................., ତହସିଲ: ....................**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ୨୭।୦୪।୨୦୧୯

**ବେସରକାରୀ ଜମିର ତାଲିକା**
**ପୂର୍ବତଟ ରେଳପଥ ଶାଳଗାଁ–ବୁଢ଼ାପଙ୍କ–ତାଳଚେର–ଝାରପଡ଼ା (ଜିଲ୍ଲା–କଟକ)**
**୩ୟ ଓ ୪ର୍ଥ ରେଳପଥ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣର ବିବରଣୀ**
**ଗ୍ରାମ: ବଳିପୁର, ତହସିଲ: ଆଠଗଡ଼, ଥାନା: ଗୁରୁଡ଼ିଝାଟିଆ, ଥାନା ନଂ.– ୨୫, ଜିଲ୍ଲା: କଟକ**
**ଏ. ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ | ୨ | ୩ | ୪ | ୫ | ୬ |
|---|---|---|---|---|---|---|
| | ଖତିୟାନ ନଂ. | ପ୍ଲଟ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
| ୧ | ୬୧ | ୧୫୫୦ | ୦.୦୫୦ | ୦.୦୧୨ | ଶାରଦ-୩/୨ | କରୁଣାକର ସାମଲ, ପି.- ପାଣୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୨ | ୬୧ | ୧୫୫୧ | - | ୦.୦୪୦ | ଶାରଦ-୩ | କରୁଣାକର ସାମଲ, ପି.- ପାଣୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୩ | ୬୧ | ୧୫୫୨ | ୦.୨୫୫ | ୦.୦୨୫ | ଶାରଦ-୩/୫ | କରୁଣାକର ସାମଲ, ପି.- ପାଣୁ ରାଉତରା, ସଦେଇ ସାମଲ, ପି.- ପତି ସାମଲ, ଜା: ପଧାନ, ବା: ନିଜଗାଁ |
| ୪ | ୨୯୩ | ୧୫୫୭ | ୦.୫୬୦ | ୦.୧୬୫ | ଶାରଦ-୨ | ନିଶାମଣି ପଧାନ, ଦୁଶାସନ ପଧାନ, ପି.- ଅଭିମନ୍ୟୁ ପଧାନ, ଜା: ଓଡ଼ ପଧାନ, ବା: କୁମାରପୁର |
| ୫ | ୫୭୦/ ୮୨୪ | ୧୫୫୮ | ୦.୦୪୦ | ୦.୦୪୦ | ଶାରଦ-୩/୩ | ସଲିଳ କୁମାର ମହାପାତ୍ର, ପି.- କୃପାସିନ୍ଧୁ ମହାପାତ୍ର, ଜା: ବ୍ରାହ୍ମଣ, ବା: କୁମାରପୁର |
| ୬ | ୩୭୫ | ୧୫୫୯ | ୦.୦୯୦ | ୦.୦୪୮ | ଶାରଦ-୩ | ଭଗବାନ ରାଉତ, ପି.- ଗୋପାଳ ରାଉତ, ଜା: ଓଡ଼ ପଧାନ, ବା: ସାସଙ୍ଗ |
| ୭ | ୫୭୦/ ୩୦୮ | ୧୫୬୦ | ୦.୧୪୦ | ୦.୦୪୮ | ଶାରଦ୩/୨ | ଦ୍ୱିଜ ମଳିକ, ପି.- ବାସୁ ମଳିକ, ଜା: ପାଣ, ବା: ନିଜଗାଁ |
| ୮ | ୨୩୫ | ୧୫୬୧ | ୦.୪୬୦ | ୦.୦୮୪ | ଶାରଦ୩/୯ | ନଟବର ମୁଦୁଲି, ପି.- ଲକ୍ଷ୍ମଣ ମୁଦୁଲି, ଜା: କୁମ୍ଭାର, ବା: ନିଜଗାଁ |
| ୯ | ୧୪୩ | ୧୫୬୨ | ୦.୧୯୦ | ୦.୦୫୦ | ଶାରଦ-୩/୪ | ଚକ୍ରଧର ରାଉତ, ପି.- ପୁରୁଷୋତ୍ତମ ରାଉତ, ଜା: ଚଷା, ବା: ନିଜଗାଁ |
| ୧୦ | ୧୭୪ | ୧୫୬୩ | ୦.୧୬୦ | ୦.୧୦୫ | ଶାରଦ-୩/୨ | ଜଗୁ ସାମଲ, ପି.- ରାମ ବଳବନ୍ତରାୟ, ଜା: ଚଷା, ବା: ନିଜଗାଁ |
| ମୋଟ | | | | ୦.୬୧୭ | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ

24178/14/0053/1819